# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୩୦/୨୦୨୨ (୨୦ ପୃଷ୍ଠା) Bhubaneswar, Friday, December 30/2022 Page 20 ₹ 7.00

୪୯ଶ ଭାଗ ୩୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 37 ମୂଲ୍ୟ ₹୭/-




## ନୂଆ କାମ ସୁଯୋଗରେ ଦୁବାଇରେ ଏରିକା

ଟେଲି ଅଭିନେତ୍ରୀ ଏରିକା ଫର୍ନାଣ୍ଡିସ୍ ନୂଆ କାମ ସୁଯୋଗରେ ଦୁବାଇରେ ଥିବା ନେଇ ଏକ ଭିଡିଓ ମାଧମରେ ଜଣାଇଛନ୍ତି।

୧୮

୨୦

## କାର୍ତ୍ତିକଙ୍କ ପ୍ରଥମ ରଣଜୀ ଶତକ

କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ହରିୟାଣା ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ କ୍ୟାରିୟରର ପ୍ରଥମ ଶତକ ହାସଲ କରିଛନ୍ତି ଓଡ଼ିଶାର କାର୍ତ୍ତିକ ବିଶ୍ୱାଳ।



# ପେଲେଙ୍କ ମହାପ୍ରସ୍ଥାନ

**ସାଓପାଓଲୋ, ୨୯।୧୨ (ପି.ଟି.)**

ବ୍ରାଜିଲ ଫୁଟବଲର ରାଜା ପେଲେଙ୍କ ଗୁରୁବାର ଦେହାନ୍ତ ହୋଇଯାଇଛି। ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ଗତ ଶତାବ୍ଦୀର ବିଶ୍ୱର ସେ ଅନ୍ୟତମ ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ପରିଗଣିତ ହେଉଥିଲେ। ୩ ଥର ଫୁଟ୍‌ବଲ ବିଶ୍ୱକପ୍ ଜିତିବା ରେକର୍ଡ ତାଙ୍କ ନାମରେ ରହିଛି। ୨୦୨୧ରୁ ସେ କର୍କଟ ରୋଗରେ ପୀଡ଼ିତ ଥିଲେ। ଗତମାସରେ ଏକାଧିକ ରୋଗରେ ପୀଡ଼ିତ ହୋଇ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କର ମୃତ୍ୟୁ ସମ୍ପର୍କରେ ତାଙ୍କ ଏଜେଣ୍ଟ ଜୋ ଫ୍ରାଗା ସ୍ପଷ୍ଟ କରିଛନ୍ତି।

ପେଲେଙ୍କ ପ୍ରକୃତ ନାମ ହେଉଛି ଏଡସନ ଆରାଣ୍ଟେସ୍ ଡୋ ନାସିମେଣ୍ଟୋ। ସେ ତାଙ୍କ କ୍ୟାରିୟରରେ ଦୁଇ ଦଶନ୍ଧି ଧରି ବ୍ରାଜିଲିଆନ କ୍ଲବ ସାଣ୍ଟୋସ ଓ ବ୍ରାଜିଲ ଜାତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ପେଲେ ମାତ୍ର ୧୭ବର୍ଷ ବୟସରେ ତାଙ୍କର ପ୍ରଥମ ବିଶ୍ୱକପ୍ ୧୯୫୮ରେ ସ୍ୱିଡେନରେ ଖେଳିଥିଲେ। ଟୁର୍ଣ୍ଣାମେଣ୍ଟରେ ଥିଲେ ସେ ସର୍ବକନିଷ୍ଠ ଖେଳାଳି। ଆୟୋଜକ ଦେଶ ବିପକ୍ଷ ଫାଇନାଲରେ ବ୍ରାଜିଲ ୫-୨ ଗୋଲ୍‌ରେ ବିଜୟୀ ହୋଇଥିଲା। ତନ୍ମଧ୍ୟରେ ପେଲେଙ୍କ ୨ଟି ଗୋଲ୍ ସାମିଲ ଥିଲା। ପରେ ୧୯୬୨ରେ ବ୍ରାଜିଲ ଟାଇଟଲ ବଜାୟ ରଖିଥିଲା। ଏହି ସଂସ୍କରଣରେ ଇଞ୍ଜୁରି ଯୋଗୁ ସେ ମାତ୍ର ଦୁଇଟି ମ୍ୟାଚରେ ଖେଳିପାରିଥିଲେ। କିନ୍ତୁ ୧୯୭୦ରେ ତାଙ୍କ ଦେଶର ମେକ୍ସିକୋ ବିଶ୍ୱକପ୍ ସଫଳତାରେ ସେ ବିଶେଷ ଭୂମିକା ଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟର ଫାଇନାଲରେ ସେ ଗୋଲ୍ ସ୍କୋର କରିଥିଲେ। ଇଟାଲୀ ବିପକ୍ଷ ଏହି ମ୍ୟାଚରେ ବ୍ରାଜିଲ ୪-୧ ଗୋଲ୍‌ରେ ବିଜୟ ଲାଭ କରିଥିଲା। ତାଙ୍କଠାରୁ ଚମତ୍କାର ପାସ୍ ପାଇ କାର୍ଲୋସ ଅଲବର୍ଟୋ ମ୍ୟାଚର ଶେଷ ଗୋଲ୍ ସ୍କୋର କରିଥିଲେ। ପେଲେ ୧୦ନମ୍ବର ଜର୍ସି ପରିଧାନ କରୁଥିଲେ। ତାଙ୍କ ସହିତ ଫୁଟ୍‌ବଲ ଜଗତର ଅନ୍ୟ ମହାନ ଖେଳାଳି ଡିଏଗୋ ମାରାଡୋନା, ଲିଓନେଲ ମେସି ଓ କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କୁ ତୁଳନା କରାଯାଏ। ୧୯୯୭ରେ ବ୍ରିଟେନର ରାଣୀ ଏଲିଜାବେଥ୍‌ଙ୍କ ଦ୍ୱାରା ସେ ନାଇଟ୍ ଉପାଧିରେ ଭୂଷିତ ହୋଇଥିଲେ। ପେଲେଙ୍କ ଜନ୍ମ ୧୯୪୦ରେ ମିନାସ ଜେରାଇସ୍ ପ୍ରଦେଶ ଅନ୍ତର୍ଗତ ଏକ ଛୋଟ ସହର ତ୍ରେସ୍ କୋରାକୋସ୍‌ରେ ସେ ଜନ୍ମ ଗ୍ରହଣ କରିଥିଲେ। ମାତ୍ର ୧୧ ବର୍ଷ ବୟସରେ ତାଙ୍କ ନିକଟରେ ଥିବା ପ୍ରତିଭା ପ୍ରସ୍ଫୁଟିତ ହୋଇଥିଲା। ସ୍ଥାନୀୟ ଏକ ସ୍ଥାନୀୟ ଜଣେ ପ୍ରଫେସନାଲ ଖେଳାଳି ତାଙ୍କୁ ସାଣ୍ଟୋସ ଯୁବ ଦଳରେ ସାମିଲ କରିଥିଲେ।

### ୧୦୦୦ରୁ ଊର୍ଦ୍ଧ୍ୱ ଗୋଲ୍ ପାଇଁ ସ୍ମରଣୀୟ

ବକ୍ସିଂରେ ମହମ୍ମଦ ଅଲୀଙ୍କୁ ବିଶ୍ୱର ଶ୍ରେଷ୍ଠ କ୍ରୀଡା ବ୍ୟକ୍ତିତ୍ୱ ଭାବରେ ବିବେଚନା କରାଯାଏ। ସମାନ ଢଙ୍ଗରେ ପେଲେଙ୍କୁ ମଧ୍ୟ ବିଶ୍ୱର ସର୍ବକାଳୀନ ଶ୍ରେଷ୍ଠ ଖେଳାଳି ☞ପୃଷ୍ଠା-୪



୧୯୪୦-୨୦୨୨

# ଫେବୃୟାରୀ ୧୫ରୁ ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା

**ଭୁବନେଶ୍ୱର, ୨୯।୧୨ (ବ୍ୟୁରୋ)**

## ଜାନୁୟାରୀ ୨ରୁ ପ୍ରାକ୍ଟିକାଲ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦଶମ ଓ ଦ୍ୱାଦଶ ପରୀକ୍ଷା ଫେବୃୟାରୀ ୧୫ରୁ ଆରମ୍ଭ ହେବ। ଏ ନେଇ ଗୁରୁବାର ସିବିଏସ୍‌ଇ ପକ୍ଷରୁ ସର୍କୁଲାର ଜାରି ହେବା ସହିତ ପରୀକ୍ଷା ସୂଚୀ ପ୍ରକାଶ ପାଇଛି। ଦଶମ ପରୀକ୍ଷା ମାର୍ଚ୍ଚ ୨୧ରେ ଓ ଦ୍ୱାଦଶ ପରୀକ୍ଷା ଏପ୍ରିଲ ୫ରେ ଶେଷ ହେବ। ପରୀକ୍ଷା ପାଇଁ ଆଡ୍‌ମିଟ୍ କାର୍ଡ ଜାନୁୟାରୀରେ ଉପଲବ୍ଧ ହେବ। ଉଭୟ ଶ୍ରେଣୀର ପରୀକ୍ଷା ସକାଳ ସାଢ଼େ ୧୦ଟାରେ ଆରମ୍ଭ ହେବ। ତେବେ କେତେକ ବିଷୟର ପରୀକ୍ଷା ଅପରାହ୍ନ ସାଢ଼େ ୧୨ଟାରେ ସରିବାକୁ ଥିବାବେଳେ ଆଉ କିଛି ପରୀକ୍ଷା ଅପରାହ୍ନ ସାଢ଼େ ୧ଟାରେ ଶେଷ ହେବ। ପ୍ରଶ୍ନପତ୍ର ପଢ଼ିବା ପାଇଁ ଉଭୟ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ୧୫ ମିନିଟ୍ ସମୟ ଦିଆଯିବ। ଏହାପରେ ସେମାନେ ଉତ୍ତର ଲେଖିବା ଆରମ୍ଭ କରିବେ। ତେବେ ଏହା ପୂର୍ବରୁ ଅର୍ଥାତ୍ ଜାନୁୟାରୀ ୨ରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇ ଫେବୃୟାରୀ ୧୪ ପର୍ଯ୍ୟନ୍ତ ଚାଲିବ। ଏହାର ପରଦିନ ଅର୍ଥାତ୍ ୧୫ ତାରିଖରୁ ଥିଓରି ପରୀକ୍ଷା ଆରମ୍ଭ ହେବ। ସବିଶେଷ ପରୀକ୍ଷାସୂଚୀ ବୋର୍ଡର ୱେବ୍‌ସାଇଟ୍ cbse.nic.inରେ ଉପଲବ୍ଧ ରହିଛି। ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ସମୟ ବିଶେଷକରି ଜେଇଇ ମେନ୍‌କୁ ଦୃଷ୍ଟିରେ ରଖି ଏହି ପରୀକ୍ଷାସୂଚୀ ପ୍ରସ୍ତୁତ କରାଯାଇଥିବା ସିବିଏସ୍‌ଇ ପକ୍ଷରୁ କୁହାଯାଇଛି।

# ଜାନୁୟାରୀ ୨୬ ପୂର୍ବରୁ ଓଡ଼ିଶାରେ ୫-ଜି ସେବା

**ଭୁବନେଶ୍ୱର, ୨୯।୧୨ (ବ୍ୟୁରୋ)**

ଓଡ଼ିଶାରେ ୫-ଜିସେବା ଜାନୁୟାରୀ ୨୬ ପୂର୍ବରୁ ଆରମ୍ଭ ହେବ। ରେଳ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର ଏନେଇ ଘୋଷଣା କରିଛନ୍ତି। ସେ ଭୁବନେଶ୍ୱର ରେଳ ଷ୍ଟେଶନ ପୁନଃ ବିକାଶ ପାଇଁ ଗୁରୁବାର ଭିତ୍ତିପ୍ରସ୍ତର ସ୍ଥାପନ ଲାଗି ଆସିଥିବା ଅବସରରେ କହିଛନ୍ତି, ଓଡ଼ିଶାକୁ ପ୍ରଥମ ପର୍ଯ୍ୟାୟରେ ୫-ଜି ସେବା ମିଳିବ ବୋଲି କହିଥିଲି। ତେଣୁ ଆସନ୍ତା ମାସକ ମଧ୍ୟରେ ଓଡ଼ିଶାକୁ ୫-ଜି ମିଳିବ। ଏହା ଖୁବ୍‌ଶୀଘ୍ର ପୂରଣ ହେବାକୁ ଯାଉଛି। ବାକି ସବୁ ଗାଁରେ ୪-ଜି ସେବା ପହଞ୍ଚିବ। ଭୁବନେଶ୍ୱର ଷ୍ଟେଶନ ବିଶ୍ୱସ୍ତରୀୟ ହେବ। ଜର୍ମାନୀ, ଜାପାନ ☞ପୃଷ୍ଠା-୪

ଟିକା ଯୋଗାଇବାକୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବ ପୃଷ୍ଠା-୫

**ଆଜିର ସମ୍ପାଦକୀୟ**

## ସହନୀୟ ଓ ସମାବେଶୀ ଅଭିବୃଦ୍ଧି









# ଚାଇନା ଫେରନ୍ତାଙ୍କ ଆର୍‌ଟିପିସିଆର୍ ଜରୁରୀ

**ନୂଆଦିଲ୍ଲୀ, ୨୯।୧୨**

- ଜାପାନ, ଦକ୍ଷିଣ କୋରିଆ, ଥାଇଲାଣ୍ଡ, ହଂକଂ ଓ ସିଙ୍ଗାପୁର ବିମାନ ଯାତ୍ରୀ ବି ଦେବେ ନେଗେଟିଭ୍ ରିପୋର୍ଟ
- ନୂଆବର୍ଷରୁ ଲାଗୁହେବ

ଚାଇନା ସମେତ କେତେକ ପୂର୍ବ ଏସୀୟ ରାଷ୍ଟ୍ରରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଦେଶଗୁଡ଼ିକରୁ ଭାରତକୁ ଫେରୁଥିବା ବିମାନଯାତ୍ରୀମାନଙ୍କ ଆର୍‌ଟିପିସିଆର୍ ପରୀକ୍ଷାକୁ ବାଧ୍ୟତାମୂଳକ କରାଯାଇଛି। ଆସନ୍ତା ଜାନୁୟାରୀ ୧ରୁ ଏହି ନିୟମ କଡ଼ାକଡ଼ି ପାଳନ କରାଯିବ। ସ୍କାନରରେ ଥିବା ଅନ୍ୟ ଦେଶଗୁଡ଼ିକ ହେଲା ଜାପାନ, ଦକ୍ଷିଣ କୋରିଆ, ଥାଇଲାଣ୍ଡ, ହଂକଂ ଓ ସିଙ୍ଗାପୁର। ଏହି ଦେଶଗୁଡ଼ିକରୁ ଭାରତକୁ ଫେରୁଥିବା ବିମାନଯାତ୍ରୀମାନଙ୍କୁ ଯାତ୍ରା ପୂର୍ବରୁ ଏୟାର ସୁବିଧା ପୋର୍ଟାଲରେ ସେମାନଙ୍କ ଆର୍‌ଟିପିସିଆର୍ ନେଗେଟିଭ୍ ରିପୋର୍ଟ ଅପ୍‌ଲୋଡ୍ କରିବାକୁ ପଡ଼ିବ ବୋଲି ଗୁରୁବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମନସୁଖ ମାଣ୍ଡବ୍ୟ ଟ୍ୱିଟ୍ କରିଛନ୍ତି। ଅନ୍ତର୍ଜାତୀୟ ବିମାନରେ ଭାରତକୁ ଆସିବାକୁ ଚାହୁଁଥିବା ଯାତ୍ରୀ ନିଜ ଯାତ୍ରାର ୭୨ ଘଣ୍ଟା ପୂର୍ବରୁ ଆର୍‌ଟିପିସିଆର୍ ପରୀକ୍ଷା କରାଇବେ ବୋଲି ସେ କହିଛନ୍ତି। ବିଦେଶ ଯାତ୍ରୀ ଭାରତରେ ପହଞ୍ଚିବା ମାତ୍ରେ ସେମାନଙ୍କ ମଧ୍ୟରୁ ୨ ପ୍ରତିଶତଙ୍କ ର୍ୟାଣ୍ଡମ୍ ଟେଷ୍ଟ କରାଯାଉଥିବାବେଳେ ଅତିରିକ୍ତ ସ୍ୱାସ୍ଥ୍ୟଗତ ସୁରକ୍ଷା ଦୃଷ୍ଟିରୁ ଆର୍‌ଟିପିସିଆର୍ ପରୀକ୍ଷାକୁ ବାଧ୍ୟତାମୂଳକ କରାଯିବ।

କେତେକ ଦେଶରେ କରୋନା ଭୂତାଣୁ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଭାରତ ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସତର୍କ କରାଇଛନ୍ତି। କୋଭିଡ୍ ଗାଇଡ୍‌ଲାଇନ୍‌କୁ କଡ଼ାକଡ଼ି କରିବା ସହ ସବୁ ପ୍ରକାର ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି। ଭାରତରେ ୨୬୮ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ସକ୍ରିୟ ମାମଲା ସଂଖ୍ୟା ୩,୫୨୨କୁ ବୃଦ୍ଧି ପାଇଛି। ଦେଶରେ ଦୈନିକ ପଜିଟିଭିଟି ରେଟ୍ ୦.୧୧% ରହିଥିବାବେଳେ ସାପ୍ତାହିକ ପଜିଟିଭିଟି ହାର ୦.୧୭ ରହିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଛି।

# ଜାତୀୟ ନେତା ମୁହଁ ଖୋଲିଲେଣି, ଏଠି ଚୁପ୍

**୨ ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣା**

**ଭୁବନେଶ୍ୱର (ବ୍ୟୁରୋ)/ରାୟଗଡ଼ା (ସ୍ୱ.ପ୍ର.), ୨୯।୧୨**

ଓଡ଼ିଶା ବୁଲିବାକୁ ଆସିଥିବା ରୁଷୀୟ ନାଗରିକ ଆଣ୍ଟୋଭ ପାଭେଲ(୬୫) ଏବଂ ତାଙ୍କ ବନ୍ଧୁ ଭ୍ଲାଡିମିର୍ ବିଦାନୋଭ(୬୧)ଙ୍କ ରାୟଗଡ଼ାଠାରେ ଘଟିଥିବା ରହସ୍ୟଜନକ ମୃତ୍ୟୁ ଘଟଣାକୁ ନେଇ ଜାତୀୟ ନେତାମାନେ ଏବେ ପ୍ରଶ୍ନ ଉଠାଇଲେଣି। ଏପରିସ୍ଥିତିରେ ଏପର୍ଯ୍ୟନ୍ତ ରାଜ୍ୟ ବିରୋଧୀ ଦଳର ନେତାମାନଙ୍କ ନୀରବତା ଭିନ୍ନ ଇଙ୍ଗିତ ଦେଉଛି ବୋଲି ରାଜନୈତିକ ମହଲରେ ଆଲୋଚନା ଆରମ୍ଭ ହୋଇଯାଇଛି।

## ପୋଲିସ ଭୂମିକା ସନ୍ଦେହ ବଢ଼ାଉଛି

ସେପଟେ ଓଡ଼ିଶା ପୋଲିସର ତଦନ୍ତ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠିଲାଣି। କାହିଁକି ଓ କେଉଁ ପରିସ୍ଥିତିରେ ଏବଂ କେଉଁ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଖ୍ରୀଷ୍ଟିଆନ ନାଗରିକଙ୍କ ମୃତଶରୀରକୁ ଜିଲା ପ୍ରଶାସନ କଫିନ୍ ଦେବା ପରିବର୍ତ୍ତେ ପୋଡ଼ିଦେଲେ ତାହା ଏବେ ସନ୍ଦେହ ବଢ଼ାଇଛି। କେବଳ ଏତିକି ନୁହେଁ, ପାଭେଲ ରୁଷ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନଙ୍କ ☞ପୃଷ୍ଠା-୪

# ଦଗ୍ଧ ମୃତଦେହ କାହାଣୀ କୁହେନି

**ନୂଆଦିଲ୍ଲୀ, ୨୯।୧୨**

## ସତ୍କାର ନେଇ ପ୍ରଶ୍ନ ଉଠାଇଲେ ମନୀଷ ତିୱାରୀ

ରାୟଗଡ଼ାର ଏକ ହୋଟେଲରେ ରୁଷୀୟ ପର୍ଯ୍ୟଟକ ତଥା ଆଇନପ୍ରଣେତା ପାଭେଲ ଆଣ୍ଟୋଭ ଏବଂ ତାଙ୍କ ବନ୍ଧୁ ଭ୍ଲାଡିମିର ବିଦାନୋଭଙ୍କ ରହସ୍ୟଜନକ ମୃତ୍ୟୁ ପରେ ତରବରିଆ ଭାବେ ଉଭୟଙ୍କ ସତ୍କାର କରାଯିବା ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। ବରିଷ୍ଠ କଂଗ୍ରେସ ନେତା ତଥା ଆନନ୍ଦପୁର ସାହିବ ଏମ୍‌ପି ମନୀଷ ତିୱାରୀ ଗୁରୁବାର ଟ୍ୱିଟ୍ କରି କହିଛନ୍ତି, ଦୁଇଜଣ ଖ୍ରିଷ୍ଟିଆନ୍‌ଙ୍କ ମୃତଦେହକୁ ସମାଧି ନ ଦେଇ ପୋଡ଼ି ଦିଆଗଲ! କାହିଁକି? ହରକ୍ୟୁଲ ପୋରିଓଟ୍ (ବେଲ୍‌ଜିୟମ୍‌ର କାଳ୍ପନିକ ଡିଟେକ୍ଟିଭ୍ ଚରିତ୍ର) ଅନୁସାରେ ଦଗ୍ଧ ମୃତଦେହ କାହାଣୀ କୁହେ ନାହିଁ। ଏହା ପୂର୍ବରୁ ବୁଧବାର ଟ୍ୱିଟର୍‌ରେ ଏକ ଭିଡିଓ ପୋଷ୍ଟ କରି ଲେଖିଥିଲେ, ୟୁକ୍ରେନ୍ ଆକ୍ରମଣର ସମାଲୋଚକ ☞ପୃଷ୍ଠା-୪

# ରାୟଗଡ଼ା ଗଲା କ୍ରାଇମ୍‌ବ୍ରାଞ୍ଚର ଆଉ ଏକ ୪ଜଣିଆ ଟିମ୍

## ପରିବାର ସଦସ୍ୟଙ୍କୁ ଯୋଗାଯୋଗ କରାଯାଉଛି

**କଟକ ଅଫିସ, ୨୯।୧୨**

୨ ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ମାମଲାର ତଦନ୍ତ ପାଇଁ କ୍ରାଇମ୍‌ବ୍ରାଞ୍ଚର ଆଉ ଏକ ଦଳ ରାୟଗଡ଼ା ଅଭିମୁଖେ ଗୁରୁବାର ସନ୍ଧ୍ୟାରେ ଯାତ୍ରା କରିଛନ୍ତି। ଡିଏସ୍‌ପି ସରୋଜକାନ୍ତ ମହାନ୍ତୋଙ୍କ ନେତୃତ୍ୱରେ ଗଠିତ ଏହି ୪ ଜଣିଆ ତଦନ୍ତକାରୀ ଟିମ୍‌ରେ ଜଣେ ଇନ୍ସପେକ୍ଟର, ଜଣେ ସବ୍‌ଇନ୍ସପେକ୍ଟର, ଜଣେ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ଅଛନ୍ତି। ଏହାବାଦ୍ କ୍ରାଇମବ୍ରାଞ୍ଚ ଦଳକୁ ସହାୟତା କରିବା ପାଇଁ ୨ ଜଣ ଫୋରେନ୍‌ସିକ ବିଶେଷଜ୍ଞ ଓ ଫଟୋଗ୍ରାଫର ମଧ୍ୟ ଅଧିକାରୀମାନଙ୍କ ସହ ରାୟଗଡ଼ା ଯାଇଥିବା ଜଣାଯାଇଛି।

ସୂଚନା ମୁତାବକ, ରୁଷୀୟ ପର୍ଯ୍ୟଟକ ଭ୍ଲାଡିମିର ବିଦାନୋଭ ଓ ତାଙ୍କ ସାଥୀ ଆଣ୍ଟୋଭ ପାଭେଲଙ୍କ ମୃତ୍ୟୁ ମାମଲାର ତଦନ୍ତଭାର କ୍ରାଇମବ୍ରାଞ୍ଚ ହାତକୁ ନେବା ପରେ ୨ଟି ମାମଲା ରୁଜୁ କରିଛି। ମୃତ ପର୍ଯ୍ୟଟକଙ୍କୁ ☞ପୃଷ୍ଠା-୪




# ମା'ମାନଙ୍କୁ ଉଦ୍ୟୋଗୀ ଭାବେ ଦେଖିବାକୁ ଚାହେଁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ବ୍ୟୁରୋ)/ ଅନୁଗୋଳ ଅଫିସ,୨୯।୧୨

ବିକାଶ ଅନୁଗୋଳର ସବୁଠାରୁ ବଡ଼ ପରିଚୟ। ଅନୁଗୋଳରେ ଶିଳ୍ପ ପ୍ରତିଷ୍ଠା ସହିତ ନିଯୁକ୍ତିର ସୁଯୋଗ ବଢୁଛି। ଚଳିତ ମେକ୍-ଇନ୍-ଓଡ଼ିଶାରେ ରାଜ୍ୟ ୧୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଆକର୍ଷଣ କରିବାରେ ସଫଳ ହୋଇଛି। ଅନୁଗୋଳରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଦ୍ୱାରା ଜିଲାର ବିକାଶଧାରା ଆହୁରି ତ୍ୱରାନ୍ୱିତ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଗୁରୁବାର ଅନୁଗୋଳ ଜିଲା ଗସ୍ତ କରି ମୁଖ୍ୟମନ୍ତ୍ରୀ ୧୮୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିରେ ୩୧୩ କୋଟି ଟଙ୍କାର ୭୪୬ଟି ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିବା ବେଳେ ୧୪୯୨ କୋଟି ଟଙ୍କାର ୭୯୫ଟି ପ୍ରକଳ୍ପ ପାଇଁ ଭିତ୍ତି ରଖାଯାଇଛି। ଏଥିସହିତ ୩୫୦ କୋଟି ଟଙ୍କାରେ ୨ ବୃହତ୍ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ପ୍ରକଳ୍ପ ଦୁଇଟିକୁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ଦେଇସାରିଛି ବୋଲି ସେ କହିଥିଲେ।

ଅନୁଗୋଳ ଷ୍ଟାଡିୟମଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ ଓ ପବିତ୍ର ମୋହନ ପ୍ରଧାନଙ୍କ ପରି ସଂଗ୍ରାମୀ ନେତାମାନଙ୍କ ତ୍ୟାଗ ଓ ସେବାକୁ ସ୍ମରଣ କରିଥିଲେ। ଅନୁଗୋଳ ସେବା ଓ ସଂଗ୍ରାମର ଭୂମି ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନୁଗୋଳର ମିଶନ ଶକ୍ତି ଗୋଷ୍ଠୀଙ୍କ ପାଇଁ ୨୪୨ କୋଟି ଟଙ୍କାର ସହାୟତା ପ୍ରଦାନ କରିଥିଲେ। ଜିଲାର ୭୩୭୨ ମିଶନ ଶକ୍ତି ଗୋଷ୍ଠୀର ୭୫ ହଜାର ମହିଳା ଏହାଦ୍ୱାରା ଉପକୃତ ହେବେ। ମିଶନ ଶକ୍ତି ତାଙ୍କର ସବୁଠାରୁ ପ୍ରିୟ କାର୍ଯ୍ୟକ୍ରମ। ପ୍ରତିଦିନ ମିଶନ ଶକ୍ତିର ମା'ମାନେ ତାଙ୍କୁ ଭେଟୁଛନ୍ତି ଓ ତାଙ୍କ ସଫଳତାର କାହାଣୀ କହୁଛନ୍ତି। ଏହା ତାଙ୍କୁ ଖୁବ୍ ଆନନ୍ଦ ଦେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମା'ମାନଙ୍କୁ ଉଦ୍ୟୋଗୀ ଭାବରେ ସେ ଦେଖିବାକୁ ଚାହାନ୍ତି। ଏଥିପାଇଁ ରାଜ୍ୟ ସରକାର ସବୁ ସହଯୋଗ ଯୋଗାଇ ଦେବେ। ଆଗାମୀ ୫ ବର୍ଷରେ ମିଶନ ଶକ୍ତି ମା'ମାନଙ୍କୁ ବିନା ସୁଧରେ ୫୦ ହଜାର କୋଟି ଟଙ୍କାର ସହାୟତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ୫-ଟି ସଚିବ ଭି.କେ. ପାଣ୍ଡିଆନ, ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ଉପବାଚସ୍ପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଅନୁଗୋଳ ଜିଲା ପର୍ଯ୍ୟବେକ୍ଷକ ତଥା ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ଜିଲା ପରିଷଦ ସଭାପତି ବବିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଜିଲା ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ ମୋହନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ଏହାପରେ ମୁଖ୍ୟମନ୍ତ୍ରୀ ଅନୁଗୋଳ ରେଳ ଷ୍ଟେଶନ ଯାଇ ସେଠାରେ ସମ୍ବଲପୁର-ଶାଲିମାର ଏକ୍ସପ୍ରେସ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଅନୁଗୋଳ ଲୋକୋଶେଡ ସାଇଡିଂ ଯାଇ ସେଠାରେ ନୂଆ ଏମ୍‌ସିଆରଏଲ୍ ରେଳ ଲାଇନ ଉଦ୍‌ଘାଟନ କରିବା ସହିତ ଅନୁଗୋଳ-ବଳରାମ ଲିଙ୍କ୍ ଗୁଡ୍ସ ଟ୍ରେନର ଶୁଭାରମ୍ଭ କରିଥିଲେ।



ଅନୁଗୋଳରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ୫-ଟି ସଚିବ, ଏମ୍‌ପି ଓ ବିଧାୟକମାନେ ଉପସ୍ଥିତ ଅଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ଅନୁଗୋଳ ଗସ୍ତ**

- **୧୮୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ**
- **ମିଶନ ଶକ୍ତି ଗୋଷ୍ଠୀଙ୍କୁ ୨୪୨ କୋଟି ସୁଧମୁକ୍ତ ଋଣ**

# ରାଜ୍ୟ କ୍ଷମତା ହଡ଼ପ କରିବାକୁ କେନ୍ଦ୍ରର ଷଡ଼ଯନ୍ତ୍ର

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

**ପ୍ରସ୍ତାବିତ ବିଦ୍ୟୁତ ଶକ୍ତି (ସଂଶୋଧନ) ବିଲ୍-୨୦୨୨**

କେନ୍ଦ୍ର ସରକାର ରାଜ୍ୟଠାରୁ ଗୋଟିଏ ପରେ ଗୋଟିଏ କ୍ଷମତା ହଡ଼ପ କରିବାକୁ ଷଡ଼ଯନ୍ତ୍ର ଚଳାଇଛନ୍ତି। ବିଦ୍ୟୁତ୍ ଆଇନ-୨୦୦୩କୁ କେନ୍ଦ୍ର ସରକାର ଏବେ ସଂଶୋଧନ କରି ପ୍ରସ୍ତାବିତ ବିଦ୍ୟୁତ୍ ଶକ୍ତି ବିଲ୍-୨୦୨୨ ଆଣିବାକୁ ଯାଉଛନ୍ତି। ଫଳରେ ବିଦ୍ୟୁତ୍ ସଂକ୍ରାନ୍ତୀୟ ନିଷ୍ପତ୍ତି ଏବେ କେନ୍ଦ୍ର ନିକଟରେ ରହିବ। ଏହାଦ୍ୱାରା ରାଜ୍ୟ ସରକାରଙ୍କ କ୍ଷମତା ସଙ୍କୁଚିତ ହୋଇଯିବ।

ସଂଶୋଧିତ ବିଲ୍ ବଳରେ କେନ୍ଦ୍ର ବିଦ୍ୟୁତ୍ ନିୟାମକ ଆୟୋଗ ଗୋଟିଏରୁ ଏକାଧିକ ରାଜ୍ୟ ପାଇଁ ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡ଼ିକୁ ବଣ୍ଟନ ଲାଇସେନ୍ସ ପ୍ରଦାନ କରିବ। ଏହାଦ୍ୱାରା ନିଜ ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ ଓ ବଣ୍ଟନ କମ୍ପାନୀ ଲାଇସେନ୍ସ ପ୍ରଦାନ ଅଧିକାରକୁ ରାଜ୍ୟଗୁଡ଼ିକ ହରାଇ ବସିବେ। ଏପରି କି ୧ କିଲୋୱାଟ ବିଦ୍ୟୁତ୍ ଉପଭୋକ୍ତା ମଧ୍ୟ ଆନ୍ତଃରାଜ୍ୟ ବିଦ୍ୟୁତ୍ ପରିବହନ ବ୍ୟବସ୍ଥା ସହିତ ଯୋଡ଼ିହେବେ। କେବଳ ସେତିକି ନୁହେଁ, ଏହି ପ୍ରସ୍ତାବିତ ବିଲ୍ କେନ୍ଦ୍ର ସରକାରଙ୍କୁ ରାଜ୍ୟ ଭିତର ବିଦ୍ୟୁତ୍ କ୍ଷମତା ପରିସରକୁ ବୃଦ୍ଧି କରିବ। ଫଳରେ ରାଜ୍ୟଗୁଡ଼ିକ ସେମାନଙ୍କର କ୍ଷମତା ହରାଇ ବସିବେ। ଏହାଛଡ଼ା କେନ୍ଦ୍ର ସରକାରଙ୍କ ବିଦ୍ୟୁତ୍ କ୍ରୟ ଓ ବିକ୍ରୟ ଉପରେ ନିୟନ୍ତ୍ରଣ ବୃଦ୍ଧି ପାଇବା ସହ ନ୍ୟାଶନାଲ ଲୋଡ୍ ଡେସ୍‌ପାଚ ସେଣ୍ଟରର ଗୁରୁତ୍ୱ ମଧ୍ୟ ବହୁ ମାତ୍ରାରେ ବଢ଼ିଯିବ। ଏହି ପ୍ରସ୍ତାବିତ ବିଲ୍ ଉପଭୋକ୍ତାଙ୍କ ବଦଳରେ ବିଦ୍ୟୁତ୍ ବଣ୍ଟନ କମ୍ପାନୀଙ୍କ ସ୍ୱାର୍ଥ ରକ୍ଷା କରିବ।

କେନ୍ଦ୍ର ସରକାରଙ୍କ ଯୁକ୍ତି ହେଲା ୟୁକ୍ରେନ ଯୁଦ୍ଧ ଯୋଗୁ ବିଶ୍ୱ ବିଦ୍ୟୁତ୍ ବଜାରରେ ସଙ୍କଟ ଦେଖାଦେଇଛି। ଏହାର ପ୍ରଭାବ ଘରୋଇ ଉପଭୋକ୍ତାଙ୍କ ଉପରେ ପଡ଼ିବା ଆରମ୍ଭ କରିଛି। ବିଶ୍ୱରେ ଇନ୍ଧନ ଯୋଗାଣ ବ୍ୟାହତ ହେବା ଯୋଗୁ ବିଦ୍ୟୁତ୍ ମୂଲ୍ୟ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଅକ୍ଷୟ ଶକ୍ତି ଉତ୍ପାଦନ ବୃଦ୍ଧି କରିବା ସହ ନୂତନ ଜ୍ଞାନକୌଶଳର ଉପଯୋଗ କରାଯିବ। ପ୍ରସ୍ତାବିତ ସଂଶୋଧିତ ବିଲ୍ ଶକ୍ତି କ୍ଷେତ୍ରକୁ ବିଶ୍ୱସ୍ତରୀୟ ଅଂଶୀଦାର ପାଇଁ ସମ୍ପ୍ରାରିତ କରିବାରେ ସହାୟକ ହେବ।

ପୂର୍ବ ପ୍ରଚଳିତ ଆଇନରେ ଦେଶର ବିଦ୍ୟୁତ୍ ଚାହିଦା ମେଣ୍ଟାଇବାକୁ ଉପକୂଳ ରାଜ୍ୟର କେତେକ ଶକ୍ତି ଉତ୍ପାଦନ କେନ୍ଦ୍ର ଉପରେ ଚାପ ପଡ଼ୁଛି। ଏହାଦ୍ୱାରା ବିଦ୍ୟୁତ୍ ଅଦଳବଦଳ କ୍ଷେତ୍ରରେ ଦରବୃଦ୍ଧିକୁ ପ୍ରତିହତ କରୁଛି । ନିର୍ଦ୍ଧାରିତ ସମୟରେ ବିଦ୍ୟୁତ୍ ଦେୟ ମିଳୁ ନ ଥିବାରୁ ବିଦ୍ୟୁତ୍ ଉତ୍ପାଦନ ଓ ବଣ୍ଟନ କମ୍ପାନୀ ଉପରେ ବୋଝ ବଢ଼ି ବଢ଼ି ଚାଲିଛି। ୨୦୨୧ ଅଗଷ୍ଟରେ ନୀତି ଆୟୋଗ ଦ୍ୱାରା ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ ଦେଶର ଅଧିକାଂଶ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ବର୍ଷ ବର୍ଷ ଧରି କ୍ଷତି ସହି ଚାଲିଛନ୍ତି। ୨୦୨୦-୨୧ରେ କମ୍ପାନୀଗୁଡ଼ିକ ପ୍ରାୟ ୯୦ ହଜାର କୋଟି କ୍ଷତି କରିଛନ୍ତି। ଏଥିଯୋଗୁ ବଣ୍ଟନ କମ୍ପାନୀଗୁଡ଼ିକ ଉତ୍ପାଦନ କମ୍ପାନୀକୁ ନିର୍ଦ୍ଧାରିତ ସମୟରେ ବକେୟା ପ୍ରଦାନ କରିପାରୁ ନାହାନ୍ତି। କେବଳ ସେତିକି ନୁହେଁ, ବଣ୍ଟନ କମ୍ପାନୀ ମଧ୍ୟ ଉତ୍ତମ ବିଦ୍ୟୁତ୍ ସେବା ପାଇଁ ପୁଞ୍ଜିନିବେଶ କରିପାରୁ ନାହାନ୍ତି। ବିଦ୍ୟୁତ୍ ଆଇନ -୨୦୦୩ ବ୍ୟବସ୍ଥା ଅନୁଯାୟୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଶକ୍ତି କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ଅଧିକାର ଦେଇଛି। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଦ୍ୟୁତ୍ ସଂସ୍କାର ବାବଦରେ ଅନେକ ଯୋଜନା ଆଣିଛନ୍ତି। ଏହା ସତ୍ତ୍ୱେ ଏହାର କୌଣସି ସୁଫଳ ମିଳିପାରୁ ନାହିଁ। ପ୍ରସ୍ତାବିତ ଆଇନକୁ ସଂଶୋଧନ କରି ରାଜ୍ୟ ସରକାର ବିଶ୍ୱ ଜଳବାୟୁ ପରିବର୍ତ୍ତନ ପାଇଁ ନିଜର ପ୍ରତିବଦ୍ଧତାକୁ ପୂରଣ କରିବା ସହ ଶକ୍ତି ସୁରକ୍ଷା ପାଇଁ ଅକ୍ଷୟ ଶକ୍ତି ଉତ୍ପାଦନ ବୃଦ୍ଧିକୁ ଗୁରୁତ୍ୱ ଦେବେ। ତେବେ ପ୍ରସ୍ତାବିତ ବିଲ୍ ବଜାରଭିତ୍ତିକ ଶକ୍ତି ବଣ୍ଟନ ଯୁଗ ଆରମ୍ଭ କରିବ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଉଛି।

# ୫ ଆଇପିଏସ୍ ଅଫିସରଙ୍କୁ ଏଡିଜି ପାହ୍ୟା

ଭୁବନେଶ୍ୱର, ୨୯।୧୨ (ବ୍ୟୁରୋ)

୧୯୮୮ ବ୍ୟାଚ୍‌ର ୫ଜଣ ଆଇପିଏସ୍ ଅଫିସରଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଏଡିଜି) ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ସେମାନେ ହେଲେ ଅମିତାଭ ଠାକୁର, ସୁରେଶ ଦେବଦତ୍ତା ସିଂ, ରାଜେଶ କୁମାର, ରବି କାନ୍ତ ଏବଂ ଦୟାଳ ଗଙ୍ଗୱାର। ଏ ସଂକ୍ରାନ୍ତରେ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଦୟାଳ ଗଙ୍ଗୱାର କେନ୍ଦ୍ରୀୟ ଡେପୁଟେଶନରେ ଥିବାରୁ ତାଙ୍କୁ ପ୍ରୋଫୋର୍ମା ପ୍ରୋମୋଶନ ଦିଆଯାଇଥିବା ବିଜ୍ଞପ୍ତିରେ କୁହାଯାଇଛି।

# ଜୟନ୍ତ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଜାତୀୟ ପୁରସ୍କାର ଲାଗି ମନୋନୀତ

ବ୍ରହ୍ମପୁର ଅଫିସ,୨୯।୧୨



ଜୟନ୍ତ ମହାପାତ୍ର

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଚଳିତ ବର୍ଷ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଜାତୀୟ ପୁରସ୍କାର ନିମନ୍ତେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କବି ଜୟନ୍ତ ମହାପାତ୍ରଙ୍କୁ ମନୋନୀତ କରାଯାଇଛି। ଜାନୁୟାରୀ ୨ରେ ବିଶ୍ୱବିଦ୍ୟାଳୟର ୫୭ ତମ ପ୍ରତିଷ୍ଠା ଦିବସ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦରେ ତାଙ୍କୁ ମାନପତ୍ର, ଉପଢୌକନ ସହ ୧ ଲକ୍ଷ ଟଙ୍କା ଦିଆଯିବ। ଏହା ସହ ଦକ୍ଷିଣ ଓଡ଼ିଶା ଲୋକ ସଂସ୍କୃତି ସମ୍ମାନ ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନି, ଅଙ୍ଗବସ୍ତ୍ର ସମ୍ମାନ ନିମନ୍ତେ ସଂସ୍କୃତି ପ୍ରେମୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ନାଟ୍ୟକାର ମେଜର ରମାରମଣ ପାଢ଼ୀ, ପ୍ରାକ୍ତନ ବିଦ୍ୱାନ ଛାତ୍ରୀଭାବେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତଙ୍କୁ ମନୋନୀତ କରାଯାଇଛି। ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଗୁରୁବାର ଏହା ଜଣାଇଛନ୍ତି। ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଦକ୍ଷତା ବିକାଶ ମିଶନ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ୨୦୧୫ରୁ ପ୍ରତିବର୍ଷ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସ୍ମୃତିରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜଣେ ସାହିତ୍ୟିକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଉଛି।

# ବଦଳିବ ଭୁବନେଶ୍ୱର ରେଳଷ୍ଟେଶନ ରୂପ




ଭୁବନେଶ୍ୱର ରେଳଷ୍ଟେଶନର ପୁନର୍ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟନୀ ସମାରୋହରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରହ୍ଲାଦ ଜୋଷୀଙ୍କ ସମେତ ଅନ୍ୟ ନେତା ଓ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।।

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

- **୨୪ ମାସରେ ପ୍ରକଳ୍ପ ଶେଷ ହେବ: ରେଳମନ୍ତ୍ରୀ**
- **ପୁରୀ-ଜଳେଶ୍ୱର-ପୁରୀ ମେମୁ ଟ୍ରେନ୍ ଭୁବନେଶ୍ୱର ଷ୍ଟେଶନରୁ ଶୁଭାରମ୍ଭ**
- **ଅନୁଗୋଳ-ବଳରାମ ନୂତନ ରେଳଲାଇନ ଉଦ୍‌ଘାଟନ**
- **ସମ୍ବଲପୁର-ଶାଲିମାର-ସମ୍ବଲପୁର ଏକ୍ସପ୍ରେସ ଅନୁଗୋଳରୁ ଶୁଭାରମ୍ଭ**

ଭୁବନେଶ୍ୱର ରେଳ ଷ୍ଟେଶନ ବିଶ୍ୱସ୍ତରୀୟ ହେବ । ଏ ନେଇ ଟେଣ୍ଡର ହୋଇଛି। କାମ ଖୁବଶୀଘ୍ର ଆରମ୍ଭ ହେବ ଓ ୨୪ ମାସ ଭିତରେ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ। ଏହି ପ୍ରକଳ୍ପ ପାଇଁ ପ୍ରଥମ ପର୍ଯ୍ୟାୟରେ ଖର୍ଚ୍ଚ ହେବ ୩୦୮ କୋଟି ଟଙ୍କା। ଗୁରୁବାର ଭୁବନେଶ୍ୱର ରେଳ ଷ୍ଟେଶନର ନବକଳେବର ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମରେ ଯୋଗ ଦେଇ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହା କହିଛନ୍ତି । ସେ କହିଛନ୍ତି ଯେ ଭୁବନେଶ୍ୱର ରେଳ ଷ୍ଟେଶନ ମାଷ୍ଟରକ୍ୟାଣ୍ଟିନ୍ ଓ ୬ ନମ୍ବର ଗେଟ୍‌କୁ ଅଧିକ ସୁଗମ ସହ ଯାତ୍ରୀଙ୍କ ପାଇଁ ଅତ୍ୟାଧୁନିକ କରାଯିବ। ପ୍ରତିଦିନ ଦେଢ଼ ଲକ୍ଷ ଯାତ୍ରୀଙ୍କ ଯିବା ଆସିବା ପାଇଁ ବ୍ୟବସ୍ଥା ହେବ। ମାଷ୍ଟରକ୍ୟାଣ୍ଟିନ୍ ପଟ ମୁଖ୍ୟ ପ୍ରବେଶ ପଥରେ ୬ ମହଲା ଓ ୪ ମହଲା ଦୁଇଟି କୋଠା ନିର୍ମାଣ ହେବ। ବିମାନ ବନ୍ଦରରେ ସୁବିଧା ଥିବା ଭଳି ଫୁଟ୍ ଓଭରବ୍ରିଜ୍, ଏସ୍କାଲେଟର, ଲମ୍ବା ଚଉଡ଼ା ପ୍ଲାଟଫର୍ମ ଇତ୍ୟାଦି ସବୁ ଭୁବନେଶ୍ୱର ରେଳ ଷ୍ଟେଶନରେ କରାଯିବ।କଂଗ୍ରେସ କାଳରେ ବର୍ଷକୁ ୨୦ରୁ ୩୦ କିମି ନୂଆ ଲାଇନ ହେଉଥିଲା। ବର୍ତ୍ତମାନ ବର୍ଷକୁ ୩ ଶହ କିମି ପର୍ଯ୍ୟନ୍ତ ନୂଆ ଲାଇନ ନିର୍ମାଣ ହେଉଛି। ପୂର୍ବରୁ ଓଡ଼ିଶାକୁ ରେଲୱେ ପାଇଁ ୮ ଶହ କୋଟି ମିଳୁଥିଲା, ଏବେ ୧୦ ହଜାର କୋଟି ମିଳୁଛି। ଓଡ଼ିଶାରେ ୩୬ଟି ଷ୍ଟେଶନର ନବୀକରଣ ପାଇଁ ବ୍ୟୟବରାଦ କରାଯାଇଛି। ଖୁବ୍ ଶୀଘ୍ର ଭଦ୍ରକକୁ ଏକ ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରାଯିବ। ଓଡ଼ିଶାରେ ଜଗନ୍ନାଥ ସର୍କିଟ ଟ୍ରେନ୍ ଚାଲିବ। ମୋଦିଙ୍କ ଫୋକସରେ ଓଡ଼ିଶା ରହିଛି । ଓଡ଼ିଶାରେ ଯାହା ଦରକାର ତାହା କର ବୋଲି ପ୍ରଧାନମନ୍ତ୍ରୀ ଅର୍ଥ ଦେଇଛନ୍ତି। ସେହିପରି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ମୋଦି ସରକାର ଲାଇଟେନିଂ ସ୍ପିଡ୍‌ରେ କାମ କରୁଛନ୍ତି। ଭଦ୍ରକକୁ ଏକ ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରାଯାଉ ବୋଲି ଧାମନଗର ବିଧାୟକ ସୁରଜ ସୂର୍ଯ୍ୟବଂଶୀ ଦାବି କରିଥିଲେ। ସେ ପ୍ରସ୍ତାବ ଦେବାର ଦେଢ଼ ଘଣ୍ଟା ପରେ ଦାବି ପୂରଣ ହୋଇଛି। ଏଥିସହ ଭୁବନେଶ୍ୱରକୁ ସିଲଭର ସିଟି କରିବାକୁ ଲକ୍ଷ୍ୟ ରହିଛି ବୋଲି ଧର୍ମେନ୍ଦ୍ର କହିଛନ୍ତ। ଅଶ୍ୱିନୀ ବୈଷ୍ଣବ ଭୁବନେଶ୍ୱର ରେଳ ଷ୍ଟେଶନରେ ଭିତ୍ତିପ୍ରସ୍ତର ସହିତ ପୁରୀ-ଜଳେଶ୍ୱର-ପୁରୀ ମେମୁ ଟ୍ରେନର ଶୁଭାରମ୍ଭ କରିଛନ୍ତି ।ଏହି ଭୂମି ପୂଜନ କାର୍ଯ୍ୟକ୍ରମରେ ସଂସଦୀୟ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, ଏମ୍‌ପି ପ୍ରତାପ ଷଡ଼ଙ୍ଗୀ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ସୁରେଶ ରାଉତରାୟ ଓ ବିଧାୟକ ଅନନ୍ତ ନାରାୟଣ ଜେନା ଉପସ୍ଥିତ ଥିଲେ। ଅନ୍ୟ ପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁଗୋଳ ଷ୍ଟେଶନଠାରେ ଆୟୋଜିତ ରେଳବାଇ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରହ୍ଲାଦ ଯୋଶୀ ଏବଂ ଅଶ୍ୱିନୀ ବୈଷ୍ଣବଙ୍କ ଉପସ୍ଥିତିରେ ସମ୍ବଲପୁର ଏବଂ ଶାଳିମାର ମଧ୍ୟରେ ନୂତନ ଏକ୍ସପ୍ରେସ୍ ଟ୍ରେନର ଶୁଭାରମ୍ଭ କରିଛନ୍ତି। ଅନୁଗୋଳ-ଢେଙ୍କାନାଳ-ଭଦ୍ରକ ମାର୍ଗଦେଇ ସମ୍ବଲପୁର-ଶାଳିମାର-ସମ୍ବଲପୁର ଏକ୍ସପ୍ରେସ ଚଳାଚଳ କରିବ। ଏହା ଏହି ଅଞ୍ଚଳର ଲୋକଙ୍କ ଆକାଂକ୍ଷା ପୂରଣ କରିବ ଓ ଯାତ୍ରା ସୁବିଧା ଯୋଗାଇଦେବ। ପରେ ଅନୁଗୋଳ ଲୋକୋ ଶେଡ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ୧୪ କିଲୋମିଟର ଦୈର୍ଘ୍ୟ ନୂତନ ରେଳ ଲାଇନକୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରହ୍ଲାଦ ଯୋଶୀ ଏବଂ ଅଶ୍ୱିନୀ ବୈଷ୍ଣବ ଉଦ୍‌ଘାଟନ କରିଛନ୍ତି । ଅନୁଗୋଳ-ବଳରାମ ନୂତନ ରେଳଲାଇନ ମାଲ ପରିବହନ ପାଇଁ ସୁବିଧା ଯୋଗାଇବ ।

ଓଡ଼ିଶା ବିଧାନସଭାର ଉପବାଚସ୍ପତି ରଜନୀ କାନ୍ତ ସିଂ, ଏମ୍‌ପି ମହେଶ ସାହୁ, ବିଧାୟକ ବ୍ରଜ କିଶୋର ପ୍ରଧାନ, ସୁଶାନ୍ତ କୁମାର ବେହେରା ପ୍ରମୁଖ ଅନୁଗୋଳ ଠାରେ ଆୟୋଜିତ କାର୍ଯ୍ୟକ୍ରମମାନଙ୍କରେ ଯୋଗ ଦେଇଥିଲେ ।

ଏହାପୂର୍ବରୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ରୂପ ନାରାୟଣ ସୁନକର ଉଭୟ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ରେଳବାଇ କାର୍ଯ୍ୟଦକ୍ଷତା ସମ୍ବନ୍ଧରେ କହିଥିଲେ।




MARUTI SUZUKI
NEXA
THE ADVANCED
GRAND VITARA
RULE EVERY ROAD
INTELLIGENT ELECTRIC HYBRID
Scan the QR code to experience Grand Vitara at NEXAVerse.
NEXA Verse
ALLGRIP
CREATE. INSPIRE.
PANORAMIC SUNROOF
DIGITAL MULTI-INFORMATION DISPLAY
HEAD UP DISPLAY
IN-BUILT SUZUKI CONNECT
VENTILATED SEATS
EV MODE
DRIVE MODE SELECTOR
HILL DESCENT CONTROL
TYRE PRESSURE MONITORING SYSTEM
6 AIRBAGS
NEXA Safety Shield
DUAL FRONT AIRBAGS
ABS WITH EBD
PEDESTRIAN PROTECTION COMPLIANCE
COMPLIANT WITH - FULL FRONTAL IMPACT
FRONTAL OFFSET IMPACT
SIDE IMPACT
Feature and accessories shown may not be part of standard fitment. Black glass shade on the vehicle is due to lighting effect. Images used are for illustration purposes only.
Contact us at
1800-200-[6392]
1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE
BHUBANESWAR: NEXA TWIN CITY (SKY AUTOMOBILES PH: 9776497764, 7440000642), NEXA GAJAPATI NAGAR (TUSHI MOTORS PVT. LTD. PH: 6372802153),
NEXA RAJ BHAVAN ROAD (NARAYANI MOTORS PH: 9583022008, 7381094898), NEXA CYBER CITY (JYOTE MOTORS PH: 7064499300), CUTTACK: NEXA STADIUM RD (JYOTE MOTORS PH: 7440005202).
SMART FINANCE
AN ONLINE END-TO-END CAR FINANCE SOLUTION
Multiple financiers
Digital Document Upload
Live Loan status
Complete transparency (associated fees & charges)
Scan to know more.
Creative visualization | Black glass on the vehicle is due to lighting effect | Features are variant specific | For details on functioning of safety features, including air bag, kindly refer to the Owner's Manual.

**ମାଟି ଅତଡ଼ା ଧସି ଚାଲିଗଲା ନାବାଳିକାଙ୍କ ଜୀବନ**

ରାଇଘର/ନବରଙ୍ଗପୁର, ୨୯।୧୨(ଡି.ଏନ୍.ଏ./ବି.ପ୍ର.): ଘର ଲିପାହେବା ସେଥିପାଇଁ ସାଙ୍ଗସାଥୀ ହୋଇ ମାଟି ଆଣିବାକୁ ଯାଇଥିଲେ। କିନ୍ତୁ ହଠାତ୍ ଖସିପଡ଼ିଲା ମାଟି ଅତଡ଼ା। ପୋତିହୋଇ ଚାଲିଗଲା ଜଣେ ନାବାଳିକାଙ୍କ ଜୀବନ। ଏପରି ଦୁଃଖଦ ଘଟଣା ଗୁରୁବାର ନବରଙ୍ଗପୁର ଜିଲା ରାଇଘର ଥାନା ନାକଟିସିମୋଡ଼ା ଗ୍ରାମରେ ଘଟିଛି। ମାଟି ଅତଡ଼ା ଖସି ପୋତିହୋଇ ଗାଁର ରୁମା ଗଣ୍ଡଙ୍କ ଝିଅ ବୁଦ୍ନି (୧୪)ଙ୍କର ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ଗୁରୁତର ଶିବରାତ୍ରି ଗଣ୍ଡ (୧୩)ଙ୍କୁ ଉମରକୋଟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ କେସ୍ ନଂ.୯୦/୨୨ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସକାଳ ପଖାଳ ଦହିକି**
**ଚିଙ୍ଗୁଡ଼ି ଶୁଖୁଆ ପୋଇକି**
**ଯାହାର ମନ ଯହିଁକି**
**ସାଗର ଲଙ୍ଘେ ତହିଁକି।**

ସାଧାରଣତଃ ପଖାଳ ଭାତ ସହିତ ଦହି ଓ ପୋଇ ସହ ଚିଙ୍ଗୁଡ଼ି ଶୁଖୁଆ ପାଟିକୁ ସୁଆଦିଆ ଲାଗିଥାଏ। ସେହିପରି ଯାହାର ମନ ଯାହାଠାରେ ଥାଏ, ସିଏ ତାକୁ ହିଁ ସର୍ବଦା ଝୁରି ହେଉଥାଏ। ଖାଦ୍ୟ ସହ ରୁଚିର ସମ୍ପର୍କ ତଥା ମନ ସହ ଭାବନାର ସମ୍ପର୍କ ରହିଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ସଇତା**
**ଦି' ମାଇପର ଘଇତା**
**ତବତ ଖାଇବୁ କି ପଖାଳ ଖାଇବୁ**
**ବେଳ ଥାଉ ଥାଉ କହିଥା।**

ଦୁଇଟା ସ୍ତ୍ରୀ ଥିଲେ କାହା ମନକୁ ନେଇ ଚଳିବ ସେନେଇ ମଣିଷ ହରଡ଼ଘଣାରେ ପଡିଯାଇଥାଏ। ଦୁଇଜଣଙ୍କ ମନ ଏକାଠି ମିଶି ନ ପାରିବା କାରଣରୁ କାହାକୁ ତୁଷ୍ଟ କରିହେବ ସେନେଇ ବ୍ୟସ୍ତତା ବଢ଼ିଯାଇଥାଏ। ଆଗପଛ ନ ବିଚାରି ଦୁଇଟା ସ୍ତ୍ରୀ ରଖିଥିବା ବ୍ୟକ୍ତି ସ୍ଥଳ ବିଶେଷରେ ହଟହଟା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

**ପ୍ରଥମ ପୃଷ୍ଠାରୁ...**

## ଜାତୀୟ ନେତା ମୁହଁ...

ଦୃଢ଼ ସମାଲୋଚକ ତଥା ସେଠାକାର ଏମ୍‌ପି ଏବଂ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ବୋଲି ଜାଣିବା ସତ୍ତ୍ୱେ ତାଙ୍କ ମୃତ ଶରୀରକୁ ତରବରିଆ ଭାବେ ସଂସ୍କାର କରିବା, ବିଦାନୋଭଙ୍କ ମୃତ୍ୟୁର ଦୁଇ ଦିନ ପରେ ସମାନ ହୋଟେଲରେ ପାଭେଲଙ୍କ ମୃତ୍ୟୁହେବା ସତ୍ତ୍ୱେ ତାଙ୍କ ଭିସାରା ସଂଗ୍ରହ କରା ନ ଯିବା, ଯେଉଁ ହୋଟେଲ୍‌ରେ ଏସବୁ ଘଟଣା ଘଟିଲା, ତାକୁ ସିଲ୍ କରା ନ ଯିବା ଆଦି ବିଭିନ୍ନ ପ୍ରଶ୍ନ ଉଠିଲାଣି। ଅନ୍ୟପଟେ ଗୁରୁବାର କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥା(ସିଆଇବି) ପକ୍ଷରୁ ୩ ଜଣିଆ ଟିମ୍ ରାୟଗଡ଼ାରେ ପହଞ୍ଚି ତଦନ୍ତ କରିଛନ୍ତି। ପ୍ରଥମେ ଏହି ଟିମ୍ ସାଇ ଇଣ୍ଟରନ୍ୟାଶନାଲ ହୋଟେଲ ପରିସରରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ହେଲେ ତାହା କାମ କରୁ ନ ଥିବା ହୋଟେଲ କର୍ମଚାରୀ ଜଣାଇଥିବା କୁହାଯାଉଛି। ଏହାପରେ ହୋଟେଲ କର୍ମଚାରୀଙ୍କ ସହ ଏହି ଟିମ୍ କିଛି ସମୟ ଆଲୋଚନା କରି ସେଠାରୁ ଚାଲିଯାଇଥିଲେ। ପ୍ରାୟ ଦୁଇ ଘଣ୍ଟା ପରେ ସେମାନେ ରାୟଗଡ଼ା ଟାଉନ ଥାନାରେ ପହଞ୍ଚିଥିଲେ। ସେଠାରେ ଏସ୍‌ଡିପିଓ ଦେବଜ୍ୟୋତି ଦାସ ଏବଂ ଆଇଆଇସି ରଶ୍ମିରଞ୍ଜନ ପ୍ରଧାନଙ୍କ ସହ ଆଲୋଚନା କରି ସେମାନେ ବାହାରିଥିଲେ। ଥାନାରୁ ବାହାରି ଟିମ୍ ଦୁଇ ଭାଗରେ ବିଭକ୍ତ ହୋଇ ଭିନ୍ନ ଦିଗରେ ଯାଇଥିଲେ। ୨ ଜଣ ସ୍କୁଟିରେ ଏବଂ ଅନ୍ୟ ଜଣେ ଅଧିକାରୀ କାରରେ ଯାଇଥିଲେ। ହେଲେ ସେମାନେ ସେଠାରୁ କେଉଁଆଡ଼େ ଯାଇଥିଲେ ତାହା ଜଣାପଡ଼ିନି। ତେବେ ସେଣ୍ଟ୍ରାଲ ଗୋଇନ୍ଦା ବିଭାଗର ଆଉ ଏକ ଟିମ୍ ଦାରିଙ୍ଗବାଡ଼ି ଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ପାଭେଲ ଓ ତାଙ୍କ ଟିମ୍ ଭାରତରେ ପ୍ରବେଶ କରିବା ପରଠାରୁ ଯେଉଁସବୁ ଆଡ଼େ ଯାଇଥିଲେ, ସେସବୁସ୍ଥାନକୁ ଗୋଇନ୍ଦା ଅଧିକାରୀମାନେ ଯାଇ ତଦନ୍ତ ଚଳାଇଛନ୍ତି। ଅନ୍ୟପଟେ ରାୟଗଡ଼ା ପୋଲିସ ସାଇ ଇଣ୍ଟରନ୍ୟାଶନାଲ ହୋଟେଲ, ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରର ବିଭିନ୍ନ ସ୍ଥାନ ଏବଂ ଶବଗୃହ ଠାରେ ପଇଁତରା ମାରୁଥିବା ଦେଖିବାକୁ ମିଳିଛି। ଏପରିକି ହୋଟେଲରେ ମଧ୍ୟ ବ୍ୟାପକ ପୋଲିସ ମୁତୟନ କରାଯାଇଛି । ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ହୋଟେଲ କର୍ମଚାରୀଙ୍କ ସହ କଥା ହେବାକୁ ଦିଆଯାଉନାହିଁ। ହେଲେ ଘଟଣା ଘଟିବାର ଏତେଦିନ ବିତିଯାଇଥିଲେ ମଧ୍ୟ ଉକ୍ତ ହୋଟେଲକୁ ସିଲ୍ କରା ନ ଯିବା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସାଇ ଇଣ୍ଟରନ୍ୟାଶନାଲ ହୋଟେଲର ଜଣେ କର୍ମଚାରୀଙ୍କ କହିବା କଥା ହେଲା, ପାଭେଲ ହୋଟେଲର ଗ୍ରାଉଣ୍ଡ ଫ୍ଲୋର ୨୦୩ ନଂ. ରୁମ୍‌ରେ ନିଜ ବନ୍ଧୁ ବିଦାନୋଭଙ୍କ ସହ ରହୁଥିଲେ। ୨୪ ତାରିଖରେ ବିଦାନୋଭଙ୍କ ଶେଷକୃତ୍ୟ ସମ୍ପନ୍ନ ପରେ ସନ୍ଧ୍ୟାରେ ପାଭେଲ କିଛି ଅଜବ ବ୍ୟବହାର କରୁଥିଲେ। ହୋଟେଲ କର୍ମଚାରୀ ଏନେଇ ଗାଇଡ୍ ଜିତେନ୍ଦ୍ରଙ୍କୁ ଅବଗତ କରାଇବା ପରେ ସେ ପୋଲିସକୁ ଫୋନ୍ କରି ସହାୟତା ମାଗିଥିଲେ। ପରବର୍ତ୍ତୀ ସମୟରେ ପାଭେଲ କେଉଁଆଡ଼େ ଚାଲିଯାଇଥିଲେ। ଏହାପରେ ଗାଇଡ୍ ଏବଂ ହୋଟେଲ କର୍ମଚାରୀ ବହୁ ଖୋଜାଖୋଜି କରିବା ପରେ ପାଭେଲ ନିର୍ମାଣାଧୀନ କୋଠା ଛାତରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏତେସବୁ ପରେ ପୋଲିସ ଘଟଣା ସମ୍ପର୍କରେ ସବୁକଥା ଜାଣି ଚୁପ୍ ରହିବା କଥାକୁ ସାଧାରଣରେ ଗ୍ରହଣ କରାଯାଇପାରୁନାହିଁ। ଅନ୍ୟପଟେ ଘଟଣା ଘଟିଥିବା ହୋଟେଲରେ ବୁଧବାର ଏବଂ ଗୁରୁବାର ସିସି କ୍ୟାମେରା ମରାମତି ଚାଲିଥିବା ନଜରକୁ ଆସିଛି। ଯଦି କ୍ୟାମେରା କାମ କରୁନାହିଁ,ତେବେ ପୋଲିସ ସିସିଟିଭି ରୁମରୁ ଡିଭିଆର କାହିଁକି ବାହାର କରି ନେଇଛି। ଡିଭିଆର ନେଇଥିବା ନେଇ ହୋଟେଲର ଜଣେ କର୍ମଚାରୀ ସୂଚନା ଦେଇଛନ୍ତି। ଅପରପକ୍ଷେ କ୍ରାଇମବ୍ରାଞ୍ଚ ଏପର୍ଯ୍ୟନ୍ତ ତଦନ୍ତ ପାଇଁ ରାୟଗଡ଼ାରେ ଆସି ନ ପହଞ୍ଚିବା କଥାକୁ ନେଇ ମଧ୍ୟ ଚର୍ଚ୍ଚା ବଢ଼ିବାରେ ଲାଗିଛି। ରାୟଗଡ଼ା ଟାଉନ ଥାନା ମାମଲାକୁ ଆଧାର କରି ସିଆଇଡି-ସିବି ମାମଲା ରୁଜୁକରି ତୁରଭ, ନତାଲିଆ ଏବଂ ଜିତେନ୍ଦ୍ରଙ୍କୁ ଜେରା କରୁଛି। ଏସବୁ ଭିତରେ ଆଉ ଏକ ନୂଆ ତଥ୍ୟ ଜାଣିବାକୁ ମିଳିଛି। ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତଙ୍କୁ ରାଜ୍ୟ ସରକାରଙ୍କ ଗୃହ ବିଭାଗ ଏବେ ଛୁଟିରେ ପଠାଇ ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇଙ୍କୁ ଅତିରିକ୍ତ ଦାୟିତ୍ୱ ଦେବାକୁ ଚିନ୍ତା କରିଥିବା ଶୁଣିବାକୁ ମିଳୁଛି। ଏହାସହ ରାୟଗଡା ଏସ୍‌ପିଙ୍କୁ ମଧ୍ୟ ବଦଳି ହେବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଏହି ବାହାନାରେ ଓଡ଼ିଶା ପୋଲିସର ଉପରିସ୍ଥ ଅଧିକାରୀମାନେ ନିଜ ଭୁଲ୍ ଘୋଡ଼ାଇବାକୁ ପ୍ରୟାସ ଆରମ୍ଭ କରିଥିବା ଶୁଣିବାକୁ ମିଳିଛି।

## ରାୟଗଡ଼ା ଗଲା...

ଦେଶର ବିଭିନ୍ନ ସ୍ଥାନ ବୁଲାଉଥିବା ଗାଇଡ୍, ଇନୋଭା ଗାଡ଼ିର ଡ୍ରାଇଭରଙ୍କ ସମେତ ଅନ୍ୟ ଦୁଇ ରୁଷୀୟ ପର୍ଯ୍ୟଟକ ପାନାସେଙ୍କୋ ନାତାଲିଆ ଓ ତୁରୋଭ ମିଖାଇଲଙ୍କୁ ପଚରାଉଚୁରା କରିବା ପରେ କ୍ରାଇମବ୍ରାଞ୍ଚକୁ କିଛି ଠୋସ୍ ସୂଚନା ମିଳିଛି। ମୃତ ପର୍ଯ୍ୟଟକଙ୍କ ପରିବାର ସଦସ୍ୟଙ୍କ ସମ୍ପର୍କରେ ମିଳିଥିବା ସୂଚନା ଆଧାରରେ ସେମାନଙ୍କୁ ଯୋଗାଯୋଗ କରିବା ପ୍ରକ୍ରିୟା କ୍ରାଇମବ୍ରାଞ୍ଚ ଆରମ୍ଭ କରିଛି। ତେବେ ମୃତ ପର୍ଯ୍ୟଟକଙ୍କ ପରିବାର ସଦସ୍ୟଙ୍କ ସହ ଅନ୍ୟ ଦୁଇ ରୁଷୀୟ ପର୍ଯ୍ୟଟକ ପାନାସେଙ୍କୋ ଓ ତୁରୋଭଙ୍କଠାରୁ ମିଳିଥିବା ତଥ୍ୟଗୁଡ଼ିକର ସତ୍ୟତାକୁ କ୍ରାଇମବ୍ରାଞ୍ଚ ପରଖିବ। ତେବେ ରାୟଗଡ଼ା ଅଭିମୁଖେ ଯାତ୍ରା କରିଥିବା ୨ୟ ତଦନ୍ତକାରୀ ଦଳ ଘଟଣାସ୍ଥଳ ପରିଦର୍ଶନ କରି ସାକ୍ଷୀମାନଙ୍କୁ ପଚରାଉଚରା କରିବେ। ଏଥିସହ ଘଟଣାସ୍ଥଳ ଓ ସ୍ଥାନୀୟ ପୋଲିସଠାରୁ ସାକ୍ଷ୍ୟପ୍ରମାଣ ଖୋଜିବା ସହ ସଂଗ୍ରହ କରିବାକୁ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟ ପକ୍ଷରୁ ଦାୟିତ୍ୱ ପ୍ରଦାନ ଜଣାଯାଇଛି।

ଅପରପକ୍ଷରେ, କ୍ରାଇମବ୍ରାଞ୍ଚ ପକ୍ଷରୁ ଦୁଇ ପର୍ଯ୍ୟଟକଙ୍କ ସହ ବିଭିନ୍ନ ଅଞ୍ଚଳକୁ ଟୁର୍‌ରେ ଯାଉଥିବା ଗାଇଡ୍ ଜିତେନ୍ଦ୍ର ସିଂହଙ୍କୁ ପଚରାଉଚରା କାର୍ଯ୍ୟ ଜାରି ରଖାଯାଇଛି। ଜିତେନ୍ଦ୍ରଙ୍କଠାରୁ ମିଳିଥିବା ତଥ୍ୟର ସତ୍ୟତାକୁ ପରଖାଯିବା ସହ ସେଗୁଡ଼ିକ ଅନ୍ୟ ଦୁଇ ରୁଷୀୟ ପର୍ଯ୍ୟଟକଙ୍କଠାରୁ ପ୍ରାପ୍ତ ତଥ୍ୟ ସହ ମେଳାଯାଉଛି। ସେହିପରି କ୍ରାଇମବ୍ରାଞ୍ଚ ମୃତ ପର୍ଯ୍ୟଟକଦ୍ୱୟଙ୍କ ଭାରତ ପର୍ଯ୍ୟଟନ ସମ୍ପର୍କିତ ବିଭିନ୍ନ କାଗଜପତ୍ର ସଂଗ୍ରହ କରୁଛି। ସେମାନଙ୍କ ଭ୍ରମଣ ଯୋଜନା ଓ ବିଭିନ୍ନ ଜାଗାରେ ହୋଟେଲ ରହଣିର ବୁକିଂ, ଏୟାରଲାଇନ୍ସ ଓ ଟ୍ରାଭେଲ କମ୍ପାନି ଆଦିର କାଗଜପତ୍ରଗୁଡ଼ିକୁ ମଧ୍ୟ ଯାଞ୍ଚ କରାଯାଉଛି। ଏଥିସହ ମୃତକଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ରେକର୍ଡକୁ ମଧ୍ୟ ଗୁରୁତ୍ୱ ଦିଆଯାଇ ସଂଗ୍ରହ କରାଯାଉଛି।

## ଦଗ୍ଧ ମୃତଦେହ...

ତଥା ରଷୀୟ ଗୋଷ୍ଠୀତନ୍ତ୍ରର ସଦସ୍ୟ ଓ ତାଙ୍କ ସହଯୋଗୀଙ୍କ ମୃତଦେହକୁ ଭାରତରେ ସତ୍କାର କରାଯାଇଛି। ଖ୍ରିଷ୍ଟ ଧର୍ମାବଲମ୍ବୀ ହୋଇ ମଧ୍ୟ ଉଭୟଙ୍କୁ ସମାଧି ଦିଆଯାଇ ନାହିଁ। ଉଭୟଙ୍କ ପାର୍ଥିବ ଶରୀରକୁ ରୁଷିଆସ୍ଥିତ ସେମାନଙ୍କ ଘରକୁ ପଠାଯାଇ ନାହିଁ। ଏହା ଯଦି ଅପ୍ରାକୃତିକ ନୁହେଁ, ତେବେ ମୁଁ ଆଇନ ପାଠ ପଢ଼ିନାହିଁ। ମନୀଷ ଉକ୍ତ ଟୁଇଟ୍‌ରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟ୍ୟାଗ୍ କରିଛନ୍ତି। ଅନ୍ୟପକ୍ଷେ ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ମାମଲା ନେଇ କେନ୍ଦ୍ର ସରକାର ଅବଗତ। ଓଡ଼ିଶା ପୋଲିସ ଏହାର ତଦନ୍ତ କରୁଛି। ଏହା ଉପରେ କେନ୍ଦ୍ରର ନଜର ରହିଥିବା ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ ସୂଚନା ଦେଇଛନ୍ତି।

# ମିର୍ଦ୍ଧାପାଲି ଗାଁରେ କଙ୍ଗାରୁ କୋର୍ଟ

**ବଲାଙ୍ଗୀର ଅଫିସ,୨୯।୧୨**

### ଗୋଟିଏ ପରିବାରକୁ ନିଆଁ, ପାଣି ବାସନ୍ଦ

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ମିର୍ଦ୍ଧାପାଲି ଗାଁରେ ବୁଧବାର ରାତିରେ କଙ୍ଗାରୁ କୋର୍ଟ ବସି ଏହି ଗାଁର ସରୋଜ ରାଉତଙ୍କ ପରିବାରକୁ ନିଆଁ, ପାଣି ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ଗାଁ କମିଟି ପକ୍ଷରୁ ବିଧିବଦ୍ଧ ବୈଠକ କରି ଡେଙ୍ଗୁରା ପିଟି ରାଉତ ପରିବାର ସହ କେହି କୌଣସି ସମ୍ପର୍କ ରଖିଲେ, କଥାବାର୍ତ୍ତା ହେଲେ କିମ୍ବା ଗାଁରେ ଥିବା ଦୋକାନ ବଜାରରୁ ଜିନିଷପତ୍ର କିଣାବିକା କଲେ ୫ ହଜାର ଟଙ୍କା ଜରିମାନା ଦେବାକୁ ପଡିବ ବୋଲି ଜଣାଇ ଦିଆଯାଇଥିଲା। ଏନେଇ ରାଉତ ପରିବାର ଭୟଭୀତ ହୋଇ ତାଙ୍କ କ୍ଷେତରେ ଥିବା ଖଳାରେ ରହୁଥିବା ସୂଚନା ଦେଇଛନ୍ତି। ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ମିଳିଥିବା ସୂଚନା ମୁତାବକ, ଗତ ୨୭ ତାରିଖରେ ମିର୍ଦ୍ଧାପାଲିରେ ଶୁଲିଆ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଯାତ୍ରା ପରିଚାଳନାରେ ଗାଁ କମିଟି ମୁଖ୍ୟ ଭୂମିକା ନେଇଥିଲା। ଶ୍ରଦ୍ଧାଳୁଙ୍କ ସୁବିଧା ନିମନ୍ତେ ସେଠାରେ ଏକ ସାଇକେଲ ଷ୍ଟାଣ୍ଡ କରାଯାଇଥିଲା। ତେବେ ଏହି ସାଇକେଲ ଷ୍ଟାଣ୍ଡରେ ମୋଟର ସାଇକେଲ ରଖିବା ନେଇ ସରୋଜ ଓ କମିଟି ସଦସ୍ୟଙ୍କ ମଧ୍ୟରେ କୁଆଡେ ଉଚ୍ଚବାଚ ହୋଇଥିଲା। ଏହାପରେ ବୁଧବାର ଗାଧୁଆ ତୁଠରେ କେତେଜଣ ପିଲା ଓ ସରୋଜଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହାକୁ କେନ୍ଦ୍ରକରି ରାତିରେ ଗାଁ କମିଟି ବୈଠକ କରି ସରୋଜଙ୍କ ପରିବାରକୁ ସାମାଜିକ ବାସନ୍ଦ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହାପରେ ଗାଁର ଚୌକିଦାର ବଳରାମ ଜାଲଙ୍କୁ ଡକାଯାଇ ଗାଁ କମିଟି ନିଷ୍ପତ୍ତି ଡେଙ୍ଗୁରା ମାଧ୍ୟମରେ ଜଣାଇ ଦେବାକୁ କୁହାଯାଇଥିଲା। ନିର୍ଦ୍ଦେଶ ମୁତାବକ ଚୌକିଦାର ଗାଁରେ ଡେଙ୍ଗୁରା ପିଟିଥିଲେ। ଏହି ଘଟଣା ପରେ ରାଉତ ପରିବାର ଗାଁ ଛାଡି ନିଜ କ୍ଷେତକୁ ଚାଲିଯାଇଥିଲେ। ଗାଁରେ ଗଣ୍ଡଗୋଳ ଆଶଙ୍କାରେ ପରିବାର ଲୋକେ କ୍ଷେତରେ ରହିଥିବା ସରୋଜ ସଦର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଏନେଇ ଏକ ମାମଲା (୫୬୯/୨୨) ରୁଜୁ କରାଯାଇଛି। ପରିସ୍ଥିତିକୁ ନଜରରେ ରଖି ପୋଲିସ ପ୍ରଶାସନ ଉଭୟ ପକ୍ଷଙ୍କ ବିରୋଧରେ ୧୦୭ ଦଫା ଲଗାଇ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିବା ସଦର ଏସ୍‌ଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି।

# ୨ ପୋଷା କୁକୁର ଅପହରଣ, ଧାରଣାରେ ମାଲିକ




**ଭୁବନେଶ୍ୱର,୨୯।୧୨(ବ୍ୟୁରୋ)**

ଜମିଜମା ବିବାଦକୁ ନେଇ ୨ ପୋଷା କୁକୁରଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ତେବେ ଏପରି ଅଭିଯୋଗ ନେଇ ବିଭିନ୍ନ ଥାନାର ଦ୍ୱାରସ୍ଥ ହୋଇ ନିରାଶ ହେବା ପରେ ଶେଷରେ ଏହାର ମାଲିକ ଲୋୟର ପିଏମ୍‌ଜିରେ ଧାରଣା ଦେଇଛନ୍ତି। ଉକ୍ତ ବ୍ୟକ୍ତିଜଣକ ହେଲେ ୟୁନିଟ୍-୬ ଭୀମପୁର ଅଞ୍ଚଳର ପ୍ରଦ୍ୟୁମ୍ନ ଚୌଧୁରୀ। ଅଭିଯୋଗ ଅନୁସାରେ, ନଭେମ୍ବର ୨୭ରେ ପ୍ରଦ୍ୟୁମ୍ନ ଘରେ ନ ଥିବାବେଳେ ତାଙ୍କର ୨ ପୋଷାକୁକୁର ଜେସି ଓ ବ୍ରୁନୋକୁ ଅପହରଣ କରାଯାଇଛି। ପ୍ରଦ୍ୟୁମ୍ନ ଓ କେୟାର ଟେକରଙ୍କ ସହ ଦୁଇ କୁକୁର ରହିଥାନ୍ତି। ତେବେ ନୟାପଲ୍ଲୀ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ସହ ତାଙ୍କର ଜମିଜମା ବିବାଦ ଲାଗିରହିଥିବାବେଳେ କ୍ରୋଧ ପରାୟଣ ହୋଇ ସେ ଏପରି କାଣ୍ଡ ଘଟାଇଥିବା ପ୍ରଦ୍ୟୁମ୍ନ କହିଛନ୍ତି। ବ୍ରୁନୋର ବୟସ ୭ବର୍ଷ ହୋଇଥିବାବେଳେ ଜେସିକୁ ମାତ୍ର ୩ମାସ। ମାସେରୁ ଅଧିକ ସମୟ ହେଲା ଉଭୟଙ୍କର କୌଣସି ପତ୍ତା ମିଳୁ ନ ଥିବାବେଳେ ଡିସେମ୍ବର ୧୧ରେ ଅପହରଣକାରୀ ଦୁଇ କୁକୁରଙ୍କ ଭିଡିଓ ପଠାଇଥିବା ସେ କହିଛନ୍ତି। ଧାରଣାରତ ପ୍ରଦ୍ୟୁମ୍ନ ନିଜ ପୋଷା କୁକୁରଙ୍କୁ ଠାବ କରିବାରେ ପୋଲିସର ସହଯୋଗ ଲୋଡ଼ିଛନ୍ତି। 'ଏବେ ମଧ୍ୟ ବିଳମ୍ବ ହୋଇନାହିଁ ଆମକୁ ବଞ୍ଚାନ୍ତୁ', 'ଆମର ମଧ୍ୟ ବଞ୍ଚିବାର ଅଧିକାର ଅଛି' ଏପରି ଲେଖା ସହ ଜେସି ଓ ବ୍ରୁନୋଙ୍କ ଫଟୋ ଲଗାଇ ନ୍ୟାୟ ମାଗୁଛନ୍ତି ପ୍ରଦ୍ୟୁମ୍ନ। ତେବେ ଘଟଣା ସତ୍ୟାସତ୍ୟ ପରଖି ପୋଲିସ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ବୋଲି ପ୍ରାଣୀପ୍ରେମୀମାନେ ମତ ରଖିଛନ୍ତି।

# ସିବିଆଇ ତଦନ୍ତ ପାଇଁ ଆବେଦନ

### ହାଇକୋର୍ଟରେ ବିପିନ ମଲ୍ଲିକ ହତ୍ୟା ମାମଲା

**କଟକ ଅଫିସ,୨୯।୧୨**

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଧୀନ ଦେସାହି ଗ୍ରାମର ବିପିନ ମଲ୍ଲିକ ହତ୍ୟା ମାମଲାର ସିବିଆଇ ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରି ହାଇକୋର୍ଟରେ ଏକ ପିଟିଶନ ଦାଏର କରାଯାଇଛି। ଆବେଦନକାରୀ ନ୍ୟାୟ ପାଇଁ ଲଢେଇ ପରିବାର ଅନୁଷ୍ଠାନର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଓ ବିପିନଙ୍କ ବୋହୂ ନମିତା ମଲ୍ଲିକଙ୍କ ପକ୍ଷରୁ ପିଟିଶନ୍ ଦାଖଲ କରାଯାଇଛି। ଏଥିରେ ରାଜ୍ୟ ଗୃହ ବିଭାଗ, ଆଳି ଥାନାଧିକାରୀ, କେନ୍ଦ୍ରାପଡା ଏସ୍‌ପି, କ୍ରାଇମବ୍ରାଞ୍ଚ ଓଡିଶା, ସିବିଆଇ ଏସ୍‌ପି ଭୁବନେଶ୍ୱର ଓ କେନ୍ଦ୍ର ସରକାରଙ୍କୁ ପକ୍ଷଭୁକ୍ତ କରାଯାଇଛି।

ବିବରଣୀରୁ ପ୍ରକାଶ, ଗତ ଏପ୍ରିଲ ୩୦ରେ ବିପିନଙ୍କୁ କୌଣସି କାରଣକୁ ନେଇ ହତ୍ୟା କରାଯାଇଥିଲା। ହତ୍ୟାକାରୀମାନେ ରାଜନେତାଙ୍କ ଅନୁଗତ ହୋଇଥିବାରୁ ସ୍ଥାନୀୟ ପୋଲିସ ଚାପରେ ପଡ଼ି ବିନା ତଦନ୍ତରେ ମାମଲାର ରଫାଦଫା କରି ଦେଇଛି। ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ରାଜ୍ୟର ବିଭିନ୍ନ ନ୍ୟାୟିକ ବ୍ୟବସ୍ଥାରେ ନମିତା ଅଭିଯୋଗ କରିଥିଲେ। ହେଲେ ନ୍ୟାୟ ନ ମିଳିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆଇନଜୀବୀ ପଦ୍ମାଳୟା ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

# ୫ମିନିଟ୍ ବ୍ୟବଧାନରେ ଜୀବନ ହାରିଲେ ଦମ୍ପତି

**ସମ୍ବଲପୁର,୨୯।୧୨(ବ୍ୟୁରୋ)**

ଅଗ୍ନିକୁ ସାକ୍ଷୀ ରଖି ସାତଜନମକୁ ସାଥି ହୋଇଥିଲେ। ଗୋଟିଏ ଜନମ ବେଶ୍ ହସଖୁସିରେ ଜୀବନ ଅତିବାହିତ କଲେ। ମୃତ୍ୟୁ ସମୟରେ ବି ପରସ୍ପରଠାରୁ ଅଲଗା ହେଲେ ନାହିଁ। ମାତ୍ର ୫ମିନିଟ୍ ବ୍ୟବଧାନରେ ଆରପାରିକୁ ଚାଲିଯାଇଛନ୍ତି ଏକ ଦମ୍ପତି। ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି ସମ୍ବଲପୁର ଜିଲା ଡଙ୍ଗାପାଲ ଗ୍ରାମରେ। ଗ୍ରାମର କାର୍ତ୍ତିକ ପ୍ରଧାନ (୭୨) ଓ ସ୍ତ୍ରୀ ଅନସୂୟା (୬୭)ଙ୍କ ଗୁରୁବାର ମୃତ୍ୟୁ ଘଟିଛି।




କାର୍ତ୍ତିକ ପ୍ରଧାନ ଓ ଅନସୂୟା ପ୍ରଧାନ

ମିଳିଥିବା ସୂଚନା ଅନୁସାରେ କାର୍ତ୍ତିକ ବହୁଦିନରୁ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ସ୍ତ୍ରୀ ଅନସୂୟା ତାଙ୍କ ସେବାଶୁଶ୍ରୂଷା କରୁଥିଲେ। ୧୦ବର୍ଷ ପୂର୍ବରୁ ପୁଅର ମୃତ୍ୟୁ ଘଟିଥିବା ବେଳେ ଝିଅ ପ୍ରଭାତୀଙ୍କୁ ଅନ୍ୟତ୍ର ବାହା ଦେଇଛନ୍ତି। ବାର୍ଦ୍ଧକ୍ୟ ସମୟରେ ମଧ୍ୟ ସ୍ୱାଭିମାନକୁ ବଞ୍ଚାଇବାକୁ ଯାଇ ସେମାନେ କାହାର ସହଯୋଗ ନେଇ ନ ଥିଲେ। ହେଲେ ଦଇବ କିଛି ଅଲଗା ଲେଖିଥିଲା। ମଙ୍ଗଳବାର ଗାଧୋଇବାକୁ ଆସିବା ସମୟରେ ଅନସୂୟା ହଠାତ୍ ପଡିଯାଇ ଆହତ ହୋଇଥିଲେ। ଖବର ପାଇ ଝିଅ ପ୍ରଭାତୀ ଗ୍ରାମରେ ପହଞ୍ଚି ମା'ଙ୍କୁ ବୁର୍ଲା ମେଡିକାଲକୁ ନେଇଥିଲେ। ଦୁଇଦିନ ହେଲା ଅନସୂୟା ଚିକିତ୍ସିତ ହେଉଥିବା କାର୍ତ୍ତିକ ଜାଣିପାରି ଭାଙ୍ଗିପଡିଥିଲେ। ଏପରି କି ଖାଇବା ମଧ୍ୟ ଛାଡି ଦେଇଥିଲେ। ଗୋଟିଏପଟେ ସ୍ୱାସ୍ଥ୍ୟଗତ ସମସ୍ୟା ଓ ଅନ୍ୟପଟେ ଅନସୂୟା ମେଡିକାଲରେ ଭର୍ତ୍ତିହେବା ଖବର ତାଙ୍କୁ ମ୍ରିୟମାଣ କରିଦେଇଥିଲା। ଶେଷରେ ଗୁରୁବାର ସନ୍ଧ୍ୟା ପ୍ରାୟ ୬ଟା ୪୦ ମିନିଟରେ କାର୍ତ୍ତିକ ମୃତ୍ୟୁବରଣ କରିଥିଲେ। ପରିଜନ ଏହା ଜାଣିବା ପରେ ବୁର୍ଲା ମେଡିକାଲରେ ଥିବା ଝିଅକୁ ଏ ସମ୍ପର୍କରେ ଜଣାଇଥିଲେ। ପ୍ରଭାତୀ ଓଲଟା ମାଆ ମଧ୍ୟ ଜୀବନ ହାରିଦେଇଥିବା ବନ୍ଧୁବାନ୍ଧବଙ୍କୁ କହିଥିଲେ। ଉଭୟଙ୍କ ମୃତ୍ୟୁ ପ୍ରାୟ ୫ରୁ ୭ ମିନିଟ ଭିତରେ ହୋଇଥିବା ପରିବାରବର୍ଗ କହିଛନ୍ତି। ଅନ୍ୟପଟେ ଏହି ଘଟଣା ପ୍ରଚାର ହେବା ପରେ ଡଙ୍ଗାପାଲ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଗ୍ରାମର ଶତାଧିକ ମହିଳାପୁରୁଷ ଶେଷ ଦର୍ଶନ କରିବା ପାଇଁ ଅପେକ୍ଷା କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ବୁର୍ଲା ମେଡିକାଲରେ ଅନସୂୟାଙ୍କ ମୃତଦେହ ପଡିରହିଥିଲା। ମୃତଦେହ ବ୍ୟବଚ୍ଛେଦ ହେବା ପରେ ହସ୍ତାନ୍ତର କରାଯିବ ବୋଲି ଡାକ୍ତର ଓ ପୋଲିସ କହୁଥିବା ପରିବାର ବର୍ଗ କହିଛନ୍ତି। ତେଣୁ କାର୍ତ୍ତିକଙ୍କ ମୃତଦେହ ସତ୍କାର କରାଯାଇ ନ ଥିଲା। ଦମ୍ପତିଙ୍କ ଏକାସାଥିରେ ଶେଷକୃତ୍ୟ ସମ୍ପନ୍ନ କରିବାକୁ ଗ୍ରାମବାସୀ କହିଛନ୍ତି।

## ଜାନୁୟାରୀ ୨୬ ପୂର୍ବରୁ...

ଭଳି ଝଲକ ଦେଖିବାକୁ ମିଳିବ। ଏନେଇ ଟେଣ୍ଡର ହୋଇଛି ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ। ରେଳର ବିକାଶ ପାଇଁ ଆଦୌ ରାଜନୀତି ନ ହେଉ। ସାଢେ ୪ କୋଟି ଓଡ଼ିଆଙ୍କ ବିକାଶ ଦାୟିତ୍ୱ ନରେନ୍ଦ୍ର ମୋଦି ନେଇଛନ୍ତି। ରାଜନୀତିରୁ ଊର୍ଦ୍ଧ୍ୱରେ ରହି ବିକାଶ ପ୍ରତି ଧ୍ୟାନ ଦିଆଯାଉ। ଅର୍ଥ, ଜମି, ଇଚ୍ଛାଶକ୍ତି ଥିଲେ ସବୁ ସମ୍ଭବ ହୋଇପାରିବ। ରାଜ୍ୟ ସରକାର ଜମି ପାଇଁ ଅନୁମତି ଦେଲେ ପ୍ରକଳ୍ପ ଆଗେଇବ। ରେଲୱେ ଓ ଟେଲିକମ୍ କ୍ଷେତ୍ରରେ ଅବହେଳା ଅଭିଯୋଗ ଆସୁଛି। ପୂର୍ବରୁ ପ୍ରକଳ୍ପ ପାଇଁ ଓଡ଼ିଶାକୁ ୮୦୦ କୋଟି ଟଙ୍କା ଦିଆଯାଉଥିଲା, ଏବେ ମୋଦିଜୀ ୧୦ହଜାର କୋଟି ଟଙ୍କା ଦେଲେଣି। କାହାର ସାହସ ନାହିଁ ଓଡ଼ିଶାକୁ ଅବହେଳା କଥା କହିପାରିବେ। ଯେତେ ଟଙ୍କା ଦରକାର ବିନିଯୋଗ କରିବାକୁ ନରେନ୍ଦ୍ର ମୋଦି କହିଛନ୍ତି ବୋଲି ଅଶ୍ୱିନୀ କହିଥିଲେ।

## ପେଲେଙ୍କ ମହାପ୍ରସ୍ଥାନ...

ଭାବରେ ଗଣାଯାଏ। ନିଜ କ୍ୟାରିୟରର ଶ୍ରେଷ୍ଠ ସମୟରେ ପେଲେ ମହମ୍ମଦ ଅଲୀଙ୍କ 'ରମ୍ବଲ ଇନ୍ ଦ ଜଙ୍ଗଲ' ଓ ହିଟ୍‌ଲରଙ୍କ ଅଲିମ୍ପିକ୍ସର ଜେସେ ଓଏନ୍ସଙ୍କ ଠାରୁ କମ୍ ନ ଥିଲେ। ଏପରିକି ତାଙ୍କୁ ରୋଲାଣ୍ଡ ଗ୍ୟାରୋସର ନାଡାଲ, ଅଗଷ୍ଟାର ଟାଇଗର ଉଡ୍ସ, ଲଣ୍ଡନ ଓ ବେଜିଂ ଅଲିମ୍ପିକ୍ସର ଉସେନ୍ ବୋଲ୍ଟ ଓ ମାଇକେଲ ଫେଲପ୍ସଙ୍କ ସହିତ ତୁଳନା କଲେ ମଧ୍ୟ କମ ହେବ। ଗୋଟିଏ ଶବ୍ଦରେ କହିବାକୁ ଗଲେ ଫୁଟବଲ ଦୁନିଆରେ ସେ ଥିଲେ ଅଦ୍ୱିତୀୟ ଆଉ କିମ୍ବଦନ୍ତୀ ପୁରୁଷ। ୩ ଥର ଫୁଟବଲ ବିଶ୍ୱକପ ଜିତିଥିବା ପେଲେଙ୍କ ଏହି ଜାଜ୍ୱଲ୍ୟମାନ କ୍ୟାରିୟରରେ ରହିଛି ଅନେକ ସ୍ମରଣୀୟ ମୁହୂର୍ତ୍ତ। ଫୁଟବଲ ପଡିଆରେ ସେ ଖେଳୁଥିବା ସମୟରେ ଦର୍ଶକଙ୍କ ମନରେ କୌଣସି ଯାଦୁଗରର ଯାଦୁର ଭ୍ରମ ସୃଷ୍ଟି କରୁଥିଲେ। ୨୩ ଅକ୍ଟୋବର ୧୯୪୦ ମସିହାରେ ଜନ୍ମିତ ପେଲେଙ୍କ ପ୍ରଥମ ନାମ ଥିଲା ଏଡସନ୍ ଆରାଣ୍ଟେସ ଡୋ ନାସେମେଣ୍ଟୋ। ସମଗ୍ର ବିଶ୍ୱରେ ଫୁଟବଲକୁ ଲୋକପ୍ରିୟ ଓ ବ୍ୟବସାୟୀକରଣ କରାଇବାରେ ତାଙ୍କର ରହିଥିଲା ପ୍ରମୁଖ ଭୂମିକା। ୧୯୫୦ରେ ଟିଭିରେ ଫୁଟବଲ ପ୍ରସାରଣ ଆରମ୍ଭ ହୋଇଥିବା ବେଳେ ଏହାକୁ ବୈପ୍ଳବିକ ଢଙ୍ଗରେ ସମଗ୍ର ଦୁନିଆରେ ପହଞ୍ଚାଇଥିଲେ ପେଲେ। ୧୯୫୮ରେ ମାତ୍ର ୧୭ ବର୍ଷ ବୟସରେ ବ୍ରାଜିଲ ଦଳ ପକ୍ଷରୁ ପ୍ରଥମ ବିଶ୍ୱକପ ଜିତିଥିଲେ ପେଲେ। ଏହି ଟୁର୍ନାମେଣ୍ଟରେ ସେ ୪ ମ୍ୟାଚରୁ ସ୍କୋର କରିଥିଲେ ୬ ଗୋଲ। ଦୁଇ ଦଶନ୍ଧି ଧରି ଫୁଟବଲ ପଡିଆରେ ଦର୍ଶକଙ୍କୁ ଅଭିଭୂତ କରୁଥିବା ଏହି ମହାନାୟକ ଜଣଙ୍କ ୧୯୬୨ ଓ ୧୯୭୦ରେ ମଧ୍ୟ ବ୍ରାଜିଲକୁ ବିଶ୍ୱକପ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### ୪୮ ଘଣ୍ଟାର ଅସ୍ତ୍ରବିରତି

କୌଣସି ରାଜନେତାଙ୍କ ପାଇଁ ଅସ୍ତ୍ରବିରତି ସାଧାରଣ କଥା। ମାତ୍ର ଫୁଟବଲ ପଡିଆର ଏହି ଯାଦୁଗରଙ୍କ ପାଇଁ ନାଇଜେରିଆରେ ଦୀର୍ଘ ୪୮ ଘଣ୍ଟାର ଅସ୍ତ୍ରବିରତି ହୋଇଥିଲା। ୧୯୬୦ ମସିହାରେ ନାଇଜେରିଆରେ ଗୃହଯୁଦ୍ଧ ଚାଲିଥିବା ସମୟରେ ପେଲେଙ୍କ ଖେଳ ଦେଖିବା ପାଇଁ ୪୮ ଘଣ୍ଟାରେ ସତେ ଯେମିତି ଅସ୍ତ୍ରତ୍ୟାଗ ହୋଇ ଯାଇଥିଲ। ଲାଗୋସରେ ପେଲେ ଏକ ପ୍ରଦର୍ଶନୀ ମ୍ୟାଚ ଖେଳିବା ପାଇଁ ଯାଇଥିବା ବେଳେ ଏହି ଘଟଣା ଘଟିଥିବା ପେଲେଙ୍କ ଲୋକପ୍ରିୟତାକୁ ପ୍ରମାଣ କରିଥିଲା।

### ଇଡେନ୍ ଗାର୍ଡେନ୍‌ରେ ପେଲେ

୧୯୭୭ ମସିହାରେ ପେଲେ ପ୍ରଥମ ଥର ଭାରତ ଗସ୍ତରେ ଆସିଥିଲେ। ଏହି ଗସ୍ତ ସମୟରେ ସେ ମୋହନ ବାଗାନ ପାଇଁ ମଧ୍ୟ ମ୍ୟାଚ ଖେଳିଥିଲେ। କୋଲକାତାର ଇଡେନ୍ ଗାର୍ଡେନରେ ସେ ଏକ ପ୍ରଦର୍ଶନୀ ମ୍ୟାଚ ଖେଳିଥିବା ବେଳେ ୮୦ ହଜାର କ୍ଷମତା ବିଶିଷ୍ଟ ଷ୍ଟାଡିୟମଟି ସମ୍ପୂର୍ଣ୍ଣ ଭର୍ତ୍ତି ହୋଇ ଯାଇଥିଲା। ପରବର୍ତ୍ତୀ ସମୟରେ ୨୦୧୫ ଓ ୨୦୧୮ରେ ଆଉ ଦୁଇ ଥର ଭାରତ ଗସ୍ତରେ ଆସିଥିଲେ ହେଁ ଫୁଟବଲ ଖେଳି ନ ଥିଲେ। ସେହି ମହାନ ଖେଳାଳିଙ୍କ ବିୟୋଗରେ ବିଶ୍ୱ ଖେଳ ଜଗତ ସ୍ତମ୍ଭୀଭୂତ ହୋଇଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଧନସ୍ଥାନରେ ମଙ୍ଗଳ ହେତୁ ପ୍ରତ୍ୟେକ ପରିସ୍ଥିତିରେ ସ୍ଥିର ନିଷ୍ପତ୍ତି ନେବାରେ ବନ୍ଧୁଙ୍କ ପୃଷ୍ଠପୋଷକତା ସହାୟକ ହେବ। ଘରର ବାକି କାମକୁ ଅଗ୍ରାଧିକାରଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ବାଧ୍ୟ ହେବେ। ସବିଶେଷ ଆଲୋଚନା ପୂର୍ବକ ପୂର୍ବ ସ୍ଥିରୀକୃତ ଯାନବାହନ, ଯାନ୍ତ୍ରିକ ଜିନିଷ ତଥା ଗୃହୋପକରଣ କିଣିବା ପାଇଁ ମନ ବଳାଇ ପାରନ୍ତି।

**ବୃଷ** ଆଜି ସକାଳୁ କୌଣସି ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହୋଇପାରେ। ଅଫିସ କାମରେ ବ୍ୟସ୍ତ ରହି ଘରୁ ବରାଦ ପାଇଥିବା ଜିନିଷଟି ନେବା ସକାଶେ ଭୁଲିଯାଇ ପାରନ୍ତି। ବନ୍ଧୁ ଗହଣରେ ମଉଜିଆ କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହେବେ। ମଙ୍ଗଳଜନିତ ଖଳ ଲୋକଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି।

**ମିଥୁନ** ଜଣେ ବନ୍ଧୁଙ୍କ ନିକଟରୁ କୌଣସି ଖବର ଆପଣଙ୍କୁ ଅଭିଭୂତ କରିପକାଇବ। ଦୀର୍ଘଦିନର ସମସ୍ୟାର ସମାଧାନ ହୋଇଯିବ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ ଓ ଏଥି ସକାଶେ ସ୍ତ୍ରୀଙ୍କୁ ଦାୟୀ କରି ବିଭିନ୍ନ ପ୍ରକାରର କଥା କହିପାରନ୍ତି। ସପ୍ତମସ୍ଥ ବୁଧ ହେତୁ ବନ୍ଧୁ ଦୃଢ଼ପ୍ରତିଶ୍ରୁତି ଦେଇ ମନକୁ ଖୁସି କରିପାରନ୍ତି।

**କର୍କଟ** ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସଫଳ ହେବେ। ଅତ୍ୟାବଶ୍ୟକ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଅଧିକାଂଶ ସମୟ ମନ ଅସ୍ଥିର ରହିବା କାରଣରୁ କାମଗୁଡିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡିବ। ପଡ଼ୋଶୀଙ୍କ ପରୋକ୍ଷ ଶତ୍ରୁତା କାମଗୁଡ଼ିକ ସକାଶେ ସାମୟିକ ବାଧା ସୃଷ୍ଟି କରିପାରେ।

**ସିଂହ** ଦିନଟି ବହୁତ ଭଲରେ ଅତିବାହିତ ହେବ। ତଥାପି ତୃତୀୟସ୍ଥ କେତୁ ପ୍ରଭାବରୁ ସବୁ ପାଇଲେ ମଧ୍ୟ ଏଥିପାଇଁ ବହୁତ ମେହେନତ କରିବାକୁ ପଡିବ। କେତେକ କ୍ଷେତ୍ରରେ ଅନୁତାପ କରିବେ ସିନା କିଛି ଲାଭ ମଧ୍ୟ ହେବନି। ବନ୍ଧୁଙ୍କ ମିଥ୍ୟା ଅଭିଯୋଗକୁ ପରୋକ୍ଷ ସମର୍ଥନ ଦେବା କାରଣରୁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**କନ୍ୟା** ମୁଖଭାବରେ କବନ୍ଧଗ୍ରହ ଯୋଗୁ କୌଣସି କାମରେ ଭୂମିକା ନ ଥାଇ ମଧ୍ୟ ସବୁ କ୍ଷେତ୍ରରେ ଦୋଷୀ ରୂପେ ପରିଗଣିତ ହେବେ। ଅନ୍ୟମାନଙ୍କ ଭୁଲ୍ ଧାରଣା ବୃଦ୍ଧି ଦିଗରେ ଆପଣଙ୍କ କେତେକ ବନ୍ଧୁ ଖୋରାକ ଯୋଗାଇବେ। ହଠାତ୍ ପୁରାତନ ରୋଗର ପୀଡା ଅନୁଭବ ହୋଇପାରେ। କଳା ଓ ସାହିତ୍ୟ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ତୁଳା** ସାମାଜିକ ସ୍ତରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ ଓ ଅନ୍ୟମାନେ ଆପଣଙ୍କୁ ପ୍ରଶଂସା କରିବେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ। ଶନି ଯୁକ୍ତ ଶୁକ୍ର ହେତୁ ଶାରୀରିକ ଅସୁସ୍ଥତା ହେତୁ ବ୍ୟସ୍ତ ବିବ୍ରତ ରହିପାରନ୍ତି। ଆର୍ଥିକ ଦିଗଟି ଦୁର୍ବଳ ରହିଥିବାରୁ ସବୁ କାମରେ ପଛେଇ ଯିବେ।

**ବିଛା** ରାଶ୍ୟାଧିପ ସପ୍ତମ କେନ୍ଦ୍ରସ୍ଥ ଯୋଗୁ ମନ କଥା ମନରେ ରଖି ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ବ୍ୟବସାୟ ଓ ବାଣିଜ୍ୟ, ଶିଳ୍ପ କ୍ଷେତ୍ରରେ ଲାଭବାନ ହେବେ। ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପାରିବାରିକ କ୍ଷେତ୍ରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ଧନୁ** ଏକାଧିକ ଗ୍ରହ ରାଶିସ୍ଥ ଯୋଗୁ ସଫଳତାର ଅଭାବ ଓ ସଂଘର୍ଷମୟ ସ୍ଥିତି ହେତୁ ଅଧିକାଂଶ ସମୟ ବିବାଦ ଓ ରାଗରୁଷାରେ ଅତିବାହିତ ହେବ। କୌଣସି କ୍ଷେତ୍ରରେ ଅତ୍ୟଧିକ ପ୍ରତିକ୍ରିୟା ପ୍ରକାଶ ଠିକ୍ ହେବ ନାହିଁ। ଅତି ଭଲ ପାଉଥିବା ବ୍ୟକ୍ତିଟି ପ୍ରତି ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ସାମାନ୍ୟ ଶାରୀରିକ କଷ୍ଟ ଅନୁଭବ କରିପାରନ୍ତି।

**ମକର** ରାଶିକୁ ଚନ୍ଦ୍ର ଓ ବୃହସ୍ପତି ଦେଖୁଥିବାରୁ ହାତକୁ ନେଇଥିବା କାମଟି ସହଜରେ ସମ୍ପନ୍ନ ହୋଇଯିବ। ଧନିଷ୍ଠା ନକ୍ଷତ୍ରର ସରକାରୀ କ୍ଷେତ୍ରରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ନିକଟ ସମ୍ପର୍କୀୟ ବନ୍ଧୁଙ୍କଠାରୁ ହଠାତ୍ କୌଣସି ଖବର ପାଇ ଖୁସି ହେବେ। ଅଫିସ କାମରେ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ** ଦୀର୍ଘଦିନରୁ ଚିନ୍ତାକରିଥିବା କୌଣସି ନୂତନ ବନ୍ଧୁଙ୍କ ସହ ସମ୍ପର୍କ ସ୍ଥାପନ ହେବାର ଆଶା ରହିଛି। ଆଜି ଯେତିକି ପାଇବେ ତାହାଠାରୁ ଅଧିକ ଖର୍ଚ୍ଚ କରିବେ। କିଛି ନ ବୁଝି କାହା କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ଶୁଭଗ୍ରହ ପ୍ରଭାବରେ ପ୍ରେସ୍, ପବ୍ଲିକେଶନ, ଆଇନ ଅଦାଲତ, ଗବେଷଣା, ଅନୁସନ୍ଧାନ, ନିର୍ମାଣ କାମରୁ ସୁଫଳ ମିଳିବ।

**ମୀନ** ଗଜକେଶରୀ ଯୋଗ ପ୍ରଭାବରୁ ପ୍ରତ୍ୟେକ ଦିଗରୁ ବହୁବିଧ ସମ୍ମାନର ଅଧିକାରୀ ହେବେ। ଆକସ୍ମିକ ଭାବେ ସୃଷ୍ଟି ହୋଇଥିବା ବିବାଦୀୟ ଘଟଣାର ଦିଗ ବଦଳି ଯାଇପାରେ। ଆମନ୍ତ୍ରିତ ହୋଇ ବନ୍ଧୁ କିମ୍ବା ପଡ଼ୋଶୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ମାତି ରହିପାରନ୍ତି। ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇବା ଯୋଗୁ ଚିନ୍ତାପ୍ରକଟ କରିବେ।

ଆଜି ଡିସେମ୍ବର ୩୦ ତାରିଖ, ପୌଷ ଶୁକ୍ଳ ଅଷ୍ଟମୀ ଶୁକ୍ରବାର, ରାଶିନକ୍ଷତ୍ର- ଦିବା ଘ.୧୧।୨୫ମି. ପର୍ଯ୍ୟନ୍ତ ଉତ୍ତରଭାଦ୍ରପଦ/ମୀନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୪ମି. ଗତେ ଘ.୦୭।୦୭ମି. ମଧ୍ୟେ, ଘ.୦୭।୫୦ମି. ଗତେ ଘ.୦୯।୦୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୨୭ ମି. ଗତେ ଘ.୧୧।୪୯ମି. ମଧ୍ୟେ ରାହୁକାଳ।



ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କୁ ନିମନ୍ତ୍ରଣ କରୁଛନ୍ତି ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ।


ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କୁ ନିମନ୍ତ୍ରଣ କରୁଛନ୍ତି ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ।


ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ଶାହାଙ୍କୁ ଭେଟୁଛନ୍ତି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍।



ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁଙ୍କୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ନିମନ୍ତ୍ରଣ କରୁଛନ୍ତି।



କର୍ଣାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କୁ ଭେଟୁଛନ୍ତି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା।

# ବିଶ୍ୱକପ୍ ହକି: ଆଉ ୫ ମୁଖ୍ୟମନ୍ତ୍ରୀଙ୍କୁ ଆମନ୍ତ୍ରଣ

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ଆସନ୍ତା ଜାନୁୟାରୀ ୧୩ରୁ ଭୁବନେଶ୍ୱର ଓ ରାଉରକେଲାରେ ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ଏହି ବିଶ୍ୱ କ୍ରୀଡ଼ା ଦେଖିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଆମନ୍ତ୍ରଣ କରୁଛନ୍ତି। ଗତ ଦୁଇଦିନ ମଧ୍ୟରେ ୯ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଥିବା ବେଳେ ଗୁରୁବାର ଆଉ ୫ ଜଣ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଛି। ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ଶାହାଙ୍କୁ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କୁ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ, ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁଙ୍କୁ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ, କର୍ଣାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କୁ କ୍ରୀଡ଼ା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ନିମନ୍ତ୍ରଣପତ୍ର ଓ ଜର୍ସି ଦେଇ ଓଡ଼ିଶା ଆସିବାକୁ ନିମନ୍ତ୍ରଣ କରିଛନ୍ତି।

## ଗୋପପୁରରେ ନନ୍ଦୋତ୍ସବ, ମଥୁରାରେ କଂସ ବିବ୍ରତ

**ମଥୁରାନଗରୀ/ଗୋପପୁର, ୨୯।୧୨**

ବରଗଡ଼ ଧନୁଯାତ୍ରା ମହୋତ୍ସବର ଗୁରୁବାର ଗୋପପୁରରେ ନନ୍ଦ ଦରବାର ଉଦ୍‌ଘାଟିତ ହୋଇଛି। ଏସ୍‌ଡିପିଓ ଅମ୍ରିତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ନନ୍ଦୋତ୍ସବ ଉପଲକ୍ଷେ ନନ୍ଦ ଭବନରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଗୋପପୁର ପରିକ୍ରମା କରିଥିଲା। ଶ୍ରୀକୃଷ୍ଣଙ୍କୁ ଧରି ନନ୍ଦରାଜା ଓ ନନ୍ଦରାଣୀ ଜିରା ନଦୀ କୂଳ ନନ୍ଦ ଦରବାରରେ ପହଞ୍ଚିଥିଲେ। ସେଠାକାର ନନ୍ଦ ଦରବାରକୁ ଏସ୍‌ଡ଼ିପିଓ ପଣ୍ଡା ଉଦ୍‌ଘାଟନ କରିଥିଲେ। ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ, ଗୋପପୁର କମିଟିର ଆବାହକ ତଥା ଉପଜିଲାପାଳ ଲଲାଟ କୁମାର ଲୁହା ପ୍ରମୁଖ ଉପସ୍ଥିତ ଥିଲେ । ଅପରପକ୍ଷେ ମହାରାଜା କଂସ ରାଜମହଲରୁ ନିଜ ପାତ୍ରମନ୍ତ୍ରୀଙ୍କ ଗହଣରେ ମଥୁରା ପରିଭ୍ରମଣ କରିଥିଲେ। କଂସ ହାଟପଦାସ୍ଥିତ ରାଜଦରବାର ମଞ୍ଚକୁ ଯାଇଥିଲେ। ଦେବକୀଙ୍କ ଅଷ୍ଟମ ସନ୍ତାନ ଜାତହେବା ଶୁଣି ବ୍ୟସ୍ତ ବିବ୍ରତ ହୋଇ କାରାଗାରକୁ ଯାଇଥିଲେ। ଦେବକୀଙ୍କ କୋଳରୁ ସନ୍ତାନ ଛଡାଇଆଣି କଚାଡ଼ି ଦେଇଥିଲେ। ମାତ୍ର ସେହି କନ୍ୟା ବିଜୁଳି ପରି ହାତରୁ ଖସିଯାଇ ଅଟ୍ଟହାସ୍ୟ କରିଥିଲେ। ଆଉଥରେ ଶୂନ୍ୟବାଣୀ ହୋଇଥିଲା। ମହାରାଜାଙ୍କ ମନକୁ ଶାନ୍ତ କରିବା ପାଇଁ ନୃତ୍ୟଗୀତରେ ଆସର କରିଥିଲେ। ମନ୍ତ୍ରୀ ରୀତା ସାହୁ ଏବଂ ସମ୍ବଲପୁର ଡିଆଇଜି ବିନୀତ ସିଂ ରାଜ ଅତିଥି ଭାବେ ଯୋଗ ଦେଇଥିଲେ।


ବରଗଡ଼ ଧନୁଯାତ୍ରା: ନନ୍ଦରାଜା ଓ ନନ୍ଦରାଣୀ ଶ୍ରୀକୃଷ୍ଣଙ୍କୁ ଧରି ଗୋପପୁର ପରିକ୍ରମା କରୁଛନ୍ତି।

## ଟିକା ଯୋଗାଇବାକୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବ

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ଓଡ଼ିଶାକୁ ଆବଶ୍ୟକ କରୋନା ଟିକା ଯୋଗାଇ ଦେବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନ୍‌ସୁଖ୍ ମାଣ୍ଡବ୍ୟଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଚିଠି ଲେଖି ଅନୁରୋଧ କରିଛନ୍ତି। ମନ୍ତ୍ରୀ ଦାସ ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ, କୋଭିଡ୍-୧୯ର ନୂଆ ପ୍ରଜାତି ବିଏଫ୍-୭ ଏବେ ପୃଥିବୀର ବିଭିନ୍ନ ଦେଶ ଯଥା ଚାଇନା, ଜାପାନ, ୟୁଏସ୍‌ଏ, ବ୍ରାଜିଲ୍, କୋରିଆରେ କାୟା ବିସ୍ତାର କରିଥିବାବେଳେ ଭାରତରେ ମଧ୍ୟ ଏହି ପ୍ରଜାତି ଚିହ୍ନଟ ହେବା ଅତି ଉଦ୍‌ବେଗର ବିଷୟ। ରାଜ୍ୟରେ ୧୨ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ୮.୧୪ କୋଟି ପ୍ରଥମ ଡୋଜ୍, ୩.୩୦ କୋଟି ଦ୍ୱିତୀୟ ଡୋଜ୍ ଓ ୧୮ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ୧.୩୧ କୋଟି ପ୍ରିକସନ୍ ଡୋଜ୍ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ୪୧ ପ୍ରତିଶତ ଲୋକ ଏହି ପ୍ରିକସନ୍ ଡୋଜ୍ ନେଇଛନ୍ତି। ଏବେ ରାଜ୍ୟରେ କୌଣସି ଟିକା ଷ୍ଟକ୍ ନାହିଁ। ବିଭିନ୍ନ ବର୍ଗର ୧.୯୩ କୋଟି ନାଗରିକଙ୍କ ପାଇଁ ପ୍ରିକଶନ ଡୋଜ୍ ଆବଶ୍ୟକ ରହିଛି। ଏହି ପରିପ୍ରେକ୍ଷୀରେ ଟିକାକରଣରୁ ବଞ୍ଚିତ ଲୋକଙ୍କ ପାଇଁ ମାର୍ଗଦର୍ଶିକା ଜାରି କରିବା ସହିତ ଆବଶ୍ୟକ ଟିକା ରାଜ୍ୟର ବିଭିନ୍ନ ସରକାରୀ ଟିକାକରଣ କେନ୍ଦ୍ରଗୁଡ଼ିକୁ ଯୋଗାଇଦେବାକୁ ମନ୍ତ୍ରୀ ଦାସ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ଉପବାଚସ୍ପତିଙ୍କ ଗାଡ଼ିକୁ ଧକ୍କା ଦେଲା ଟ୍ରକ୍

**ଅନୁଗୋଳ ଅଫିସ, ୨୯।୧୨**

ଅନୁଗୋଳ ଜିଲା ବଲଙ୍ଗ ଗାଁର ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ଉପବାଚସ୍ପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହଙ୍କ ଗାଡ଼ି (ନଂ ଓଡି୦୨- ଏଆର- ୬୦୦୬) ଦୁର୍ଘଟଣାଗ୍ରସ୍ତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପରେ ବଲଙ୍ଗ ଗାଁକୁ ଯାଉଥିବାବେଳେ ପଞ୍ଚମହଲା ନିକଟରେ ଏକ ଦଶ ଚକିଆ ଟ୍ରକ୍ (ନଂ. ଓଡି ୩୫ ଡି- ୭୭୩୩) ତାଙ୍କ କାର୍‌କୁ ଧକ୍କା ଦେଇଥିଲା। ଏଥିରେ ଉପବାଚସ୍ପତି ସିଂହଙ୍କର କୌଣସି କ୍ଷତି ହୋଇନାହିଁ। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଗାଡି ନେଇ ଚମ୍ପଟ ମାରୁଥିବା ସମୟରେ ପୋଲିସ ଗାଡିକୁ ଜବତ କରିଛି। ଏ ନେଇ ବିଧାୟକଙ୍କ ପୁଅ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକଙ୍କୁ ବିଜେଡି କର୍ମୀମାନେ ନିସ୍ଠୁକ ମାଡ ମାରିଥିବାର ଏକ ଭିଡିଓ ଭାଇରାଲ ହୋଇଛି।

## ଛତିଶଗଡ଼ ଡ୍ୟାମ୍ ନିର୍ମାଣକୁ ବିରୋଧକରି ପ୍ରଜାମେଳି


ଡ୍ୟାମ୍ ନିର୍ମାଣକୁ ବିରୋଧ କରି ଆଦିବାସୀଙ୍କ ବାହାରିଥିବା ଶୋଭାଯାତ୍ରା।

**ମାଲକାନଗିରି/ମାଥିଲି, ୨୯।୧୨(ଡି.ଏନ.ଏ.)**

ଓଡ଼ିଶା ସୀମାରେ ପଡୋଶୀ ଛତିଶଗଡ଼ର ପ୍ରକଳ୍ପକୁ ବିରୋଧ କରି ଗୁରୁବାର ଶତାଧିକ ଆଦିବାସୀ ରାସ୍ତାକୁ ଓହ୍ଲାଇଛନ୍ତି। ସେମାନେ ଏକାଠି ହୋଇ ମେଳି କରି ଏହାର ପ୍ରତିବାଦ କରିଛନ୍ତି। ଛତିଶଗଡ଼ ମାଲକାନଗିରି ଜିଲା ସୀମାନ୍ତ ସାବେରୀ ନଦୀର ଭୀମସେନ ଘାଟଠାରେ କୋକ୍ରାଲ ଡ୍ୟାମ୍ ନିର୍ମାଣ କରୁଛି। ଏଥିସହ କସ୍ଥୁବ ମାଇନ୍ସ ମଧ୍ୟ ଏହି ରାଜ୍ୟ କରିଛି। ଏହି ଡ୍ୟାମ ନିର୍ମାଣ ପରେ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାର ମାଲକାନଗିରି ଜିଲା ମାଥିଲି ବ୍ଳକର ୬ଟି ପଞ୍ଚାୟତ କମାରପାଲି, ମହୁପଦର, ସାଲିମି, ଟେମ୍ପୃପାଲି, କତାପାଲି ଓ କର୍ତ୍ତନପାଲି ପଞ୍ଚାୟତ ପ୍ରଭାବିତ ହେବ। ଏହି ପଞ୍ଚାୟତଗୁଡିକର ମୋଟ ୪୮ଟି ଗ୍ରାମ ବୁଡ଼ିଯିବା ସହ ଅନେକ ପରିବାର ସେମାନଙ୍କ ଭିଟାମାଟି ହରାଇବେ। ଏହି ଅଧିବାସୀମାନେ ପୂର୍ବରୁ ଡ୍ୟାମ ନିର୍ମାଣକୁ ବିରୋଧ କରି ଆସୁଛନ୍ତି। ମାତ୍ର ଛତିଶଗଡ଼ ଉପରେ ଏହାର କୌଣସି ପ୍ରଭାବ ପଡିନାହିଁ। ବର୍ତ୍ତମାନ ସୁଦ୍ଧା ଡ୍ୟାମ କାର୍ଯ୍ୟ ବନ୍ଦ ନ ହେବାରୁ ସ୍ଥାନୀୟ ଲୋକେ ପ୍ରଜାମେଳି କରି ମରିବେ ପଛେ ଭିଟାମାଟି ଛାଡ଼ିବେ ନାହିଁ ପ୍ରକାଶ କରି ଏହି ଅବସରରେ ସେମାନେ ଶପଥ ନେଇଛନ୍ତି। ଆଗାମୀ ଦିନରେ ଛତିଶଗଡ଼ ସରକାର ଡ୍ୟାମ୍ ନିର୍ମାଣରୁ ନ ହଟିଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଅଞ୍ଚଳବାସୀ କହିଛନ୍ତି। ଅନ୍ୟପକ୍ଷରେ ଏହା ଜଣାପଡିବା ପରେ ଓଡ଼ିଶାର ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ସୂଚନାଯୋଗ୍ୟ, ସାବେରୀ ନଦୀ ଉପରେ ପାଣିକୁ ଅଟକ ରଖି ଛତିଶଗଡ ତାଙ୍କ ରାଜ୍ୟର କେତେକ ଗ୍ରାମରେ ଜଳସେଚନ ସୁବିଧା କରିବାକୁ ଯୋଜନା ରଖିଛି।

## ୯ ଆଇଏଏସ୍ ଅଫିସରଙ୍କୁ ପଦୋନ୍ନତି

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ରାଜ୍ୟ ସରକାର ୨ ଜଣ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ପ୍ରିନ୍ସିପାଲ ସେକ୍ରେଟାରି ଗ୍ରେଡ୍ ଲେଭଲ-୧୫କୁ ପଦୋନ୍ନତି ଦେଇଥିବା ବେଳେ ୭ ଜଣ ଆଇଏଏସ୍ ଅଫିସରଙ୍କୁ ସୁପରଟାଇମ ସ୍କେଲ୍(ଲେଭଲ-୧୪ ପେ ମାଟ୍ରିକ୍ସ)କୁ ପଦୋନ୍ନତି ଦେଇଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୧୯୯୮ ବ୍ୟାଚ୍ ଆଇଏଏସ୍ ଅଫିସର ସୁରେଶ କୁମାର ବଶିଷ୍ଠ ଓ ବିଶାଲ ଗଗନଙ୍କୁ ପ୍ରିନ୍ସିପାଲ ସେକ୍ରେଟାରି ଗ୍ରେଡ୍ ପେ' ମାଟ୍ରିକ୍ସ ଲେଭଲ-୧୫କୁ ପଦୋନ୍ନତି ଦିଆଯାଇଛି। ସେହିପରି ଆଇଏଏସ୍ ଅଫିସର ଅରବିନ୍ଦ ଅଗ୍ରୱାଲ, ବଲୱନ୍ତ ସିଂ, ସଚିନ ରାମଚନ୍ଦ୍ର ଯାଦବ, ରବୀନ୍ଦ୍ର ପ୍ରତାପ ସିଂ, ଜ୍ଞାନରଞ୍ଜନ ଦାସ, ରଞ୍ଜନ କୁମାର ଦାସ ଏବଂ ସଂଗ୍ରାମଜିତ ନାୟକଙ୍କୁ ସୁପର ଟାଇମ ସ୍କେଲ୍‌କୁ ପଦୋନ୍ନତି ଦିଆଯାଇଛି।

## ଶିକ୍ଷାନୁଷ୍ଠାନ ନାମଫଳକ ଓଡ଼ିଆରେ ଲେଖିବାକୁ ପୁଣି ନିର୍ଦ୍ଦେଶ

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନର ନାମଫଳକ ଓଡ଼ିଆରେ ଲେଖିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। କିନ୍ତୁ ଅଧିକାଂଶ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଏହାକୁ ମାନୁନାହାନ୍ତି। ପୂର୍ବପରି ଇଂଲିଶ ଭାଷାରେ ଲେଖାଥିବା ଫଳକ ଶିକ୍ଷାନୁଷ୍ଠାନରେ ରହିଛି। କେତେକ ସ୍ଥାନରେ ଓଡ଼ିଆ ଭାଷାର ଚିହ୍ନବର୍ଣ୍ଣ ବି ନାହିଁ। ତେଣୁ ଓଡ଼ିଆରେ ଶିକ୍ଷାନୁଷ୍ଠାନ ନାମଫଳକ ଲେଖିବାକୁ ସରକାର ପୁଣି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ସବୁ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକର ନାମଫଳକ ଓଡ଼ିଆ ଭାଷାରେ ଲେଖାଯିବ। ଆସନ୍ତା ୩୦ଦିନ ମଧ୍ୟରେ ଏହି ସରକାରୀ ନିର୍ଦ୍ଦେଶର ଅନୁପାଳନ କରି ସରକାରଙ୍କ ଅବଗତି ନିମନ୍ତେ ଜଣାଇବାକୁ କୁହାଯାଇଛି। ଏନେଇ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ସଚିବ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କୁ ଚିଠି ଲେଖି ଜଣାଇଛନ୍ତି। ଭାରତର ପ୍ରତ୍ୟେକ ରାଜ୍ୟରେ ଇଂଲିଶ ଭାଷା ସହିତ ପ୍ରାଦେଶିକ ଭାଷାକୁ ଗୁରୁତ୍ୱ ଦିଆଯାଉଛି। ସମସ୍ତ ଶିକ୍ଷାନୁଷ୍ଠାନର ନାମଫଳକ ଇଂଲିଶ ସହିତ ପ୍ରାଦେଶିକ ଭାଷାରେ ଲେଖାଯାଉଛି। ତଦନୁଯାୟୀ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନେର ନାମଫଳକ ଓଡ଼ିଆ ଭାଷାରେ ଲେଖାଗଲେ ଓଡ଼ିଆ ଭାଷାର ଗୌରବ ଓ ସମ୍ମାନ ଅକ୍ଷୁଣ୍ଣ ରହିବ। ଏହାକୁ ଗୁରୁତ୍ୱ ଦେଇ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ସହିତ ଅଧିକାରୀଙ୍କ ନାମଫଳକ ଆଦି ଓଡ଼ିଆ ଭାଷାରେ ନିର୍ଭୁଲ୍ ଲେଖିବା ପାଇଁ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସାହୁ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଆସନ୍ତା ୩୦ ଦିନ ମଧ୍ୟରେ ଏହି ନିର୍ଦ୍ଦେଶର ଅନୁପାଳନ କରି ସରକାରଙ୍କ ଅବଗତି ନିମନ୍ତେ ଜଣାଇବାକୁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ, ଗତ ଏପ୍ରିଲରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସମାନ ନିର୍ଦ୍ଦେଶ ଜାରି ହୋଇଥିଲା। ଉନ୍ନୟନ କମିଶନର ପ୍ରଦୀପ ଜେନା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ ଏବଂ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ଶିକ୍ଷାନୁଷ୍ଠାନ ନାମଫଳକ ଓଡ଼ିଆରେ ଲେଖିବାକୁ ନିର୍ଦ୍ଦେଶ ଦେଇଥିଲେ। ତିନି ସପ୍ତାହ ମଧ୍ୟରେ ନିର୍ଦ୍ଦେଶର ଅନୁପାଳନ ନେଇ ସରକାରଙ୍କୁ ଜଣାଇବାକୁ ମଧ୍ୟ କୁହାଯାଇଥିଲା। ହେଲେ ଏହି ନିର୍ଦ୍ଦେଶକୁ ଅଧିକାଂଶ ଶିକ୍ଷାନୁଷ୍ଠାନ ମାନି ନ ଥିବା ଜଣାପଡ଼ିଛି। ଏବେବି ରାଜ୍ୟର ବହୁ ଶିକ୍ଷାନୁଷ୍ଠାନରେ କେବଳ ଇଂଲିଶ ଫଳକ ଶୋଭାପାଉଛି। ଏବେ ସରକାର ପୁଣିଥରେ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏବେ ନିର୍ଦ୍ଦେଶ ନ ମାନିଲେ କାର୍ଯ୍ୟାନୁଷ୍ଠାନ ହେବ ନା ଏମିତି ବାରମ୍ବାର କେବଳ ଚିଠି ଲେଖାଯାଉଥିବ ତାହାକୁ ନେଇ ଆଲୋଚନା ଚାଲିଛି।







# ବର୍ଷକରେ ୧,୩୬,୫୯୯ ମାମଲା ଫଇସଲା

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

୨୦୨୨ ଜାନୁୟାରୀ ପହିଲାରୁ ଡିସେମ୍ବର ୨୩ ମଧ୍ୟରେ ମୋଟ ୧,୦୨,୨୪୭ ମାମଲା ରୁଜୁ କରାଯାଇଥିବା ବେଳେ ୧,୩୬,୫୯୯ ମାମଲା ଫଇସଲା କରାଯାଇଛି। ଫଳରେ କେସ୍ କ୍ଲିୟରାନ୍ସ ହାର ୧୩୩.୬୦ ପ୍ରତିଶତ ହୋଇଛି । ବର୍ତ୍ତମାନ ବିଚାର ନ ହୋଇ ପଡ଼ିରହିଥିବା ମାମଲା ଯଥେଷ୍ଟ ହ୍ରାସ ପାଇଛି । ଚଳିତ ବର୍ଷ ୧୦ ବର୍ଷରୁ ଅଧିକ ପୁରୁଣା ୮୭୬୯ଟି ମାମଲା ଫଇସଲା କରାଯାଇଛି ବୋଲି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୨ରେ ରୁଜୁ ହୋଇଥିବା ମାମଲା ସଂଖ୍ୟା ୨୦୨୧ ତୁଳନାରେ ଅଧିକ ବୋଲି ଓଡ଼ିଶା ଜିଲା ନ୍ୟାୟପାଳିକା ପରିସଂଖ୍ୟାନରୁ ଜଣାପଡ଼ିଛି । ୨୦୨୧ ତୁଳନାରେ ୨୦୨୨ରେ ୫୩.୨୮ ପ୍ରତିଶତ ଅଧିକ ମାମଲା ଫଇସଲା ହୋଇଥିବାବେଳେ ଉଭୟ ଦେୱାନୀ ଓ ଫୌଜଦାରି ମାମଲାରେ ନ୍ୟାୟପାଳିକାର ଫଇସଲା ପୂର୍ବ ବର୍ଷ ତୁଳନାରେ ଶତକଡ଼ା ୫୧ ପ୍ରତିଶତ ଅଧିକ ବୋଲି ଜଣାପଡ଼ିଛି। ୨୦୨୧ରେ ଅନୁମୋଦିତ ବିଚାରପତିଙ୍କ ସଂଖ୍ୟା ୯୬୨ ଥିବାବେଳେ ୭୬୭ ଜଣ କାର୍ଯ୍ୟ କରୁଥିଲେ । ସେହିପରି ୨୦୨୨ରେ ଅନୁମୋଦିତ ବିଚାରପତିଙ୍କ ସଂଖ୍ୟା ୯୭୭ ଥିବାବେଳେ ୭୭୬ ଜଣ କାର୍ଯ୍ୟ କରୁଛନ୍ତି । ୨୦୨୧ରେ ବିଚାରପତି ମୁଣ୍ଡ ପିଛା ଫଇସଲା ସଂଖ୍ୟା ୩୧୧ ଥିଲାବେଳେ ୨୦୨୨ରେ ତାହା ୫୭୭ରେ ପହଞ୍ଚିଛି । ବଳାତ୍କାର ଓ ପୋକ୍ସୋ ମାମଲାଗୁଡ଼ିକର ଫାଷ୍ଟଟ୍ରାକ୍ ସମାଧାନ କରାଯାଉଛି । ୨୦୨୨ ଜାନୁୟାରୀ ୧ରୁ ୨୬ ଡିସେମ୍ବର ମଧ୍ୟରେ ୧୦୪୨ ବଳାତ୍କାର ମାମଲା ରୁଜୁ କରାଯାଇଥିବାବେଳେ ୧୨୫ ମାମଲାର ସମାଧାନ କରାଯାଇଛି । ସେହିପରି ସେହିସମୟ ମଧ୍ୟରେ ୩୩୦୯ଟି ମାମଲା ଜିଲା ଅଦାଲତଗୁଡ଼ିକରେ ଫଇସଲା ହୋଇଥିବା ବେଳେ ସେଥିରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ୬୬୦ଟି ମାମଲା ଫଇସଲା ହୋଇପାରିଛି । ମୋଟାମୋଟି ଏହି ସମୟ ମଧ୍ୟରେ ପୋକ୍ସୋ ଏବଂ ବଳାତ୍କାର ସମ୍ବନ୍ଧୀୟ ୪୩୫୧ଟି ମାମଲାର ଫଇସଲା ହୋଇଛି, ସେଥିରୁ ୭୮୫ ମାମଲା ରୁଜୁ ହେବାର ବର୍ଷକ ମଧ୍ୟରେ ଫଇସଲା କରାଯାଇପାରିଛି ।

ପୋକ୍ସୋ ଆଇନ ଅଧୀନରେ ବିଚାର ବ୍ୟବସ୍ଥା ପାଇଁ ୮ଟି ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା କରାଯାଇଛି। ସେହିପରି ଭୁବନେଶ୍ୱରରେ ମଧ୍ୟ ଗୋଟିଏ ପରିବାର ଅଦାଲତ ପ୍ରତିଷ୍ଠିତ ହୋଇଛି । ବରିଷ୍ଠ ନାଗରିକଙ୍କୁ ନେଇ ୩ଟି ଲିଭ୍ ରିଜର୍ଭ କୋର୍ଟ ଏବଂ ୨ଟି ମହିଳା କୋର୍ଟ ପ୍ରତିଷ୍ଠା କରାଯାଇଛି । ସିଭିଲ୍ ଜଜ୍ କ୍ୟାଡରରେ ୬ଟି କୋର୍ଟ ପ୍ରତିଷ୍ଠା କରାଯିବା ସହ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ୨୫ଟି ନୂତନ କୋର୍ଟ କାର୍ଯ୍ୟକ୍ଷମ ହୋଇଛି। ଏହା ସମଗ୍ର ରାଜ୍ୟରେ ଅଦାଲତର ସମାନ୍ତରାଳ କେସ୍ ବଣ୍ଟନରେ ଏକ ବଡ଼ ପଦକ୍ଷେପ, ଯାହାକି ମାମଲାଗୁଡ଼ିକର ଉଚିତ ବଣ୍ଟନରେ ସାହାଯ୍ୟ କରିବ ।

### ୬ ଲକ୍ଷ ୯୭ ହଜାର ନ୍ୟାୟିକ ରେକର୍ଡର ଡିଜିଟାଇଜେଶନ



ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା (୧୯୪୮) ଦିନରୁ ରେକର୍ଡରୁମ୍‌ରେ ଥିବା ପୁରୁଣା ରେକର୍ଡର ସଂରକ୍ଷଣ ଓ ପୁନରୁଦ୍ଧାର ପାଇଁ ବହୁ ଆହ୍ୱାନର ମୁକାବିଲା କରିବାକୁ ପଡୁଥିଲା। ରେକର୍ଡ ଡିଜିଟାଇଜଡ୍ କରାଯାଇ ସିଭିଲ୍ ଓ ଆପରାଧିକ ଏବଂ ବିଚାରାଧୀନ ରେକର୍ଡର ଡିଜିଟାଇଜେଶନ୍ କରାଯାଇଛି। ଦେଢ଼ ବର୍ଷ ପାଇଁ ଚାରୋଟି ଜିଲାର କୋର୍ଟ ଡିଜିଟାଇଜେଶନ୍‌ରୁ ଉତ୍ସାହଜନକ ଫଳାଫଳ ପାଇବା ପରେ ହାଇକୋର୍ଟ ଜିଲା କୋର୍ଟ ଡିଜିଟାଇଜେଶନ୍ କେନ୍ଦ୍ରକୁ ଡିଜିଟାଇଜେଶନ୍ ହବ୍‌ରେ ନବୀକରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସମଗ୍ର ରାଜ୍ୟରେ ଚାଲିଥିବା କାଗଜବିହୀନ ଅଦାଲତ ଲକ୍ଷ୍ୟ ହାସଲ କରିବାରେ ଏହା ସହାୟକ ହେବ । ୨୦୨୨ ଡିସେମ୍ବର ୨୬ ସୁଦ୍ଧା ପ୍ରାୟ ୬ ଲକ୍ଷ ୯୭ ହଜାର ୮୩୮ଟି ନ୍ୟାୟିକ ରେକର୍ଡର ଡିଜିଟାଇଜେଶନ୍ ହୋଇଛି। ୨୦୨୨ ଡିସେମ୍ବର ୨୩ ସୁଦ୍ଧା ପ୍ରାୟ ୭୪୯୦୪ଟି ପଡ଼ି ରହିଥିବା ରେକର୍ଡର ଡିଜିଟାଇଜେଶନ୍ କରାଯାଇଛି।

ଆମେ ନିଜକୁ ଭାଗ୍ୟବାନ ମନେକରିବା ଉଚିତ। କାରଣ, ଭଗବାନ ଆମକୁ ସବଳ ବାହୁ ଯୁଗଳ ଦେଇଛନ୍ତି। ଏବଂ ତାହାରି ବଳରେ ଆମେ ଯାହା କିଛି ସୁନ୍ଦର, ମଙ୍ଗଳମୟ ଓ ସତ୍ୟ– ସେସବୁକୁ ଧ୍ୱଂସ ବା ବିପଦ ମୁଖରୁ ରକ୍ଷା କରିବାକୁ ସମର୍ଥ ହେବା। –ଶ୍ରୀମା



# ସହନୀୟ ଓ ସମାବେଶୀ ଅଭିବୃଦ୍ଧି




ସିଭେନ୍ ସ୍ମିଥ୍
କୋ- ଚେୟାରମ୍ୟାନ, ମ୍ୟାକିନ୍‌ସେ ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ୍

ଅନୁ ମାଡଗାଭ୍‌କର
ପାର୍ଟନର, ମ୍ୟାକିନ୍‌ସେ ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ୍

ନଭେମ୍ବରରେ ଇଣ୍ଡୋନେସିଆର ବାଲିରେ ବି୨୦ ବିଶ୍ୱ ବାଣିଜ୍ୟ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଠାରେ ବିଶ୍ୱର ଅନେକ କର୍ପୋରେଟ ସିଇଓ ଓ ରାଷ୍ଟ୍ରମୁଖ୍ୟ ଏକାଠି ହୋଇଥିଲେ। ଚଳିତ ବର୍ଷ କାର୍ଯ୍ୟକ୍ରମ ପରିବେଶ ସହନୀୟ, ସମାବେଶୀ ଏବଂ ଆର୍ଥିକ ଅଭିବୃଦ୍ଧି ଭଳି ତିନୋଟି ପରସ୍ପର ସମ୍ପର୍କିତ ଲକ୍ଷ୍ୟ ଉପରେ କେନ୍ଦ୍ରିତ ରହିଥିଲା। ବାସ୍ତବରେ ନିଜ ନିଜ ମଧ୍ୟରେ ବିବାଦରୁ ଦୂରେଇ ରହିଲେ ଏହି ତିନୋଟି ଲକ୍ଷ୍ୟ ପାରସ୍ପରିକ ସହଯୋଗରେ ମଜଭୁତ ହୋଇପାରିବ। ଏକ ସହନୀୟ ତଥା ପରିବେଶ ଉପଯୋଗୀ ବିଶ୍ୱ ଏକକାର ଜଳବାୟୁ ପରିବର୍ତ୍ତନକୁ ରୋକିବା ସହ ଗଚ୍ଛିତ ପ୍ରାକୃତିକ ସଂସାଧନ ଓ ଜୈବବିବିଧତା ସଂରକ୍ଷଣ କରିପାରିବ। ସମାବେଶୀ ମନୋଭାବ ଅର୍ଥାତ୍ ସବୁ ପ୍ରକାର ଲୋକ, ବିଚାର କିମ୍ବା ପ୍ରସଙ୍ଗକୁ ସମାନ ବା ଉଚିତ ମନେକରିବା ଦ୍ୱାରା ଆର୍ଥିକ ସୁଯୋଗ ଏବଂ ପ୍ରତ୍ୟେକଙ୍କ ପାଇଁ ସହଭାଗୀ ପ୍ରଗତି ସୃଷ୍ଟି ହେବ। ହେଲେ କେତେକେ ବିଶ୍ୱାସ କରୁଛନ୍ତି ଆର୍ଥିକ ଅଭିବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଲଢ଼େଇ ସମ୍ପୂର୍ଣ୍ଣ ଭିନ୍ନ ବା ବିପରୀତ ବିଷୟ । ଏହା ଠିକ୍ ନୁହେଁ। ଏକ ପରିବେଶ ଉପଯୋଗୀ , ସମାବେଶୀ ବିଶ୍ୱ ଗଠନ କରିବାକୁ ଠିକ୍ ଭାବେ ଉପଯୋଗ ହେଲା ଭଳି ଆର୍ଥିକ ସଂସାଧନ ସୃଷ୍ଟି କରିବା ଦରକାର।

ଆଗକୁ ଆହ୍ୱାନଗୁଡ଼ିକୁ ମୁକାବିଲା କରିବା ଲାଗି କେଉଁ ସୁଯୋଗ ରହିଛି ତାହା ଆକଳନ କରିବା ପାଇଁ ଦୁଇଟି ଅତି ଦରକାରୀ ତଥା ଗୁରୁତ୍ୱପୂର୍ଣ୍ଣ ସୂଚକାଙ୍କକୁ ନିରୀକ୍ଷଣ କରିଥିଲୁ। ପ୍ରଥମରେ ପରିବେଶ ସହନୀୟ ପଦକ୍ଷେପରେ ଦୃଶ୍ୟମାନ ପ୍ରଭେଦ ବା ଅନ୍ତର (ସଷ୍ଟେନେବିଲିଟି ଗ୍ୟାପ୍) ଉପରେ ଆମେ ଅନୁଧ୍ୟାନ କରିଥିଲୁ। ପ୍ରତ୍ୟେକ ଦେଶ ୨୦୫୦ ସୁଦ୍ଧା ଶୂନ ନିର୍ଗମନ ସ୍ତର ହାସଲ କରିବା ଲାଗି ଟେକ୍ନୋଲୋଜିରେ ଅତିରିକ୍ତ ନିବେଶ କରିବା ଦରକାର। ହେଲେ ଏଥିରେ ଭିନ୍ନତା ଦେଖାଯାଇଛି। ୨୦୩୦ ସୁଦ୍ଧା ବିଶ୍ୱ ତାପନକୁ ବିପଜ୍ଜନକ ସ୍ତରକୁ ନ ବଢାଇ କାର୍ବନ ନିର୍ଗମନ ହ୍ରାସ କରିବା ( କାର୍ବନ ବଜେଟ) ଧାରାକୁ ଦେଖିଲେ ଜଣାଯାଏ ଯେ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିବେଶ ଲାଗି ଆଉ କମ୍ ସମୟ ରହିଛି। ଏଣୁ ସବୁଜଗୃହ ବାଷ୍ପ ନିର୍ଗମନ ହ୍ରାସ କରି ଶୂନ ସ୍ତରକୁ ଆଣିବାକୁ ହେଲେ ଚଳିତ ଦଶନ୍ଧି ସୁଦ୍ଧା ନିର୍ଣ୍ଣାୟକ ପଦକ୍ଷେପ ନେବାକୁ ପଡ଼ିବ। ଅନ୍ୟ ଏକ ସୂଚକାଙ୍କ ହେଉଛି ସଶକ୍ତୀକରଣର ଅନ୍ତର କିମ୍ବା ଅସମାନତା( ଏମ୍ପାୱାରମେଣ୍ଟ ଗ୍ୟାପ୍)। ଖାଦ୍ୟ, ଶକ୍ତି ଭଳି ମୌଳିକ ଆବଶ୍ୟକତା ପୂରଣ କରିବା ଲାଗି ସମାନ ବ୍ୟୟ ସ୍ତର ଦରକାର। କିନ୍ତୁ ଏଥିରେ ମଧ୍ୟ ଅନ୍ତର ରହିଛି। ଆକଳନ ଅନୁଯାୟୀ, ଗରିବ ଦେଶଗୁଡ଼ିକରେ ମୌଳିକ ଆବଶ୍ୟକତା ପୂରଣ କରିବା ଲାଗି ଦୈନିକ ବ୍ୟୟ ପରିମାଣ ଦିନକୁ ୧୧ ଡଲାର ଥିବାବେଳେ ଧନୀ ଦେଶଗୁଡ଼ିକରେ ଏହା ୫୫ ଡଲାର । ଯଦି ବିଶ୍ୱରେ ପ୍ରତ୍ୟେକ ପରିବାର ୨୦୩୦ ସୁଦ୍ଧା ଓ ପ୍ରତ୍ୟେକ ବୟସ୍କ ୨୦୫୦ ସୁଦ୍ଧା ବ୍ୟୟର ଏହି ସ୍ତରରେ ପହଞ୍ଚିବେ ତେବେ ଦାରିଦ୍ର୍ୟରୁ ମୁକୁଳିବା ସହ ଆର୍ଥିକ ସୁରକ୍ଷା ଆସିବ। ଏ କ୍ଷେତ୍ରରେ ବି ଚଳିତ ଦଶନ୍ଧି ଶେଷ ହେବା ପୂର୍ବରୁ ବ୍ୟାପକ ପରିବର୍ତ୍ତନ ଆଣିବାକୁ ପଡ଼ିବ। ତେବେ ଉଭୟ ଲକ୍ଷ୍ୟରେ ପହଞ୍ଚିବା ଲାଗି ଆମକୁ ଆର୍ଥିକ ଅଭିବୃଦ୍ଧି ହିଁ ସାହାଯ୍ୟ କରିବ। ଫଳରେ ବିଶ୍ୱରେ ଗରିବ ପରିବାରଗୁଡ଼ିକୁ ମଧ୍ୟବିତ୍ତ ସ୍ତରକୁ ଆଣିବା ଲାଗି ସବୁ ସରକାର ଅଭିବୃଦ୍ଧିର କିଛି ଆୟ ବ୍ୟୟ କରିବା ସହ ସବୁଜ ଭିତ୍ତିଭୂମି ନିର୍ମାଣ କରିବାରେ ଏଥିରୁ କିଛି ଦେଇପାରିବେ।




ବି୨୦ ସମ୍ମିଳନୀରେ ଆମେ ଉପସ୍ଥାପନ କରିଥିବା ଗବେଷଣାଭିତ୍ତିକ ରିପୋର୍ଟ ଦର୍ଶାଏ ଯେ, ପରିବେଶ ସହନୀୟ ଏବଂ ସଶକ୍ତୀକରଣ କ୍ଷେତ୍ରରେ ଥିବା ଅସମାନତାକୁ କେବଳ ଅଭିବୃଦ୍ଧି ସମ୍ପୂର୍ଣ୍ଣ ଦୂର କରିପାରିବ ନାହିଁ। ଜାଣିବାକୁ ପାଇଲୁ ଯେ, ବିଭିନ୍ନ ଅଞ୍ଚଳ ଓ ଦେଶ ଯଦି ସେମାନଙ୍କ ଏକକାର ବ୍ୟୟ ସ୍ତର ବଜାୟ ରଖନ୍ତି, ତେବେ ୨୦୩୦ ସୁଦ୍ଧା ସେମାନଙ୍କ ମଧ୍ୟରୁ କେତେକ ସଶକ୍ତୀକରଣ କ୍ଷେତ୍ରରେ ଥିବା ଅଧାରୁ ଅଧିକ ଅସମାନତା ଦୂର କରିପାରିବେ। ହେଲେ କେହି ବି ସହନୀୟତା କ୍ଷେତ୍ରରେ ଏତିକି କରିବାକୁ ସକ୍ଷମ ହେବେ ନାହିଁ। ଉଦାହରଣ ସ୍ୱରୂପ, ଆମେରିକାରେ ସଶକ୍ତୀକରଣ ଅନ୍ତର ୫ ଟ୍ରିଲିୟନ ଡଲାର ଓ ସହନୀୟ ଅନ୍ତର ୫.୬ ଟ୍ରିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି। ଚଳିତ ଦଶନ୍ଧିରେ ବାକି ଥିବା ବର୍ଷଗୁଡ଼ିକରେ ଯଦି ଆମେରିକାର ଅର୍ଥ ବ୍ୟବସ୍ଥା ବାର୍ଷିକ ୨.୧% ହାରରେ ଅଭିବୃଦ୍ଧି ହାସଲ କରେ, ତେବେ ୨୦୩୦ ସୁଦ୍ଧା ଏହା ସଶକ୍ତୀକରଣ କ୍ଷେତ୍ରରେ ଥିବା ଅନ୍ତରକୁ ୩୬% ଦୂର କରିବା ସହ ପରିବେଶ ସହନୀୟତାରେ ଦୃଶ୍ୟମାନ ଅନ୍ତରକୁ ୭% କମ୍ କରିପାରିବ।

ଆକଳନ କରାଯାଇଛି ଯେ,ସାହାରା ମରୁଭୂମିର ଦକ୍ଷିଣରେ ଥିବା ଆଫ୍ରିକୀୟ ଦେଶଗୁଡ଼ିକରେ ସଶକ୍ତୀକରଣ ଅନ୍ତର ୧୦.୩ ଟ୍ରିଲିୟନ ଡଲାର ଓ ପରିବେଶ ସହନୀୟ ଅନ୍ତର ମୋଟରେ ୬୦୦ ବିଲିୟନ ଡଲାର ; ଯାହା ବହୁ ଅଧିକ। ତେବେ ଦର୍ଶାଯାଇଥିବା ଏକକାର ଅଭିବୃଦ୍ଧି ସେଠାରେ ସଶକ୍ତୀକରଣ ଅନ୍ତରକୁ ୬% ଓ ପରିବେଶ ସହନୀୟ ଅନ୍ତରକୁ ୨୫% କମାଇପାରିବ ବୋଲି ଆଶା। ପ୍ରକୃତରେ ଏହିସବୁ ଅନ୍ତର ହ୍ରାସ କରିବା ଲାଗି ଅତିରିକ୍ତ ପଦକ୍ଷେପ ନେଇ ଆର୍ଥିକ ଅଭିବୃଦ୍ଧିକୁ ଅଧିକ ବଢ଼ାଇବାକୁ ହେବ। କିଛି ଦେଶ ଏଭଳି ପଦକ୍ଷେପ ନେବା ଆରମ୍ଭ କରୁଛନ୍ତି। ସେମାନଙ୍କ ବ୍ୟବସାୟଭିତ୍ତିକ ନୂତନତ୍ୱ ଏକକାର ଅଭିବୃଦ୍ଧି ମଡେଲକୁ ନିଶ୍ଚିତ ଅଧିକ ସମାବେଶୀ ଓ ପରିବେଶ ସହନୀୟ କରିପାରିବ । ଏହାସହ ଜି୨୦ରେ ଥିବା ବୃହତ୍ କମ୍ପାନୀଗୁଡ଼ିକ ଗବେଷଣା ଓ ବିକାଶ କ୍ଷେତ୍ରରେ ବର୍ଷକୁ ୨ ଟ୍ରିଲିୟନ ଡଲାରରୁ ଅଧିକ ବ୍ୟୟ କରୁଛନ୍ତି ; ଯାହା ନୂଆ ଟେକ୍ନୋଲୋଜି ବିକାଶ କରିବାରେ ଏବଂ ସହ ସବୁଜ ଗୃହବାଷ୍ପ ନିର୍ଗମନ କମ୍ କରି ପରିବେଶ ଉପଯୋଗୀ ସ୍ଥିତି ଫେରାଇବାରେ ହେଉଥିବା ଖର୍ଚ୍ଚ କମ୍ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଯେତେବେଳେ ଏହିସବୁ ପଦକ୍ଷେପ କାର୍ଯ୍ୟକାରୀ କରାଯିବ ସେତେବେଳେ ସେଗୁଡ଼ିକ ପରିବେଶ ସହନୀୟତା ପାଇଁ ଆର୍ଥିକ ଅଭିବୃଦ୍ଧିକୁ ନୂଆ ଦିଗ ଦେଖାଇବ। ଏହା ମଧ୍ୟ ସବୁଜ ଉତ୍ପାଦ ପ୍ରତି ଉପଭୋକ୍ତାଙ୍କ ପସନ୍ଦ ବଢ଼ାଇବ, ଯାହା ଦୁଇ ତିନି ବର୍ଷରେ ବୈଦ୍ୟୁତିକ ଯାନ ଉତ୍ପାଦକମାନେ କରିପାରିଛନ୍ତି। ବ୍ୟବସାୟଭିତ୍ତିକ ନୂତନତ୍ୱ ବି କର୍ମଚାରୀମାନଙ୍କ ଆୟ ବୃଦ୍ଧି କରି ସଶକ୍ତୀକରଣ ଅନ୍ତର ଦୂର କରିପାରିବ। ସରକାର ଓ ସମାଜସେବାରେ କାର୍ଯ୍ୟରତ ସଂସ୍ଥା ସବୁ ମଧ୍ୟ ପରିବେଶ ସହନୀୟତା ଓ ସମାବେଶୀ ପଦକ୍ଷେପ ପାଇଁ ପ୍ରୋତ୍ସାହନ ଏବଂ ସାର୍ବଜନୀନ ସଂସାଧନଗୁଡ଼ିକୁ ସଞ୍ଚାଳନ କରିବାକୁ ସକ୍ଷମ ହେବେ। ଉଦାହରଣ ସ୍ୱରୂପ,ବିଭିନ୍ନ ଦେଶର ସରକାର ସହନୀୟ ପ୍ରୋଜେକ୍ଟଗୁଡ଼ିକ ପାଇଁ ଘରୋଇ ନିବେଶକୁ ଆମନ୍ତ୍ରଣ କରି ଅଧିକ ପୁଞ୍ଜି ଖଟାଇପାରିବେ । କମ୍ ନିର୍ଗମନ କରୁଥିବା ପ୍ରୋଜେକ୍ଟଗୁଡ଼ିକ ପାଇଁ କାର୍ବନ ଟ୍ୟାକ୍ସ ଏବଂ ସବ୍‌ସିଡି ବ୍ୟବସ୍ଥା ମଧ୍ୟ ନିବେଶକଙ୍କୁ ପରିବେଶ ସହନୀୟ ଅନ୍ତର ହ୍ରାସ କରିବାକୁ ପ୍ରେରିତ କରିବ। ଅନ୍ୟପକ୍ଷରେ ସରକାରଗୁଡ଼ିକ ଅଧିକ ପରିବାରକୁ ସଶକ୍ତୀକରଣ ସୀମା ଉପରକୁ ଉଠାଇବା ଲାଗି ଡାଇରେକ୍ଟ ଟ୍ରାନ୍ସଫର ପେମେଣ୍ଟ ଉପଯୋଗ କରିପାରିବେ।

ଦୁର୍ଭାଗ୍ୟବଶତଃ,ବିଶ୍ୱରେ ଏବେ ସଶକ୍ତୀକରଣ ଓ ପରିବେଶ ସହନୀୟତାରେ ଦୃଶ୍ୟମାନ ଅନ୍ତର ହଠାତ୍ ଦୂର କରାଯାଇ ପାରିବନାହିଁ। ସେଥିପାଇଁ ସମସ୍ତଙ୍କୁ ସମ୍ମିଳିତ ଭାବେ ପ୍ରେରିତ କରାଯିବା ଉଚିତ। କମ୍ପାନୀଗୁଡ଼ିକ ସବୁଆହ୍ୱାନକୁ ଗ୍ରହଣ କରି ନୂତନତ୍ୱ ଆଣିବା ଉଚିତ। ସେହିପରି ସରକାର ଓ ସମାଜ ସେବାରେ ବ୍ରତୀ ସଂସ୍ଥାଗୁଡ଼ିକ ମାର୍କେଟର ଅଭାବ ରହିଥିବା ଅଞ୍ଚଳଗୁଡ଼ିକ ଉପରେ ଧ୍ୟାନ ଦେବା ଆବଶ୍ୟକ। ଯଦି ବ୍ୟବସାୟ,ସାର୍ବଜନୀନ ଓ ସାମାଜିକ ସେକ୍ଟର ସବୁ ଏକାଠି କାମ କରନ୍ତି, ତେବେ ବିଶ୍ୱ ଜରୁରୀ ଭିତ୍ତିରେ ଆବଶ୍ୟକ କରୁଥିବା ଏକ ପରିବେଶ ସହନୀୟ ଏବଂ ସମାବେଶୀ ଅଭିବୃଦ୍ଧି ସୃଷ୍ଟି କରିପାରିବା।

## ରକ୍ଷକ ଯଦି ଭକ୍ଷକ ହୁଏ



ବିମଳ ପ୍ରସନ୍ନ ଦାସ

ଆଉ କେତୋଟି ଦିନ ପରେ ବର୍ଷ ୨୦୨୨ ବିଦାୟ ନେବ। ମାତ୍ର ସମୟର ବାଲୁକାରେ କେତେ ଘଟଣା, ଅଘଟଣ, ଦୁର୍ଘଟଣାର ଅଲିଭା ପଦଚିହ୍ନ ଛାଡ଼ିଯିବ। ସେଥି ମଧ୍ୟରୁ ଐତିହ୍ୟ ପ୍ରାଣୀ ଗଜରାଜ– ଯିଏ ଆମ ଶ୍ରୀଜଗନ୍ନାଥ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ, ତା’ ପାଇଁ ୨୦୨୨ ଅଭିଶାପର ବର୍ଷ। ଆହୁରି ଦୁଃଖଦ ଯେ ଆମେ ମଣିଷମାନେ ନିଜ ସଂସ୍କୃତିକୁ ତୁଚ୍ଛ କରି ଅର୍ଥ ଲୋଭରେ ଦନ୍ତାହାତୀକୁ ଖୋଜି ଖୋଜି ଶିକାର କରୁଛୁ। ଶିକାରୀମାନଙ୍କଠାରୁ ହାତୀକୁ କିଭଳି ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ସରକାରଙ୍କୁ ବୁଦ୍ଧିବାଟ ଦିଶୁ ନ ଥିବାବେଳେ ଖୋଦ୍ ବନ କର୍ମଚାରୀ (ରକ୍ଷକ) ଶିକାରୀଙ୍କ ସହଯୋଗୀ ହୋଇ (ଭକ୍ଷକ) ପାଲଟି ଯାଇଛନ୍ତି ; ଯାହା ଶିମିଳିପାଳ ହାତୀ ହତ୍ୟା ଘଟଣାରୁ ଅତି ସ୍ପଷ୍ଟ ଭାବେ ପ୍ରମାଣିତ ହୋଇଛି।

ଏହାକୁ ଅତି ସ୍ପର୍ଶକାତର ମନେକରି ହାଇକୋର୍ଟ ଗତ ୧୩।୧୨।୨୦୨୨ରେ ଜରୁରିକାଳୀନ ଶୁଣାଣି କରିଛନ୍ତି। ଓଡ଼ିଶାର ହାତୀଙ୍କ ପାଇଁ ବୋଧହୁଏ ଏହା ସବୁଠୁ ଖରାପ ବର୍ଷ ବୋଲି ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧର କହିଛନ୍ତି। ଏ ଯାବତ୍ ରାଜ୍ୟରେ ୬୧(ଏକଷଠି) ହାତୀଙ୍କ ଅକାଳ ମୃତ୍ୟୁ ହୋଇଥିବା ତାଙ୍କୁ ଆହତ କରିଛି।

ଶିମିଳିପାଳରେ ଦନ୍ତାହତୀକୁ ହତ୍ୟାକରି ତା’ର ଦାନ୍ତକାଟି ଓ ସେ ହାତୀକୁ ପୋଡ଼ି ପ୍ରମାଣ ନଷ୍ଟ କରିବା ପରି ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପ୍ରାଣୀପ୍ରେମୀ ଓ ପରିବେଶବିତ୍‌ମାନେ ଏ ସମ୍ପର୍କରେ କ୍ଷୋଭ ପ୍ରକାଶ କରିଛନ୍ତି। ହାଇକୋର୍ଟ ମଧ୍ୟ ଜଏଣ୍ଟ ଟାସ୍କ ଫୋର୍ସ କମିଟିର ମୁଖ୍ୟ ତଥା ପିସିସିଏଫ୍ (ବନ୍ୟପ୍ରାଣୀ)ଙ୍କୁ ଭର୍ତ୍ସନା କରିଛନ୍ତି, ୩(ତିନିଜଣ) ବନ କର୍ମଚାରୀଙ୍କୁ ନିଲମ୍ବିତ କରି ବନବିଭାଗ ଦାୟିତ୍ୱ ସାରି ଦେଇଥିବାବେଳେ ସେମାନଙ୍କ ବିରୋଧରେ କାହିଁକି ମାମଲା ରୁଜୁ ହୋଇନାହିଁ ବୋଲି ମାନ୍ୟବର ହାଇକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ଆସନ୍ତା ୨୨।୦୧।୨୦୨୩ରେ ଶୁଣାଣି ହେବ।

ଅନ୍ୟପକ୍ଷରେ ହାଇକୋର୍ଟଙ୍କ ଆଦେଶ ପରେ ଏସବୁ ମାମଲା ନୂଆମୋଡ଼ ନେବାର ସମ୍ଭାବନା ରହିଛି। ଜେଟିଏଫ୍ ମୁଖ୍ୟ ତଥା ପିସିସିଏଫ୍ (ବନ୍ୟପ୍ରାଣୀ) ହାଇକୋର୍ଟଙ୍କ ଆଗରେ ଉତ୍ତର ରଖିଲେ ଓ ମାନବସମ୍ବଳ ତଥା ଟେକ୍ନୋଲୋଜି ଅଭାବ ଆଦି ସମ୍ପର୍କରେ ଦର୍ଶାଇଲେ। ଏ ନେଇ ବ୍ୟବସ୍ଥା କରିବା ଦିଗରେ ରାଜ୍ୟ ସରକାରଙ୍କୁ ଜଣାଇ ଭିତ୍ତିଭୂମି ସୁଦୃଢ଼ କରିବାକୁ ହାଇକୋର୍ଟ କହିବା ସହ ହାତୀମୃତ୍ୟୁ ରୋକିବା ସୁନିଶ୍ଚିତ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଲେ। ପିସିସିଏଫ୍ ସ୍ୱୀକାର କଲେ ଯେ ବନକର୍ମଚାରୀମାନେ ମୃତହାତୀଙ୍କୁ ପୋଡ଼ି ପାଉଁଶ ନାଳରେ ଭସାଇ ଦେଇଛନ୍ତି। ନିଲମ୍ବିତ ତିନିଜଣ ବନକର୍ମଚାରୀଙ୍କ ବିରୋଧରେ ମାମଲା ମଧ୍ୟ ରୁଜୁ କରାଯିବ।

ମାନ୍ୟବର ହାଇକୋର୍ଟଙ୍କ ଆଦେଶ ପରେ କେତେକ ଚର୍ଚ୍ଚିତ ମାମଲାରେ ନୂଆମୋଡ଼ ନେବାର ସମ୍ଭାବନା ଦେଖାଦେଇଛି। ନରସିଂହପୁର ୱେଷ୍ଟ ରେଞ୍ଜର ବାରାସିଂଘା ବିଟ୍‌ରେ ହାତୀକୁ ଜେସିବି ଲଗେଇ ମାଟି ଖୋଳି ପୋତିବା ଅପରାଧରେ ତତ୍କାଳୀନ ରେଞ୍ଜର, ଫରେଷ୍ଟର ଓ ଫରେଷ୍ଟ ଗାର୍ଡକୁ କେବଳ ନିଲମ୍ବନ କରାଯାଇଥିଲା। ବର୍ତ୍ତମାନ ସେ ୩ଜଣ ଗିରଫ ହେବେ ଯଦି ହାଇକୋର୍ଟଙ୍କ ଆଦେଶ ଠିକ୍ ଭାବରେ ପାଳନ ହୁଏ, କାରଣ ସେମାନେ ସରକାରୀ କର୍ମଚାରୀ ହୋଇ ମଧ୍ୟ ଏକ ଅପରାଧକୁ ଲୁଚାଇବାକୁ ଯାଇ ପ୍ରମାଣ ନଷ୍ଟ କରିଥିଲେ। ଅନୁରୂପ ଭାବରେ ସମ୍ବଲପୁର ଡିଭିଜନରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଯାଇ ଦୁଇ ଦୁଇଟି ହାତୀକଙ୍କାଳ ପୋଡ଼ା ଯାଇଥିବା ପର୍ଦ୍ଦାଫାଶ କରିଥିଲା। ମାତ୍ର ଛଅମାସ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ କରାଯାଇନାହିଁ।ହାଇକୋର୍ଟଙ୍କରାୟପରେଏଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ।

ସ୍ଥାନୀୟ ଡିଏଫ୍‌ଓଙ୍କୁ ବାଦଦେଇ ଏକ ନିରପେକ୍ଷ ତଦନ୍ତକାରୀ ସଂସ୍ଥା ଦ୍ୱାରା ତଦନ୍ତ କରାଇବା ପାଇଁ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଦାବି କରୁଛନ୍ତି। କେବଳ ନିଲମ୍ବନ ଏପରି ଅପରାଧକୁ ନିଷେଧ କରିପାରିବ ନାହିଁ। କିଛିଦିନ ପରେ ନିଲମ୍ବିତ କର୍ମଚାରୀମାନେ ଚାକିରିକୁ ଫେରିବେ ଓ ପୁଣି ଏ ପ୍ରକାର ଅପରାଧ ଅବାଧରେ ଚାଲିବ। ଏ ସମ୍ପର୍କରେ ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ମାନ୍ୟବର ହାଇକୋର୍ଟଙ୍କ ରାୟ ସାରା ରାଜ୍ୟ ପାଇଁ ପ୍ରଯୁଜ୍ୟ ହୋଇଥିବାରୁ ସମ୍ବଲପୁର ଡିଏଫ୍‌ଓଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଉ। ପୂର୍ବତନ ପିସିସିଏଫ୍ ଡ. ବିଜୟ କେତନ ପଟ୍ଟନାୟକଙ୍କ ପରାମର୍ଶ ‘ହାତୀ ପାଇଁ ହାତଟିଏ’ ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ। ଗଜରାଜ ବଞ୍ଚି ରହୁ ଓ ଶିକାରୀ ରୂପୀ କୁମ୍ଭୀରମାନଙ୍କର ତୁରନ୍ତ ବିଚାର ହେଉ– ଏତିକି ନୂଆବର୍ଷରେ ପ୍ରାର୍ଥନା।

ମୋ :୯୪୩୮୧୮୬୨୨୬

## ଏଇ ଭାରତରେ

ଦେଶୀ ଧାନ ଚାଷକୁ ବଞ୍ଚାଇ ରଖିବା ପାଇଁ କେରଳର ଚେରୁଭାୟାଲ ରମନଙ୍କ ପ୍ରୟାସ ପ୍ରଶଂସନୀୟ। ରମନଙ୍କ ବୟସ ଏବେ ୭୨। ପରିଣତ ବୟସରେ ବି ସେ ଧାନ ଚାଷରେ ପୂରା ସକ୍ରିୟ। ଦୀର୍ଘ ୨୦ ବର୍ଷ ସେ ଦେଶୀ ଧାନ ଚାଷରେ କଟାଇ ସାରିଲେଣି ଓ ଏହି ସମୟ ମଧ୍ୟରେ ୫୪ କିସମର ଧାନ ବିହନ ସଂରକ୍ଷଣ କରିବାରେ ସକ୍ଷମ ହୋଇପାରିଛନ୍ତି। ୱାୟନାଡାରେ କୁରୁଚିୟା ଆଦାବାସୀ ସମ୍ପ୍ରଦାୟର ରମନ ୨୦୦୦ରେ ପ୍ରଥମେ ଦେଢ଼ ଏକର ଜମିରେ ଦେଶୀ ଧାନ ଚାଷ କରିବା ଆରମ୍ଭ କରିଥିଲେ। ଏବେ ସେ ୪୦ ଏକର ଜମିରେ ଧାନ ଚାଷ କରୁଛନ୍ତି। ବଡ଼ କଥା ହେଉଛି, ସେ ବିଭିନ୍ନ କିସମର ବାସନା ଦେଶୀ ଧାନ ବିହନ ସଂରକ୍ଷଣ କରିପାରିଛନ୍ତି। ସବୁ ବିହନକୁ ସେ ତାଙ୍କ ୧୫୦ ବର୍ଷର ପୁରୁଣା ପୈତୃକ ମାଟିଘରେ ସାଇତି ରଖୁଛନ୍ତି। ରମନ ଏହି ଧାନ ବିହନକୁ ବିକ୍ରି ନ କରି ଚାଷୀମାନଙ୍କୁ ଏକ ସର୍ତ୍ତରେ ଉଧାର ଦେଉଛନ୍ତି। ଯେଉଁମାନେ ତାଙ୍କଠାରୁ ଧାନ ବିହନ ନେଉଛନ୍ତି ସେମାନେ ଅମଳ ପରେ ସେହି ପରମାଣର ଧାନ ବିହନ ରମନଙ୍କୁ ଫେରାଉଛନ୍ତି। ରମନଙ୍କ ଦେଶୀ ଧାନ ଚାଷ ଦେଖିବା ଲାଗି ଦେଶ ବିଦେଶରୁ ବହୁ ଲୋକ ତାଙ୍କ କ୍ଷେତକୁ ଆସୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଡିସେମ୍ବର ୧୯୯୭

- ଉତ୍ତର-ପୂର୍ବ ଚୀନର ଲିଆଓନିଙ୍ଗ ପ୍ରଦେଶରେ ନରହତ୍ୟା, ସଶସ୍ତ୍ର ଲୁଟ ଓ ରାହାଜାନୀ ଆଦି ଅପରାଧରେ ଜଡ଼ିତ ଥିବା ୨୯ ଜଣଙ୍କୁ ଫାଶୀ।
- ଦଳର ନେତା, କର୍ମୀ ଏବଂ ସମର୍ଥକମାନଙ୍କର ଆବେଦନକୁ ଅନୁଧ୍ୟାନ କରି କଂଗ୍ରେସ ଦଳର ସାଙ୍ଗଠନିକ ବ୍ୟାପାରରେ ସକ୍ରିୟ ଭୂମିକା ଗ୍ରହଣ କରିବା ନେଇ ସୋନିଆ ଗାନ୍ଧୀଙ୍କ ଘୋଷଣା।
- ଆନ୍ଧ୍ରପ୍ରଦେଶର କୁର୍ଣ୍ଣୁଲ ଜିଲା ଅନ୍ତର୍ଗତ ପାଛିକୋଣ୍ଡା ନିକଟରେ ଶାସକ ତେଲୁଗୁ ଦେଶମ ପାର୍ଟିର କର୍ମୀଙ୍କ ସଶସ୍ତ୍ର ଆକ୍ରମଣରେ ୫ କଂଗ୍ରେସ କର୍ମୀ ନିହତ।

# ଜମି ମାଲିକାନା କୃଷକ ହାତକୁ ଯାଉ



ଶେଖ୍ ଫରିଦ୍‌ଉଦ୍ଦିନ୍

ଓଡ଼ିଶାରେ ପ୍ରାୟ ୭୫ ପ୍ରତିଶତ ଅଧିବାସୀ ଗ୍ରାମାଞ୍ଚଳରେ ବାସ କରନ୍ତି। ସେଥିମଧ୍ୟରୁ ୬୫ ପ୍ରତିଶତ କେବଳ କୃଷିଜୀବୀ। ଗ୍ରାମାଞ୍ଚଳରେ ଅଧିକାଂଶ ଗରିବଙ୍କ ମଧ୍ୟରୁ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି ୩୧ ପ୍ରତିଶତ । ସୁଖର କଥା, କୃଷିର ବିକାଶ ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। କୃଷି ବିଭାଗ ପକ୍ଷରୁ କୁହାଯାଇଛି ଯେ କୃଷି ଉତ୍ପାଦନ ଦୁଇଗୁଣ ବୃଦ୍ଧି ହୋଇଛି ଏବଂ ଓଡ଼ିଶା ଏ ଦିଗରେ ପ୍ରଥମ। ଜଳସେଚନ ସୁବିଧା ମଧ୍ୟ ଗତ ୩-୪ ବର୍ଷ ମଧ୍ୟରେ ବୃଦ୍ଧି ପାଇଛି ଏବଂ ଆସନ୍ତା ୩ ବର୍ଷ ମଧ୍ୟରେ ଅଧିକ ୬ ଲକ୍ଷ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଦିଆଯିବ। ରେଙ୍ଗାଲି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଦୀର୍ଘଦିନର ଆଶା ପୂର୍ଣ୍ଣ ହେବ । ଆସନ୍ତା ବର୍ଷଠାରୁ ଏଥିରୁ ୪୦ ହଜାର ହେକ୍ଟର ଜମି ଜଳସେଚିତ ହେବ। ଏ ସବୁରୁ ସୂଚନା ମିଳୁଛି ଯେ, ଗ୍ରାମାଞ୍ଚଳର ଦାରିଦ୍ର୍ୟ ହ୍ରାସ ପାଉଛି । କିନ୍ତୁ ଅସଲ କଥା ହେଉଛି ରାଜ୍ୟରେ କୃଷିର ବିକାଶ ଅନ୍ୟ ରାଜ୍ୟଗୁଡ଼ିକ ସହିତ ସମକକ୍ଷ ନ ହେବାର କାରଣ ହେଉଛି, ରାଜ୍ୟରେ ୮୫ ଭାଗ ନାମକୁମାତ୍ର ଚାଷୀ ଅଛନ୍ତି ,ଯେଉଁମାନେ ଜମିର ମାଲିକ ନୁହନ୍ତି। ସେମାନଙ୍କ ହାତରେ ଚାଷର ଦାୟିତ୍ୱ ରହୁଥିବାରୁ କୃଷି ବିକାଶ ନିମନ୍ତେ ନାମକୁମାତ୍ର ଚାଷୀମାନେ ଅଧିକ ଜମିକୁ ଜଳ ଯୋଗାଣ, ଉତ୍ତମ ବିହନ ପ୍ରୟୋଗ, ଅଧିକ ସାର ବିନିଯୋଗ ଓ କୀଟନାଶକ ବ୍ୟବହାର ପାଇଁ ସେମାନଙ୍କ ହାତରେ ଅର୍ଥ ନାହିଁ। ତେଣୁ ଏହି ନାମକୁମାତ୍ର ଚାଷୀମାନେ ସରକାରୀ ସୂତ୍ରରୁ ହେଉ ବା ବ୍ୟବସାୟୀ ସୂତ୍ରରୁ ଋଣ କରିବାକୁ ବାଧ ହୁଅନ୍ତି ଅଧିକ ଅମଳ କରିବା ପାଇଁ।

ଓଡ଼ିଶା ହେଉଛି ଏକମାତ୍ର ଖାଉଟି ରାଜ୍ୟ, ଯେଉଁଠାରେ ଅଧିକ ଲୋକ ରାଜ୍ୟ ବାହାରୁ ଆସୁଥିବା ସାମଗ୍ରୀ ଉପରେ ନିର୍ଭର କରନ୍ତି। ଧାନ, ମକା, କିଛି ପରିବା, ଦୁଗ୍ଧ, କିଛି ଫଳମୂଳକୁ ବାଦ୍ ଦେଇ ଆଉସବୁ ଜିନିଷ ବାହାର ରାଜ୍ୟରୁ ଓଡ଼ିଶାକୁ ଆସିଥାଏ। ଓଡ଼ିଶାର କୃଷକମାନଙ୍କ ମଧ୍ୟରେ ୮୫ ଭାଗ ଲୋକ ନାମକୁମାତ୍ର ଚାଷୀ ହେଉଥିବାରୁ କୃଷି ଉତ୍ପାଦନ ସେମାନଙ୍କର ଆର୍ଥିକ ଅବସ୍ଥା ଓ ଜଳ, ସାର, ଉତ୍ତମ ବୀଜ ଇତ୍ୟାଦିର ପ୍ରୟୋଗ ଉପରେ ନିର୍ଭର କରେ। ଏହି ନାମକୁମାତ୍ର ଚାଷୀମାନଙ୍କ ହାତରେ ଅର୍ଥ ନାହିଁ, ଯଦ୍ୱାରା ସେମାନେ କୃଷି ଅଧିକ ଉତ୍ପାଦନକ୍ଷମ କରିବା ପାଇଁ ଋଣ ଆଣି ତାହାର ସଦୁପଯୋଗ କରିବେ। ଯେଉଁ କେତେକ କୃଷକ ଋଣ ପରିଶୋଧ କରି ନ ପାରି ଆତ୍ମହତ୍ୟା କରୁଛନ୍ତି ସେମାନଙ୍କ ପରିବାରର ଆବଶ୍ୟକତା ଧାନ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରିକରି ପରିଶୋଧ କରିବା ସମ୍ଭବ ହେଉନାହିଁ। ବନ୍ୟା, ବାତ୍ୟା, ମରୁଡ଼ି ଯୋଗୁ ଫସଲ ନଷ୍ଟ ହେଉଛି। ଏହାର ସ୍ଥାୟୀ ପ୍ରତିକାର ହେଉନାହିଁ। ଫଳ, ପରିବା, ମାଛ, ଅଣ୍ଡା, କୁକୁଡ଼ା ଓ ଅନ୍ୟାନ୍ୟ ଘରକରଣା ସାମଗ୍ରୀ, ଲୁଗା, ଲୁଙ୍ଗି, ଗାମୁଛା ଇତ୍ୟାଦି ପ୍ରାୟ ଜିନିଷ ଓଡ଼ିଶାବାସୀଙ୍କୁ କ୍ରୟ କରିବାକୁ ପଡ଼ିଥାଏ। ଫଳରେ ଧାନ, ମକା ଆଉ ଅନ୍ୟାନ୍ୟ କିଛି ସାମଗ୍ରୀ ବିକ୍ରିକରି ସେମାନେ ଯାହା ଉପାର୍ଜନ କରନ୍ତି ବାହାରୁ ଆସୁଥିବା ସାମଗ୍ରୀ କ୍ରୟ କରିବା ଦ୍ୱାରା ହାତରେ ଅର୍ଥ ରହେନାହିଁ। ଗତ କେତେବର୍ଷ ଧରି ଚାଷୀମାନଙ୍କର ଆୟ ବଢୁଥିବାରୁ ଆତ୍ମହତ୍ୟା କରୁଥିବା ଚାଷୀଙ୍କ ସଂଖ୍ୟା କମିଛି ଏବଂ ତା’ ସହିତ ଚାଷୀମାନଙ୍କର ସମସ୍ୟା ମଧ୍ୟ କେତେକାଂଶରେ ସମାଧାନ ହେବା କଥା। କିନ୍ତୁ ମୂଳକଥା ହେଉଛି, ଓଡ଼ିଶାର ୮୫ ପ୍ରତିଶତ ଚାଷୀ ଯଦି ନାମକୁମାତ୍ର ଚାଷ ଉପରେ ନିର୍ଭର କରୁଥିବାରୁ କୃଷି ଉତ୍ପାଦନ ବୃଦ୍ଧି ହେବା ସତ୍ତ୍ୱେ ମୂଳ ସମସ୍ୟାର ସମାଧାନ ହୋଇପାରୁନାହିଁ।

ମୂଳ ପ୍ରସଙ୍ଗ ହେଉଛି, ଭାଗଚାଷୀଙ୍କ ସଂଖ୍ୟା ବଢୁଥିବାରୁ ଏବଂ ପ୍ରକୃତ ଚାଷୀଙ୍କ ହାତରେ ଜମି ନ ଥିବାରୁ ଜମିରୁ ଅଧିକ ଫସଲ ଉତ୍ତାରିବା ପାଇଁ ଋଣକରି ଜଳ, ବିହନ, ସାର କ୍ରୟ କରିବା ପାଇଁ ସେ ସାହସ କରିପାରୁନାହିଁ। କାରଣ ଓଡ଼ିଶାରେ ବନ୍ୟା, ମରୁଡ଼ି, ବାତ୍ୟା ଗୋଟିଏ ପରେ ଗୋଟିଏ ଲାଗିରହିଥାଏ। ଏଥିରୁ ବୁଝିବାକୁ ହେବ ଯେ, ଭାଗଚାଷ ପ୍ରଥାର ସଂସ୍କାର ଜରୁରୀ ଏବଂ ଚାଷୀ ଯେପର୍ଯ୍ୟନ୍ତ ଜମିର ମାଲିକ ହୋଇନାହିଁ, ସେପର୍ଯ୍ୟନ୍ତ ସେ ଚାଷ ପାଇଁ ସବୁ ସମ୍ବଳ ଖର୍ଚ୍ଚ କରିପାରିବ ନାହିଁ। ଗତ ଦଶବର୍ଷ ମଧ୍ୟରେ ଯଦି ଆମ୍ବ, ସପେଟା, ଲିଚୁ, ଅମୃତଭଣ୍ଡା ଇତ୍ୟାଦି ଉତ୍ପାଦନ ଆଶାନୁରୂପ ବଢ଼ିଥାଏ ଏବଂ ସେହିପରି ମାଛ, କୁକୁଡ଼ା, ଅଣ୍ଡା ଇତ୍ୟାଦିର ଆମଦାନୀ କିଛି ପରିମାଣରେ କମିଥାଏ ତେବେ ଚାଷୀକୁ ତା’ ସମସ୍ୟା ପାଇଁ ଦୋଷ ଦେଇହେବନାହିଁ। କାରଣ ତା’ ପାଖରେ ଅର୍ଥ ନାହିଁ କି ସେ ଜମିର ମାଲିକ ନୁହେଁ। ଗତ ୨-୩ ବର୍ଷ ଧରି ଚାଷୀମାନଙ୍କୁ ସ୍ୱାସ୍ଥ୍ୟବୀମା ଯୋଗାଇ ଦିଆଯାଉଛି ଏବଂ ଏହା ଏକ ସକାରାତ୍ମକ ପଦକ୍ଷେପ। କିନ୍ତୁ ପ୍ରାକୃତିକ ବିପତ୍ତିରୁ ଚାଷୀକୁ ଯେଉଁସବୁ ସମସ୍ୟାକୁ ସାମ୍ନା କରିବାକୁ ପଡୁଛି ସେ ବିଷୟରେ ସମାଧାନର ଶକ୍ତି ତା’ ହାତରେ ନାହିଁ। ବଳକା ଫଳମୂଳ ସାଇତି ରଖିବା ପାଇଁ ଶୀତଳଭଣ୍ଡାରର ଅଭାବ ରହିଛି। ଫଳ ପ୍ରକ୍ରିୟାକରଣ ମଧ୍ୟ ସହଜ ହେଉନାହିଁ। ଜଳସେଚନର ସୁବ୍ୟବସ୍ଥା, ଉତ୍ତମ ବିହନ, କୀଟନାଶକ ଓ ସାର ଉପଯୋଗ ପାଇଁ ତା’ ହାତରେ ଯଦି କିଛି ପାଣ୍ଠି ନ ରହେ ତେବେ କୃଷି ସହିତ ଆନୁଷଙ୍ଗିକ ଧନ୍ଦାଗୁଡ଼ିକର ବିକାଶ କରିବା ସମ୍ଭବ ହେବନାହିଁ। ତାହା ନ ହେଲା ପର୍ଯ୍ୟନ୍ତ ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ଦୂର କରିବା ସମ୍ଭବ ହୋଇପାରିବ ନାହିଁ। ।



ଦୂରସଞ୍ଚାର ଭବନ, ଲିଙ୍କରୋଡ୍, କଟକ,
ମୋ:୯୪୩୭୦୦୪୮୮୮

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | 8 | | | |
| | | | 6 | | | | 1 | |
| | 2 | 7 | | | 5 | | | 8 |
| | | | | | 9 | | 6 | 5 |
| | 3 | | | | | | | 2 |
| 2 | 4 | | | 5 | 1 | | | |
| 3 | | | | 4 | | 5 | | |
| | | | | | | | | 1 |
| | | | | | | 9 | 7 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 8 | 4 | 1 | 9 | 2 | 7 | 6 |
| 4 | 1 | 6 | 2 | 5 | 7 | 3 | 9 | 8 |
| 9 | 2 | 7 | 3 | 6 | 8 | 4 | 5 | 1 |
| 6 | 9 | 3 | 1 | 4 | 5 | 8 | 2 | 7 |
| 2 | 4 | 5 | 8 | 7 | 6 | 1 | 3 | 9 |
| 8 | 7 | 1 | 9 | 3 | 2 | 6 | 4 | 5 |
| 5 | 6 | 2 | 7 | 8 | 4 | 9 | 1 | 3 |
| 1 | 8 | 9 | 5 | 2 | 3 | 7 | 6 | 4 |
| 7 | 3 | 4 | 6 | 9 | 1 | 5 | 8 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାଜସ୍ୱ ବ୍ୟୟ ହ୍ରାସ କରାଯାଉ

ମହାଶୟ,

ବର୍ତ୍ତମାନ ଓଡ଼ିଶା ସରକାରଙ୍କ ବାର୍ଷିକ ବଜେଟ ୨ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ। ଏଥିରେ ରାଜସ୍ୱ ଆୟର ପରିମାଣ ହେଉଛି ପ୍ରାୟ ୧ ଲକ୍ଷ ୬୫ ହଜାର କୋଟି ଟଙ୍କା। ହେଲେ ଏଥିରୁ ପ୍ରାୟ ୧ ଲକ୍ଷ ୪୬ ହଜାର କୋଟି ଟଙ୍କା ‘ରାଜସ୍ୱ ବ୍ୟୟ’ ବାବଦକୁ ଖର୍ଚ୍ଚ ହୋଇଯାଉଛି। ରାଜ୍ୟର ପ୍ରାୟ ୪ ଲକ୍ଷ ସରକାରୀ କର୍ମଚାରୀଙ୍କ ବାର୍ଷିକ ବେତନ ବାବଦକୁ ଅନ୍ୟୂନ ୩୫ ହଜାର କୋଟି ଟଙ୍କା, ୩ ଲକ୍ଷ ୫୦ ହଜାର ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ ବାବଦକୁ ୧୯ ହଜାର କୋଟି ଟଙ୍କା, ସରକାରଙ୍କ ଋଣର ସୁଧ ବାବଦକୁ ୯ ହଜାର କୋଟି ଟଙ୍କା ଓ ବିଭିନ୍ନ ପ୍ରକାର ସବସିଡି ବାବଦକୁ ପ୍ରାୟ ୮୩ ହଜାର କୋଟି ଟଙ୍କା ବ୍ୟୟ କରାଯାଉଛି। ଯେହେତୁ ଯୋଜନା ବ୍ୟୟର ପରିମାଣ ପ୍ରାୟ ୫୦ ହଜାର କୋଟି ଟଙ୍କା ମଧ୍ୟରେ ସୀମିତ ରହୁଛି ; ସେଥିପାଇଁ ଆମ ରାଜ୍ୟର ଭିତ୍ତିଭୂମିର ବିକାଶ ହୋଇପାରୁନାହିଁ। ଧନୀଦରିଦ୍ର ନିର୍ବିଶେଷରେ ବିଭିନ୍ନ କ୍ଷେତ୍ରରେ ଲୋକଙ୍କୁ ଅନେକ ହଜାର କୋଟି ଟଙ୍କାର ସବ୍‌ସିଡି ଦିଆଯାଉଛି। ଅଣଚାଷୀଙ୍କୁ ଲକ୍ଷ ଲକ୍ଷ ଟଙ୍କାର ସୁଧମୁକ୍ତ ଋଣ ଦିଆଯାଉଛି। ମାଗଣା ଚାଉଳ ଓ ଗହମ ପାଇଁ ସବ୍‌ସିଡି ଦିଆଯାଉଛି ; ଧନୀ ଲୋକେ ଏସବୁକୁ ବଜାରରେ ବିକ୍ରି କରିଦେଉଛନ୍ତି। ଅଧିକାଂଶ ମହିଳା ଏସ୍‌ଏଚ୍ ଜି ୫ ଲକ୍ଷ ଟଙ୍କାର ସୁଧମୁକ୍ତ ଋଣ ନେଇ ଗାଁଗହଳିରେ ସୁଧକୁ ଲଗାଉଛନ୍ତି। ଓଡ଼ିଶା ସରକାର ନିରବଚ୍ଛିନ୍ନ ଭାବେ କ୍ଷମତାରେ ରହିବା ପାଇଁ ଅନାବଶ୍ୟକ ଯୋଜନାମାନ ପ୍ରଣୟନ କରି ସେହି ବାବଦକୁ ହଜାର ହଜାର କୋଟି ଟଙ୍କା ଉଡ଼ାଇଦେଉଛନ୍ତି। ଏଥିପାଇଁ ରାଜ୍ୟର ମୁଣ୍ଡ ପିଛା ଋଣ ଭାର ପ୍ରାୟ ୩୫ ହଜାର ଟଙ୍କା ହେଲାଣି। ଓଡ଼ିଶାର ଗରିବ ଜନସାଧାରଣଙ୍କ କଲ୍ୟାଣ ଓ ରାଜ୍ୟର ଭିତ୍ତିଭୂମି ବିକାଶକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ଅନାବଶ୍ୟକ ରାଜସ୍ୱ ବ୍ୟୟ ବନ୍ଦ କରିବା ଉଚିତ।

–ରାଇଚରଣ ବିଶ୍ୱାଳ,ସାମନ୍ତରାୟପୁର, ପିରହାଟ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦୁଇ ବିଦେଶରେ କେତେ ପ୍ରଣୟିନୀ
ମୋହ ବିରହରେ କଲେଣି ଦୟିନି
ମୋହ ବିରହରେ କେତେ ନିଃଶ୍ୱାସ
ମିଶିଛି ଆଜି ଆକାଶେ।
–(ବିଶ୍ୱର ଆହ୍ୱାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ବର୍ଷା


@ ସ୍ମୃତି


@ ନୃସିଂହ


@ ବିଶ୍ୱନାଥ


@ ବିଦ୍ୟୁତରଞ୍ଜନ

# ତାରବାଡ଼ ପରିବର୍ତ୍ତେ କାଚଘରେ ରହିବେ ଜୀବଜନ୍ତୁ

**ନନ୍ଦନକାନନର ୬୩ତମ ପ୍ରତିଷ୍ଠା ଦିବସ**

- ଖୁବ୍‌ଶୀଘ୍ର ସରିବ ରୋପ୍‌ୱେ କାମ
- ଶିଶୁ ଉଦ୍ୟାନ, ମା'ଛେଉଣ୍ଡ ଜୀବଙ୍କ ଲାଳନପାଳନ କେନ୍ଦ୍ର, ଶଲ୍ୟ ଚିକିତ୍ସା ଗୃହ ଉଦ୍‌ଘାଟିତ

ବାରଙ୍ଗ,୨୯।୧୨(ଡି.ଏନ୍.ଏ.)

ନନ୍ଦନକାନନ ଏବେ ବିଶ୍ୱସ୍ତରୀୟ ଚିଡ଼ିଆଖାନା ଦୌଡ଼ରେ ଅଗ୍ରସର ହୋଇଛି। ଏହାର ବିକାଶ ଦିଗରେ ରାଜ୍ୟ ସରକାରଙ୍କ ଉଦ୍ୟମ ସବୁବେଳେ ରହିଛି। ତାରବାଡ଼ ବଦଳରେ ଏବେ କାଚଘରେ ଜୀବଜନ୍ତୁଙ୍କୁ ରଖିବାର ବ୍ୟବସ୍ଥା ହେଉଛି। ନନ୍ଦନକାନନ ପରିସୀମା ବୃଦ୍ଧି ସହ ଅଧିକ ୧୫୦୦ଏକର ପରିମିତ ଜାଗା ନନ୍ଦନକାନନ ସହ ମିଶିଛି। ରୋପ୍‌ୱେ କାର୍ଯ୍ୟ ଖୁବଶୀଘ୍ର ସରିବା ସହ ପର୍ଯ୍ୟଟକମାନେ ଏହାର ମଜା ଉଠାଇପାରିବେ ବୋଲି ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍ କହିଛନ୍ତି।


ଶିଶୁ ପର୍ଯ୍ୟଟକଙ୍କ ସହ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ ଅନ୍ୟ ଅତିଥିମାନେ।

ଗୁରୁବାର ନନ୍ଦନକାନନର ୬୩ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅମାତ୍ ଯୋଗଦେଇ ଏହା କହିଥିଲେ। ନନ୍ଦନକାନନ ଉପନିର୍ଦ୍ଦେଶକ ଡ.ସଞ୍ଜିତ୍ କୁମାର ଏଥିରେ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥିଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁଶୀଲ କୁମାର ପୋପଲି, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନବାହିନୀ) ଦେବୀରଥ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ନନ୍ଦନକାନନ ନିର୍ଦ୍ଦେଶକ ମନୋଜ ଭିନାୟାର ବାର୍ଷିକ ବିବରଣୀ ପାଠ କରିବା ସହ ଆଗାମୀ ଦିନରେ ନନ୍ଦନକାନନ ପକ୍ଷରୁ କରାଯାଇଥିବା ମାଷ୍ଟରପ୍ଲାନ ଆସନ୍ତା ଜାନୁୟାରୀରେ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ନିକଟରେ ପେଶ କରାଯିବ ବୋଲି କହିଥିଲେ। ଏଥିରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ ଭଳି ନୂତନ ଜ୍ଞାନକୌଶଳରେ ନୂଆରୂପରେଖରେ ଏନକ୍ଲୋଜର ନିର୍ମାଣ ସହ ନୂଆ ପଶୁପକ୍ଷୀ ଆଣିବାର ପ୍ରସ୍ତାବ ରହିଛି। ନନ୍ଦନକାନନର ବାର୍ଷିକ ପୁସ୍ତିକା, କ୍ୟାଲେଣ୍ଡର ଏବଂ ଅନ୍ୟ ଦୁଇଟି ପୁସ୍ତକ ଉନ୍ମୋଚନ କରାଯାଇଥିଲା। ପ୍ରାଣୀଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନରେ ବିଶେଷ ଅବଦାନ ଥିବା ଅକ୍ଷୟ କୁମାର ଦାସ, ଜ୍ୟୋତ୍ସ୍ନା ପାତ୍ର, ସୌମ୍ୟଜିତ୍ ଦାସ, ସନ୍ଦୀପ ସଚ୍ଚିଦାନନ୍ଦ ଦାସ, ବିରଞ୍ଚି ରାଉତ, ବିଶ୍ୱନାଥ ଗୌଡ଼ଙ୍କ ସମେତ ୧୪ଜଣ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ଶିଶୁ ଉଦ୍ୟାନ ଉଦ୍‌ଘାଟିତ ହୋଇଥିଲା। କର୍ଣ୍ଣାଟକର ମହୀଶୂର ଚିଡ଼ିଆଖାନାରୁ ଆସିଥିବା ୪ ମିରକାଟ ଏବଂ ୫ କଳା ହଂସଙ୍କୁ ପର୍ଯ୍ୟଟକ ଦେଖିବା ପାଇଁ ଛଡାଯାଇଥିଲା। ପ୍ରାଣୀ ଚିକିତ୍ସା କେନ୍ଦ୍ର ପରିସରରେ ନିର୍ମିତ ମା'ଛେଉଣ୍ଡ ଜୀବଙ୍କ ଲାଳନପାଳନ କେନ୍ଦ୍ର, ଶଲ୍ୟ ଚିକିତ୍ସା ଗୃହକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ମିରକାଟ ଏବଂ କଳା ହଂସଙ୍କୁ ଏନକ୍ଲୋଜରରେ ଛଡ଼ାଯାଇଛି। ଅବସରପ୍ରାପ୍ତ ଜଙ୍ଗଲ ଅଧିକାରୀ, ନନ୍ଦନକାନନର ରେଞ୍ଜ ଅଫିସର, ଜନପ୍ରତିନିଧି ଏବଂ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

**NOTICE UNDER ORDER 5 RULE 20 OF CPC**
**IN THE COURT OF THE DISTRICT JUDGE AT CUTTACK**
**T.R.P. CASE No.6 OF 2022**

**Amaresh Sarkar ................Petitioner**
**-Versus-**
**State of Orissa & others...Opp.parties**

4) Rameswarnath Suthoo, S/o-Late Pandit Shyam Sundarnath Suthoo resident of Darpan House Chandinichowk, P.S-Lalbag, P.O-Cuttack-2, Town / Dist - Cuttack.
5) Ashok Kumar Pandit, S/o-Late Motilal Pandit.
7) Annapurna @Arnapurna Chak, D/o-Late Motilal Pandit.
8) Anusaya Musharam, D/o-Late Motilal Pandit.

All are residents of Chandinichowk, P.S-Lalbag, P.O-Cuttack-2, Town/Dist-Cuttack.
Whereas an application, dated the 20th day of June 2022 has been made to this Court by the above said petitioner, in civil Suit No.9 of 2011 now pending in the Court of the Civil Judge Junior Division 1st Court, at Cuttack, in which the defendant No.3 is the petitioner and plaintiff and defendant No.1,2,4 to 8 are Opp. parties, for the transfer of the suit for trial to the Court of the 1st Addl. Civil Judge Senior Division, Cuttack at Cuttack. You are hereby informed that the 16th day January, 2023 has been fixed for the hearing of the application, when you will be heard if you desire to offer any objection to it.
Given under my hand and the seal of the Court, this 19th day of December, 2022.

**Sd/- District JUDGE**

## ରେଳଧାରଣାରୁ ମହିଳାଙ୍କ ମୃତଦେହ ମିଳିଲା

**ଭୁବନେଶ୍ୱର, ୨୯।୧୨ (ବ୍ୟୁରୋ):** ଲିଙ୍ଗରାଜ ଷ୍ଟେସନ ନିକଟସ୍ଥ ରେଳ ଧାରଣାରୁ ଗୁରୁବାର ରାତିରେ ଜଣେ ମହିଳାଙ୍କ ମୃତଦେହ ମିଳିଛି। ମୃତା ମହିଳା ଜଣକ ହେଲେ ଏୟାରପୋର୍ଟ ଥାନା ଅନ୍ତର୍ଗତ ଲେନ-୨ ଅଞ୍ଚଳରେ ରହୁଥିବା ଜୟସ୍ମିତା ମହରଣା (୩୦)। ଖବର ପାଇ ଜିଆର୍‌ପି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଏହାସହ ଷ୍ଟେଶନ ନିକଟରୁ ମହିଳାଙ୍କ ସ୍କୁଟିକୁ ଜବତ କରାଯାଇଛି। ହସ୍ପିଟାଲ ଶବ ବ୍ୟବଚ୍ଛେଦ ଗୃହରେ ମୃତଦେହକୁ ରଖାଯାଇଛି। ଶୁକ୍ରବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ। ଏହା ହତ୍ୟା ନା ଆତ୍ମହତ୍ୟା ତାହାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ମହିଳା ଜଣଙ୍କ ଅଫିସ୍‌କୁ ଯାଇ ଆଉ ଘରକୁ ଫେରି ନ ଥିଲେ ବୋଲି ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ସୂଚନାନୁସାରେ, ରାତି ପ୍ରାୟ ୯ଟା ୩୦ରେ ରେଳଧାରଣରେ ମହିଳାଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଷ୍ଟେସନ ମାଷ୍ଟରଙ୍କୁ ଖବର ଦେଇଥିଲେ। ଜିଆରପି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ତେବେ ପାରିପାର୍ଶ୍ୱିକ ସ୍ଥିତିରୁ ମହିଳା ଜଣକ ଟ୍ରେନ ଆଗକୁ ଡେଇଁ ପଡିବାରୁ ତାଙ୍କ ମୁଣ୍ଡ ଓ ମୁହଁରେ ଆଘାତ ଲାଗିବା ସହ ଡାହାଣ ହାତ ଛିଣ୍ଡି ପଡିଥିବା ଦେଖିବାକୁ ମିଳିଛି। ତେବେ ସେ କାହିଁକି ଏପରି କଲେ, ତାହାର କାରଣ ଖୋଜୁଛି ପୋଲିସ।

## ଜଳିଗଲା ବସ୍, ବର୍ତ୍ତିଲେ ଯାତ୍ରୀ

ଟାଙ୍ଗୀ (ଖୋର୍ଦ୍ଧା),୨୯।୧୨(ଡି.ଏନ୍.ଏ.): ନୟାଗଡ଼ ଜିଲା ଚାନ୍ଦପୁର ବଜାର ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ଯାତ୍ରୀବାହୀ ବସ୍‌ରେ ହଠାତ୍ ନିଆଁ ଲାଗିଯାଇଥିଲା। ଏହା ଦେଖି ଯାତ୍ରୀମାନେ ବସ୍‌ରୁ ଓଲ୍ହାଇ ପଡିଥିଲେ। ଫଳରେ ଏକ ବଡ଼ ଅଘଟଣରୁ ବର୍ତ୍ତି ଯାଇଥିଲେ। ସୂଚନା ମୁତାବକ, ବାଙ୍କେଶ୍ୱରୀ ବସ୍ ବ୍ରହ୍ମପୁରରୁ ଯାତ୍ରୀଙ୍କୁ ନେଇ ରଣପୁର ଅଭିମୁଖେ ଯାଉଥିବା ବେଳେ ହଠାତ୍ ଇଞ୍ଜିନରେ ନିଆଁ ଲାଗିଯାଇଥିଲା। ଡ୍ରାଇଭର ତୁରନ୍ତ ଗାଡ଼ିକୁ ରଖି ପାଣି ପକାଇବାରୁ ନିଆଁକୁ ଆୟତ୍ତ କରାଯାଇଥିଲା।



**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ଭଣ୍ଡାର ସାମଗ୍ରୀ ଯୋଗାଣ ପାଇଁ ଟେଣ୍ଡର ବିଜ୍ଞପ୍ତି**
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୪/୨୨/୫୪, ତାରିଖ: ୨୦-ଡିସେମ୍ବର-୨୦୨୨ ।
ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ଏକ ଇ-ପ୍ରଣାଳୀର କାର୍ଯ୍ୟାନ୍ୱୟନ କରିଛି। ଭାରତର ରାଷ୍ଟ୍ରପତିଙ୍କ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ, ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ନିମ୍ନଲିଖିତ ସାମଗ୍ରୀର ଯୋଗାଣ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ବିଜ୍ଞାପିତ ଟେଣ୍ଡରଗୁଡ଼ିକ ସଂକ୍ରାନ୍ତ କାରବାର କେବଳ ଇ-ସଂଗ୍ରହଣ ପ୍ରଣାଳୀ ମାଧ୍ୟମରେ କରାଯିବ। କୌଣସି ମାନୁଆଲ ଅଫରକୁ ପ୍ରଶ୍ରୟ ଦିଆଯିବ ନାହିଁ । ଟେଣ୍ଡରଗୁଡ଼ିକୁ ଲିଙ୍କ୍ www.ireps.gov.in ଅଧୀନରେ ଦେଖାଯାଇପାରିବ।

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ସମାପ୍ତି/ ଖୋଲାଯିବା ତାରିଖ | ପରିମାଣ |
|---|---|---|---|---|
| ୧ | ୦୮୨୨୨୦୩୧ଏ | ଗ୍ରେଡ୍ - ୬୮ର ହାଇଡ୍ରଲିକ୍ ଅଏଲ୍ | ୦୯।୦୧।୨୦୨୩ | ୪୫୪୫୦ ଲିଟର |
| ୨ | ୦୧୨୨୦୦୪୦ଏ | ଫୁଏଲ ପମ୍ପ ମୋଟର ୭୫ ଏଚ୍‌ପି | ୧୦।୦୧।୨୦୨୩ | ୩୧ ଗୋଟି |
| ୩ | ୦୬୨୨୫୦୨୨ଏ | ପ୍ରିଷ୍ଟ୍ରେସ୍‌ଡ ମୋନୋ ବ୍ଲକ୍ କଂକ୍ରିଟ୍ ଲାଇନ୍ ସ୍ଲିପର୍ସର ବିନିର୍ମାଣ ଏବଂ ଯୋଗାଣ (ଆର୍‌ଡି-୮୭୪୬) | ୧୭।୦୧।୨୦୨୩ | ୧୪୭୧୨୦୦ ଗୋଟି |

ଟେଣ୍ଡର ସମାପ୍ତି/ଖୋଲାଯିବାର ସମୟ: ୧୦.୩୦ ଘଟିକାରେ
ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି। ଶୁଦ୍ଧିପତ୍ର ଏବଂ ବିକ୍ରେତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୋଟିସ ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।
ଏଏମ୍‌ଏମ୍/।, ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ
CPR/10/384 ଏସ୍.ଇ.ସି. ରେଳପଥ, ବିଳାସପୁରଙ୍କ ପାଇଁ
ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ @secrail

**ଏ, ସି, ଡି, ଇ ଏବଂ ଏଫ୍ ବର୍ଗର ଷ୍ଟେଶନଗୁଡ଼ିକରେ ଜିଏମ୍ୟୁ ଏବଂ ଏସ୍‌ଏମ୍ୟୁର କ୍ୟାଟରିଂ ପାଇଁ ଇ-ନିଲାମ ବିଜ୍ଞପ୍ତି**
ଇ-ନିଲାମ ବିଜ୍ଞପ୍ତି ନଂ.: ସିଏଟିଜି-କେଜିପି-୨୨-୦୫ ତାରିଖ: ୨୭।୧୨।୨୦୨୨
ଭାରତର ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ନିଲାମ ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ:** ୦୫ (ପାଞ୍ଚ) ବର୍ଷ ଅବଧି ପାଇଁ ବିଭିନ୍ନ ଷ୍ଟେଶନଗୁଡ଼ିକଠାରେ କ୍ୟାଟରିଂ ୟୁନିଟ୍ [ଜେନେରାଲ ମାଇନର ୟୁନିଟ୍ (ଜିଏମ୍ୟୁ) ଏବଂ ସ୍ପେଶାଲ ମାଇନର ୟୁନିଟ୍ (ଏସ୍‌ଏମ୍ୟୁ)], ଯାହା https://www.ireps.gov.in/websiteରେ ଅଧିସୂଚିତ ହୋଇଛି । **ବର୍ଗ:** କ୍ୟାଟରିଂ । **କାଟାଲଗ୍ ନଂ.:** ସିଏଟିଜି-କେଜିପି-୨୨-୦୫ । **ନିଲାମ ତାରିଖ:** ୦୪।୦୧।୨୦୨୩ । **ନିଲାମ ଆରମ୍ଭ ସମୟ:** ୧୧.୦୦ ଘଟିକା । **ନିଲାମ ସମାପ୍ତିର ତାରିଖ ଓ ସମୟ:** ୦୪।୦୧।୨୦୨୩, ୧୨.୨୦ ଘଟିକା । ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ପାଇଁ ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।
**ସ୍ଥାନ:** ଖଡ଼ଗପୁର **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର,**
**ତାରିଖ:** ୨୭।୧୨।୨୦୨୨ **ଖଡ଼ଗପୁର**
ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ
(PR-961)

**GOVERNMENT OF ODISHA** No. B-1064
**e-Procurement Notice, Angul (R&B) Division**
**Bid Identification No. 28 of 2022-23**
**e-mail ID: angulrbdivision@yahoo.co.in**

1. Number of Works : 04 (Four) number of Road works
2. Approximate estimated cost : Varies from Rs.73.00 lakhs to 92.00 lakhs
3. Period of Completion : 06 (Six) Calendar months
4. Date & time of availability of bid document in the portal : Dt.09.01.2023 at 10.00 A.M.
5. Last date/time for receipt of bid in the portal : Dt.24.01.2023 upto 5.00 P.M.
6. Date of Opening Bid : Dt.25.01.2023 at 11.00 A.M.
7. Name and address of the Office Inviting Bid : Executive Engineer, Angul (R&B) Division, Angul
8. The bidders have to participate in ONLINE bidding only.

Further details can be seen from the e-procurement portal **https://tendersodisha.gov.in.**
**Sd./- Executive Engineer, Angul (R&B) Division**
**OIPR-34074/11/0015/2223**

No. O-1532
**GOVERNMENT OF ODISHA**
**OFFICE OF THE EXECUTIVE ENGINEER, R.W.S. & S. DIVISION, BHADRAK**
**E-mail: rwssdivisionbhadrak@gmail.com**
**"e" PROCUREMENT NOTICE**
**Bid Identification No. RWSS (BDK) - 25/2022-23**

1. Name of the work : Execution of 05 Nos. of different Balance work of RPWS scheme under Bhadrak/Bhandaripokhari/Tihidi Block
2. Total Number of work : 05 (Five) Nos. individual scheme
3. Estiamted Cost : Rs.93.63 to 195.50 lakhs
4. Class of Contractor : B Class
5. Period of Completion : 09 Months

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, RWSS Division, Bhadrak | RWSS (BDK): 25/2022-23 | 06.01.2023 (From 10.00 A.M.) | 20.01.2023 upto 11.00 A.M. |

Further details can be seen from the e-procurement portal **"www.tendersodisha.gov.in"**. Subsequent corrigendum if required shall be appeared in the website only.
**Executive Engineer**
**OIPR-25020/11/0012/2223** **R.W.S.&S. Division, Bhadrak**

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-4315 OSIC GST No. 21AAACO2101M1Z1
**TENDER CALL NOTICE**
**Tender Notice No.6035/RE/OSIC** **Dt.28.12.2022**
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 3 nos. of works i.e. **(i) "Supply, installation, testing and commissioning of P6 Out Door LED Panel at Champua NAC",(ii) "Supply and installation of integrated solar based drinking water projects with RO system under ITDA,Nabarangpur"(iii)"Supply & installation of one RO plant (hot and normal) having1000 Ltr. in the Dist. of Kendrapara".** Tender details can be downloaded from the OSIC website **www.osicltd.in** .Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website **www.osicltd.in** only. **Sd/-**
OIPR-14073/11/0132/2223 **GENERAL MANAGER(O)**

**OFFICE OF THE PRINCIPAL, UTKAL SANGEET MAHAVIDYALAYA, BHUBANESWAR**
**Lokaseva Bhawan Marg, Unit-IV, Bhubaneswar, Pin-751001**
**E-mail: principalusm@gmail.com, Website: www.usmbbsr.in**
**Phone No.0674-2500182**
**No.2531 / USM, Dated 28.12.2022**
**TENDER CALL NOTICE**
No.RR-52:- Sealed tenders are invited from the reputed and registered Event Management Firms having valid GSTIN Registration Certificate, GST Clearance Certificate during the last 3 months, PAN, MSME Registration Certificate, I.T Returns Computation Sheets during the last 3 financial years, work experiences in Govt. Sector with similar nature of the event (Work orders of Rs.10 lakhs or above in the last 3 years) for supply of necessary items and execution of different required works on the eve of celebration of Jaydev Samaroha - 2023 (USM Annual FEST.) by Utkal Sangeet Mahavidyalaya, BBSR, scheduled to be held from Dt.20.01.2023 to Dt.23.01.2023 at Utkal Mandap, BBSR. Interested firms are intimated to submit their tenders with containing Technical & Financial Bid along with required supporting enclosures in the name of the office address i.e. the Principal, Utkal Sangeet Mahavidyalaya, Lokaseva Bhawan Marg, Unit-IV, BBSR-751001 latest by Dt.10.01.2023 (5 P.M.) positively. The tenderers are advised to go through the USM official website i.e. www.usmbbsr.in or may come to this office any working days to know the detailed all terms and conditions of the tender.
**Sd./- PRINCIPAL**
OIPR-03011/11/0018/2223

**ନିୟନ୍ତ୍ରିତ ବଜାର କମିଟି, ଜଟଣୀ, ଖୋର୍ଦ୍ଧା, ଓଡ଼ିଶା**
**ରାଜ୍ୟ ସରକାରଙ୍କ ଦ୍ୱାରା ୨୦୨୨-୨୩ ବିପଣନ ବର୍ଷରେ ଖରିଫ ଧାନ ବିକ୍ରୟ ପାଇଁ ବିଶେଷ ସୂଚନା**
ଏତଦ୍ୱାରା ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ଉପଖଣ୍ଡ ଅନ୍ତର୍ଗତ ୪ ଗୋଟି ବ୍ଲକ୍ ଯଥା ଜଟଣୀ, ଭୁବନେଶ୍ୱର, ବାଲିପାଟଣା, ବାଲିଅନ୍ତା ବ୍ଲକର ସମସ୍ତ ଧାନଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ ଏବଂ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନଙ୍କ ନିଷ୍ପତ୍ତିକ୍ରମେ ଉପରୋକ୍ତ ସମସ୍ତ ବ୍ଲକର ବିବେଚିତ କୃଷି ସମବାୟ ସମିତି ଲିଃ ମାନଙ୍କରେ ଚଳିତ ଖରିଫ ୨୦୨୨-୨୩ ବିପଣନ ବର୍ଷ ପାଇଁ ତା୩୦।୧୨।୨୦୨୨ରିଖଠାରୁ ଧାନ କ୍ରୟ କରାଯିବାର ବ୍ୟବସ୍ଥା କରାଯାଇଅଛି। ଏଣୁ ଏଥିସମ୍ବନ୍ଧୀୟ ସବିଶେଷ ବିବରଣୀ ନିକଟସ୍ଥ ପ୍ରାଥମିକ କୃଷି ସମବାୟ ସମିତି ଲିଃ ସମ୍ପାଦକଙ୍କଠାରୁ ଅବଗତ ହୋଇପାରିବ।
**ଧାନର ମାନ ନିର୍ଦ୍ଧାରଣ- F.A.Q.**

| କ୍ର. ନଂ. | ସାଧାରଣ କିସମ ଧାନର ମିଶ୍ରିତ ଦ୍ରବ୍ୟ ବିବରଣୀ | ସର୍ବୋଚ୍ଚ ଗ୍ରହଣୀୟ ସୀମା |
|---|---|---|
| ୧ | ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧% |
| ୨ | କାଠି, କୁଟା, ଭୁଷି, ଅଗାଡ଼ି ବା ପୋଲ ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧% |
| ୩ | ଖରାପ, ବେରଙ୍ଗୀ, ପାଣିଫୁଲା, ପୋକ ଇତ୍ୟାଦି (ପାଣି ଫୁଲା, ପୋକର ୪% ଭିତରେ ସୀମିତ ରହିବା ଦରକାର) | ୫% |
| ୪ | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩% |
| ୫ | ସରୁ ଧାନରେ ମିଶ୍ରିତ ମୋଟା ଧାନ କେବଳ (GRADE-A) ସରୁ ଧାନ ନିମନ୍ତେ | ୬% |
| ୬ | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭% |

**ବି.ଦ୍ର.:**
୧. ରାଜ୍ୟ ସରକାରଙ୍କ କୋଭିଡ-୧୯ ନିୟମ ପାଳନ କରିବାକୁ ଅନୁରୋଧ।
୨. ଧାନ କ୍ରୟ କେନ୍ଦ୍ରକୁ ଧାନ ଆଣିବା ପୂର୍ବରୁ ପଞ୍ଜୀକୃତ ଚାଷୀ ଉକ୍ତ କେନ୍ଦ୍ରରୁ ଟୋକନ ସଂଗ୍ରହ କରିବାକୁ ଅନୁରୋଧ।
୩. ଧାନକୁ ଖରାରେ ଶୁଖାଇ ପରିଷ୍କାର କରି ବିକ୍ରି ଯୋଗ୍ୟ ଧାନ ଝୋଟ ଅଖାରେ ସକାଳ ୮ ଘ. ରୁ ଦିବା ୨ଘ. ସଂଲଗ୍ନ ଧାନ କ୍ରୟ କେନ୍ଦ୍ରକୁ ଆଣିବା ପାଇଁ ଚାଷୀ ଭାଇମାନଙ୍କୁ ଅନୁରୋଧ।
୪. ଧାନ ସଂଗ୍ରହର ଯଥେଷ୍ଟ ସମୟ ପୂର୍ବରୁ ଚାଷୀମାନଙ୍କୁ ସେମାନଙ୍କର ବିକ୍ରିଯୋଗ୍ୟ ଧାନ କ୍ରୟ କେନ୍ଦ୍ରରେ ଉପସ୍ଥିତ ରହିବା ପାଇଁ SMS ମାଧ୍ୟମରେ ପଞ୍ଜୀକୃତ ମୋବାଇଲ ନମ୍ବରକୁ ବାର୍ତ୍ତା ପ୍ରେରଣ ସୁବିଧା କରାଯାଇଅଛି। ଏଥି ସହିତ ଅଗ୍ରିମ ଟୋକନ୍‌ର ତାଲିକା ଧାନ କ୍ରୟକାରୀ ସମିତି କାର୍ଯ୍ୟାଳୟ ମଧ୍ୟରେ ଉପଲବ୍ଧ ହେଉଅଛି।
୫. ଚାଷୀ ଭାଇ ଓ ଭଉଣୀମାନେ ବିକ୍ରି କରିଥିବା ଧାନର ପ୍ରାପ୍ୟ ସେମାନଙ୍କର ବ୍ୟାଙ୍କ ଖାତାକୁ ଅନ୍‌ଲାଇନ ପ୍ରକ୍ରିୟାରେ ୨୪ ଘ. ରୁ ୪୮ ଘ. ମଧ୍ୟରେ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଅଛି। ଧାନ ସଂଗ୍ରହ କାର୍ଯ୍ୟକୁ ଶୃଙ୍ଖଳିତ ଓ ପାରଦର୍ଶିତାର ସହ ସମ୍ପାଦନ କରିବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ।
୬. (କ) ଗ୍ରେଡ୍ ଏ ମାନର ଧାନର ମୂଲ୍ୟ କୁଇଣ୍ଟାଲ ପ୍ରତି- ଟ୨୦୬୦.୦୦
(ଖ) ସାଧାରଣ କିସମ ଧାନର ମୂଲ୍ୟ କୁଇଣ୍ଟାଲ ପ୍ରତି- ଟ୨୦୪୦.୦୦
**ଚାଷୀ ହସିଲେ ଦୁନିଆ ହସିବ**
**ସ୍ୱା./- ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଜଟଣୀ**
**ସ୍ୱା./- ଉପଜିଲ୍ଲାପାଳ, ଭୁବନେଶ୍ୱର, ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ଜଟଣୀ**

# ସଂଗ୍ରହାଳୟ ହେଉଛି ସୁନାଖଣି

**ରାଜ୍ୟ ସଂଗ୍ରହାଳୟର ୯୦ତମ ପ୍ରତିଷ୍ଠା ଦିବସ**

- ବରିଷ୍ଠ ନାଗରିକଙ୍କ ପାଇଁ ବିଶ୍ରାମକକ୍ଷ
- ଟେରାକୋଟା ପ୍ରଦର୍ଶନୀ ସହ ପ୍ରହ୍ଲାଦ ନାଟକ
- ପାଇକ ବିଦ୍ରୋହର ଇଂଲିଶ ଭାଷାନ୍ତର ଉନ୍ମୋଚନ

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)


ଅତିଥିମାନେ ଟେରାକୋଟାରେ ନିର୍ମିତ ନନ୍ଦିଘୋଷ ରଥ ଚକ କଳାକୃତିକୁ ଦେଖୁଛନ୍ତି।

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଗୁରୁବାର ତା'ର ୯୦ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇ ରାଜ୍ୟ ସଂଗ୍ରହାଳୟକୁ କିପରି ଉନ୍ନତୀକରଣ କରାଯାଇ ବିଶ୍ୱ ସ୍ତରୀୟ ସଂଗ୍ରହାଳୟରେ ପରିଣତ କରାଯାଇପାରିବ ସେ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ନ୍ୟାଶନାଲ ମନୁମେଣ୍ଟ ଅଥରିଟିର ଅଧ୍ୟକ୍ଷ ପ୍ରଫେସର କିଶୋର କୁମାର ବାସା ଯୋଗଦେଇ କହିଲେ, ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଲୋକେ କିଭଳି ସର୍ବୋତ୍କୃଷ୍ଟ ଅନୁଭବ ପାଇପାରିବେ ସେ ଦିଗରେ ସଂଗ୍ରହାଳୟ କାମ କରିବ। ଆମେ ପାଶ୍ଚାତ୍ୟ ସଂସ୍କୃତିକୁ ଦେଖିଲେ ମଧ୍ୟ ଓଡ଼ିଶାରେ ଯାହା ଅଛି ତାକୁ ନେଇ ଭଲ ପ୍ରଦର୍ଶନ କରିବା ଆବଶ୍ୟକ। ଏହା ଦୁର୍ଲଭ। ଏଥିରୁ ହିଁ ବହୁତ କିଛି ମିଳିପାରିବ। ତେଣୁ ସଂଗ୍ରହାଳୟକୁ ସେ ସୁନାଖଣି ବୋଲି ଅଭିହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦେଇଥିବାବେଳେ ସଂଗ୍ରହାଳୟ ଅଧ୍ୟକ୍ଷା ଭାଗ୍ୟଲିପି ମଲ୍ଲ ପ୍ରତିଷ୍ଠା ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଅତିଥିମାନେ ବରିଷ୍ଠ ନାଗରିକଙ୍କ ପାଇଁ ବିଶ୍ରାମକକ୍ଷକୁ ଉଦ୍‌ଘାଟନ କରିବା ସହ ଓଡ଼ିଶା ହିଷ୍ଟୋରିକାଲ ରିସର୍ଚ୍ଚ ଜର୍ନାଲ ଓ ପ୍ରତ୍ନତତ୍ତ୍ୱ ବିବରଣାତ୍ମକ କ୍ୟାଟ୍‌ଲଗ୍ ଓ ପାଇକ ବିଦ୍ରୋହର ଇଂଲିଶ ଭାଷାନ୍ତରକୁ ଉନ୍ମୋଚନ କରିଥିଲେ। ଏଥିସହ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଗଞ୍ଜାମରେ ଲୋପ ପାଇଯାଉଥିବା ପ୍ରହ୍ଲାଦ ନାଟକ ପରିବେଷଣ ହୋଇଥିଲା। ଶିଶୁପାଳଗଡ଼ର ମଡେଲ ଓ ଟେରାକୋଟା ପ୍ରଦର୍ଶନୀ ହୋଇଥିଲା। ଟେରାକୋଟାରେ ନିର୍ମିତ ନନ୍ଦିଘୋଷ ରଥ ଚକରେ ଶ୍ରୀଜଗନ୍ନାଥଙ୍କ ୩୨ବେଶ ରହିଥିଲା। ଏହାକୁ ନିର୍ମାଣ କରିଥିବା ଶିଳ୍ପୀ ସରୋଜ କୁମାର ରାଉତଙ୍କୁ ସମ୍ମାନିତ କରାଯାଇଥିଲା। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୧୦ଜଣ ଶିଳ୍ପୀଙ୍କୁ ନେଇ ଏକ ଗ୍ୟାଲେରି ଆର୍ଟିଷ୍ଟ ମାଇଣ୍ଡ୍‌ଜର ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଆନନ୍ଦ ପଞ୍ଚଲ, ନୂପୁର କୁଣ୍ଡୁ, ସଚିନ୍ ଜଲତାରେ, ଗୌତମ ମୁଖାର୍ଜୀ, ଜୟା ଜେନା, ବିମି ଖାନ୍, ଜଗନ୍ନାଥ ପଲ୍, କ୍ରିଷ୍ଟେନ୍ଦୁ ପୋରେଲ୍, ପ୍ରିତୀ ଚାନ୍ଦକ୍, ଭିମି ଇନ୍ଦ୍ରା ପ୍ରମୁଖ ଏଥିରେ ସାମିଲ ଥିଲେ।

## ସଂକ୍ଷେପରେ

### ବନ୍ଦ ଘରୁ ଗଳିତ ମୃତଦେହ ଜବତ

ଗମ୍ଭାରୀମୁଣ୍ଡା,୨୯।୧୨(ଡି.ଏନ୍.ଏ.): ବାଣପୁର ଥାନା ଅଧୀନ ବନ୍ଧମୁଣ୍ଡାଇ ଗ୍ରାମର ଏକ ବନ୍ଦ ଘରୁ ଗଳିତ ମୃତଦେହ ଗୁରୁବାର ପୋଲିସ ଜବତ କରିଛି। ମୃତକ ହେଲେ ହର ସାହୁ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ତଦନ୍ତ ଚଳାଇଛି। ସୂଚନା ମୁତାବକ, ବନ୍ଧମୁଣ୍ଡାଇ ଗ୍ରାମରେ ବହୁ ବର୍ଷ ହେବ ହର ମିସ୍ତ୍ରୀ କାମ କରି ଚଳିଆସୁଥିଲେ। ତେବେ ତାଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ସେ ଦ୍ୱିତୀୟ ବିବାହ କରିଥିଲେ। ଦ୍ୱିତୀୟ ସ୍ତ୍ରୀ ମଧ ତାଙ୍କୁ ଛାଡି କେଉଁଠାରେ ଅଛନ୍ତି ସ୍ଥାନୀୟ ଲୋକେ ଜାଣିନଥିବା କହିଛନ୍ତି। ତେବେ ହର ରହୁଥିବା ଘରୁ ଦୁର୍ଗନ୍ଧ ହେବାରୁ ଗ୍ରାମର ଜଣେ ବ୍ୟକ୍ତି ହରଙ୍କ ଝିଅକୁ ଜଣାଇଥିଲେ। ପରେ ହରଙ୍କ ଝିଅ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ପ୍ରାୟ ଏକମାସରୁ ଊର୍ଦ୍ଧ୍ୱ ହେବ ହରଙ୍କ ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରିଛି।

### ଛାତ୍ରୀଛାତ୍ରଙ୍କ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ

ନିରାକାରପୁର,୨୯।୧୨(ଡି.ଏନ୍.ଏ.): ଶ୍ରୀଜଗତମୋହନଦେବ ପାଲା ସଂସଦ ରାମେଶ୍ୱର ଦ୍ୱାରା ଆୟୋଜିତ ଗୁରୁ ଗୋକୁଳାନନ୍ଦ ପଟ୍ଟନାୟକଙ୍କ ସ୍ମୃତି ତଥା ତାଙ୍କ ପ୍ରିୟ ଶିଷ୍ୟ ଗାୟକ ବିନୋଦ ଜନାର୍ଦ୍ଦନ ତ୍ରିପାଠୀଙ୍କ ଦ୍ୱାଦଶତମ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ଏକ ସମାବେଶ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସୂର୍ଯ୍ୟମଣି ଦାସ, ସମ୍ମାନିତ ଅତିଥି ଡ.ସଞ୍ଜୟ ମହାପାତ୍ର, ନୀଳମଣି କର, ମୁଖ୍ୟ ବକ୍ତା ଡ.ମୃତ୍ୟୁଞ୍ଜୟ ରଥ, ସଭାପତି ଶିକ୍ଷାବିତ୍ ଦିବ୍ୟସିଂହ ତ୍ରିପାଠୀ, ସୁଦର୍ଶନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଗାୟକ ଭାସ୍କର ନିରଞ୍ଜନ ବାହିନୀପତି ପାଲା ପରିବେଷଣ କରିଥିଲେ। ଏହି ପରରିପ୍ରେକ୍ଷୀରେ ସୂର୍ଯ୍ୟ ନାରାୟଣ ପଣ୍ଡା ଏବଂ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଗ୍ରାମର ବହୁ ବୁଦ୍ଧିଜୀବୀ ସମାବେଶରେ ଉପସ୍ଥିତ ଥିଲେ।

### ମୋରମ ଚାଲାଣ: ଜେସିବି ସହ ୨ ଟ୍ରାକ୍ଟର ଜବତ

ବାଲୁଗାଁ,୨୯।୧୨(ଡି.ଏନ୍.ଏ.): ବାଲୁଗାଁ ପୋଲିସ ଚଢ଼ାଉ କରି ବେଆଇନ ଭାବେ ମୋରମ ଚାଲାଣ ହେଉଥିବା ଗୋଟିଏ ଜେସିବି ଓ ଦୁଇଟି ଟ୍ରାକ୍ଟରକୁ ଜବତ କରିଛି। ଚିଲିକା ବ୍ଲକ୍ ଅଧୀନ ନାଭାଲ ଛକ ନିକଟ ଭାଲେରି ପାହାଡ଼ର ପାଦଦେଶରୁ ଦୈନିକ ବେଆଇନଭାବେ ମୋରମ ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଗୁରୁବାର ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକଙ୍କ ତତ୍ତ୍ୱାବଧାନରେ ଆଇଆଇସି ରଶ୍ମିରଞ୍ଜନ ଦାଶ, ନାଭାଲ ଫାଣ୍ଡି ଅଧିକାରୀ ଦିଲ୍ଲୀପ କୁମାର ସାହୁ ସଦଳବଳେ ଚଢ଼ାଉ କରିଥିଲେ। ତେବେ ପୋଲିସଙ୍କୁ ଦେଖି ସେଠାରେ ଉପସ୍ଥିତ ଖଣି ମାଫିଆ ଓ ଗାଡ଼ି ଚାଳକମାନେ ଖସି ପଳାଇଥିଲେ। ପୋଲିସ ଉକ୍ତ ସ୍ଥାନରୁ ୩ଟି ଗାଡ଼ି ଜବତ କରିଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୦୦/୨୨)ରୁଜୁକରି ତଦନ୍ତ ଚଳାଇଛି।

### ରାସ୍ତାପାର୍ଶ୍ୱ ନାଳରୁ ମୃତଦେହ ଜବତ

ବୋଲଗଡ଼,୨୯।୧୨(ଡି.ଏନ୍.ଏ.): ବୋଲଗଡ଼ ଥାନା ଗୋବର୍ଦ୍ଧନପୁର ଫାଣ୍ଡି ଅଧୀନ ମାଣିକଗୋଡ଼ା ଗ୍ରାମ ନିକଟ ନାଳରୁ ଗୁରୁବାର ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ସେ ହେଲେ ଫତେଗଡ଼ ଥାନା ଅନ୍ତର୍ଗତ ମହୁଲପଡା ଗ୍ରାମର ତ୍ରିଲୋଚନ ବେହେରା(୫୯)। ସୂଚନା ମୁତାବକ, ବୁଧବାର ରାତିରେ ତ୍ରିଲୋଚନ ବାଇକ୍‌ରେ ମାଣିକଗୋଡାରୁ ନିଜ ଗ୍ରାମ ମହୁଲପଡା ଯାଇଥିଲେ। ତେବେ ଗୁରୁବାର ନାଳରେ ଏକ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ସହ ବାଇକ୍ ଜବତ କରିଥିଲା।

# ଶୈକ୍ଷିକ ବାତାବରଣ, ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ସମୀକ୍ଷା**

ଖୋର୍ଦ୍ଧା ଅଫିସ,୨୯।୧୨:



ବୈଠକରେ ବିଦ୍ୟାଳୟ ଗଣଶିକ୍ଷା ବିଭାଗ କମିଶନର ଅଶ୍ୱଥ୍ ଏସ୍, ଜିଲାପାଳ ଏବଂ ଅନ୍ୟ ଅଧିକାରୀ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ (ଏସ୍ ଆଣ୍ଡ ଏମ୍ଇ) କମିଶନର ତଥା ସଚିବ ଅଶ୍ୱଥ୍ ଏସ୍ ଗୁରୁବାର ଖୋର୍ଦ୍ଧା ଜିଲା ଗସ୍ତରେ ଆସି ବିଦ୍ୟାଳୟ ରୂପାନ୍ତରଣ ସମେତ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସହ ଗୁଣାତ୍ମକ ଶିକ୍ଷା ଉପରେ ସେ ଗୁରୁତ୍ୱ ଦେଇଛନ୍ତି।

ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାସ୍ତରୀୟ ଶିକ୍ଷା ବିଭାଗର ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସମଗ୍ର ଶିକ୍ଷା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମର ଭୌତିକ ଏବଂ ଆର୍ଥିକ ଉପଲବ୍ଧି, ପୋଷାକ ବିତରଣ, ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ପ୍ରଭୃତି ବିଷୟରେ ଆଲୋଚନା ହୋଇଥିଲା। ମଧ୍ୟାହ୍ନ ଭୋଜନର ସୁପରିଚାଳନା, ବିଦ୍ୟାଳୟରେ ସ୍ୱଚ୍ଛତା ଓ ପରିମଳ ଉପରେ ସଚିବ ଅଶ୍ୱଥ୍ ଏସ୍ ଗୁରୁତ୍ୱ ଦେଇଥିଲେ। କୌଣସି ଶିଶୁ ଯେପରି ଶିକ୍ଷାଲାଭରୁ ବଞ୍ଚିତ ନ ହୁଏ, ସେ ଦିଗ ପ୍ରତି ଗୁରୁତ୍ୱ ଦେବା ନିମନ୍ତେ ସେ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ବୈଠକରେ ମୋ ସ୍କୁଲ ଅଭିଯାନର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସେମାନଙ୍କ ବିଦ୍ୟାଳୟ ପରିଦର୍ଶନର ବିବରଣୀ ଉପସ୍ଥାପନ କରିଥିଲେ। ଆବଶ୍ୟକସ୍ଥଳେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ସଚିବ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ସବୁ ସ୍ତରରେ ବିଦ୍ୟାଳୟ ପରିଦର୍ଶନ ବ୍ୟବସ୍ଥାକୁ ଦୃଢୀଭୂତ କରିବା ସହ ସମସ୍ତ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ସୁନିଶ୍ଚିତ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏହି ବୈଠକରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଗନ୍ତ ରାଉତ, ମୋ ସ୍କୁଲ ଚିଫ୍ ଅପରେଟିଂ ଅଧିକାରୀ ଅମରଜିତ ଜେନା, ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସ୍ନିଗ୍ଧାରାଣୀ ମିଶ୍ର, ଅମ୍ରିତା ପ୍ରୀତି ନନ୍ଦା, ଜିଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷ ତାପସ ନାୟକ, ସମଗ୍ର ଶିକ୍ଷାର ବିଭିନ୍ନ ବିଭାଗୀୟ ମୁଖ୍ୟ ଏବଂ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ ଉପସ୍ଥିତ ଥିଲେ।

## ଗ୍ରାମୀଣ ମହିଳା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ


ବାର୍ଷିକ ଉତ୍ସବରେ ଛାତ୍ରୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

ଗମ୍ଭାରୀମୁଣ୍ଡା,୨୯।୧୨(ଡି.ଏନ୍.ଏ.):

ବାଣପୁରସ୍ଥିତ ଗ୍ରାମୀଣ ମହିଳା ଉଚ୍ଚ ବିଦ୍ୟାଳୟର ୩୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ରଶ୍ମିତା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ମହାନଗର ନିଗମ ଅଧକ୍ଷା ସଂଘମିତ୍ରା ଦଳାଇ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ ମିଟୁ ନାୟକ, ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟର ପୂର୍ବତନ ସଭାପତି ଡ.ସୁରେନ୍ଦ୍ର ନାଥ ପାତ୍ର ଓ ସମ୍ପାଦକ ଜଗନ୍ନାଥ ଭୋଳ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଲାଭ କରିଥିବା ଛାତ୍ରୀଙ୍କ ସହ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ସାହୁ ଓ ସର୍ବେଶ୍ୱର ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାନ୍ତାଳୀନୃତ୍ୟରେ ଦର୍ଶକ ବିଭୋର


ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବୋଲଗଡ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ସାଆଁତାଳି ନୃତ୍ୟ ।

**ବୋଲଗଡ଼ ମହୋତ୍ସବ ଚତୁର୍ଥ ସନ୍ଧ୍ୟା**

ବୋଲଗଡ଼,୨୯।୧୨(ଡି.ଏନ୍.ଏ.):

ବୋଲଗଡ଼ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ଗୁରୁବାର ସ୍ଥାନୀୟ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସବୁଦିନ ପରି ଅପରାହ୍ନରେ କୁଇଜ କାର୍ଯ୍ୟକ୍ରମ ପରେ ଆଞ୍ଚଳିକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅସରଳାର ଗଦାଧର ବେହେରା ଓ ସାଥୀଙ୍କ ଦ୍ୱାରା ଖଞ୍ଜଣି ଭଜନ, ଡାବରଧୁଆ ପାଟଣାର ନାରାୟଣ ସାହୁ ଓ ସାଥୀଙ୍କ ଦ୍ୱାର ସଂକୀର୍ତ୍ତନ ଏବଂ ଗୋଡିଆଳିର ବଂଶିଧର ଦେବତା ଓ ସାଥିଙ୍କ ଦ୍ୱାରା ଭରତଲୀଳା ପରିବେଷଣ କରାଯାଇଥିଲା। ପରେ ସ୍ଥାନୀୟ ଆରାଧନା ପ୍ରିନ୍ସେସ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା। ରାଜ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବରଗଡର ଦୁଲଫୁଲ କଳା ପରିଷଦର କଳାକାରଙ୍କ ଦୁଲଫୁଲ ନୃତ୍ୟ, ଭୁବନେଶ୍ୱରର ଗଣେଶ ଡ୍ୟାନ୍ସ ଗ୍ରୁପ ଦ୍ୱାରା ମଡର୍ଣ୍ଣ ଡ୍ୟାନ୍ସ ଓ ମୟୂରଭଞ୍ଜର ସରନା ମାର୍ଶାଲ କ୍ଲବ କଳାକାରଙ୍କ ସାନ୍ତାଳିନୃତ୍ୟ ଦର୍ଶକଙ୍କ ମନମୋହିଥିଲା।ଏହି ଅବସରରେ ଅନୁଷ୍ଠିତ ସଭାରେ ମହୋତ୍ସବ କମିଟିର ଉପସଭାପତି କୃଷ୍ଣମୋହନ ପାଲଟାସିଂହ ପୌରୋହିତ୍ୟ କରିଥିଲେ। ଉପଦେଷ୍ଟା ରବୀନ୍ଦ୍ର ପରିଡ଼ା ଅତିଥିଙ୍କ ପରିଚୟ ପ୍ରଦାନ ଓ ସ୍ୱାଗତ ଅଭିଭାଷଣ ଦେଇଥିଲେ। ମୁଖ୍ୟ ଅତିଥିଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ମୁଖ୍ୟ ବକ୍ତା ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ସମ୍ମାନିତ ଅତିଥିଭାବେ ବିଜେଡି ଖୋର୍ଦ୍ଧା ପର୍ଯ୍ୟବେକ୍ଷକ କୈଳାସ ଚନ୍ଦ୍ର ପାତ୍ର ଯୋଗଦେଇଥିଲେ। ମହୋତ୍ସବ କମିଟି ଉପଦଦେଷ୍ଟା ଲଲାଟେନ୍ଦୁ କେଶରୀସିଂହ, ମାନସ ରଞ୍ଜନ ପଟ୍ଟନାୟକ, ଅମ୍ବିକା ପ୍ରସାଦ ମହାନ୍ତି, ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର, ବିଜୁ ଛାତ୍ର ଜନତାଦଳ ସାଧାରଣ ସମ୍ପାଦକ ସତ୍ୟପ୍ରକାଶ ସାହୁ, ବିଜୁ ଯୁବ ଜନତାଦଳ ଖୋର୍ଦ୍ଧା ଜିଲା ଉପସଭାପତି ଦିଲ୍ଲୀପ ମହାପାତ୍ର, ବିଜୁ ଯୁବ ଜନତାଦଳ ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର, ବିଜୁ ଯୁବ ଜନତାଦଳ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମହୋତ୍ସବ ପାଇଁ ସ୍ୱର ଓ ବକ୍ତୃତା ପ୍ରତିଭା ପ୍ରତିଯୋଗିତାରେ ଚୟନ ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରରେ ନବକିଶୋର ପ୍ରଧାନ ଓ ଶଙ୍କର ସିଂହ ସଂଯୋଜନା କରିଥିଲେ। କାବୁ ଚମ୍ପତିରାୟ ଧନ୍ୟବାଦ ଦେଇଥିଲେ।

### କବାଟ ତାଡ଼ି ନେଇଗଲେ ଅଳଙ୍କାର, ଟଙ୍କା

ବେଗୁନିଆ,୨୯।୧୨(ଡି.ଏନ୍.ଏ.):

ବେଗୁନିଆ ଥାନା ଅଧୀନ ଗେଡିଆପଲ୍ଲିପାଟଣା ଗ୍ରାମର ଦିଲୀପ ବେହେରାଙ୍କ ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ୧୦ହଜାର ଟଙ୍କା ଚୋରି ହୋଇଥିବା ଗୁରୁବାର ଅଭିଯୋଗ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୩୩୭/୨୨) ରୁଜୁ ହୋଇଛି। ଏସ୍‌ଡିପିଓ ଦିଲୀପ ଦାସଙ୍କ ନିର୍ଦ୍ଦେଶକ୍ରମେ ଘଟଣାସ୍ଥଳରେ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ ପହଞ୍ଚି ତଦନ୍ତ କରିଥିଲେ। ସୂଚନା ମୁତାବକ, ବୁଧବାର ରାତିରେ ଦିଲୀପ ଓ ତାଙ୍କ ମା' ଘରେ ଶୋଇଥିଲେ। ତେବେ କେହି ଦୁର୍ବୃତ୍ତ ବାରିପଟ କବାଟ ତାଡ଼ି ଘରେ ପଶିବା ସହ ବାକ୍ସ ଓ ଗୋଡରେଜ ଭାଙ୍ଗି ସେଥିରେ ଥିବା ସୁନାରୁପା ଅଳଙ୍କାର ଓ ଟଙ୍କା ନେଇଯାଇଛି। ଗୁରୁବାର ସକାଳେ ଘର ବାରିପଟେ ଆସବାବପତ୍ର ପଡ଼ିଥିବା ପରିବାରଲୋକେ ଦେଖିବାକୁ ପାଇଥିଲେ। ପ୍ରକାଶ ଯେ, ଦିଲୀପଙ୍କ ବିବାହ ଆସନ୍ତା ମାସରେ ହେବାକୁ ଥିବାରୁ ପରିବାରଲୋକେ ଅଳଙ୍କାର କିଣି ଘରେ ରଖିଥିଲେ।

### ସେମିରେ ମାଣିକାଗୋଡ଼ା କ୍ଲବ

ବୋଲଗଡ଼,୨୯।୧୨(ଡି.ଏନ୍.ଏ.):

ବୋଲଗଡ଼ ବ୍ଲକ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଂଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଶେଷ କ୍ୱାର୍ଟରଫାଇନାଲ ମ୍ୟାଚ୍ ସ୍ଥାନୀୟ ଟାଙ୍ଗୀ ପଡ଼ିଆରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବଙ୍ଗିଦା କ୍ଲବକୁ ହରାଇ ମାଣିକାଗୋଡା କ୍ରିକେଟ କ୍ଲବ ସେମିଫାଇନାଲ୍ର ପ୍ରବେଶ କରିଛି। ଟସ୍ ଜିତି ବଙ୍ଗିଦା କ୍ଲବ ବୋଲିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ମାଣିକାଗୋଡା କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୮୨ ରନ ସଂଗ୍ରହ କରିଥିଲା। ଜବାବରେ ବଙ୍ଗିଦା କ୍ଲବ ୧୬.୧ ଓଭରରେ ୧୦୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଭଗବାନ ମଙ୍ଗରାଜ ଓ ରାଜକୁମାର ବଳିୟାରସିଂହ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଶାନ୍ତନୁ ଛୋଟରାୟ ଧାରାବିବରଣୀ ପ୍ରଦାନ କରିଥିଲେ। ଅତିଥିଭାବେ ବୋଲଗଡ଼ ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବର ସଦସ୍ୟ ଶାନ୍ତନୁ ଛୋଟରାୟ, ସୌମ୍ୟରଞ୍ଜନ ବେହେରା, ଭଗବାନ ମଙ୍ଗରାଜ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ସଞ୍ଜୟ ପଟ୍ଟନାୟକଙ୍କୁ ଶ୍ରେଷ୍ଠ ଯୁବ ସମ୍ମାନ


ଜିଲାପାଳ ଭବାନୀଶଙ୍କର ଚୟନୀ ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଖୋର୍ଦ୍ଧା ଅଫିସ,୨୯।୧୨:

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ କଟକସ୍ଥିତ ଶହୀଦ୍ ଭବନ ପରିସରରେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ-୨୦୨୨ର ଉଦ୍‌ଯାପନୀ ସନ୍ଧ୍ୟାରେ ଶ୍ରେଷ୍ଠ ଯୁବ ସାମାଜିକ କର୍ମୀ ଭାବେ ସଞ୍ଜୟ ପଟ୍ଟନାୟକ ସମ୍ବର୍ଦ୍ଧିତ ହୋଇଛନ୍ତି। କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ପଟ୍ଟନାୟକଙ୍କୁ ସମ୍ମାନପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଷ୍ଟା ସଭାପତି ବିନୋଦ ଚନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ଶିକ୍ଷାବିତ ବିଶ୍ୱଜିତ ଘୋଷ, ଖବରଦାତା ମାନସ ରଞ୍ଜନ ପଣ୍ଡା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି, ପଟ୍ଟନାୟକ କର୍ମଜୀବନ ଭିତରେ ବିଭିନ୍ନ ରାଜ୍ୟରେ ବହୁ ସମାଜସେବାମୂଳକ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ବିଶେଷକରି ଓଡ଼ିଶା ତଥା ଖୋର୍ଦ୍ଧା ଜିଲାରେ ବହୁ ଉନ୍ନତିମୂଳକ କାର୍ଯ୍ୟ ଯଥା ଯୁବବର୍ଗଙ୍କୁ ଆତ୍ମନିଯୁକ୍ତି ପ୍ରଦାନ, ଅସହାୟା ମହିଳାଙ୍କୁ ଆର୍ଥିକ ପ୍ରୋତ୍ସାହନ ମାଧ୍ୟମରେ ସ୍ୱାବଲମ୍ବୀ କରାଇବା, ପର୍ଯ୍ୟଟନ, ସଂସ୍କୃତି, କ୍ରୀଡ଼ା, ପରିବେଶ ଓ ଶିକ୍ଷାର ବିକାଶ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିମନ୍ତେ ତାଙ୍କୁ ଏହି ସମ୍ବର୍ଦ୍ଧନା ଦିଆଯାଇଛି।

## ୟୁଟ୍ୟୁବରେ ଚିନ୍ମୟଙ୍କ ଶିକ୍ଷାଦାନ

ବେଗୁନିଆ, ୨୯।୧୨(ଡି.ଏନ୍.ଏ)



ସାମାଜିକ ଗଣମାଧ୍ୟମ ୟୁଟ୍ୟୁବ ଜରିଆରେ ମାଗଣାରେ ଶିକ୍ଷାଦାନ ଦେଇ ଗରିବ ଓ ଯୁବପିଢ଼ିଙ୍କ ଜ୍ଞାନ ବଢ଼ାଇବା ସହ ଚାକିରି ଆଶାୟୀ ଥିବା ଯୁବତୀଯୁବକଙ୍କୁ ଶିକ୍ଷା କ୍ଷେତ୍ରରେ ସହଯୋଗ କରୁଛନ୍ତି ଯୁବ ଏଜୁକେଟର ଚିନ୍ମୟ ମହାପାତ୍ର। ମାଗଣା ଶିକ୍ଷା ଦାନ ଦେବା ତାଙ୍କର ମୂଳ ଲକ୍ଷ୍ୟ। ଖୋର୍ଦ୍ଧା ଜିଲା ବେଗୁନିଆ ଅଞ୍ଚଳର ଏହି ଯୁବ ଏଜୁକେଟରଙ୍କ ଏଭଳି ଉଲ୍ଲେଖନୀୟ ଅବଦାନ ପାଇଁ ଅନେକ ଯୁବପିଢ଼ି ସହଜରେ କଠିନ ବିଷୟକୁ ବୁଝିପାରୁଛନ୍ତି। ଚିନ୍ମୟ ୟୁଟ୍ୟୁବରେ 'ଏକ୍ସପ୍ଲୋରିଂ ଗୋଲ' ନାମ ଦେଇଛନ୍ତି। ଏଥିରେ ସେ ଏକ ହଜାରରୁ ଅଧିକ ଭିଡିଓ ଅପଲୋଡ କରିଛନ୍ତି। ବି.ଇଡି ପ୍ରବେଶିକା ପରୀକ୍ଷା, ଓଟିଇଟି, ଓଏସ୍ଏସ୍, ଟିଇଟି, ସିଟିଇଟି, ଶିକ୍ଷକ ନିଯୁକ୍ତି ପରୀକ୍ଷା, ଓଡ଼ିଶା ଶିକ୍ଷା ସେବା ଏବଂ ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଉଦ୍ଦିଷ୍ଟ। ତାଙ୍କ ଶିକ୍ଷାଦାନ ଶୈଳୀ ସହଜ ଓ ସରଳ ହୋଇଥିବାରୁ ବହୁ ଛାତ୍ରୀଛାତ୍ର ବୁଝିପାରି ବିଭିନ୍ନ ପରୀକ୍ଷାରେ କୃତୀ ଅର୍ଜନ କରିଛନ୍ତି। ଓଡ଼ିଶା ଶିକ୍ଷା ସେବା ସମ୍ପର୍କିତ ଭିଡିଓଟି ବହୁ ପସନ୍ଦ ଯୋଗ୍ୟ ହୋଇଛି। ଏହି ଭିଡିଓ ରେ ବହୁ ଲାଇକ ଓ କମେଟ ପାଇ ନିଜକୁ ଧନ୍ୟ ମନେ କରିଛନ୍ତି। ଅଧିକ ଉତ୍ସାହିତ ହୋଇ ସେ ମଧ ଏକ ପୁସ୍ତକ 'ପେଡାଗୋଜି' ଖୁବ୍‌ଶୀଘ୍ର ପ୍ରକାଶ କରିବା ପାଇଁ ଲାଗିପଡିଛନ୍ତି। ନିଜ ଚ୍ୟାନେଲକୁ ଆଗକୁ ଅଧିକ ବଢ଼ାଇବା ସହ ମାଗଣା ଶିକ୍ଷା ଯୋଗାଇ ଦେବା ପାଇଁ ଅଭିଳାଷ ରଖିଛନ୍ତି ବୋଲି ଚିନ୍ମୟ କହିଛନ୍ତି।

## ଭଲିବଲ ଟୁର୍ନାମେଣ୍ଟ
# ଆନ୍ଧ୍ରପ୍ରଦେଶ ଚାମ୍ପିୟନ

ବୋଲଗଡ଼,୨୯।୧୨(ଡି.ଏନ୍.ଏ.):

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଗୋଡ଼ିଆଳୀ ଖେଳ ପଡିଆରେ ରଘୁନାଥ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଏକଦିବସୀୟ ଦିବାରାତ୍ରି ଭଲିବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଭଦ୍ରକର ସୂର୍ଯ୍ୟଶିଖା ଟିମକୁ ୩-୦ ସେଟରେ ହରାଇ ଆନ୍ଧ୍ରପ୍ରଦେଶର ଅହମ୍ମଦବାଦ ଡିଫେଲଡର ଟିମ ଚାମ୍ପିୟନ ହୋଇଛି। ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ତଥା ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ, ଅତିଥିଭାବେ ଜିଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ସ୍ଥାନୀୟ ସରପଞ୍ଚ ରମାମଣୀ ଦେଇ, ସମିତିସଭ୍ୟ ତୋଫାନ ବେହେରା, ଖେଳଶିକ୍ଷକ ଗୋପାଳ ମହାନ୍ତି, ପୂର୍ବତନ ସମିତିସଭ୍ୟ କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଏବଂ ରନର୍ସଅପ୍ ଟିମକୁ ଟ୍ରଫି ସହ ଚେକ୍ ପ୍ରଦାନ କରାଯାଇଥିଲା। ଗୋଡିଆଳୀ ଗ୍ରାମବାସୀ ଏବଂ ରଘୁନାଥ କ୍ଲବର ସମସ୍ତ ସ୍ୱେଚ୍ଛାସେବୀ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।


ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ ।

# ଚେନ୍ନାଇ ପୋଲିସ ଟିମ୍ ଫାଇନାଲରେ

ଟାଙ୍ଗୀ(ଖୋର୍ଦ୍ଧା),୨୯।୧୨(ଡି.ଏନ୍.ଏ.):

କୁହୁଡ଼ି ମହାବୀର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଜନତା ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ମହାବୀର କପ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଚେନ୍ନାଇ ପୋଲିସ ତାମିଲନାଡୁ ଏବଂ ସୀମା ସଶସ୍ତ୍ର ବଳ ସିଲିଗୁଡି ମଧ୍ୟରେ ହୋଇଥିଲା। ଚେନ୍ନାଇ ପୋଲିସ ୨-୧ ଗୋଲରେ ସିଲିଗୁଡି ଟିମ୍‌କୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଶିବ ଶଙ୍କର ପଣ୍ଡା, ଶଶିକାନ୍ତ ଦାସିଆ, ପ୍ରଶାନ୍ତ କୁମାର ପାଲ ଓ ଦିଲୀପ କୁମାର ରାଉତ ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଥିଲେ ବିଜୟ କୁମାର ରାଉତ। ଅତିଥିଭାବେ ପୂର୍ବତନ ଜିଲା ପରିଷଦ ଅଧକ୍ଷା ବାସନ୍ତୀ ମହାପାତ୍ର, ଶୁଭେନ୍ଦୁ ମାନସିଂହ, କମଳାକାନ୍ତ ସାମନ୍ତରାୟ, ଅରୁଣ କୁମାର ଦାଶ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶ୍ରେଷ୍ଠ ଖେଳାଳିଭାବେ ସିଲିଗୁଡି ଟିମର ମିଣ୍ଟୁ ଓ ଚେନ୍ନାଇ ଟିମର ସୁରେଶ ବାଗଙ୍କୁ ସମ୍ମାନିତ କରାଯାଇଥିଲା। ଶୁକ୍ରବାର ଫାଇନାଲ ମ୍ୟାଚ ଚେନ୍ନାଇ ପୋଲିସ ତାମିଲନାଡୁ ଓ ତ୍ରୀଶୁର ଫୁଟବଲ କ୍ଲବ ପଣ୍ଡିଚେରୀ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ମନୋଜ କୁମାର ମାନସିଂହ ସୂଚନା ଦେଇଛନ୍ତି।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିଙ୍କ ସହ ଅନ୍ୟମାନେ ।

# ବରିଷ୍ଠ ନାଗରିକ ସମାଜର ପଥ ପ୍ରଦର୍ଶକ

**ଜିଲା ବରିଷ୍ଠ ନାଗରିକ ମଞ୍ଚର ପ୍ରତିଷ୍ଠା ଦିବସ, ବନ୍ଧୁମିଳନ**

ଖୋର୍ଦ୍ଧା ଅଫିସ,୨୯।୧୨:

ବରିଷ୍ଠ ନାଗରିକମାନେ ହେଉଛନ୍ତି ସମାଜର ପଥ ପ୍ରଦର୍ଶକ। ପରିବାର ଓ ସମାଜରେ ଏମାନଙ୍କ ଉପସ୍ଥିତି ଶୃଙ୍ଖଳା, ସମନ୍ୱୟତା, ପରସ୍ପର ମଧ୍ୟରେ ସ୍ନେହ ଶ୍ରଦ୍ଧା ଭାବ ବଜାୟ ରଖିଥାଏ। ତେବେ ଦେଶ ବିକାଶ ପଥରେ ଆଗେଇ ଚାଲିଥିବା ବେଳେ ସମାଜରେ ବରିଷ୍ଠ ନାଗରିକମାନେ ଅଲୋଡ଼ା ହୋଇଯାଉଛନ୍ତି। ଚାରିଆଡ଼େ ବୃଦ୍ଧାଶ୍ରମ ବଢ଼ିବାରେ ଲାଗିଛି। ବରିଷ୍ଠ ନାଗରିକଙ୍କ ପ୍ରତି ଯଥୋଚିତ ସମ୍ମାନ ପ୍ରଦାନ କରିବା ସମସ୍ତଙ୍କ ନୈତିକ ଉତ୍ତରଦାୟିତ୍ୱ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଖୋର୍ଦ୍ଧା ଜିଲା ବରିଷ୍ଠ ନାଗରିକ ମଞ୍ଚର ପ୍ରତିଷ୍ଠା ଦିବସ ଅବସରରେ ଗୁରୁବାର ସ୍ଥାନୀୟ ବାଟମଙ୍ଗଳା ମନ୍ଦିର ପରିସରରେ ବରିଷ୍ଠ ନାଗରିକମାନଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ପ୍ରତିଷ୍ଠାତା ତଥା ସାହିତ୍ୟିକ ଜ୍ଞାନରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧାର ବହୁ ବରିଷ୍ଠ ନାଗରିକ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ। ପ୍ରତିଷ୍ଠା ଦିବସରେ କେକ କାଟି ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ।

ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଏବଂ ବିଜୁ ମହିଳା ଜନତା ଦଳ ରାଜ୍ୟ ଉପସଭାପତି ବାସନ୍ତୀ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ଦେଇ କହିଲେ ଯେ, ବରିଷ୍ଠ ନାଗରିକଙ୍କ ପ୍ରତି ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ପ୍ରତି ଥାନା ସ୍ତରରେ ବରିଷ୍ଠ ନାଗରିକ ସେଲ ରହିଛି। ପରିବାର, ସମାଜ ସବୁଠି ସେମାନଙ୍କ ମାର୍ଗଦର୍ଶନର ଆବଶ୍ୟକତା ରହିଛି। ପରିଣତ ବୟସରେ ମାତାପିତାଙ୍କୁ ବୃଦ୍ଧାଶ୍ରମରେ ଅସହାୟ ଭାବେ ଛାଡ଼ିବା ପରିବର୍ତ୍ତେ ସେମାନଙ୍କ ଉପଯୁକ୍ତ ସେବା ଶୁଶ୍ରୂଷା କରିବା ଲାଗି ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ନାୟରାୟଣ ରାଓ, ଡ. ପଦ୍ମଜ ପାଳ, ଡ. ସୁରେଶ ଛୋଟରାୟ, ଶିକ୍ଷାବିତ ବୈକୁଣ୍ଠନାଥ ରାଜଗୁରୁ, ଶ୍ରୀକାନ୍ତ ମିଶ୍ର, ଲଲାଟ ମୋହନ ପଟ୍ଟନାୟକ, ଡ. ଶରତ ଚନ୍ଦ୍ର ମହାପାତ୍ର, ଆଇନଜୀବୀ ଶକ୍ତିଶଙ୍କର ମିଶ୍ର, ବିମଳ ଚନ୍ଦ୍ର ଷଡଙ୍ଗୀ, ବସନ୍ତ ଦାସ, ଗୋବିନ୍ଦଚନ୍ଦ୍ର ମହାରଣା, ନାରାୟଣ ଦାସ, ସମରଜିତ ପଟ୍ଟନାୟକ, ପ୍ରଫୁଲ୍ଲ ସାମନ୍ତରାୟ, ଶିବଚରଣ ଖୁଣ୍ଟିଆ, ଉମାଶଙ୍କର ପ୍ରସାଦଙ୍କ ସମେତ ଶତାଧିକ ବରିଷ୍ଠ ନାଗରିକ ଯୋଗଦେଇଥିଲେ ।


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ, ରାଜଭବନ ଛକସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି, ସକାଳ ୯ଟା।
- ଶ୍ରୀ ଶ୍ରୀମଦ୍ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବ, ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ ନଂ. ୧୭୮, ୟୁନିଟ୍-୯, ସକାଳ ୯ଟା।
- ଅଲ୍ ଓଡ଼ିଶା ଲୟର୍ସ ଆସୋସିଏଶନ ପକ୍ଷରୁ ୫୧ତମ ବାର୍ଷିକ ସମ୍ମିଳନୀ, ରେଳ ଅଡିଟୋରିୟମ୍, ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୧୦ଟା ୩୦।
- ଝୁମୁକାର ୩୬ତମ ବାର୍ଷିକ ଉତ୍ସବ, ବୁଦ୍ଧ ମନ୍ଦିର, ୟୁନିଟ୍-୯, ପୂର୍ବାହ୍ନ ୧୦ଟା।
- ଉଠା ଦୋକାନୀଙ୍କ ଅଧିକାର ନେଇ ଶୋଭାଯାତ୍ରା ଓ ବିକ୍ଷୋଭ, ମାଷ୍ଟର କ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୧ଟା ୨୦।
- ଶ୍ରୀଜଗନ୍ନାଥ କଳାକେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ ଏବଂ ସଙ୍ଗୀତ ସନ୍ଧ୍ୟା, ଭଞ୍ଜକଳା ମଣ୍ଡପ, ଅପରାହ୍ନ ୫ଟା।
- ଆଦ୍ୟାନ୍ତର ୧୬ତମ ବାର୍ଷିକ ଉତ୍ସବ, ଜିପି ସିଂ ଅଡିଟୋରିୟମ୍, ଗଙ୍ଗପଡ଼ା, ଯାଆଁଳ, ଅପରାହ୍ନ ୫ଟା ୧୫।
- ମୁକ୍ତ ଚିନ୍ତନ ମଞ୍ଚର ଆଲୋଚନାଚକ୍ର, ଭାରତୀୟ ବିଦ୍ୟାଭବନ, ସନ୍ଧ୍ୟା ୬ଟା।
- ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ରର ଏକ ଅନନ୍ୟ ସଙ୍ଗୀତ ସନ୍ଧ୍ୟା ସୂଚନା ଭବନ, ସନ୍ଧ୍ୟା ୬ଟା।

# ଆଏନାଙ୍କୁ କିଟ୍ ନହ୍ନିପରୀ ମୁକୁଟ

## ରାଇସା ସେହନାୱାଜ ପ୍ରଥମ, ସାଚି ରାଜେଶ ସାୱନ୍ତ ଦ୍ୱିତୀୟ ରନର୍ସଅପ୍



ନହ୍ନିପରୀ ମୁକୁଟ ବିଜୟିନୀଙ୍କ ସହ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ।

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ଭୁବନେଶ୍ୱରର ଝିଅ ଆଏନା ରାଉତରାୟ 'କିଟ୍ ନହ୍ନିପରୀ ଲିଟିଲ ମିସ୍ ଇଣ୍ଡିଆ-୨୦୨୨' ଟାଇଟଲ ହାସଲ କରିଛନ୍ତି। କିଟ୍ ପକ୍ଷରୁ ଆୟୋଜିତ ମେଗା କାର୍ଯ୍ୟକ୍ରମର ଗୁରୁବାର ଫାଇନାଲ ରାଉଣ୍ଡରେ ସମଗ୍ର ଦେଶରୁ ୯ଜଣ ଫାଇନାଲିଷ୍ଟ ନିଜର ପର୍‌ଫରମାନ୍ସ ଦେଖାଇଥିଲେ। ସମସ୍ତଙ୍କୁ ପଛରେ ପକାଇ ଆଏନା ନହ୍ନିପରୀ ମୁକୁଟ ସହ ୩ଲକ୍ଷ ଟଙ୍କାର ନଗଦ ଅର୍ଥରାଶି ପୁରସ୍କାର ଲାଭ କରିଛନ୍ତି। ମେଘାଳୟର ରାଇସା ସେହନାୱାଜ ପ୍ରଥମ ରନର୍ସଅପ୍ ହୋଇଥିବାବେଳେ ଗୋଆର ସାଚି ରାଜେଶ ସାୱନ୍ତ ଦ୍ୱିତୀୟ ରନର୍ସ ଅପ ହୋଇଥିଲେ। ଏହି ଦୁଇ ରନର୍ସ ଅପ୍‌ଙ୍କୁ ଯଥାକ୍ରମେ ୧ ଲକ୍ଷ ଓ ୫୦ହଜାର ଟଙ୍କାର ନଗଦ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାର ୧୦ଟି ବିଭିନ୍ନ ବିଭାଗ ଯଥା ମିସ୍ ରାପୁଞ୍ଜେଲ(ସୁନ୍ଦର କେଶ) ପାଇଁ ଆଏନା, ଲିଟିଲ ମିସ୍ ଫଟୋଜେନିକ ପାଇଁ ଝାଡ଼ଖଣ୍ଡର ଅଭିଷିକା ଚାନ୍ଦ, ଲିଟିଲ ମିସ୍ ସେଲ୍ଫି ପାଇଁ ସିକିମ୍‌ର ସିଦ୍ଧିକା ପ୍ରସାଦ, ଲିଟିଲ ମିସ୍ ଉଇଜ୍‌କିଡ(କୁଇଜ୍‌ରେ ସର୍ବାଧିକ ନମ୍ବର) ସିକିମ୍‌ର ଆନ୍‌ଭି ବନିଆ, ମିସ୍ ସିଣ୍ଡ୍ରେଲା ପାଇଁ ଭୁବନେଶ୍ୱରର କ୍ରିଷିତା ମହାପାତ୍ର, ମିସ୍ ଉର୍ବଶୀ ରାଇସା ସାହାନାୱାଜ, ମିସ ପର୍ସନାଲିଟି କୋଲକାତା ପାରିଜାତ ଚୌଧୁରୀ, ମିସ୍ ମୋନାଲିସା ପାଇଁ ସାଚି ରାଜେଶ ସାୱନ୍ତ ଏବଂ ମିସ ଆକ୍ଟିଭ ପାଇଁ ଭୁବନେଶ୍ୱର ଚିରଶ୍ରୀ ସାଗରିକା ପୁରସ୍କୃତ ହୋଇଥିଲେ। ପୁରସ୍କାର ବାବଦକୁ ପ୍ରତ୍ୟେକଙ୍କୁ ନଗଦ ଅର୍ଥରାଶି, ମୁକୁଟ ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏଥର ମୋଟ ୪୧ଲକ୍ଷ ଟଙ୍କାର ପୁରସ୍କାର ରଖାଯାଇଥିଲା। ସେଥିମଧ୍ୟରୁ ଟାଇଟଲ ବିଜୟିନୀଙ୍କୁ ନଗଦ ୩ଲକ୍ଷ ଟଙ୍କା ନଗଦ ରାଶି ସହ କିଟ୍ ବିଶ୍ୱବିଦ୍ୟାଳୟରେ ଯେ କୌଣସି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଶତ ପ୍ରତିଶତ ଫି' ଛାଡ଼ ଅର୍ଥାତ ସର୍ବାଧିକ ୧୮ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଏଥିସହ ନିଜ ବାପା କିମ୍ବା ମା'ଙ୍କ ସହିତ ଏକ ସପ୍ତାହ ଦକ୍ଷିଣ କୋରିଆ ପରିଭ୍ରମଣର ସୁଯୋଗ ମିଳିବ। ସେହିପରି ପ୍ରଥମ ରନର୍ସ ଅପ୍‌ଙ୍କୁ ସମୁଦାୟ ପୁରସ୍କାର ରାଶି ୧୦ଲକ୍ଷ ଥିବାବେଳେ ୧ଲକ୍ଷ ଟଙ୍କା ନଗଦ ଅର୍ଥ ରାଶି ଏବଂ କିଟ୍‌ରେ ନାମ ଲେଖାଇଲେ ୫୦ ପ୍ରତିଶତ ଫି' ଛାଡ଼ ଅର୍ଥାତ ସର୍ବାଧିକ ୯ ଲକ୍ଷ ଟଙ୍କା ଫି ଛାଡ଼ କରାଯିବ। ଦ୍ୱିତୀୟ ରନର୍ସଅପ୍‌ଙ୍କୁ ୫୦ହଜାର ଟଙ୍କା ଓ କିଟ୍‌ରେ ନାମ ଲେଖାଇଲେ ୫୦ ପ୍ରତିଶତ ଫି' ଅର୍ଥାତ ସର୍ବାଧିକ ୯ ଲକ୍ଷ ଟଙ୍କା ଫି' ଛାଡ଼ ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟକ୍ରମରେ କିଟ୍ ନହ୍ନିପରୀର ମୁଖ୍ୟ ପୃଷ୍ଠପୋଷକ ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ପୃଷ୍ଠପୋଷକ ମଳୟ ମହାପାତ୍ର, ନହ୍ନିପରୀ କୋର୍ କମିଟିର ସଦସ୍ୟା ଡ. ସୁଚେତା ପ୍ରିୟବାଦିନୀ, ଶ୍ରଦ୍ଧାଞ୍ଜଳି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ନହ୍ନିପରୀର ସ୍ୱତନ୍ତ୍ର ଆକର୍ଷଣ ଥିଲା କୋରିଆର ଗ୍ଲୋରିଆ କୋରିଆନ ଡ୍ୟାନ୍ସ ଗ୍ରୁପ ଓ ସିରିଆ ମ୍ୟୁଜିକ ଆଫ୍ରୋ ଡ୍ୟାନ, ସିନାଲିଜ ଓ ଏମ୍. ଜୋନ ଡ୍ୟାନ୍ସ ଷ୍ଟୁଡିଓ ଦ୍ୱାରା ନୃତ୍ୟ ପରିବେଷଣ। ସେହିପରି ଅତିଥି ଭାବେ ଫେମିନା ମିସ୍ ଇଣ୍ଡିଆ ୱାର୍ଲ୍ଡ-୨୦୨୦ ମୋନସା ବାରନାସି, ଫେମିନା ମିସ୍ ଇଣ୍ଡିଆ ରନର୍ସ ଅପ -୨୦୨୦ ମାନ୍ୟା ସିଂହ, ମିସ୍ ଦିବା ସୁପ୍ରା ନ୍ୟାଶନାଲ ଇଣ୍ଡିଆ ପ୍ରଜ୍ଞା ଆୟାଗରି, ଇଣ୍ଟରନ୍ୟାଶନାଲ ହ୍ୟୁମାନିଟି ଜେନେରାଲର ଗଭର୍ନର ଟି. ୟୁକେ ଚଙ୍ଗ, କୋରିଆ-ଭାରତ ସାଂସ୍କୃତିକ ବିନିମୟ ସଂଘର ସଭାପତି ଅଧକ୍ଷା ନାମ ସୁକ ୟଙ୍ଗ, ସିଓଲସ୍ଥିତ ମୋନାରେଟେକ କମ୍ପାନୀର ଅଧକ୍ଷ ଜେ. ଆର. ଜୋସେଫ ଚୋ, ଅଲିମ୍ପିଆନ ଦୂତୀ ଚାନ୍ଦ, ସିନେ ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ଅଭିନେତା ସବ୍ୟସାଚୀ ମହାପାତ୍ର ଓ ଫ୍ୟାଶନନ ଡିଜାଇନର ସାନ୍‌ଲିସା ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ଧୁଘର ସାହିତ୍ୟ ପିଣ୍ଡା ମହୋତ୍ସବ

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ବନ୍ଧୁଘର ସାହିତ୍ୟ ପିଣ୍ଡା ମହୋତ୍ସବ ଗୁରୁବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବେ ଶାନ୍ତନୁ କୁମାର ଆଚାର୍ଯ୍ୟ ଓ ଡ. ବିଭୂତି ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରେଷ୍ଠ ପାଠକ ସମ୍ମାନରେ ସୁକେଶ ପଟ୍ଟନାୟକ, ଚିତ୍ରଶିଳ୍ପୀ ସମ୍ମାନରେ ଶୀତଲ କୁମାର ମହାପାତ୍ର, ସାରସ୍ୱତ ସଂଗଠକ ସମ୍ମାନରେ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ସଙ୍ଗୀତକାର ସମ୍ମାନରେ ପ୍ରଫୁଲ୍ଲ କୁମାର ବେହେରା, ଗଣମାଧ୍ୟମ ସମ୍ମାନରେ ବସନ୍ତ ମହାନ୍ତି, ପରିବେଶ୍‌ବିତ୍ କୃଷ୍ଣଚନ୍ଦ୍ର ନାୟକ, ସାମ୍ବାଦିକ ସମ୍ମାନରେ ଶ୍ରୀରାମ ଦାସ, ବାଗ୍ମୀତା ସମ୍ମାନରେ ଡ. ପ୍ରତିଭା ମହାରଥୀ, ସାହିତ୍ୟ ସମ୍ମାନରେ ନରସିଂହ ମିଶ୍ର, ସାହିତ୍ୟିକ ଦମ୍ପତିରେ ଦିବାକର ମିଶ୍ର ଓ ଦେବଲକ୍ଷ୍ମୀ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସ୍ୱରାଜ ମିଶ୍ର ଓ ବୈଷ୍ଣବ ଚରଣ ମହାନ୍ତି ସଭା ପରିଚାଳନା କରିଥିଲେ। ସୁଧାଂଶୁ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଗୌତମନଗରରୁ ହଟିଲା ଜବରଦଖଲ

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ବିଡିଏ ଉଚ୍ଛେଦକାରୀ ଟିମ୍ ଗୁରୁବାର ବଡ଼ଗଡ଼ ଥାନା ଅଞ୍ଚଳରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିଛି। ଗୌତମନଗରର ପ୍ଲଟ ନମ୍ବର ୨୪୭, ୩୪୭/୪୧୮୮ରୁ ୯ଟି ଆଜବେଷ୍ଟସ୍ ଘର ମାଟିରେ ମାଟିରେ ମିଶାଇଛନ୍ତି। ପ୍ରାୟ ୧୮ଶହ ବର୍ଗଫୁଟ୍ ସରକାରୀ ଜମି ଜବରଦଖଲ ମୁକ୍ତ ହୋଇଛି।

## କମିଶନରେଟ ପୋଲିସର 'ସେଫ୍ ସିଟି ଡ୍ରାଇଭ୍' ଆରମ୍ଭ

### ବିଭିନ୍ନ ସ୍ଥାନରେ ଯାଞ୍ଚ

ଭୁବନେଶ୍ୱର, ୨୯।୧୨ (ବ୍ୟୁରୋ) - ଶୃଙ୍ଖଳିତ ତଥା ସୁରକ୍ଷିତ ହକି ବିଶ୍ୱକପ୍ ପାଇଁ ସବୁସ୍ତରରୁ ଉଦ୍ୟମ ଚାଲିଛି। ଏଥିପାଇଁ ଦେଶବିଦେଶରୁ ଖେଳାଳି, ଖେଳପ୍ରେମୀ ଆସିବେ। ଏହି ସମୟରେ ଯେପରି କୌଣସି ପ୍ରକାର ଆପରାଧିକ କାର୍ଯ୍ୟାକଳାପ ନ ଘଟେ ସେଥିପ୍ରତି ଶୂନ୍ୟ ସହନଶୀଳତା ଅବଲମ୍ବନ ପାଇଁ କମିଶନରେଟ ପୋଲିସ ପକ୍ଷରୁ ଆଗୁଆ ବ୍ୟବସ୍ଥା କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ୱତନ୍ତ୍ର 'ସେଫ୍ ସିଟି ଡ୍ରାଇଭ୍' ଆରମ୍ଭ କରିଛି କମିଶନରେଟ ପୋଲିସ। ଏହି ଡ୍ରାଇଭ୍‌ରେ ସହରାଞ୍ଚଳର ସମସ୍ତ ପୋଲିସ୍ ଷ୍ଟେଶନ, ଭୁବନେଶ୍ୱର ୟୁପିଡିର ଜୋନାଲ ଏସିପି ତଥା ବଛାବଛା ଅଫିସର ତଦାରଖ କରିବା ସହ ସହର ଉପରେ ନଜର ରଖିବେ। ନିୟମିତ ହୋଟେଲ ଯାଞ୍ଚ, ସନ୍ଦେହଜନକ ଯାନବାହାନ ଚଳାଚଳ ଉପରେ ନଜର, ରେଳ ଷ୍ଟେଶନ ଓ ବସ୍ ଷ୍ଟାଣ୍ଡରେ ଅପରାଧୀ ଓ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଗତିବିଧି ଯାଞ୍ଚ, ଜନଗହଳିପୂର୍ଣ୍ଣ କିମ୍ବା ଖୋଲା ସ୍ଥାନରେ ମଦ୍ୟପାନ କରି ଉତ୍ପାତ କରୁଥିବା ଖଟିରେ କ୍ରମାଗତ ଚଢାଉ କରାଯିବ। ସେହିପରି ନିଶା ବେପାରୀଙ୍କ ଉପରେ ନଜର କରି ଗିରଫ କରିବା, ସହରର ବିଭିନ୍ନ ସ୍ଥାନରେ ନାକା ଓ ରାତି ଯାଞ୍ଚ, ବିଳମ୍ବିତ ରାତିରେ ଚାଲୁଥିବା ବାର୍, ଡ୍ୟାନ୍ସ ବାର୍, କ୍ଲବ୍ ଆଦି ଉପରେ ଅପରେସନ କରାଯିବ। ସେହିଭଳି ଲୁଟ୍ ଛିନତାଇ ଓ ଡକାୟତି ଭଳି ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବା ଫେରାର ଅଭିଯୁକ୍ତଙ୍କୁ ଧରିବା ଲାଗି ଅଭିଯାନ ଆରମ୍ଭ ହୋଇଛି।

## ୫୧ ସ୍ଥାନରେ ଶୋଭାପାଇବ ପ୍ରସ୍ତର, ସ୍କ୍ରାପ୍ ଭାସ୍କର୍ଯ୍ୟ

**ଅନ୍ତର୍ଜାତୀୟ ଭାସ୍କର୍ଯ୍ୟ ଶିଳ୍ପୀ ସିମ୍ପୋଜିୟମ ଉଦ୍‌ଯାପିତ**



ଅନ୍ତର୍ଜାତୀୟ ଭାସ୍କର୍ଯ୍ୟ ଶିବିରର ଉଦ୍‌ଯାପନ ଅବସରରେ ଅତିଥିଙ୍କ ସହ ଶିଳ୍ପୀମାନେ।

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

କଳାଭୂମି ପରିସରରେ ଚାଲିଥିବା ଅନ୍ତର୍ଜାତୀୟ ଭାସ୍କର୍ଯ୍ୟ ଶିଳ୍ପୀ ସିମ୍ପୋଜିୟମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିଳ୍ପୀ ଶିବିରରେ ପ୍ରସ୍ତୁତ ପ୍ରସ୍ତର ଓ ସ୍କ୍ରାପ୍, ଟୋରାକୋଟା ଭାସ୍କର୍ଯ୍ୟ ସହରର ୫୧ଟି ପ୍ରମୁଖ ସ୍ଥାନରେ ଶୋଭାପାଇବ। ହକି ବିଶ୍ୱକପ୍ ଆୟୋଜନକୁ ଆକର୍ଷଣ କରିବା ପାଇଁ ଏହି ଉଦ୍ୟମ କରାଯାଉଛି। ଉଦଯାପନୀ ଉତ୍ସବରେ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗଦେଇ ଶିଳ୍ପୀମାନେ ନିଜର ଉତ୍କୃଷ୍ଟ କଳା ଦ୍ୱାରା ଭୁବନେଶରକୁ ସୁନ୍ଦର କରିବା ପର୍ଯ୍ୟାୟକୁ ସାଧୁବାଦ ଜଣାଇଥିଲେ। ଲଳିତ କଳା ଏକାଡେମୀ ଏକାଡେମୀ ସଭାପତି ନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଶିଳ୍ପୀଙ୍କୁ ଭୂୟସୀ ପ୍ରଶଂସା କରିଥିଲେ ଓ ସଚିବ ପଞ୍ଚାନନ ସାମଲ ସିମ୍ପୋଜିୟମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ପ୍ରଥମଥର ପାଇଁ ଏପରି ଏକ ବୃହତ ଶିବିରର ଆୟୋଜନ କରାଯାଇଛି ଯେଉଁଠାରେ ସୁଉଚ୍ଚ ସୃଜନଶୀଳ ପ୍ରସ୍ତର ଭାସ୍କର୍ଯ୍ୟ ଓ ସ୍କ୍ରାପ ମେଟାଲ ଭାସ୍କର୍ଯ୍ୟ ସ୍ଥାନ ପାଇଛି। ଏଥିରେ ଆମେରିକାରୁ କାରୋଲ ଟର୍ନର, ଇଟାଲୀରୁ ଏଲିନା ସାରାସିନୋ, କୋରିଆରୁ ସୋଡଙ୍ଗ ଚୋଏ, ଇଜିପ୍ଟରୁ ଖଲିଦ ଅବଦୁଲା, ଫ୍ରାନ୍ସରୁ ଆଲେକ୍ସ ଲବେଜୋଫ ଓ ଗଦାଧର ଓଝା, ଓଡ଼ିଶାରୁ ଶିଳ୍ପୀଗୁରୁ ପ୍ରଭାକର ମହାରଣା, ଦିଲ୍ଲୀରୁ ଟୁଗୁଲି ସାହୁ, କାଳିକିଙ୍କର ଦେ ଓ ଟୁଟୁ ପଟ୍ଟନାୟକ, ମହାରାଷ୍ଟ୍ରରୁ ପଙ୍କଜ ଗେହଲଟ, ଚଣ୍ଡିଗଡରୁ ବିଶାଲ ଭଟ୍ଟନାଗର, ମୁମ୍ବାଇରୁ ରତନ ସାହା, ବାଙ୍ଗାଲୋରରୁ ଡ. ଜ୍ଞାନେଶ ମିଶ୍ର, କେରଳରୁ ରାଜଶେଖର ନାୟର ଓ ଜମ୍ମୁ କାଶ୍ମୀରରୁ ଚନ୍ଦର ପ୍ରକାଶ ପ୍ରମୁଖ ଅଂଶ ଗ୍ରହଣ କରି ଆକର୍ଷଣୀୟ କଳାକୃତି ପ୍ରସ୍ତୁତ କରିଛନ୍ତି। ଉଦ୍‌ଯାପନ ଅବସରରେ ଶିଳ୍ପୀମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରଯାଇଥିଲା।



## ଗବେଷଣା ପାଇଁ ଶରୀର ଦାନକଲେ ପରିବାର ବର୍ଗ

**ଓଡ଼ିଶା-ମୋ ପରିବାର ସହଯୋଗର ହାତ ବଢାଇଲା**

ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)

ଖୋର୍ଦ୍ଧା ଜିଲା ପାତ୍ରପଡ଼ା ଅଞ୍ଚଳର ୬୪ ବର୍ଷୀୟ ଶ୍ରୀନିବାସ ମିଶ୍ରଙ୍କର ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ମୃତ୍ୟୁ ଘଟିଛି। ଜୀବନ ଯୁଦ୍ଧରେ ହାରିଯାଇ ସେ ସବୁଦିନ ପାଇଁ ଚିରନିଦ୍ରାରେ ଶୋଇଯାଇଛନ୍ତି ସିନା, ହେଲେ ତାଙ୍କ ଶରୀର ତାଙ୍କ ପରି ଅନେକ ରୋଗୀଙ୍କ ଜୀବନକୁ ବଞ୍ଚାଇବାରେ ସହାୟକ ହେବାକୁ ଯାଉଛି। ପରିବାର ଲୋକେ ଓଡ଼ିଶା-ମୋ ପରିବାର ସହଯୋଗରେ ଶ୍ରୀନିବାସଙ୍କ ଶରୀରକୁ ମେଡିକାଲ ଗବେଷଣା ପାଇଁ ଭୁବନେଶ୍ୱର ଏମ୍ସକୁ ଦାନକରି ମହାନତାର ଉଦାହରଣ ସାଜିଛନ୍ତି। ଶ୍ରୀନିବାସ ଗତ କିଛିବର୍ଷ ହେବ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଏମ୍ସରେ ଚିକିତ୍ସିତ ହେଉଥିଲେ। ସେହି ସମୟରେ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସୋମନାଥ ସ୍ୱାଇଁ ତାଙ୍କୁ ଆବଶ୍ୟକ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ। ପ୍ରାୟ ୮ଦିନ ତଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ହେଲେ ଗୁରୁବାର ସକାଳେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ପରିବାରବର୍ଗ ତାଙ୍କ ମୃତ୍ୟୁରେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ ଏବଂ ସମାଜ ଆଖିରେ ତାଙ୍କ ସ୍ମୃତିକୁ ବଞ୍ଚାଇ ରଖିବା ପାଇଁ ଗବେଷଣା ନିମନ୍ତେ ଶ୍ରୀନିବାସଙ୍କ ଶରୀର ଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ଓଡ଼ିଶା-ମୋ ପରିବାର ପକ୍ଷରୁ ଅଙ୍ଗଦାନ ଅଭିଯାନ ସମ୍ପର୍କରେ ଖବର ପାଇବା ପରେ ପରିବାରବର୍ଗ ସ୍ୱାସ୍ଥ୍ୟ ଉପଦେଷ୍ଟା ଡା. ସତ୍ୟଜିତ ଦାଶଙ୍କୁ ଯୋଗାଯୋଗ କରିଥିଲେ। ଓଡ଼ିଶା-ମୋ ପରିବାର ପକ୍ଷରୁ ଏମ୍ସ ହସ୍ପିଟାଲ ସହିତ ଯୋଗାଯୋଗ କରାଯାଇ ଶ୍ରୀନିବାସଙ୍କ ମରଶରୀର ଗବେଷଣା ନିମନ୍ତେ ଦାନ କରାଯାଇଥିଲା। ଏ ସମସ୍ତ ପ୍ରକ୍ରିୟାକୁ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସୋମନାଥ ସଂଯୋଜନା କରିଥିଲେ।

## ପ୍ରାଥମିକ ଶିକ୍ଷକଙ୍କ ଦାବି ନେଇ ଆଲୋଚନା ସକାରାତ୍ମକ

ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)

ପ୍ରାଥମିକ ଶିକ୍ଷାରେ ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ସହ ୨୦୦୧ରୁ ନିଯୁକ୍ତି ପାଇଥିବା ଶିକ୍ଷକଙ୍କୁ ଇନ୍‌କ୍ରିମେଣ୍ଟ ପ୍ରଦାନ, ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ପୁନଃ ପ୍ରଚଳନ ଭଳି ପ୍ରାଥମିକ ଶିକ୍ଷକଙ୍କ ତିନିଦଫା ଦାବି ଉପରେ ଗୁରୁବାର ଉଚ୍ଚସ୍ତରୀୟ ଆଲୋଚନା ହୋଇଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପ୍ରତିନିଧି ଦସ୍ତାବିଜ ସହ କମିଟି ନିକଟରେ ଦାବି ଉପସ୍ଥାପନ କରିଥିଲେ। ସମସ୍ତ ଦାବିଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରାଯିବା ସହ ଅନ୍ୟ ରାଜ୍ୟର ନୂତନ ପେନସନ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକଙ୍କ ଦରମାକୁ ତର୍ଜମା କରାଯିବ। ୬ ବର୍ଷର ଚୁକ୍ତି କାର୍ଯ୍ୟକାଳକୁ ଇନକ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରିବା ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ସରକାର ଦାବିଗୁଡ଼ିକୁ ସହୃଦୟତାର ସହ ବିଚାର କରି ନୂଆବର୍ଷରେ ପ୍ରାଥମିକ ଶିକ୍ଷକଙ୍କୁ ଭେଟିଦେବେ ବୋଲି ମହାସଂଘ ଆଶାବାଦୀ ରହିଛି। ଦୁଇସପ୍ତାହ ମଧ୍ୟରେ ଦାବି ପୂରଣ ନ କଲେ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି। ବୈଠକରେ ମହାସଂଘ ସଭାପତି ମଣ୍ଡଳୀ ସଦସ୍ୟ ସୁଶାନ୍ତ ବେହେରା, ବ୍ରହ୍ମାନନ୍ଦ ମହାରଣା, ରାଜେଶ ମହାନ୍ତି, ସାଧାରଣ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଭୁପ୍ରସାଦ ସାହୁ, ଖଗେନ୍ଦ୍ରନାଥ ପାଳ, ବଙ୍କିମ ସାଗର, ବିକ୍ରମ କୁମାର ରଥ ଓ ପଶ୍ଚିମ ଓଡ଼ିଶା ଶିକ୍ଷକ ଫୋରମର ପ୍ରମୋଦ କୁମାର ପଣ୍ଡା, ସୁରେନ୍ଦ୍ର ରାଉତ, କୁବେର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପ୍ରାଥମିକ ଶିକ୍ଷକଙ୍କ ପ୍ରତି ବୈମାତୃକ ମନୋଭାବର ପ୍ରତିବାଦରେ ଗତମାସ ୨୭ ତାରିଖରେ ୫୦ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ବିଧାନସଭା ସମ୍ମୁଖରେ ମହାସମାବେଶ କରିଥିଲେ। ନଭେମ୍ବର ୨୮ରେ ଗଣଶିକ୍ଷା ସଚିବ ଓ ୨୯ ତାରିଖରେ ମୁଖ୍ୟ ଶାସନ ସଚିବଙ୍କ ସହିତ ମହାସଂଘର ଆଲୋଚନା କରାଯାଇଥିଲା। କିନ୍ତୁ କୌଣସି ଫଳପ୍ରଦ ନ ମିଳିବାରୁ ମହାସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଥିଲା। ନଭେମ୍ବର ୩୦ରେ ପୁଣିଥରେ ମୁଖ୍ୟ ଶାସନ ସଚିବଙ୍କ ସହିତ ଆଲୋଚନା ପରେ ମୁଖ୍ୟ ସଚିବଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଥିଲା। ଡିସେମ୍ବର ୧୬ରୁ ୨୦ ମଧ୍ୟରେ ଉଚ୍ଚସ୍ତରୀୟ ବୈଠକ ବସାଇ ନିଷ୍ପତ୍ତି ନିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାରୁ ମହାସଂଘ ଆନ୍ଦୋଳନକୁ ସ୍ଥଗିତ ରଖିଥିଲା। ଗତ ୨୧ ତାରିଖରେ ମୁଖ୍ୟ ସଚିବଙ୍କ ଅଧକ୍ଷତାରେ ପ୍ରଥମେ ଉଚ୍ଚସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା।

## ହକି ବିଶ୍ୱକପ୍ ପାଇଁ 'ମ୍ୟୁଜିକ୍ ଇନ୍ ପାର୍କ'

- ଝୁମୁଛନ୍ତି ଶ୍ରୋତା, ବସ୍ତିରେ ଝୋଟି ପ୍ରତିଯୋଗିତା
- ଜାନୁୟାରୀ ୮ରେ ଖଣ୍ଡଗିରିରୁ ଷ୍ଟୁଡ଼ିଓ ଛକ ରାସ୍ତାରେ ପଥ ଉତ୍ସବ

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ହକି ବିଶ୍ୱକପ୍ ପାଖେଇ ଆସୁଥିବାବେଳେ ସହରବାସୀଙ୍କୁ ଏଥିରେ ସାମିଲ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଓ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ପକ୍ଷରୁ ଜାନୁୟାରୀ ୧୦ ପର୍ଯ୍ୟନ୍ତ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଥିମ୍ ରହିଛି 'ଚକ୍‌ଦେ ଭୁବନେଶ୍ୱର'। ଗତ ସପ୍ତାହରେ ପଥ ଉତ୍ସବ ଆରମ୍ଭ ହୋଇଥିବାବେଳେ ବର୍ତ୍ତମାନ 'ମ୍ୟୁଜିକ୍ ଇନ୍ ପାର୍କ' ମାଧ୍ୟମରେ ଲୋକଙ୍କୁ ହକି ସହିତ ଯୋଡ଼ିବାର ପ୍ରୟାସ କରାଯାଉଛି। ବୁଧବାରଠାରୁ ଇନ୍ଦିରା ଗାନ୍ଧୀ(ଆଇଜି) ପାର୍କରୁ ଆରମ୍ଭ ହୋଇଥିବା ଏହି ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମର ଗୁରୁବାର ଦ୍ୱିତୀୟ ଦିନରେ ବିଏମ୍‌ସି ମେୟର ସୁଲୋଚନା ଦାସ, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ସ୍ଥାନୀୟ କର୍ପୋରେଟର ଯୋଗଦେଇ ଲୋକଙ୍କୁ ଉତ୍ସାହିତ କରିଥିଲେ। ଆଇଜି ପାର୍କରେ ଶୁକ୍ରବାର ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ପରେ ଲୁମ୍ବିନୀ ବିହାରସ୍ଥିତ ବୁଦ୍ଧ ପାର୍କ, ବିଜୁ ପଟ୍ଟନାୟକ ପାର୍କ, ପୋଖରୀପୁଟସ୍ଥିତ ମଧୁସୂଦନ ପାର୍କ ଆଦିରେ ଏପରି କାର୍ଯ୍ୟକ୍ରମର ମଜା ନେବେ ସହରବାସୀ। ଏଥିସହ ହକି ସମ୍ପର୍କିତ କୁଇଜ୍ ସହ ପ୍ରୋତ୍ସାହନମୂଳକ ପୁରସ୍କାର ପ୍ରଦାନ କରାଯିବ। ତେବେ ଆଇଜି ପାର୍କରେ 'ମ୍ୟୁଜିକ୍ ଇନ୍ ପାର୍କ' କାର୍ଯ୍ୟକ୍ରମ ଅପରାହ୍ନ ୫ଟା ୩୦ରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ଚାଲୁଛି। ସନ୍ଧ୍ୟାରେ ପାର୍କ ଆସୁଥିବା ସହରବାସୀ ନାମୀ କଣ୍ଠଶିଳ୍ପୀଙ୍କ ଗୀତରେ ଝୁମୁଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ସହରର ସବୁ ବର୍ଗର ଲୋକଙ୍କୁ ହକି ବିଶ୍ୱକପ୍ ସହ ପରିଚିତ କରାଇବା ପାଇଁ ବିଭିନ୍ନ ବସ୍ତି ଅଞ୍ଚଳରେ ଝୋଟି ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଏଥିରେ ଅଂଶଗ୍ରହଣକାରୀମାନେ ମୁରୁଜରେ ହକି ସମ୍ପର୍କିତ ଝୋଟି କରି ପୁରସ୍କୃତ ହେଉଛନ୍ତି। ପୂର୍ବରୁ ଅଟୋ ଚାଳକଙ୍କ ଦ୍ୱାରା ଏକ ଶୋଭାଯାତ୍ରାର ମଧ୍ୟ ଆୟୋଜନ କରାଯାଇଥିଲା। ଏହିପରି ଭାବେ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିବ ବୋଲି ବିଡିଏ ପକ୍ଷରୁ କୁହାଯାଇଛି। ଜାନୁୟାରୀ ୮ରେ ହେବାକୁ ଥିବା ପଥ ଉତ୍ସବ ଲିଙ୍ଗରାଜ ମନ୍ଦିର ଅଞ୍ଚଳ ପରିବର୍ତ୍ତେ ଖଣ୍ଡଗିରିରୁ ଷ୍ଟୁଡ଼ିଓ ଛକ ମଧ୍ୟରେ ଆୟୋଜିତ ହେବାନେଇ ସୂଚନା ଦିଆଯାଇଛି। ସେହିପରି ୧୫ ତାରିଖରେ କିଟ ରୋଡ୍‌ରେ ଏହି ଉତ୍ସବର ମଜାନେବେ ରାଜଧାନୀବାସୀ।



ପ୍ରତିଯୋଗିତରେ ମହିଳାମାନେ ହକିକୁ ନେଇ ଝୋଟି ତିଆରି କରୁଛନ୍ତି।





ଇନ୍ଦିରା ଗାନ୍ଧୀ ପାର୍କରେ ଚାଲିଥିବା 'ମ୍ୟୁଜିକ୍ ଇନ୍ ପାର୍କ'ର ଗୁରୁବାର ଦ୍ୱିତୀୟ ଦିବସରେ ବିଏମ୍‌ସି ମେୟର ସୁଲୋଚନା ଦାସ, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ଅନ୍ୟ ଅତିଥିମାନେ। କାର୍ଯ୍ୟକ୍ରମକୁ ଉପଭୋଗ କରୁଥିବା ଦର୍ଶକ।

**ଗୁଡ଼ିରେ ମାଞ୍ଜାସୂତା ବ୍ୟବହାର ନିଷେଧ ହେଉ**

କଟକ ଅଫିସ: ଆଗକୁ ଆସୁଛି ମକର ପର୍ବ। ଏହି ପର୍ବରେ ଗୁଡ଼ି ଉଡ଼ାଇବାର ପରମ୍ପରା ରହିଛି। ହେଲେ ପରମ୍ପରାରୁ ଯୁବବର୍ଗ ପାଉଥିବା ଖୁସି କାହା ପାଇଁ ଘାତକ ସାଜୁଛି ତ କାହାର ଜୀବନ ବିପଦକୁ ଠେଲି ହୋଇଯାଉଛି। ଏହାର ପ୍ରମୁଖ କାରଣ ହେଉଛି ଗୁଡ଼ିରେ ମାଞ୍ଜାସୂତା ବ୍ୟବହାର। ଏହାକୁ ନିଷେଧ କରାଯିବା ପାଇଁ ଯେତେପ୍ରକାର ଚେଷ୍ଟା କରାଯାଉଥିଲେ ମଧ ଫଳପ୍ରଦ ହୋଇପାରିନାହିଁ। ଯଦ୍ୱାରା ଖୁସି ମଧରେ ଦୁଃଖଦ ପରିସ୍ଥିତି ସୃଷ୍ଟି ହେଉଛି। ତେବେ ଏହି ମାଞ୍ଜାସୂତା ବ୍ୟବହାରକୁ ରୋକିବା ଦିଗରେ ପ୍ରଶାସନ ଏବେଠୁ ଆବଶ୍ୟକ ପଦକ୍ଷେପ ନେବାକୁ ଆଇନଜୀବୀ ପଦ୍ମାଳୟା ମହାପାତ୍ର ଓ ସାମାଜିକ କର୍ମୀ ପୁଷ୍ପାଞ୍ଜଳି ମହାପାତ୍ର ପ୍ରମୁଖ କଟକ ଜିଲାପାଳ, ଡିସିପି, ସିଏମ୍ସି କମିଶନରଙ୍କୁ ଚିଠି ଲେଖି ନିବେଦନ କରିଛନ୍ତି।

## ସଂକ୍ଷେପରେ

### ନାବାଳିକା ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ

**କଟକ ସଦର,୨୯।୧୨(ଡି.ଏନ୍.ଏ.):** ନାବାଳିକା ଅସଦାଚରଣ ଅଭିଯୋଗରେ କନ୍ଦରପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଦାମୋଦରପୁର(ବାଲିସାହି) ଗ୍ରାମର ଅଜୁ ମାଇତୀ(୨୫)। ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାଙ୍କୁ ଗତ ୨୬ ତାରିଖରେ ଅଜୁ ଅସଦାଚରଣ ସହ ବଳାତ୍କାର ଉଦ୍ୟମ କରିଥିଲେ। ଏ ନେଇ ନାବାଳିକା ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବାରୁ ପୋଲିସ ଏକ ମାମଲା (ନଂ.୨୪୦/୨୨) ରୁଜୁ କରିଥିଲା।

### କ୍ରିକେଟ ଟୁର୍ନାମେଣ୍ଟ, ସାଇନିଙ୍ଗ ଷ୍ଟାର ଚାମ୍ପିୟନ

**କଟକ ସଦର,୨୯।୧୨(ଡି.ଏନ୍.ଏ.):** ୪୨ ମୌଜା ଅନ୍ତର୍ଗତ ଶିଶୁଆ ଗ୍ରାମରେ ସ୍ୱର୍ଗତ ବସନ୍ତ କୁମାର ତ୍ରିପାଠୀ ମେମୋରିଆଲ ୨ ଦିନିଆ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଇନିଙ୍ଗ ଷ୍ଟାର ଟିମ୍ ଚାମ୍ପିୟନ ଓ ସୁପର ଟାଇଗର ଦଳ ରନର୍ସ ଅପ୍ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଝାରକଟା ସରପଞ୍ଚ ଶିଶିର ରାଉତ ମୁଖ୍ୟ ଅତିଥି, ବ୍ଲକ ଉପାଧକ୍ଷା ଅମ୍ବିକା ପାତ୍ର, ବୀରବର ଲେଙ୍କା, ପ୍ରଭାତ ଖଟୁଆ, ସମିତି ସଭ୍ୟ ଜୟନ୍ତ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ରବୀନ୍ଦ୍ର କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଉଦ୍‌ଘାଟନୀ ଦିବସରେ ସୁଧାଂଶୁ କୁମାର ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

### ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ

**କଣ୍ଟାପଡା,୨୯।୧୨(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ ଅନ୍ତର୍ଗତ ସାଇଲୋ ଝାରପଡା ଗ୍ରାମର ଅଣବନ୍ଧୀ ଶତାୟୁ ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣ ରାଉତରାୟଙ୍କ ଗୁରୁବାର ସକାଳେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ



ଥାଇ ଘରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ଖବରପାଇ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡପୁଅ ତପନ କୁମାର ରାଉତରାୟ ମୁଖାଗ୍ନି ଦେଇଥିଲେ।

### ରାସ୍ତା ସମ୍ପ୍ରସାରଣ ପାଇଁ ଶିଳାନ୍ୟାସ

**ଖୁଣ୍ଟୁଣୀ,୨୯।୧୨(ଡି.ଏନ.ଏ.):** ପୁରୁଣା କଟକ-ସମ୍ବଲପୁର ରାସ୍ତାର ସମ୍ପ୍ରସାରଣ ପାଇଁ ଗୁରୁବାର କଖଡ଼ିଠାରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଆୟୋଜିତ ଉତ୍ସବରେ ମନ୍ତ୍ରୀ ସ୍ୱାଇଁ କହିଥିଲେ, ଗ୍ରାମାଞ୍ଚଳ ରାସ୍ତାକୁ ସହରାଞ୍ଚଳ ଭଳି ଗଢ଼ି ତୋଳିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସବୁ ଜିଲାରେ ପ୍ରୟାସ ଜାରି ରଖିଛନ୍ତି। କଟକରୁ ଆଠଗଡ଼ ସହର ଦେଇ ସମ୍ବଲପୁର ପର୍ଯ୍ୟନ୍ତ ବହୁସଂଖ୍ୟକ ଗାଡ଼ି ଚଳାଚଳ କରୁଥିବାରୁ ଏହି ରାସ୍ତାକୁ ସମ୍ପ୍ରସାରଣ କରିବା ଜରୁରୀ ହୋଇପଡିଛି। ତେଣୁ ନୂଆ ମଧୁସୂଦନ ସେତୁର ନୂଆପାଟଣାଠାରୁ ଆଠଗଡ଼ ପର୍ଯ୍ୟନ୍ତ ୧୮ କିମି ରାସ୍ତା ଚଉଡା କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ପ୍ରାୟ ୪୨ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ବୋଲି ସ୍ୱାଇଁ କହିଥିଲେ। ଏହାଦ୍ୱାରା ରାସ୍ତାରେ ଭିଡ଼ ହେବନାହିଁ। କଖଡ଼ି ସରପଞ୍ଚ କଳ୍ପନା ଛତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଆଠଗଡ଼ ଏନ୍‌ଏସି ଅଧକ୍ଷା ସସ୍ମିତା ରାଉତ, ୩ ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ ବଳଭଦ୍ର ବାଘ, ଘଣ୍ଟିଖାଲ ସରପଞ୍ଚ ସୁଜାତା ମଞ୍ଜରୀ ରାଉତରାୟ, ଟାଙ୍ଗୀ-ଚୌଦ୍ୱାର ବ୍ଲକ ୧୧ ନଂ. ଜିଲା ପରିଷଦ ସଦସ୍ୟା ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ, ମଙ୍ଗୁଳି ପାଣି, ପ୍ରିୟବ୍ରତ ସାହୁ, ପ୍ରଦୀପ କୁମାର ମହାନ୍ତି, ଦିନେଶ ସାହୁ ଓ କନିଷ୍ଠ ଯନ୍ତ୍ରୀ ପ୍ରଭାତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବାଲିଯାତ୍ରା ଦୁର୍ନୀତି ପ୍ରସଙ୍ଗକୁ ନେଇ ହଟ୍ଟଗୋଳ

**ସିଏମ୍ସି କାଉନସିଲ ବୈଠକ**
- ଭିଜିଲାନ୍ସ ତଦନ୍ତ ଦାବି କଲେ ବିରୋଧୀ
- ତଦନ୍ତ ନିର୍ଦ୍ଦେଶ ଦେଲେ କମିଶନର
- ଗ୍ଲାସ୍ ଭାଙ୍ଗିଲେ, ମାଇକ୍ ଫିଙ୍ଗିଲେ



ସିଏମ୍ସି କାଉନସିଲ ବୈଠକରେ ମେୟର, ଡେପୁଟି ମେୟର, କମିଶନର ଓ କର୍ପୋରେଟରଙ୍କ ସହ ଅନ୍ୟମାନେ।

**କଟକ ଅଫିସ , ୨୯।୧୨**

ହୋହଲ୍ଲା, ପାଟିତୁଣ୍ଡ, ଭଙ୍ଗାରୁଜା ଓ ହଟ୍ଟଗୋଳରେ କଟକ ମହାନଗର ନିଗମ(ସିଏମ୍ସି)ର ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷ କମ୍ପିଥିଲା। ୨ ମାସ ପରେ ଗୁରୁବାର ତରବରିଆ ଭାବେ ସିଏମ୍ସିର ଅଷ୍ଟମ କାଉନସିଲ ବୈଠକ ଡକା ଯାଇଥିଲା। ବୈଠକ ଆରମ୍ଭରୁ ମାହୋଲ ସରଗରମ ହୋଇଥିଲା। ବାଲିଯାତ୍ରା ଭିତ୍ତିଭୂମି ନିର୍ମାଣରେ ଦୁର୍ନୀତି ଅଭିଯୋଗକୁ ନେଇ ମେୟର ସୁବାସ ସିଂ ଓ କମିଶନର ନିଖିଲ ପଵନ କଲ୍ୟାଣଙ୍କୁ ବିରୋଧୀଙ୍କ କଟାକ୍ଷର ସମ୍ମୁଖୀନ ହେବାକୁ ପଡିଥିଲା। ଏଥିରୁ ଯନ୍ତ୍ରୀ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ମଧ ବାଦ୍ ପଡି ନ ଥିଲେ। ଜଣେ ଜଣେ କର୍ପୋରେଟର ଓ ଯନ୍ତ୍ରୀଙ୍କ ସମ୍ପର୍କୀୟମାନେ ବାଲିଯାତ୍ରା ଭିତ୍ତିଭୂମି ତିଆରି ପାଇଁ ବହୁ କୋଟି ଟଙ୍କାର କାମ ହାତେଇଥିବା ଅଭିଯୋଗ ହୋଇଥିଲା। ପୂରା ଟେଣ୍ଡର ଓ କାର୍ଯ୍ୟ ପ୍ରକ୍ରିୟାର ଆଭ୍ୟନ୍ତରୀଣ ତଦନ୍ତ କରାଯିବ ବୋଲି କମିଶନର କହିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ବୈଠକ ଆରମ୍ଭରୁ ପୂର୍ବତନ ଡେପୁଟି ମେୟର ଅଜୟ ବାରିକଙ୍କ ବିୟୋଗରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ଜାନୁୟାରୀ ୧୧ରେ ହେବାକୁ ଥିବା ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ ସମ୍ପର୍କରେ କମିଶନର ବିବରଣୀ ପ୍ରଦାନ କରିଥିଲେ। ଏହି ସମୟରେ ଭାଜପା ଓ କଂଗ୍ରେସ କର୍ପୋରେଟରମାନେ ବାଲିଯାତ୍ରା ପ୍ରସଙ୍ଗ ଉଠାଇଥିଲେ। ଲେଜର ଲାଇଟ୍ ଶୋ' ଓ ଅନ୍ୟାନ୍ୟ କାର୍ଯ୍ୟ ବାବଦରେ କେତେ ଖର୍ଚ୍ଚ ହୋଇଛି ସେ ସମ୍ପର୍କିତ ତଥ୍ୟ ମାଗିଥିଲେ। କର୍ତ୍ତୃପକ୍ଷ ବାଲିଯାତ୍ରାରେ ମନଇଚ୍ଛା ଟେଣ୍ଡର ଦେବା ସହିତ ସମସ୍ତ ତଥ୍ୟ ସାର୍ବଜନୀନ କରି ସ୍ପଷ୍ଟ ମତ ଉପସ୍ଥାପନ କରିବାକୁ ବିରୋଧୀ ଅଡି ବସିଥିଲେ। ସେମାନଙ୍କ କଥାକୁ ଏଡାଇ ଦିଆଯାଇ ବୈଠକକୁ ଆଗକୁ ବଢାଇବା ପାଇଁ ଶାସକ ଦଳ କର୍ପୋରେଟରଙ୍କ ପକ୍ଷରୁ ଉଦ୍ୟମ କରାଯାଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଭାଜପା କର୍ପୋରେଟର କାଚଗ୍ଲାସ ଭଙ୍ଗାରୁଜା କରିବା ସହ ମାଇକ୍ ଫିଙ୍ଗି ଦେଇଥିଲେ। ଏହାପରେ କମିଶନର ଅଧିକାରୀଙ୍କୁ ତଥ୍ୟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଧିକାରୀଙ୍କ ତଥ୍ୟ ଶୁଣି ମାହୋଲ ଆହୁରି ସରଗରମ ହୋଇଥିଲା। କର୍ପୋରେଟର ଗଗନ ଓଝା କହିଥିଲେ, ବାଲିଯାତ୍ରା ଭିତ୍ତିଭୂମି ନିର୍ମାଣରେ ଦୁର୍ନୀତି ହୋଇଛି। ବିନା ଟେଣ୍ଡରରେ ସଫେଇ ବ୍ୟବସ୍ଥା, ଜଣେ ବ୍ୟକ୍ତିଙ୍କୁ କିଭଳି ୬୧ଟି ଟେଣ୍ଡର ଦିଆଗଲା ଓ ଏହାପରେ ବି କର୍ତ୍ତୃପକ୍ଷ ଦୁର୍ନୀତି ହୋଇ ନ ଥିବା କହିବା ବିଡ଼ମ୍ବନାର ବିଷୟ। ତୁରନ୍ତ ଏହାର ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି ସେ କହିଥିଲେ। ସେହିପରି କଂଗ୍ରେସ କର୍ପୋରେଟର ସନ୍ତୋଷ ଭୋଳ କହିଥିଲେ, ବାଲିଯାତ୍ରା ପାଇଁ ଲୋକ ଦେଖାଣିଆ ଭାବେ ସବ୍ କମିଟି ଗଠନ କରାଯାଇଥିଲା। ଏଥିସହ ଯନ୍ତ୍ରୀ ବିଭାଗ ସବିଶେଷ ତଥ୍ୟ ଦେବାକୁ ସେ ଦାବି କରିଥିଲେ। କମିଶନର କହିଥିଲେ, ବାଲିଯାତ୍ରାରେ କୌଣସି ପ୍ରକାର ଦୁର୍ନୀତି ହୋଇନାହିଁ। ପୂରା ଟେଣ୍ଡର ଓ କାର୍ଯ୍ୟ ପ୍ରକ୍ରିୟାର ଆଭ୍ୟନ୍ତରୀଣ ତଦନ୍ତ ହେବ। ଏହି ତଦନ୍ତରେ ଅନିୟମିତତା ଜଣାପଡିଲେ ଉଚ୍ଚସ୍ତରୀୟ ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ସେହିପରି ମେୟର ସିଂ କହିଛନ୍ତି, ଦୁର୍ନୀତି ହୋଇଛି ବୋଲି ସିଧାସଳଖ ଅଭିଯୋଗ ଆଣିବା ଠିକ୍ ନୁହେଁ। ଦୁର୍ନୀତି ରୋକିବାକୁ ସରକାରଙ୍କ ଲୋକାଲ ଫଣ୍ଡ ଅଡିଟ୍, ଏଜି ଅଡିଟ୍ ଆଦି ରହିଛି। ସେମାନେ ଅଡିଟ୍ କରିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ। କଟକର ବିକାଶ କରିବାକୁ ସରକାର ତତ୍ପର ଅଛନ୍ତି। ତେଣୁ ହଟ୍ଟଗୋଳ ନ କରି ବିରୋଧୀ କର୍ପୋରେଟରମାନେ ବୈଠକରେ ଶାନ୍ତିପୂର୍ଣ୍ଣ ଭାବେ ଆଲୋଚନା କରିବାକୁ ସେ ଅନୁରୋଧ କରିଥିଲେ। ମେୟରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଡେପୁଟି ମେୟର ଦମୟନ୍ତି ମାଝୀ, ଡେପୁଟି କମିଶନର ଅଜୟ ମହାନ୍ତି, ଶ୍ୱେତପଦ୍ମା ଡି. ଶତପଥୀ, ଅମିୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜାନୁୟାରୀ ୩୦ ସୁଦ୍ଧା ପ୍ରତି ୱାର୍ଡରେ ୱାର୍ଡ ଅଫିସ୍ ଖୋଲାଯିବା ପାଇଁ କାଉନସିଲ ବୈଠକରେ ଅନୁମୋଦନ ହେବା ସହ ବିଭିନ୍ନ ସମସ୍ୟା ଉପରେ ସମସ୍ତ କର୍ପୋରେଟର ଆଲୋଚନା କରିଥିଲେ।

### କାମ ଦେଲା ମୁଖିଆଙ୍କ ଗୁରୁମନ୍ତ୍ର

ଜଣେ ମହିଳା କର୍ପୋରେଟରଙ୍କୁ କମିଶନର ଦୁର୍ବ୍ୟବହାର କରିଥିବା ଅଭିଯୋଗ ଆଣି ସମସ୍ତ କର୍ପୋରେଟର କାଉନ୍‌ସିଲ ବୈଠକ ବର୍ଜନ କରିଥିଲେ। ଏନେଇ ଗତ ୨୪ ତାରିଖରେ ବିଜେଡି ମୁଖିଆଙ୍କ ସହ ଶାସକ ଦଳର କର୍ପୋରେଟରମାନେ ଆଲୋଚନା କରିଥିଲେ। ସହରର ଉନ୍ନତି ଦିଗରେ କାର୍ଯ୍ୟ କରିବା ସହ କୌଣସି ବିବାଦ ସୃଷ୍ଟି ନ କରିବାକୁ କର୍ପୋରେଟରମାନଙ୍କୁ ଚେତାବନୀ ଦିଆଯାଇଥିଲା। ସେହିପରି ଗୁରୁବାର ସକାଳେ କଟକର ଏକ ଘରୋଇ ହୋଟେଲରେ କର୍ପୋରେଟରମାନଙ୍କ ସହ ବିଜେଡିର ସାଙ୍ଗଠନିକ ସମ୍ପାଦକ ତଥା ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ ଆଲୋଚନା କରିଥିଲେ। ଫଳସ୍ୱରୂପ କାଉନ୍‌ସିଲ ବୈଠକରେ ଶାସକ ଦଳ କର୍ପୋରେଟରମାନେ ଚୁପ୍ ରହିଥିଲେ। ୱାର୍ଡ ସମସ୍ୟା ବ୍ୟତୀତ ଆଉ କୌଣସି ପ୍ରସଙ୍ଗରେ ମୁହଁ ଖୋଲି ନ ଥିଲେ।

### ୧୬ ସ୍ଥାନରେ ଫ୍ୟାନ୍ ପାର୍କ

ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ଦେଖିବା ପାଇଁ ସହରବାସୀଙ୍କୁ ନିମନ୍ତ୍ରଣ କରାଯିବ। ବିଶେଷକରି ଦେଢ଼ ଲକ୍ଷ ପରିବାରକୁ ନିମନ୍ତ୍ରଣପତ୍ର ସହିତ କ୍ୟାଲେଣ୍ଡର ପଠାଯିବ ବୋଲି ବୈଠକରେ କମିଶନର ସୂଚନା ଦେଇଥିଲେ। ଯେଉଁମାନେ ଟିକେଟ୍ ପାଇବାରୁ ବଞ୍ଚିତ ହେବେ ସେମାନେ ନିରାଶ ହେବାର ଆବଶ୍ୟକତା ନାହିଁ। ସିଏମ୍ସି ପକ୍ଷରୁ ୧୬ଟି ଫ୍ୟାନ୍ ପାର୍କ ନିର୍ମାଣ ହେବ। ସେଠାରେ ବଡ଼ ଏଲଇଡି ସ୍କ୍ରିନ୍ ଯୋଗେ ଦର୍ଶକ ଖେଳ ଉପଭୋଗ କରିପାରିବେ। ସେହିପରି ୨୨ଟି ରୂପାନ୍ତରିତ ହାଇସ୍କୁଲରେ ବିଦ୍ୟାର୍ଥୀମାନଙ୍କୁ ଖେଳ ସହିତ ଯୋଡ଼ାଯିବ। ଏଠାରେ ଥିବା ଏଲ୍‌ଇଡି ପରଦାରେ ସେମାନେ ଖେଳ ଉପଭୋଗ କରିପାରିବେ।

### ସିଏମ୍ସି ଯନ୍ତ୍ରୀ ବିଭାଗ କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ

ସହରରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ନିର୍ମାଣ ଦାୟିତ୍ୱ ରାଜ୍ୟ ସରକାରଙ୍କ ସଂସ୍ଥା ପୋଲିସ ହାଉସିଂ କର୍ପୋରେଶନ ଏବଂ ଓଏସଆଇସି ପ୍ରଭୃତି ସଂସ୍ଥାକୁ ଦିଆଯାଇଛି। ଏହାକୁ ନେଇ କଂଗ୍ରେସ କର୍ପୋରେଟର ସନ୍ତୋଷ ଭୋଳ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଯଦି ସରକାରୀ ସଂସ୍ଥା ବଡ଼ ବଡ଼ ପ୍ରକଳ୍ପ କାର୍ଯ୍ୟ କରିବ ତେବେ ସିଏମ୍ସିରେ ଯନ୍ତ୍ରୀମାନେ କାହିଁକି ରହିବେ। ସିଏମ୍ସି ଯନ୍ତ୍ରୀ ବିଭାଗର କାର୍ଯ୍ୟକାରିତାକୁ ନେଇ ଭୋଳ ପ୍ରଶ୍ନ ଉଠାଇଥିଲେ। ଏ ନେଇ ମେୟର କହିଛନ୍ତି, ସରକାରୀ ସଂସ୍ଥା ଦ୍ୱାରା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ହେଲେ ସ୍ୱଚ୍ଛତା ବଜାୟ ରହିପାରିବ।

### ୨ ସ୍ୱାଗତ ତୋରଣ ପାଇଁ ୧୭.୨ ଲକ୍ଷ ଖର୍ଚ୍ଚ

ଚଳିତବର୍ଷ ବାଲିଯାତ୍ରା ପାଇଁ ସହରର ପ୍ରବେଶ ପଥରେ ଦୁଇଟି ସ୍ୱାଗତ ତୋରଣ ନିର୍ମାଣ କରାଯାଇଥିଲା। ଏଥି ନିମନ୍ତେ ୧୭ ଲକ୍ଷ ୨୦ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପରି ଲାଇଟ୍ ଶୋ ପାଇଁ ୮୪ ଲକ୍ଷ ୩୦ ହଜାର ଓ ମୋବାଇଲ ଟଏଲେଟ ପାଇଁ ୭୯ ଲକ୍ଷ ଟଙ୍କା ବ୍ୟୟ ହୋଇଥିବା ନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ କହିଥିଲେ। ଯାହାକୁ ବିରୋଧୀ କର୍ପୋରେଟର ସହଜରେ ଗ୍ରହଣ କରିପାରି ନ ଥିଲେ।

### ଫୋନ୍ କଲେ ସ୍ୱାସ୍ଥ୍ୟ ଅଧିକାରୀ ଉଠାଉ ନାହାନ୍ତି

ସହରରେ ମଶାଧୂଆଁ ଦିଆଯାଉନି, ବୁସ୍ କଟିଂ ହେଉନି, ଖାଦ୍ୟର ମାନ ଯାଞ୍ଚ କରାଯାଉନାହିଁ, କୁଲି ଓ ସଫେଇ କର୍ମଚାରୀଙ୍କୁ ଦରମା ମିଳୁନି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଯୋଗାଯୋଗ କରାଗଲେ ସେ ଫୋନ୍ ଉଠାଉ ନାହାନ୍ତି ବୋଲି କର୍ପୋରେଟରମାନେ ମେୟର ଓ କମିଶନରଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ନେଇ ସ୍ୱାସ୍ଥ୍ୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

### ସମସ୍ୟା ସମାଧାନ ନ ହେଲେ ଧାରଣାରେ ବସିବି

ବୈଠକରେ କର୍ପୋରେଟରମାନେ ନିଜ ନିଜ ୱାର୍ଡର ସମସ୍ୟା ଉପସ୍ଥାପନ କରିଥିଲେ। ତେବେ ୨୯ ୱାର୍ଡରେ ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ମରାମତି କରାଯାଉନାହିଁ। ଆଗାମୀ ଦିନରେ ଉକ୍ତ ସମସ୍ୟାର ସମାଧାନ କରା ନ ଗଲେ କାଉନସିଲ୍ ବୈଠକରେ ଧାରଣାରେ ବସିବି ବୋଲି ୨୯ ନଂ. ୱାର୍ଡ କର୍ପୋରେଟର ସୁମିତ୍ରା ବସ୍ତିଆ ଚେତାବନୀ ଦେଇଛନ୍ତି।

## କମିଶନର-କର୍ପୋରେଟର ବିବାଦ ସମାଧାନ ହେବ

**କଟକ ଅଫିସ,୨୯।୧୨**

କଟକର ଏକ ଘରୋଇ ହୋଟେଲରେ ସିଏମ୍ସିର ବିଜେଡି କର୍ପୋରେଟରମାନଙ୍କୁ ନେଇ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଜାନୁୟାରୀ ୧୧ରେ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଆଲୋଚନା ହୋଇଥିଲା। ଅପରପକ୍ଷରେ କିଛିଦିନ ହେବ ସିଏମ୍ସି କମିଶନର ଓ କର୍ପୋରେଟରଙ୍କ ମଧରେ ବିବାଦ ଲାଗି ରହିଥିବାରୁ କାଉନ୍‌ସିଲ ବୈଠକ ହୋଇପାରୁ ନ ଥିଲା, ଯାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା ଏହି ବିବାଦର ସମାଧାନ ପାଇଁ ବିଜେଡିର ସାଙ୍ଗଠନିକ ସମ୍ପାଦକ ତଥା ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ ଉକ୍ତ ବୈଠକ ଡାକିଥିଲେ। କାଉନ୍‌ସିଲ ବୈଠକ କର୍ପୋରେଟରମାନେ ସହଯୋଗ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ବିଜେଡି ଜିଲା ସଭାପତି ଦେବାଶିଷ ସାମନ୍ତରାୟ ଯୋଗଦେଇ କହିଥିଲେ, କମିଶନର ଓ କର୍ପୋରେଟରଙ୍କୁ ନେଇ ସୃଷ୍ଟି ହୋଇଥିବା ବିବାଦର ସମାଧାନ କରାଯିବ। ପ୍ରଣବଙ୍କ ଅଧକ୍ଷତାରେ ହୋଇଥିବା ବୈଠକରେ ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଜୁବାବୁଙ୍କ ଜନ୍ମମାଟିରେ ଏଭଳି କାର୍ଯ୍ୟକ୍ରମ ଆୟୋଜନକୁ ଭେଟି ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଏହି ବୈଠକ ମେୟର ସୁବାସ ସିଂ,ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଯୋଗଦେଇ ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ ଓ ଅନ୍ୟମାନେ ଫେରୁଛନ୍ତି।

## କଟକ ରେଳ ଷ୍ଟେଶନରେ ମେମୁ ଟ୍ରେନ

**ସ୍ୱାଗତ ଜଣାଇଲା ନଗର ଭାଜପା**

**କଟକ ଅଫିସ, ୨୯।୧୨**

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ନୂତନ ମେମୁ ଟ୍ରେନକୁ ଭୁବନେଶ୍ୱର ରେଳ ଷ୍ଟେଶନରେ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏହି ଟ୍ରେନ ପୁରୀରୁ ଜଳେଶ୍ୱର ପର୍ଯ୍ୟନ୍ତ ଯିବ। ଏହାକୁ କଟକ ରେଳ ଷ୍ଟେଶନରେ ଭାଜପା କଟକ ନଗର ପକ୍ଷରୁ ସ୍ୱାଗତ କରାଯାଇଛି। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବସ୍ତୁଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତାମାନେ ଟ୍ରେନରେ ଯାତ୍ରା କରୁଥିବା ବାଲେଶ୍ୱର ଏମ୍‌ପି ପ୍ରତାପ ଷଡଙ୍ଗୀ ଓ ଯାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଷଡଙ୍ଗୀ କହିଥିଲେ, ଉକ୍ତ ଟ୍ରେନ ରାଜ୍ୟର ଉପକୂଳ ଅଞ୍ଚଳର ଗରିବ ଲୋକଙ୍କ ପାଇଁ ସମର୍ପିତ। ଉକ୍ତ କାର୍ଯ୍ୟକ୍ରମରେ ଦଳୀୟ କର୍ମକର୍ତ୍ତା ବିଶ୍ୱରଞ୍ଜନ ମିଶ୍ର, ପ୍ରବୋଧ ବଡ଼ପଣ୍ଡା, ରତନ ମହାନ୍ତି, ମହମ୍ମଦ ସବିର, ସଂଗ୍ରାମ ସିଂ, ସୁବାସ ମହାନ୍ତି, ଉଷା ପାତ୍ର, ଶରତ ଭୋଳ, ସୁଶାନ୍ତ ମହାନ୍ତି, ହେମଲତା ଭଞ୍ଜଦେଓ, ଅମ୍ବିକା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ସାଇକେଲ ଷ୍ଟାଣ୍ଡରେ ଭୋଟ ବାକ୍ସ

**କଟକ ସଦର,୨୯।୧୨(ଡି.ଏନ୍.ଏ.)**

ପଞ୍ଚାୟତ ନିର୍ବାଚନ ୯ ମାସ ହେବ ଶେଷ ହେଲାଣି। ହେଲେ କଟକ ସଦର ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ସାଇକେଲ ଷ୍ଟାଣ୍ଡରେ ଜମା ହୋଇ ରହିଛି ଭୋଟ ବାକ୍ସ। ସତେ ଯେପରି ପ୍ରଶାସନ ପାଇଁ ଏହା ଅଲୋଡ଼ା ହୋଇଯାଇଛି। କେବଳ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବାଲଟ୍ ପେପର ବ୍ୟବହାର ହେଉଥିବାରୁ ବାକ୍ସ ବ୍ୟବହାର ହେଉଛି। ଅନ୍ୟ ନିର୍ବାଚନରେ ଇଭିଏମ୍ ବ୍ୟବହାର କରାଯାଉଛି। ଭୋଟ୍ ବାକ୍ସଗୁଡ଼ିକ କେନ୍ଦ୍ରୀୟ ନିର୍ବାଚନ ଆୟୋଗଙ୍କ ସମ୍ପତ୍ତି। କିନ୍ତୁ ପଞ୍ଚାୟତ ନିର୍ବାଚନ ପରିଚାଳନା ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ଅନୁମତି ନେଇ ଏହାକୁ ବ୍ୟବହାର କରିଥାନ୍ତି। ଏ ସମ୍ପର୍କରେ କଟକ ସଦର ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ।



ସାଇକେଲ ଷ୍ଟାଣ୍ଡରେ ରଖାଯାଇଥିବା ଭୋଟ୍ ବାକ୍ସ।

## ସଂଘୀୟ ବ୍ୟବସ୍ଥାର ସୁରକ୍ଷା ଦାବିରେ ବିକ୍ଷୋଭ

**କଟକ ଅଫିସ, ୨୯।୧୨**

ଭାରତୀୟ ସଂଘୀୟ ବ୍ୟବସ୍ଥାର ସୁରକ୍ଷା ଦାବି କରି ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) କଟକ ଜିଲା ପକ୍ଷରୁ ଜଗତପୁର ଗୋଲେଇ ଛକଠାରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦଳ ପକ୍ଷରୁ ଜଗତପୁର ଥାନା ନିକଟରୁ ଶୋଭାଯାତ୍ରା ବାହାରି ଗୋଲେଇ ଛକଠାରେ ପହଞ୍ଚିଥିଲା। ଉଦୟ କେଶରୀ ବର୍ମାଙ୍କ ସଭାପତିତ୍ୱରେ ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଡ. ପ୍ରଶାନ୍ତ ମିଶ୍ର କହିଥିଲେ, କେନ୍ଦ୍ର ସରକାର ସମ୍ବିଧାନର ସଂଘୀୟ ବ୍ୟବସ୍ଥା ଉପରେ ଆକ୍ରମଣ କରିଛନ୍ତି। ସଂସଦୀୟ ଗଣତନ୍ତ୍ରର କାର୍ଯ୍ୟବାହିକା, ନ୍ୟାୟପାଳିକା, ତଦନ୍ତ ବ୍ୟବସ୍ଥା ସମେତ ନିର୍ବାଚନ ଆୟୋଗ ଉପରେ ହସ୍ତକ୍ଷେପ କରୁଛନ୍ତି। ତାହା ବିରୋଧରେ ଜନଆନ୍ଦୋଳନକୁ ଶକ୍ତିଶାଳୀ କରିବାକୁ ସେ ଆହ୍ୱାନ ଦେଇଥିଲେ। ସେହିପରି ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ଅମରେନ୍ଦୁ ମହାନ୍ତି ଯୋଗଦେଇ କହିଥିଲେ, ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଧାନସଭା ନିର୍ବାଚନରେ ସଂଖ୍ୟାଗରିଷ୍ଠ ଦଳକୁ ସରକାର ଗଢିବା ଲାଗି ସୁଯୋଗ ନ ଦେଇ ଘୋଡାବେପାର କରାଯାଉଛି। ଏହି ବିକ୍ଷୋଭରେ ବିନୋଦ ବେହେରା, ଅଶୋକ ତାହା, ତ୍ରୈଲୋକ୍ୟ ନାଥ, ହରିହର ମହାନ୍ତି, ଝିଲ୍ଲି ବିଶୋଇ, ରିନା ବିବି, ଅଭୟ ପଟ୍ଟନାୟକ, ଅନୁସୂୟା ବାରିକ, ମଞ୍ଜୁଲତା ଭୋଇ, ରଞ୍ଜିତା ସିଂହ ପ୍ରମୁଖ ସାମିଲ ହୋଇଥିଲେ।

## 'ସାହିତ୍ୟ ସୃଷ୍ଟିରେ କବିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ବାହୁଡ଼ା ବ୍ରହ୍ମ ପୁସ୍ତକ ଉନ୍ମୋଚିତ**

**କଟକ ଅଫିସ, ୨୯।୧୨**

ଜାହ୍ନବୀ ସାହିତ୍ୟ ସଂସଦ ପକ୍ଷରୁ କବି ଛବିରାଣୀ ପତିଙ୍କ କବିତା ପୁସ୍ତକ 'ବାହୁଡ଼ା ବ୍ରହ୍ମ' କଟକ ଶ୍ରୀରାମଚନ୍ଦ୍ର ଭବନରେ ଗୁରୁବାର ଉନ୍ମୋଚିତ ହୋଇଯାଇଛି। ଏହାକୁ ସାରଳା ସାହିତ୍ୟ ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ ଉନ୍ମୋଚନ କରିଥିଲେ। ସାହିତ୍ୟିକ ପ୍ରଫେସର ସୁଦର୍ଶନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା ଯୋଗଦେଇ ପୁସ୍ତକ ପ୍ରକାଶ ନ ହେଲେ ଲୋକଙ୍କ ପାଖରେ ପହଞ୍ଚି ପାରିବ ନାହିଁ। ସେହିପରି ମୁଖ୍ୟବକ୍ତା ଭାବେ ଅଧାପକ ପ୍ରଫୁଲ୍ଲ କୁମାର ସାହୁ ଯୋଗଦେଇ କହିଥିଲେ, ସାହିତ୍ୟ ସୃଷ୍ଟିରେ କବିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିସ୍ତୃତକୁ କମ୍ ଶବ୍ଦ ସଂଯୋଜନାରେ ତାହାକୁ ପ୍ରକାଶ କରିଥାନ୍ତି। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଗାଳ୍ପିକ ରଘୁନାଥ ମହାପାତ୍ର ଓ ଉତ୍କଳ ଗ୍ରାମ୍ୟ ସ୍ୱରାଜ ସଭାପତି ବ୍ରହ୍ମାନନ୍ଦ ମହାନ୍ତି ଯୋଗ ଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡଙ୍ଗୀ ସ୍ୱାଗତ ଭାଷଣ ଓ ଅନୁପମା ପ୍ରକାଶନୀର ପ୍ରକାଶକ ଅଜିତ୍ ମହାପାତ୍ର ଧନ୍ୟବାଦ ଦେଇଥିଲେ।



ଶ୍ରୀରାମଚନ୍ଦ୍ର ଭବନରେ ଗୁରୁବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ 'ବାହୁଡ଼ା ବ୍ରହ୍ମ'କୁ ଉନ୍ମୋଚନ କରୁଛନ୍ତି।

# ମାର୍କେଟ ଛକ ପର୍ଯ୍ୟନ୍ତ ବଢ଼ିଲା ବ୍ୟାରିକେଡ୍

**ପୁରୀ ଅଫିସ, ୨୯।୧୨**

ସମ୍ପ୍ରତି ପର୍ଯ୍ୟଟନ ଋତୁ ଚାଲିଥିବାରୁ ପୁରୀରେ ଭକ୍ତ ଓ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଛି । ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ଅସ୍ଥାୟୀ ବ୍ୟାରିକେଡ୍ କରାଯାଇଛି। ଭକ୍ତମାନେ ଉକ୍ତ ବ୍ୟାରିକେଡ୍ ଦେଇ ଧାଡ଼ିରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି। ମାତ୍ର ଏହି ବ୍ୟାରିକେଡ୍ ଭକ୍ତଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ସ୍ଥାନୀୟ ବାସିନ୍ଦା ମଧ୍ୟ ହଇରାଣ ହେଉଛନ୍ତି। ଅସ୍ଥାୟୀ ବ୍ୟାରିକେଡ୍‌ରେ ଭକ୍ତମାନେ ଘଣ୍ଟା ଘଣ୍ଟା ଠିଆ ହୋଇ ଅଣନିଃଶ୍ୱାସୀ ହେବା ସହ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନୂଆବର୍ଷ ପାଇଁ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ଗୁରୁବାର ମାର୍କେଟ ଛକ ପର୍ଯ୍ୟନ୍ତ ବ୍ୟାରିକେଡ୍ ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ଏଥିସହ ଅଧିକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସେହିପରି ଭକ୍ତମାନେ ଯେପରି ମହାପ୍ରଭୁଙ୍କ ଦର୍ଶନ ଭଲ ଭାବେ କରିପାରିବେ ଓ ନୀତି ଶୃଙ୍ଖଳିତ ହେବ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପ୍ରସ୍ତୁତି କରିଛି। ୩୧ ତାରିଖରେ ଶୀଘ୍ର ରାତ୍ର ପହୁଡ଼ କରାଯିବ। ମଧ୍ୟରାତ୍ରରେ ଦ୍ୱାର ଫିଟାଯାଇ ନୀତି କରାଯାଇ ଭକ୍ତଙ୍କୁ ଦର୍ଶନ ପାଇଁ ଛଡ଼ାଯିବ।

ଅପରପକ୍ଷରେ କୌଣସି କାରଣରୁ ମହାପ୍ରଭୁଙ୍କ ନୀତି ବିଳମ୍ବ ହେଲେ ଧାଡ଼ିରେ ଦୀର୍ଘ ସମୟ ଧରି ଛିଡ଼ା ରହିବା ଯୋଗୁ ଭକ୍ତଙ୍କ ଯନ୍ତ୍ରଣା ବଢ଼ିଯାଉଛି।



ଶୃଙ୍ଖଳିତ ଦର୍ଶନ ଓ ଭକ୍ତଙ୍କ ଭିଡ଼ ନିୟନ୍ତ୍ରଣ ପାଇଁ ଅସ୍ଥାୟୀ ବ୍ୟାରିକେଡ୍ ବ୍ୟବସ୍ଥାକୁ ମାର୍କେଟ ଛକ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି।

- **ନୂଆବର୍ଷରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ସମ୍ଭାବନା**
- **୩୧ରେ ସଅଳ ରାତ୍ର ପହୁଡ଼, ମହାପ୍ରଭୁଙ୍କୁ ଦର୍ଶନ ସୁଯୋଗ**

ପୂର୍ବରୁ ଭକ୍ତମାନେ ଶ୍ରୀମନ୍ଦିରର ଚାରିଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ କରୁଥିଲେ। ଫଳରେ ଭକ୍ତଙ୍କୁ ବହୁ ସମୟ ଧରି ଠିଆ ହେବାକୁ ପଡୁ ନ ଥିଲା। ତେବେ କୋଭିଡ୍ ସମୟରୁ ପ୍ରଶାସନ ଶ୍ରୀମନ୍ଦିର ସିଂହଦ୍ୱାର ଓ ପଶ୍ଚିମଦ୍ୱାର ଦେଇ ଭକ୍ତଙ୍କୁ ପ୍ରବେଶ ଅନୁମତି ଦେଇଥିବାବେଳେ ଉତ୍ତର ଦ୍ୱାର ଓ ଦକ୍ଷିଣ ଦ୍ୱାର ଦେଇ ପ୍ରସ୍ଥାନ ବ୍ୟବସ୍ଥା କରିଛି। ଫଳରେ ସିଂହଦ୍ୱାର ପଟେ ଅସମ୍ଭାଳ ଭିଡ଼ ହେଉଛି। ସିଂହଦ୍ୱାରଠାରୁ ମରିଚିକୋଟ ଛକ ପର୍ଯ୍ୟନ୍ତ ନିର୍ମିତ ଅସ୍ଥାୟୀ ବ୍ୟାରିକେଡ ଓ ଶେଡ୍‌ରେ ଗତ କିଛି ଦିନ ହେବ ଭକ୍ତଙ୍କ ଲମ୍ବାଧାଡ଼ି ଲାଗୁଛି। ପାଣିର ସୁବିଧା ନ ଥିବାରୁ ଶେଡ୍ ଭିତରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଧନ୍ଦି ହେଉଛନ୍ତି। ଗତ ବଡ଼ଦିନଠାରୁ ପ୍ରତିଦିନ ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଶ୍ରୀମନ୍ଦିରକୁ ଆସୁଥିବାବେଳେ ଆସନ୍ତା ୧ ତାରିଖ ନୂଆବର୍ଷରେ ଏହି ସଂଖ୍ୟା ବୃଦ୍ଧି ପାଇ ୩ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ତେଣୁ ବ୍ୟାରିକେଡ୍‌କୁ ମାର୍କେଟ ଛକ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି। ଭିଆଇପିଙ୍କ ଉଦ୍ଦିଷ୍ଟ ପଥରେ ଛାତ୍ରୀଛାତ୍ର ଓ ବୃଦ୍ଧାବୃଦ୍ଧଙ୍କ ଯିବାର ବ୍ୟବସ୍ଥା ହୋଇଛି। ଶ୍ରୀମନ୍ଦିରରେ ଏବେ ପହିଲି ଭୋଗ ଚାଲିଛି। ମାତ୍ର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ହୋଇଥିବା ଦ୍ୱାରଫିଟା ନୀତିଠାରୁ ବିଳମ୍ବରେ ଦ୍ୱାର ଫିଟାଯାଉଛି। ଫଳରେ ନୀତି ବିଳମ୍ବ ହେଉଛି। ଏହା ଭକ୍ତଙ୍କ ଗହଳିର ଅନ୍ୟ ଏକ କାରଣ ବୋଲି କୁହାଯାଉଛି। ଦୁଇଦିନ ତଳେ ପ୍ରବଳ ଗହଳି ଓ ଠେଲାପେଲା ଯୋଗୁ ୯ ଜଣ ଛାତ୍ରୀ ବାଇଶିପାହାଚ ନିକଟରେ ଅଚେତ୍ ହୋଇପଡ଼ିଥିଲେ। ସେହିପରି ଅନେକ ସମୟରେ ଛୋଟପିଲା ଓ ବୃଦ୍ଧାବୃଦ୍ଧ ଭିଡ଼ରେ ଅଣନିଃଶ୍ୱାସୀ ହୋଇପଡ଼ିବାର ନଜିର ରହିଛି। ସମ୍ପ୍ରତି ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି। ସେ କହଛନ୍ତି, ଭିଡ଼ ନିୟନ୍ତ୍ରଣ ପାଇଁ ୩୦ ତାରିଖ ଯାଏ ୨୯ ସେକ୍ସନ୍ ଫୋର୍ସ ମୁତୟନ କରାଯିବ। ୩୧ ତାରିଖ ଓ ୧ ତାରିଖ ନୂଆବର୍ଷ ନିମନ୍ତେ ଅଧିକ ଫୋର୍ସ ମୁତୟନ କରାଯିବ। ଶ୍ରୀମନ୍ଦିରରେ ୧୮ ସେକ୍ସନ୍ ଫୋର୍ସ ସହ ୧୦ ଜଣ ଅଫିସର ଓ ୧୦ ଜଣ ସାଦା ପୋଷାକଧାରୀ ପୋଲିସ ଡ୍ୟୁଟି କରିବେ। ଭକ୍ତଙ୍କୁ ଦର୍ଶନରେ ଶ୍ରୀମନ୍ଦିର ପୋଲିସ ବା ଜେଟିପି ସହଯୋଗ କରିବେ। ବେଳାଭୂମିରେ ୪ ସେକ୍ସନ୍ ଫୋର୍ସ ଓ ୧୦ ଜଣ ସାଦା ପୋଷାକଧାରୀ ପୋଲିସ ମୁତୟନ ରହିବେ। ସହରରେ ଟ୍ରାଫିକ୍ ନିୟନ୍ତ୍ରଣ ଲାଗି ୭ ସେକ୍ସନ୍ ଫୋର୍ସ ମୁତୟନ ହେବେ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

## ଠେଲାପେଲାରେ ୨ ମହିଳା ଭକ୍ତ ଅଚେତ

**ପୁରୀ ଅଫିସ, :** ଶ୍ରୀମନ୍ଦିରରେ ଗୁରୁବାର ପ୍ରବଳ ଗହଳି ଯୋଗୁ ଠେଲାପେଲାରେ ଦୁଇଜଣ ମହିଳା ଭକ୍ତ ଅଚେତ ହୋଇପଡ଼ିଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସମ୍ପୃକ୍ତ ଭକ୍ତ ଦ୍ୱୟ ହେଲେ ରାଜସ୍ଥାନର ବାଲିଦେବୀ (୪୫) ଏବଂ ଗୀତାଦେବୀ (୫୦)। ସୂଚନାଯୋଗ୍ୟ, ଏହି ମହିଳା ଦ୍ୱୟ ତାଙ୍କ ପରିବାର ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଉଥିଲେ। ତେବେ ବାଇଶିପାହାଚ ନିକଟରେ ପ୍ରବଳ ଗହଳି କାରଣରୁ ଅଚେତ ହେବା ସହ ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେମାନେ ସୁସ୍ଥ ହୋଇ ଫେରିଥିବା ଜଣାପଡ଼ିଛି। ଉଲ୍ଲେଖ ଥାଉ କି, ଦୁଇଦିନ ତଳେ ମୟୂରଭଞ୍ଜ ଜିଲାର ୯ ଜଣ ଛାତ୍ରୀ ଭିଡ଼ ଓ ଠେଲାପେଲାରେ ବାଇଶିପାହାଚ ନିକଟରେ ଅଚେତ ହୋଇପଡ଼ିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୯।୧୨।୨୦୨୨

| | |
|---|---|
| ୫,୯୧,୩୪୯ ଟଙ୍କା | |
| ସୁନା | ୦୨. ୯୫୦ ଗ୍ରାମ |
| ରୁପା | ୭୩.୫୦୦ ଗ୍ରାମ |

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ମାଙ୍କଡ଼ କାମୁଡ଼ାରେ ୩ ଭକ୍ତ ଗୁରୁତର

**ପୁରୀ ଅଫିସ, ୨୯।୧୨:** ଶ୍ରୀମନ୍ଦିର ପରିସରରେ ଗୁରୁବାର ମାଙ୍କଡ଼ କାମୁଡାରେ ୩ ଜଣ ଭକ୍ତ ଆହତ ହୋଇଛନ୍ତି। ଏମାନେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଅଞ୍ଚଳର ସୁରେନ୍ଦ୍ର ନାରାୟଣ ସାହୁ, ରୀନା ସାହୁ ଓ ବିସ୍ମିତା ବେହେରା। ମହାପ୍ରଭୁଙ୍କ ଦର୍ଶନ ସାରି ଶ୍ରୀମନ୍ଦିର ଭିତରେ ଥିବା କୋଇଲି ବୈକୁଣ୍ଠରେ ବୁଲୁଥିବାବେଳେ ଏହି ତିନିଜଣଙ୍କୁ କେତୋଟି ମାଙ୍କଡ଼ ଆକ୍ରମଣ କରିଥିଲେ। ସେଠାରେ ଥିବା ଜେଟିପି ସେମାନଙ୍କୁ ଉଦ୍ଧାର କରି ଶ୍ରୀମନ୍ଦିର ପ୍ରଶାସନର ଆମ୍ବୁଲାନ୍ସ ଦ୍ୱାରା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଚିକିତ୍ସା ପରେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ଜଣାପଡ଼ିଛି।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକ ମୃତ

**ବ୍ରହ୍ମଗିରି, ୨୯।୧୨(ଡି.ଏନ୍.ଏ.):** ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବ୍ରହ୍ମଗିରି ଥାନା ଅଧୀନ ଚଢ଼େଇକୁଦୀ ଗ୍ରାମର ସଞ୍ଜୟ ଖୁଣ୍ଟିଆ। ସୂଚନା ମୁତାବକ, ଚଢ଼େଇକୁଦୀ ଗ୍ରାମ ନିକଟ ରୋଡରେ ୧୧କେଭି ବିଦ୍ୟୁତ୍ ତାର ଛିଡି ତଳେ ପଡ଼ିଥିଲା। ଉକ୍ତ ରାସ୍ତାରେ ସଞ୍ଜୟ ଯିବା ସମୟରେ ତାର ସଂସ୍ପର୍ଶରେ ଅଚେତ ହୋଇପଡିଥିଲେ। ପରିବାରଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ନେହେରୁ ଯୁବକେନ୍ଦ୍ର ପକ୍ଷରୁ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**କଣାସ, ୨୯।୧୨(ସ୍ୱ.ପ୍ର.):** ପୁରୀ ନେହେରୁ ଯୁବକେନ୍ଦ୍ର ସହାୟତାରେ ଆଞ୍ଚଳିକ କ୍ରୀଡ଼ା ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ କଣାସ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ପରିସରରେ ଆୟୋଜିତ ଏହି ପ୍ରତିଯୋଗିତାରେ ଅତିଥି ଭାବେ ସାମାଜିକ କର୍ମୀ ସୁକାନ୍ତ ସାମନ୍ତରାୟ, ନେହେରୁ ଯୁବକେନ୍ଦ୍ରର ସଂଯୋଜକ ଜୟଶଙ୍କର ଯୋଶୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବ୍ୟାଡମିଣ୍ଟନ୍, ଭଲିଭଲ୍ ଓ ଦୌଡ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା। ଖେଳଶିକ୍ଷକ ବଟକୃଷ୍ଣ ଜେନା, ବୀରବର ଭଞ୍ଜ ଏହାର ପରିଚାଳନା କରିଥିବାବେଳେ ପ୍ରାକ୍ତନ ଶିକ୍ଷକ ପରିକ୍ଷିତ ବଡ଼ଜେନା, ଏକେ.ଏସ୍.ପିର ସଭାପତି ସଞ୍ଜୟ ଛୁଆଲସିଂ, ସମ୍ପାଦକ ମନୋରଞ୍ଜନ ସୁନ୍ଦରାୟ ଓ ନେହେରୁ ଯୁବକେନ୍ଦ୍ରର ଭଲ୍ୟୁଣ୍ଟିଅର ଟେଣ୍ଡର ଆଶିଷ୍ ବଲିଆରସିଂ ଉପସ୍ଥିତ ରହିଥିଲେ।

### କଲେଜ ଜୀବନର ସ୍ମୃତି ବଖାଣିଲେ ପୁରାତନ ଛାତ୍ରୀଛାତ୍ର

**ପୁରୀ ଅଫିସ, ୨୯।୧୨:** ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜନୀତି ବିଭାଗ (ସମ୍ମାନ) ୧୯୯୦ ମସିହା ବ୍ୟାଚ୍ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଓ ଆଲୋଚନା ଚକ୍ର ବଲିଆପଣ୍ଡାସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୨ବର୍ଷ ପରେ ପୁରାତନ ଛାତ୍ରୀଛାତ୍ରମାନେ ଏକାଠି ହୋଇଥିବାରୁ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ସେମାନେ ନିଜ ଛାତ୍ର ଜୀବନର ସ୍ମୃତିଚାରଣ କରିଥିଲେ। ମନସ୍ୱିନୀ ପରିଜା, ଅଳକା ଦେବୀ, ଅରୁନ୍ଧତି ପ୍ରଧାନ, ଗୀତା ଭଟ୍ଟାଚାର୍ଯ୍ୟ, ନିରୁପମା ପାଇକରାୟ, ବାସନ୍ତୀ ସେଠୀ, ସରସ୍ୱତୀ, ଆଶିଷ ମହାନ୍ତି, ଉମାଶଙ୍କର ପଣ୍ଡା, ପ୍ରଫୁଲ୍ଲ ମହାନ୍ତି, ଦେବାଶିଷ ରାୟ, ସଞ୍ଜୟ ମିଶ୍ର, ମାନସ କାନୁନଗୋ, ମୃଗାଙ୍କ ମଉଳି ପଟ୍ଟନାୟକ, ହରି ସେନାପତି, କାଳନ୍ଦୀ ବେହେରା, ସମୀର କୁମାର ପ୍ରଧାନ, ଲୁଟି ଶତପଥୀ, ଆଶିଷ ଶତପଥୀ, ହରେକୃଷ୍ଣ ଦାସ, ଶଙ୍କର ମିଶ୍ର ଏବଂ କ୍ଷୀରୋଦ ଚନ୍ଦ୍ର ସାହୁ ପ୍ରମୁଖ ସମାରୋହରେ ଯୋଗଦେଇଥିଲେ।

## ଜାନୁୟାରୀ ୨୭ରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା

**ଭୁବନେଶର, ୨୯।୧୨(ବ୍ୟୁରୋ)**

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଆସନ୍ତା ଜାନୁୟାରୀ ୨୭ରୁ ଆରମ୍ଭ ହେବ। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପ୍ରାୟୋଜିତ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୧୯-୨୦ ପାଇଁ ଚୟନ ହୋଇଥିବା ୯୭୦ ଜଣ ବରିଷ୍ଠ ନାଗରିକ ଏହି ଯାତ୍ରା ଆରମ୍ଭ କରିବେ। ଏନେଇ ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ଭୁବନେଶ୍ୱର ସ୍ୱତନ୍ତ୍ର ପ୍ରଦର୍ଶନ ଗୃହରେ ଅନୁଷ୍ଠିତ ବୈଠକରେ ଘୋଷଣା ହୋଇଛି। ଏହି ଯାତ୍ରାରେ ଖୋର୍ଦ୍ଧା, ପୁରୀ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ନୟାଗଡ଼, ଢେଙ୍କାନାଳ ଜିଲାରୁ ବରିଷ୍ଠ ନାଗରିକମାନେ ଚୟନ ହୋଇଛନ୍ତି। ସେମାନଙ୍କ ସହିତ ସୁରକ୍ଷା ପାଇଁ ୩୦ଜଣ ସୁରକ୍ଷା ଅଧିକାରୀ ରହିବେ। ଏକ ସ୍ୱତନ୍ତ୍ର ଟ୍ରେନ ତୀର୍ଥଯାତ୍ରୀଙ୍କୁ ନେଇ ବାରାଣସୀ ଓ ଆଲାହାବାଦ ଯାତ୍ରା କରିବ। ଏହି ନାଗରିକମାନେ ସ୍ୱତନ୍ତ୍ର ବସ୍ ଯୋଗେ ନିଜ ଜିଲାରୁ ଆସିବେ। ଭୁବନେଶ୍ୱରରେ ଅସ୍ଥାୟୀ ରହଣୀ, ଖାଦ୍ୟପେୟ, ପଞ୍ଜୀକରଣ, ଆଇନ ଶୃଙ୍ଖଳା ଓ ସ୍ୱାସ୍ଥ୍ୟ ପରୀକ୍ଷା ଆଦି ସମସ୍ତ ସୁବିଧା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ। ସେହିପରି ୨୦୨୨-୨୩ ବର୍ଷ ପାଇଁ ମନୋନୀତ ୯୭୦ ଜଣ ବରିଷ୍ଠ ନାଗରିକ ଆସନ୍ତା ମାର୍ଚ୍ଚ ୪ରୁ ତୀର୍ଥଯାତ୍ରା ଆରମ୍ଭ କରିବେ।

## ନାବାଳିକାଙ୍କୁ ଅପହରଣ

**ନିମାପଡ଼ା, ୨୯।୧୨(ଡି.ଏନ୍.ଏ.)**

ମିଥ୍ୟା ପ୍ରଲୋଭନ ଦେଖାଇ ଜଣେ ଯୁବକ ଜନୈକା ନାବାଳିକାଙ୍କୁ ଅପହରଣ କରିନେଇଥିବା ଗୁରୁବାର ନାବାଳିକାଙ୍କ ପରିବାର ପକ୍ଷରୁ ନିମାପଡ଼ା ଥାନାରେ ଅଭିଯୋଗ କରାଯାଇଛି। ଯୁବକ ଜଣକ ହେଲେ ନିଆଳି ଥାନା ଅନ୍ତର୍ଗତ କୁନା ଗୋଚ୍ଛାୟତ। ପୋଲିସ ଏନେଇ କୁନାଙ୍କ ବିରୋଧରେ ଏକ ମାମଲା (୪୩୧/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ନାବାଳିକା ଜଣକ ନିମାପଡ଼ା ଅଞ୍ଚଳର ଏକ କଲେଜ ଛାତ୍ରୀ। କୁନା ଛାତ୍ରୀଙ୍କୁ ଫୋନରେ ନାନା ମିଥ୍ୟା ପ୍ରଲୋଭନ ଦେଖାଇ ବୁଧବାର ରାତିରେ କେଉଁଆଡ଼େ ଅପହରଣ କରିନେଇଥିବା ତାଙ୍କ ମା' ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ଅନେକ ଖୋଜାଖୋଜି କରି ମଧ୍ୟ ନାବାଳିକାଙ୍କ ସନ୍ଧାନ ପରିବାର ଲୋକେ ପାଇ ପାରିନାହାନ୍ତି। ନାବାଳିକାଙ୍କୁ ତୁରନ୍ତ ଉଦ୍ଧାର କରି ଅପହରଣକାରୀ ଯୁବକଙ୍କୁ ଠାବ କରି ଗିରଫ କରିବାକୁ ଥାନାରେ ପରିବାରବର୍ଗ ନିବେଦନ କରିଛନ୍ତି।

## ପିପିଲି ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ





ପିପିଲି ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ପିପିଲି, ୨୯।୧୨(ଡି.ଏନ୍.ଏ.)**

ପିପିଲି ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଶିବ ପ୍ରସାଦ ମିଶ୍ର ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ ଯୋଗ ଦେଇଥିବାବେଳେ ରାଜ୍ୟ ବିଜେଡି ସମ୍ପାଦକ ପ୍ରିୟବ୍ରତ ସାମନ୍ତରାୟ, ୱାର୍ଡ଼ ସଭ୍ୟ ଚନ୍ଦନ ସେଠୀ ଏବଂ ବିଧାୟକଙ୍କ ପ୍ରତିନିଧି ଗନ୍ଧର୍ବ ପରିଡ଼ା ଏବଂ ଯୁକ୍ତ ୨ ଅଧ୍ୟକ୍ଷ ତ୍ରିନାଥ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡ଼ାରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟରେ ଏବଂ ଦେଶରେ ମହାବିଦ୍ୟାଳୟର ନାଁ ରଖିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। କ୍ରୀଡ଼ା ଉପସଭାପତି ଡ. ସଂଗ୍ରାମ କେଶରୀ ପରିଡ଼ା ଓ ପ୍ରଫେସର ଶରତ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍ସବ ସମାପନ ହୋଇଥିଲା। ପ୍ରଫେସର ସୁଶ୍ରୀ ସରିତା ନାୟକ, ସଞ୍ଚିତା ଜେନା, ଇତିଶ୍ରୀ ସ୍ୱାଇଁ, ଲୋପାମୁଦ୍ରା ପରିଡ଼ା, ଅନାମିକା ପରିଡ଼ା, ସଚ୍ଚିକାନ୍ତ ନାୟକ ଏବଂ ଲୋକନାଥ ସେଠୀ ପ୍ରମୁଖ କ୍ରୀଡ଼ା ଉତ୍ସବ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ପର୍ଯ୍ୟଟକଙ୍କ ତଥ୍ୟ ଦିଅ, ସିସିଟିଭି କାର୍ଯ୍ୟକ୍ଷମ କର

**ପୁରୀ ଅଫିସ, ୨୯।୧୨**

- **ସମସ୍ତ ହୋଟେଲ କର୍ତ୍ତୃପକ୍ଷଙ୍କୁ ପୋଲିସ ପ୍ରଶାସନର ନିର୍ଦ୍ଦେଶ**
- **ପୋଲିସ ପକ୍ଷରୁ ହେଲ୍ପ ଲାଇନ ନଂ. ୧୧୨ ଓ ୬୩୭୦୯୬୭୧୦୦ ଜାରି**

ନୂଆବର୍ଷରେ ପୁରୀରେ ପର୍ଯ୍ୟଟକମାନେ ଯେଭଳି ସୁଖଦ ଅନୁଭୂତି ସହ ଫେରିବେ ସେନେଇ ଗୁରୁବାର ଟାଉନ ଥାନା ପରିସରରେ ପୋଲିସ ପ୍ରଶାସନ ପକ୍ଷରୁ ହୋଟେଲିୟରମାନଙ୍କ ସହିତ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ହୋଟେଲରେ ରହୁଥିବା ପର୍ଯ୍ୟଟକଙ୍କ ସମ୍ପୂର୍ଣ୍ଣ ତଥ୍ୟ ଦେବା, ସମସ୍ତ ସିସିଟିଭି କ୍ୟାମେରା କାର୍ଯ୍ୟକ୍ଷମ କରିବା, ସରକାରଙ୍କ ନିୟମ ଅନୁଯାୟୀ ଜିରୋନାଇଟ୍ ସେଲିବ୍ରେଶନ କରିବା ଉପରେ ମୁଖ୍ୟତଃ ଆଲୋଚନା ହୋଇଛି। ପୋଲିସ ପକ୍ଷରୁ ହୋଟେଲଗୁଡ଼ିକ ଯାଞ୍ଚ କରାଯିବ। ସନ୍ଧ୍ୟାରେ ପାଟ୍ରୋଲିଂ ହେବ। ଯଦି କୌଣସି ବ୍ୟକ୍ତି କିଛି ବିଭ୍ରାଟ ସୃଷ୍ଟି କରିବେ ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ପର୍ଯ୍ୟଟକ ଓ ହୋଟେଲିୟରଙ୍କର କୌଣସି ଅସୁବିଧା ହେଲେ ପୋଲିସର ସହାୟତା ନେବା ପାଇଁ ୧୧୨ କିମ୍ବା ୬୩୭୦୯୬୭୧୦୦ ଚବିଶ ଘଣ୍ଟିଆ ହେଲ୍ପଲାଇନ ନମ୍ବର ପୋଲିସ ପକ୍ଷରୁ ଜାରି କରାଯାଇଛି। ଅତିରିକ୍ତ ଏସ୍‌ପି ପଣ୍ଡା କହିଛନ୍ତି, ପୁରୀରେ ନୂଆବର୍ଷ ପାଳନ ପାଇଁ ବହୁ ପର୍ଯ୍ୟଟକ ଆସୁଛନ୍ତି। ସେମାନଙ୍କ ସୁରକ୍ଷା, ଯାତାୟତ ସୁବିଧା, ବିଭିନ୍ନ ସ୍ଥାନ ସୁବିଧାରେ ବୁଲିପାରିବା ପାଇଁ ପଦକ୍ଷେପ ନିଆଯାଉଛି। ଏକ୍ଷେତ୍ରରେ ହୋଟେଲିୟରମାନଙ୍କ ସହ ପୋଲିସର ଉତ୍ତମ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଛି। ଟ୍ରାଫିକ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରାଯାଉଛି। ବିଭିନ୍ନ ମହଲରୁ ଏନେଇ ମତାମତ ନିଆଯାଇଛି। ଖୁବଶୀଘ୍ର ଟ୍ରାଫିକ ସଂକ୍ରାନ୍ତ ସୂଚନା ପ୍ରଦାନ କରାଯିବ। ନୂଆବର୍ଷରେ ମଦ ପିଇ ଗାଡ଼ି ଚଳାଉଥିବା ଚାଳକଙ୍କ ଉପରେ ପୋଲିସର ନଜର ରହିବ। ସହରର ବିଭିନ୍ନ ଛକରେ ଚେକିଂ କରାଯିବ। ସେହିପରି ସରକାରଙ୍କ ନିୟମ ମାନି ଜିରୋ ନାଇଟ ସେଲିବ୍ରେଶନ ପାଳନ କରିବା ପାଇଁ ପର୍ଯ୍ୟଟକମାନଙ୍କୁ ପଣ୍ଡା ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶା ବୁଲିବାକୁ ଆସି ରାୟଗଡ଼ାରେ ଏକ ହୋଟେଲରେ ରହୁଥିବା ରୁଷିଆ ପର୍ଯ୍ୟଟକ ଆଣ୍ଟୋଭ ପାଭେଲ ଓ ତାଙ୍କ ବନ୍ଧୁ ଭ୍ଲାଡିମିର ବିଦାନୋଭଙ୍କ ରହସ୍ୟଜନକ ମୃତ୍ୟୁକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ହଟଚମଟ ସୃଷ୍ଟି ପରେ ପୁରୀ ପୋଲିସ ପର୍ଯ୍ୟଟକଙ୍କ ସୁରକ୍ଷା ପ୍ରସଙ୍ଗକୁ ବିଶେଷ ଗୁରୁତ୍ୱ ଦେଉଥିବା ସାଧାରଣରେ ଆଲୋଚନା ହେଉଛି।

## ସ୍ୱଚ୍ଛତା ସଚେତନତା କର୍ମଶାଳା





କର୍ମଶାଳାରେ ଡ. ଆଦ୍ୟାଶା ଦାସ ଉଦ୍‌ବୋଧନ ଦେଉଛନ୍ତି।

**ପୁରୀ ଅଫିସ, ୨୯।୧୨**

ଭାରତୀୟ ପର୍ଯ୍ୟଟନ ବିଭାଗ ଓ ଉତ୍କଳ ବିଦ୍ୱତ ପରିଷଦ ସହଭାଗିତାରେ ଗୁରୁବାର ଭକ୍ତ ସାଲବେଗ ପୀଠ ସଭାଗୃହରେ ସ୍ୱଚ୍ଛତା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ନାରିକେଳ ବିକାଶ ବୋର୍ଡର ପୂର୍ବତନ ଉପାଧ୍ୟକ୍ଷ ଡ. ବିଶ୍ୱନାଥ ରଥ ଯୋଗଦେଇଥିଲେ। ଭାରତୀୟ ପର୍ଯ୍ୟଟନ ଏବଂ ଯାତ୍ରା ପ୍ରବନ୍ଧନ ସଂସ୍ଥାନର ଅଧିକାରୀ ଡ. ଆଦ୍ୟାଶା ଦାସ, ଡ. ସରିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀଜଗନ୍ନାଥଙ୍କ ଧାମରେ ସ୍ୱଚ୍ଛତାର ଶ୍ରେଷ୍ଠ ପ୍ରଦର୍ଶନ ହୋଇ ପାରିଲେ ଧାମର ମର୍ଯ୍ୟାଦା ବୃଦ୍ଧି ହେବା ସହ ଭକ୍ତ ଓ ପର୍ଯ୍ୟଟକଙ୍କ ଆଗମନ ବଢ଼ିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ପରିଷଦର ଅଧ୍ୟକ୍ଷ ମନୋଜ ରଥ ସ୍ୱାଗତ ଭାଷଣ ଦେଇଥିଲେ। ସିଦ୍ଧାର୍ଥ ଶଙ୍କର ନନ୍ଦ, କମଳାକାନ୍ତ ଆଚାର୍ଯ୍ୟ, ବିରଞ୍ଚି ମିଶ୍ର, ନିରଞ୍ଜନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଜୟକୃଷ୍ଣ ବ୍ରହ୍ମା ଧନ୍ୟବାଦ ଦେଇଥିଲେ।

## ଚଢ଼ାଉରେ ଚୋରା ମଦ ବେପାରୀ ଗିରଫ

**ନିମାପଡ଼ା, ୨୯।୧୨(ଡି.ଏନ୍.ଏ.)**

ଚୋରା ମଦ ବିକ୍ରି ଅଭିଯୋଗରେ ନିମାପଡ଼ା ଥାନା ପୋଲିସ ଚଢ଼ାଉ କରି ଗୁରୁବାର ଜଣେ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ହାଟସାହି ମୁସଲମାନ ବସ୍ତିର ଏସ୍.କେ. ହାରୁନ୍। ତାଙ୍କ ପାଖରୁ ୨୮ବୋତଲ ଆସ୍କା ଫର୍ଟି ଜବତ ହୋଇଛି। ଏହାର ମୂଲ୍ୟ ପ୍ରାୟ ୨,୮୦୦ ଟଙ୍କା ହେବ। ଏ ନେଇ ଏକ ମାମଲା ରୁଜୁ ହୋଇଛି। ଆଇଆଇସି ଶଙ୍କର୍ଷଣ ଦଳାଇଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ସବିତା ମାର୍ଥା ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ। ଦୋଳବେଦି ଛକ, ଗୋଲେଇ ଛକ, ଜୟଶ୍ରୀ ଛକ, ପେଟାଘାଇ ଛକ ପ୍ରଭୃତି ଅଞ୍ଚଳରେ ପୋଲିସ ଚଢ଼ାଉ କରିଥିଲା।

## ୨୬ରୁ ରାଜ୍ୟସ୍ତରୀୟ ଶାରଳା କପ୍





ଶାରଳା କପ୍ ଟୁର୍ନାମେଣ୍ଟ ସମ୍ପର୍କରେ ଆୟୋଜକମାନେ ସୂଚନା ଦେଉଛନ୍ତି।

**ଅସ୍ତରଙ୍ଗ, ୨୯।୧୨ (ଡି.ଏନ୍‌ଏ.)**

ଜାନୁୟାରୀ ୨୬ ତାରିଖରୁ ୭ଦିନ ବ୍ୟାପୀ ରାଜ୍ୟସ୍ତରୀୟ ଶାରଳା କପ୍ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ରାଜ୍ୟର ବିଭିନ୍ନ ଜିଲାରୁ ୮ଟି ଦଳ ଏଥିରେ ଅଂଶଗ୍ରହଣ କରିବେ। ୨୦ ଓଭର ବିଶିଷ୍ଟ ମ୍ୟାଚ୍ ଅନୁଷ୍ଠିତ ହେବ। ଏନେଇ ବୁଧବାର ସ୍ଥାନୀୟ ନରେନ୍ଦ୍ର ଷ୍ଟାଡିୟମ୍‌ଠାରେ ଶାରଳା ସ୍ପୋର୍ଟିଂ କ୍ଲବ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରାଯାଇଛି। କ୍ରୀଡ଼ା ସମ୍ପାଦକ ଦୁର୍ଗା ଚରଣ ମହାରଣା ଏହି ସୂଚନା ଦେଇଥିଲେ। ବିଜୟୀ ଚାମ୍ପିୟନ ଦଳକୁ ଟ୍ରଫି ସହିତ ୩୦ ହଜାର ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୨୦ ହଜାର ଆର୍ଥିକ ରାଶି ଦିଆଯିବ ବୋଲି ସଭାପତି ଯୁଗଳ କିଶୋର ମହାନ୍ତି ପ୍ରକାଶ କରିଥିଲେ। ଏଥିସହ ଖେଳରେ ଛକା, ଚଉକା ଓ ବ୍ୟକ୍ତିଗତ ରନ୍ ପାଇଁ ଆକର୍ଷଣୀୟ ପୁରସ୍କାର ଦିଆଯିବ ବୋଲି ଉପସଭାପତି ପ୍ରକାଶ ବେହେରା ମତ ଦେଇଥିଲେ। ଆୟୋଜିତ ମ୍ୟାଚ୍ ସହିତ କର୍କ ବଲ୍‌ରେ ୨୦ ଓଭର ବିଶିଷ୍ଟ ଖେଳାଯିବ ବୋଲି କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ମାନସ ବେହେରା, ଦିବ୍ୟଦର୍ଶୀ ବିଶ୍ୱାଳ, ମିଥୁନ ବେହେରା, ଚଗଲି ମହାନ୍ତି, ପବିତ୍ର ମହାନ୍ତି, ରବୀନ୍ଦ୍ର ପରିଡ଼ା, ରାକେଶ ମହାନ୍ତି, ସରୋଜ ଛାଟୋଇ, ବିଭୂତି ଛାଟୋଇ, ଲକ୍ଷ୍ମୀଧର ଛାଟୋଇ, ବେଣୁଧର ସାହୁ ଓ ବାପି ବସ୍ତିଆଙ୍କ ସହିତ ଖବରଦାତା ଉପସ୍ଥିତ ଥିଲେ।

## ବିସିସିକୁ ହରାଇ କୋଣାର୍କ ସ୍ପୋର୍ଟିଂ ଚାମ୍ପିୟନ

**ଗୋପ, ୨୯।୧୨(ଡି.ଏନ୍.ଏ.)**

**୧୭ତମ ଦିବାରାତ୍ର କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ରାଜ୍ୟ ସରକାର ଅଧିକ ମାତ୍ରାରେ ଗ୍ରାମାଞ୍ଚଳ କ୍ରୀଡ଼ା ପ୍ରତି ଗୁରୁତ୍ୱ ଦେଉଛନ୍ତି। ଏବେ ସରକାର ବିଭିନ୍ନ ପଞ୍ଚାୟତର ଖେଳପଡ଼ିଆ ପ୍ରତି ଗୁରୁତ୍ୱ ଦେଉଥିବାବେଳେ ଫୁଟ୍‌ବଲ, ଭଲିବଲ୍, କ୍ରିକେଟ୍ ପ୍ରତି ଦୃଷ୍ଟି ଦେବା ଆରମ୍ଭ କରିଛନ୍ତି। ବୁଧବାର ସନ୍ଧ୍ୟାରେ ଗୋପ ନିକଟ କୁଶୁପୁରସ୍ଥିତ ଖେଳପଡ଼ିଆରେ ୩ ଦିନ ବ୍ୟାପୀ ଆୟୋଜିତ ୧୭ତମ ଦିବାରାତ୍ର କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇ ଏହା କହିଥିଲେ। ଫାଇନାଲ ମ୍ୟାଚରେ ବିସିସି ଏବଂ କୋଣାର୍କ ସ୍ପୋର୍ଟିଂ ମୁହାଁମୁହିଁ ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ବିସିସି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୫୭ ରନ ସଂଗ୍ରହ କରିଥିଲା। ବିପକ୍ଷ କୋଣାର୍କ ସ୍ପୋର୍ଟିଂ ୨ ଉଇକେଟ୍ ହରାଇ ୫୯ ରନ୍ କରି ବିଜୟୀ ହୋଇଥିଲା। ବିଜୟୀ କୋଣାର୍କ ସ୍ପୋର୍ଟିଂ ଦଳକୁ ନଗଦ ୨୫ ହଜାର ଟଙ୍କା ସହିତ ଚାମ୍ପିୟନ ଟ୍ରଫି ଏବଂ ରନର୍ସ ଅପ୍ ବିସିସି ଦଳକୁ ନଗଦ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଅତିଥି ଭାବରେ କିଶୋର ଚନ୍ଦ୍ର ଛୋଟରାୟ, ପ୍ରକାଶ ଚନ୍ଦ୍ର ଖଟୋଇ, ମଧୁସୂଦନ ପାଇକରାୟ, ନର୍ମଳ ମିଶ୍ର, ସୁବ୍ରତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଖେଳକୁ ମନଦୀପ୍ ପାଇକରାୟ, ଶାଶ୍ୱତ ରଞ୍ଜନ ପ୍ରଧାନ, ନିରଞ୍ଜନ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।





ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।





## ପରାକ୍ରମୀ ଜେଲେନ୍‌ସ୍କି



## ଯୁଦ୍ଧଖୋର୍ ପୁଟିନ୍



# ଅଶାନ୍ତ ପୃଥିବୀ



୨୦୨୨ରେ ମହାମାରୀ ପ୍ରକୋପ କମିବାରୁ ବିଶ୍ୱବାସୀ ଆଶ୍ୱସ୍ତ ହୋଇଥିବାବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଗୋଟିଏ ନିଷ୍ପତ୍ତି ପୃଥିବୀକୁ ଅଶାନ୍ତ କରିଦେଇଛି। ଫେବୃୟାରୀ ୨୪ରେ ପୁଟିନ୍ ୟୁକ୍ରେନ୍ ଉପରେ 'ସାମରିକ ଅପରେଶନ' ନାମରେ ଆକ୍ରମଣ ନିର୍ଦ୍ଦେଶ ଦେଇଥିଲେ। ରୁଷୀୟ ସୈନ୍ୟଙ୍କ ଘନ ଘନ ମିଶାଇଲ୍ ମାଡ଼ ଓ କିଭ୍‌ର ପ୍ରତିରକ୍ଷାମୂଳକ ଜବାବୀ କାର୍ଯ୍ୟାନୁଷ୍ଠାନରେ ଉଭୟ ପକ୍ଷର ଅନେକ ହଜାର ସୈନ୍ୟ ନିହତ ହୋଇଛନ୍ତି। କ୍ରେମଲିନ୍ ଆଲୋଚନାର ଛଳନା କରି ପ୍ରତ୍ୟହ ଜନବସତିକୁ ଟାର୍ଗେଟ କରୁଥିବାରୁ ଲକ୍ଷାଧିକ ୟୁକ୍ରେନୀୟ ବାସହରା ହୋଇଯାଇଛନ୍ତି। ମସ୍କୋର ଏପରି ଯୁଦ୍ଧଖୋର ମନୋବୃତ୍ତି ଓ ନରସଂହାରକୁ ନେଇ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ରୁଷିଆ ଉପରେ ଗୋଟିଏ ପରେ ଗୋଟିଏ କଠୋର ଆର୍ଥିକ କଟକଣା ଲଗାଇ ଚାଲିଛନ୍ତି। ଏଥିସହ ୱାଶିଂଟନ ନେତୃତ୍ୱାଧୀନ ନର୍ଥ ଆଟଲାଣ୍ଟିକ୍ ଟ୍ରିଟ୍ ଅର୍ଗାନାଇଜେଶନ (ନାଟୋ) ପକ୍ଷରୁ ୟୁକ୍ରେନ୍‌କୁ ପର୍ଯ୍ୟାପ୍ତ ସାମରିକ ସହାୟତା ମଧ୍ୟ ଯୋଗାଇ ଦିଆଯାଉଛି। ୟୁକ୍ରେନ୍‌ର ଅନେକ ଶକ୍ତି ଭିତ୍ତିଭୂମିକୁ ରୁଷୀୟ ସୈନ୍ୟ ଟାର୍ଗେଟ କରି ଧ୍ୱସ୍ତବିଧ୍ୱସ୍ତ କରିଦେବା ପରେ ବିଜୁଳି ବିନା ଶୀତଋତୁ ଦୁର୍ବିସହ ହୋଇଯାଇଛି। ୧୦ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଯୁଦ୍ଧ ଘନଘଟା କେବଳ ଦୁଇ ପଡ଼ୋଶୀ ରୁଷିଆ-ୟୁକ୍ରେନ୍ କି ପାଶ୍ଚାତ୍ୟରେ ସୀମିତ ହୋଇ ରହିନାହିଁ। ଏଥିରେ ସାରା ବିଶ୍ୱ ଛନ୍ଦି ହୋଇଯାଇଛି। ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବାରୁ ପ୍ରାୟ ସବୁ ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ୍ ବଢ଼ିବାରେ ଲାଗିଛି। ଜାତିସଂଘ ଓ ମାନବାଧିକାର ସୁରକ୍ଷା ଦିଗରେ କାର୍ଯ୍ୟରତ ଅନେକ ଅନ୍ତର୍ଜାତୀୟ ସଙ୍ଗଠନ ଅସ୍ତ୍ରବିରତି ଆହ୍ୱାନ ଦେଇଥିବାବେଳେ ଭାରତ କୂଟନୈତିକ ସ୍ତରରେ ସମାଧାନ ଉପରେ ଗୁରୁତ୍ୱାରୋପ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଟିନ୍‌ଙ୍କୁ ଶାନ୍ତିର ପଥ ଆପଣାଇବାକୁ ପରାମର୍ଶ ଦେବା ସହ ଜେଲେନ୍‌ସ୍କିଙ୍କ ସହିତ ଏକାଧିକ ଥର ଫୋନ୍‌ରେ ଆଲୋଚନା କରିଛନ୍ତି। କିନ୍ତୁ ଚାଇନା ନିଜ ବିସ୍ତାରବାଦୀ ମହତ୍ତ୍ୱାକାଂକ୍ଷାକୁ ଚରିତାର୍ଥ କରିବା ପାଇଁ କେତେବେଳେ ତାଇୱାନ୍ ଆକାଶରେ ଯୁଦ୍ଧବିମାନ ଉଡ଼ାଉଛି ତ ପୁଣି କେବେ ଭାରତ ସହ ସଂଲଗ୍ନ ପ୍ରକୃତ ନିୟନ୍ତ୍ରଣରେଖାରେ ଔଦ୍ଧତ୍ୟ ଦେଖାଉଛି। ପଡ଼ୋଶୀଙ୍କୁ ଆକ୍ରମଣ କଲେ ରୁଷିଆର ସମର୍ଥନ ମିଳିବ ବୋଲି ପୁଟିନ୍‌ଙ୍କ ତଥାକଥିତ 'ସାମରିକ ଅଭିଯାନ'କୁ ବି ଯଥାର୍ଥ ଦର୍ଶାଇବାକୁ ପଛାଉନାହିଁ ବେଜିଂ। ଘୋର କୋଭିଡ୍ ସଙ୍କଟ ଦେଇ ଗତି କରୁଥିବା ଚାଇନା ନିଜ ଦୁର୍ଦ୍ଦଶା ଲୁଚାଇବା ଲାଗି ଏପରି ଉଗ୍ର ଜାତୀୟତାବାଦୀ ରଣନୀତି ଆପଣାଇଥିବା ବିଶ୍ଳେଷକମାନେ ମତ ଦେଉଛନ୍ତି। କିନ୍ତୁ ଅନ୍ୟ ରାଷ୍ଟ୍ରଗୁଡ଼ିକ ଉପରେ ବେଜିଂର ଦାଦାଗିରିକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ତାଙ୍କ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗ୍‌ଙ୍କୁ ରୋକ୍‌ଠୋକ୍ ଶୁଣାଇସାରିଛନ୍ତି। ଦେଖିବାକୁ ଗଲେ ବର୍ଷ ୨୦୨୨ ତିନି ଶକ୍ତିଶାଳୀ ରାଷ୍ଟ୍ର ଆମେରିକା, ଚାଇନା ଓ ରୁଷିଆକୁ ପୂର୍ବାପେକ୍ଷା ଅଧିକ ମୁହାଁମୁହିଁ ଅବସ୍ଥାକୁ ନେଇଆସିଛି।

ବିଦାୟୀ ବର୍ଷରେ ଇସ୍ରାଏଲ୍-ପାଲେଷ୍ଟାଇନ୍ ମଧ୍ୟରେ ସଂଘର୍ଷ ତୀବ୍ରତର ହୋଇଛି। ଜେରୁଜେଲମ୍ ଦଖଲରେ ଥିବା ୱେଷ୍ଟ ବ୍ୟାଙ୍କରେ ଇସ୍ରାଏଲୀ ସଶସ୍ତ୍ର ବଳର ସଙ୍ଘବଦ୍ଧ ଆକ୍ରମଣରେ ୩୦ ଶିଶୁଙ୍କ ସମେତ ୧୭୦ରୁ ଅଧିକ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିବା ସହ ୯,୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ପୂର୍ବ ବର୍ଷରୁ ଲାଗିରହିଥିବା ଆର୍ମେନିଆ-ଅଜେରବାଇଜାନ ଯୁଦ୍ଧ ମଧ୍ୟ ଥମିନାହିଁ। ଗତ ସେପ୍ଟେମ୍ବରରେ ଦୁଇ ଦେଶ ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷଙ୍କ ଶତାଧିକ ସୈନ୍ୟ ନିହତ ହୋଇଥିଲେ। ଇଥିଓପିଆ-ସୁଡାନ୍ ସୀମା ସଂଘର୍ଷ ବି ଉଗ୍ରରୂପ ଧାରଣ କରିଛି। ମଧ୍ୟପ୍ରାଚ୍ୟ, ମ୍ୟାନ୍‌ମାର, ହାଇତି ଓ ଆଫ୍ରିକାର ସହେଲ ଅଞ୍ଚଳରେ ସଂଘର୍ଷ ଯୋଗୁ ଉତ୍କଟ ମାନବିକ ସଙ୍କଟ ଦେଖାଦେଇଛି। ବିଶ୍ୱ 'ଶାନ୍ତିର ମରୁଡ଼ି'କୁ ସାମ୍ନା କରୁଥିବା ସମୟରେ ଖାଦ୍ୟକୁ ଯୁଦ୍ଧାସ୍ତ୍ର ଭାବେ ବ୍ୟବହାର ନ କରିବାକୁ କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ସମ୍ପୃକ୍ତ ଦେଶଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ସେ ନିନ୍ଦା କରିଛନ୍ତି।


ୟୁକ୍ରେନୀୟ ସୈନ୍ୟଙ୍କ ବିଦାୟ ବେଳା।


ଡୋନେସ୍କରେ ଟ୍ୟାଙ୍କର୍ ଭିତରେ ପୋଜିଶନ୍।


ଆକାଶମାର୍ଗରୁ ବିଧ୍ୱସ୍ତ କିଭ୍‌ର ଦୃଶ୍ୟ।


କିଭ୍ ଭଗ୍ନାବଶେଷରେ ପ୍ରାଚୀର ଚିତ୍ର।


ମାରିଉପୋଲ୍‌ରେ ମା'ଙ୍କ ଅପେକ୍ଷାରେ ଦୁଇ ଶିଶୁ।


ଖେରସନ୍ ମୁକ୍ତିର ଆନନ୍ଦ।

ୟୁକ୍ରେନ୍ ଆକାଶରେ ରୁଷୀୟ ଫାଇଟର୍ ଜେଟ୍।


ମାରିଉପୋଲ୍‌ରେ ହତାଶ ରୁଷୀୟ ସୈନ୍ୟ।


ଶେୟାର ବଜାର କାରବାରଠାରୁ ଆରମ୍ଭ କରି ଜିଏସ୍‌ଟି ସଂଗ୍ରହରେ ରେକର୍ଡ ସହ ଇନ୍ଧନ ମୂଲ୍ୟ ବୃଦ୍ଧି, ୫-ଜି ନିଲାମୀ ଏବଂ ଇ-ରୁପିର ପ୍ରଚଳନ ଭଳି ଆର୍ଥିକ ଜଗତର ଅନେକ ଚର୍ଚ୍ଚିତ ବିଷୟ ବିଦାୟୀ ବର୍ଷରେ ଦେଖିବାକୁ ମିଳିଥିଲା। ଓଡ଼ିଶାରେ ନିବେଶ ମହାକୁମ୍ଭରୁ ନୂଆ ସମ୍ଭାବନା, ଏଲନ ମସ୍କଙ୍କ ଟୁଇଟର ଅଧିଗ୍ରହଣ ଏବଂ ମହାରାଜାର ଘରବାହୁଡ଼ା ଚର୍ଚ୍ଚା ସାଉଁଟିଥିଲା। ମୁଦ୍ରାସ୍ଫୀତି ଓ ରେପୋ ରେଟ୍‌ ବୃଦ୍ଧି ଲୋକଙ୍କୁ ବ୍ୟଥିତ କରିଥିଲା। ଭାରତୀୟ ଟଙ୍କା ଦିନକୁ ଦିନ ଦୁର୍ବଳ ହେଉଥିବାବେଳେ ଗୌତମ ଆଦାନୀ ବିଶ୍ୱର ତୃତୀୟ ଧନୀ ହେବା ଦେଶବାସୀଙ୍କୁ ଚକିତ କରିଥିଲା।




# ନିବେଶ ଓ ନିଯୁକ୍ତି ସମ୍ଭାବନା

ବିଗତ ୪ ବର୍ଷ ପରେ ଓଡ଼ିଶାରେ ପୁଣି ମେକ୍ ଇନ୍ ଓଡ଼ିଶା (ଏମ୍‌ଆଇଓ) କନ୍‌କ୍ଲେଭ ଆୟୋଜିତ ହୋଇଥିଲା। ଏହି ୫ ଦିନିଆ ନିବେଶ ମହାକୁମ୍ଭରେ ରାଜ୍ୟ ସରକାର ୧୦ ଲକ୍ଷରୁ ଅଧିକ କୋଟି ଟଙ୍କାର ନିବେଶ ପାଇଁ ପ୍ରସ୍ତାବ ପାଇଥିଲେ। ଏପରି କି ଏହି ପୁଞ୍ଜି ନିବେଶ ପ୍ରତିବଦଳରେ ରାଜ୍ୟରେ ୧୦ ଲକ୍ଷରୁ ଅଧିକ ନିଯୁକ୍ତି ସମ୍ଭାବନା ମଧ୍ୟ ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ, ୨୦୧୬ ଓ ୨୦୧୮ରେ ଏମ୍‌ଆଇଓର ପ୍ରଥମ ଓ ୨ୟ ସଂସ୍କରଣ ହୋଇଥିବା ବେଳେ ୨୦୨୨ରେ ୩ୟ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି।

## ଡିଜିଟାଲ ମୁଦ୍ରାର ବର୍ଷ




ଚଳିତ ବର୍ଷ ପ୍ରାରମ୍ଭରେ ଡିଜିଟାଲ ମୁଦ୍ରା (କ୍ରିପ୍ଟୋକରେନ୍ସି)ର ଡିମାଣ୍ଡ ଶୀର୍ଷରେ ରହିଥିଲା। ଏପରିକି ଏହି ଅଣସାମ୍ବିଧାନିକ ଡିଜିଟାଲ ମୁଦ୍ରାର ବଜାର ମଧ୍ୟ ଉଚ୍ଚା ରହିଥିଲା। ବିଶେଷକରି ଅନ୍ତର୍ଜାତୀୟ ବଜାରରେ ଏହାର ପ୍ରଭାବ ଅଧିକ ଥିବାବେଳେ ତାହା ଧୀରେ ଧୀରେ ଭାରତୀୟ ବଜାରକୁ ମଧ୍ୟ ପ୍ରବେଶ କରିଥିଲା। ଆଉ କିଛି ଡିଜିଟାଲ ମୁଦ୍ରାର ବ୍ୟବହାରକୁ କେନ୍ଦ୍ର ନିଷେଧ କରିବାକୁ ପ୍ରୟାସ କରୁଥିବା ବେଳେ ନିକଟରେ ଆର୍‌ବିଆଇ ଜରିଆରେ ଇ-ରୁପିର ଶୁଭାରମ୍ଭ କରିଛନ୍ତି। ଏପରି କି ଭାରତୀୟ ଇ-ରୁପି ଉଭୟ ଖୁଚୁରା ଓ ପାଇକାରୀ ପ୍ଲାଟ୍‌ଫର୍ମରେ ଉପଲବ୍ଧ କରାଇଛନ୍ତି। ଦେଶର ୮ ପ୍ରମୁଖ ଆର୍ଥିକ ସଂସ୍ଥା ଘରୋଇ ଓ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଜରିଆରେ କାରବାର କରୁଛନ୍ତି। ଭୁବନେଶ୍ୱରରେ ମଧ୍ୟ ଇ-ରୁପିର କାରବାର ପ୍ରମୁଖ ବ୍ୟାଙ୍କ ଶାଖାରେ ଉପଲବ୍ଧ।




## ଭାରତୀୟ ମୁଦ୍ରା




ଚଳିତ ଆର୍ଥିକ ବର୍ଷ ଆରମ୍ଭରେ ଡଲାର ତୁଳନାରେ ଭାରତୀୟ ମୁଦ୍ରା (ଟଙ୍କା)ର ମୂଲ୍ୟ ପ୍ରାୟ ୭୩.୫୦ ଟଙ୍କା ରହିଥିଲା। ଏହା ଉପରେ ରୁଷିଆ-ୟୁକ୍ରେନ ଯୁଦ୍ଧର ପ୍ରଭାବ ଟଙ୍କାକୁ ଆହୁରି ଦୁର୍ବଳ କରିଦେଇଥିଲା। ତେବେ ଭାରତୀୟ ମୁଦ୍ରା ଡଲାର ତୁଳନାରେ ଶେଷ ଥର ପାଇଁ ଅକ୍ଟୋବରରେ ୮୩.୦୦ ଟଙ୍କାକୁ ଛୁଇଁବା ପରେ ଅର୍ଥ ବିଶେଷଜ୍ଞମାନେ ବିସ୍ମିତ ହୋଇଯାଇଥିଲେ।




## ବଢ଼ିଛି ଜିଏସ୍‌ଟି ପରିମାଣ

ଦେଶର ଅର୍ଥନୀତିକୁ ମଜଭୁତ କରିବା ପାଇଁ କେନ୍ଦ୍ର ସରକାର ୧ ଜୁଲାଇ ୨୦୧୭ରେ ଏକକ ଟିକସ ବ୍ୟବସ୍ଥା ପ୍ରଣୟନ ସକାଶେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପ୍ରଚଳନ କରିଥିଲେ। ୨୦୨୨-୨୩ ଆର୍ଥିକ ବର୍ଷରେ ଜିଏସ୍‌ଟି ସଂଗ୍ରହ ଏପ୍ରିଲରୁ ନଭେମ୍ବର ମଧ୍ୟରେ ପ୍ରତି ମାସ ୧ ଲକ୍ଷ ୪୦ ହଜାର କୋଟି ଟଙ୍କାରୁ ଅଧିକ ରହିଛି। ଏପରି କି ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଏପର୍ଯ୍ୟନ୍ତ ସର୍ବାଧିକ ୧.୬୮ ଲକ୍ଷ କୋଟିରୁ ଅଧିକ ଟଙ୍କା ଜିଏସ୍‌ଟି ଆକାରରେ ଆଦାୟ କରାଯାଇଛି। ସୂଚନାଯୋଗ୍ୟ, ପ୍ରତି ବର୍ଷ ଜିଏସ୍‌ଟି ସଂଗ୍ରହ ହାରାହାରି ୭% ବୃଦ୍ଧି ପାଇଛି।

## ୫ଜି ନିଲାମୀ

ବିଦାୟୀ ବର୍ଷର ବହୁ ପ୍ରତୀକ୍ଷିତ ହାଇସ୍ପିଡ୍ ଟେକ୍ନୋଲୋଜିର କାରବାର ପାଇଁ କେନ୍ଦ୍ର ସରକାର ୫ଜି ସ୍ପେକ୍ଟ୍ରମର ନିଲାମୀ ପ୍ରକ୍ରିୟା ୨୦୨୨ ଅଗଷ୍ଟରେ ଆରମ୍ଭ କରିଥିଲେ। ପଞ୍ଚମ ପିଢ଼ିର ଏହି ନୂଆ ଟେକ୍ନୋଲୋଜି ନିଲାମୀରେ କେନ୍ଦ୍ର ସରକାର ପ୍ରାୟ ୧.୫୦ ( ୧,୫୦,୧୭୩) ଲକ୍ଷ କୋଟିରୁ ଅଧିକ ପରିମାଣର ଅର୍ଥରାଶି ସ୍ପେକ୍ଟ୍ରମ ବାବଦରେ ପାଇଥିଲେ। ଏପରି କି ରିଲାଏନ୍ସ ଜିଓ, ଭାରତୀ ଏୟାରଟେଲ, ଭୋଡାଫୋନ୍-ଆଇଡିଆ ଏବଂ ଆଦାନୀ ଡେଟା ନେଟ୍‌ୱର୍କ ଭଳି ପ୍ରମୁଖ ଟେଲିକମ କମ୍ପାନୀ ଉକ୍ତ ନିଲାମୀରେ ସାମିଲ ହୋଇଥିବାବେଳେ ରିଲାଏନ୍ସ ଜିଓ ସର୍ବାଧିକ ସ୍ପେକ୍ଟ୍ରମ ହାସଲ କରିଥିଲା। ଆଦାନୀ ଡେଟା ନେଟ୍‌ୱାର୍କ ସର୍ବନିମ୍ନ ନିଲାମଧାରୀ ହୋଇଥିଲେ। ଅକ୍ଟୋବର ପହିଲାରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ।




## ମସ୍କଙ୍କ ଟୁଇଟର



ଅନ୍ତର୍ଜାତୀୟ ସ୍ତରରେ ପ୍ରଭାବଶାଳୀ ମାଇକ୍ରୋବ୍ଲଗିଂ ସାଇଟ୍ ଟୁଇଟର ଚଳିତ ବର୍ଷ ଅନେକ କାରଣରୁ ଚର୍ଚ୍ଚାରେ ରହିଆସିଛି। ବିଶ୍ୱର ଏକ ନମ୍ବର ଧନୀବ୍ୟକ୍ତି ଏଲନ ମସ୍କ ଟୁଇଟରକୁ ଅଧିଗ୍ରହଣ କରିବା ଥିଲା ୨୦୨୨ର ଚର୍ଚ୍ଚିତ ଅନ୍ତର୍ଜାତୀୟ ବ୍ୟବସାୟିକ ଚୁକ୍ତି। ଟୁଇଟରକୁ ମସ୍କ ପ୍ରାୟ ୪୪ ବିଲିୟନ ଡଲାରରେ ଅଧିଗ୍ରହଣ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଟୁଇଟରର କ୍ରୟ ବିକ୍ରୟକୁ ନେଇ ଯେତିକି ଚର୍ଚ୍ଚା ହୋଇଥିଲା, ତା' ଠାରୁ ବେଶି ଆଲୋଚନା ହୋଇଥିଲା ବ୍ୟବହାରକାରୀଙ୍କ ପ୍ରତିକ୍ରିୟାକୁ ନେଇ। ମସ୍କ ଟୁଇଟରକୁ ନିଜ ହାତକୁ ନେବା ପରେ ତତ୍‌କ୍ଷଣାତ କର୍ମଚାରୀ ଛଟେଇ ଆରମ୍ଭ କରିଦେଇଥିଲେ। 'ବ୍ଲୁ ଟିକ୍' ଅପଶନ ଦେୟଯୁକ୍ତ ବିଷୟ ଉଠାଇ ସେ ବ୍ୟବହାରକାରୀଙ୍କ ରୋଷର ଶିକାର ହୋଇଥିଲେ। ବର୍ଷ ଶେଷ ଆଡ଼କୁ ଟୁଇଟରରେ ମସ୍କଙ୍କ ପ୍ରାଧାନ୍ୟ କେତେ ରହିଛି, ସେ ସଂକ୍ରାନ୍ତରେ ଏକ ପୋଲ୍ କରାଯାଇଥିଲା ; ଯେଉଁଥିରେ ୫୭ ପ୍ରତିଶତ ବ୍ୟବହାରକାରୀ ତାଙ୍କୁ ନାପସନ୍ଦ କରିଥିଲେ।




## ଶେୟାର ବଜାର

ଭାରତୀୟ ପୁଞ୍ଜିବଜାରର କାରବାର ବିଦାୟୀ ବର୍ଷରେ ଉଠାପକା ଦେଇ ଗତି କରିଥିଲା। ଏପରି କି ନିବେଶକମାନେ ଅନେକ ଲକ୍ଷ କୋଟିର ପୁଞ୍ଜି ହରାଇଥିଲେ। ତଥାପି ସମୟ ଏମିତି ଆସିଥିଲା, ସେନ୍‌ସେକ୍ସ ସର୍ବକାଳୀନ ରେକର୍ଡ ଭାଙ୍ଗି ୬୩,୫୮୩ ଅଙ୍କ ଛୁଇଁଥିଲା। ନିଫ୍ଟ-୫୦ ସର୍ବାଧିକ ୧୮,୮୮୭ ପଏଣ୍ଟରେ କାରବାର ବନ୍ଦ କରିଥିଲା।

## ଟାଟା ଗ୍ରୁପକୁ ଫେରିଲା ମହାରାଜା

ଦୀର୍ଘ ୭୦ ବର୍ଷ ପରେ ଟାଟା ସନ୍ସ ଦେଶର ଏକମାତ୍ର ରାଷ୍ଟ୍ରାୟତ୍ତ ବିମାନ ସେବା ପ୍ରଦାନକାରୀ ସଂସ୍ଥା ଏୟାର ଇଣ୍ଡିଆକୁ ଚଳିତ ବର୍ଷ ଜାନୁୟାରୀରେ ଅଧିଗ୍ରହଣ କରିଥିଲା। ଉଲ୍ଲେଖଯୋଗ୍ୟ, ମହାରାଜା ଭାବେ ପରିଚିତ ଏୟାର ଇଣ୍ଡିଆକୁ ପ୍ରାୟ ୨.୪ ବିଲିୟନ ଡଲାରରେ ଟାଟା ଗ୍ରୁପ କିଣିଥିଲା। ଗତ ଜାନୁୟାରୀରୁ ମେ ପର୍ଯ୍ୟନ୍ତ ବିଭିନ୍ନ ଆଇନଗତ ପ୍ରକ୍ରିୟା ଶେଷ କରି ଟାଟା ଗ୍ରୁପ୍ ଏୟାର ଇଣ୍ଡିଆର ୧୦୦% ଅଂଶଧନ ଅକ୍ତିଆର କରି କମ୍ପାନୀ ଦୀର୍ଘ ଦିନର ସ୍ୱପ୍ନ ପୂରଣ କରିଥିଲା ।




## ରେପୋ ରେଟ୍

ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ଲାଗି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ବିଦାୟୀ ବର୍ଷରେ ବାରମ୍ବାର ରେପୋ ରେଟ୍ ବଢ଼ାଇବାରେ ଲାଗିଲା। ମେ' ରୁ ନଭେମ୍ବର ମଧ୍ୟରେ ୫ଥରରେ ୧.୫୭ ବେସିସ୍ ପଏଣ୍ଟ ବୃଦ୍ଧି ଘଟିଥିଲା। ଏହାଦ୍ୱାରା ନିମ୍ନ ଆୟକାରୀ ଓ ମଧ୍ୟବିତ୍ତ ଶ୍ରେଣୀ ବିଶେଷକରି ଗାଡ଼ି ଓ ଘର ଋଣ ନେଇଥିବା ବ୍ୟକ୍ତିଙ୍କ ଉପରେ ଚଡ଼କ ପଡ଼ିଥିଲା। ଏହାସତ୍ତ୍ୱେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଓ କେନ୍ଦ୍ର ଅର୍ଥମନ୍ତ୍ରୀ ନର୍ମଳା ସୀତାରାମନ ଭାରତୀୟ ଅର୍ଥନୀତି ଅନ୍ୟାନ୍ୟ ଦେଶର ଅର୍ଥ ବ୍ୟବସ୍ଥାଠାରୁ ଉନ୍ନତ ରହିଛି ବୋଲି କହିଥିଲେ। କିନ୍ତୁ ଏଭଳି ସ୍ୱପ୍ରୋକ୍ତିର କୌଣସି ଆଧାର ନ ଥିବାରୁ ଏହାର ସୁଫଳ ଦେଶବାସୀ ପାଇପାରି ନ ଥିବା ସମାଲୋଚକମାନେ ବାରମ୍ବାର ମତ ଦେଇଚାଲିଛନ୍ତି।

## ଇନ୍ଧନ ରନ୍ଧନ



ବିଦାୟୀ ବର୍ଷର ପ୍ରଥମ ତ୍ରୈମାସରେ ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇ ବ୍ୟାରେଲ୍ ପିଛା ୧୪୦ ଆମେରିକୀୟ ଡଲାର ନିକଟବର୍ତ୍ତୀ ହୋଇଥିଲା। ସେତେବେଳେ ଭାରତର ଉତ୍ତରପ୍ରଦେଶ ସମେତ ୫ ରାଜ୍ୟରେ ବିଧାନସଭା ନିର୍ବାଚନ ଥିବାରୁ କେନ୍ଦ୍ର ସରକାର ତୈଳ ଦରକୁ ନିୟନ୍ତ୍ରଣ ମଧ୍ୟରେ ରଖିଥିଲେ। ତେବେ ନିର୍ବାଚନ ସରିବା ପରେ କେନ୍ଦ୍ର ହାତ ଟେକିଦେବାରୁ ତୈଳ ବିପଣନ କମ୍ପାନୀଗୁଡ଼ିକ ପେଟ୍ରୋଲ ଦର ୧୧୩ ଟଙ୍କା ଯାଏ ବଢ଼ାଇ ଦେଇଥିଲେ। ଦେଶବ୍ୟାପୀ ଘୋର ପ୍ରତିବାଦ ହେବାରୁ କେନ୍ଦ୍ର ଏପ୍ରିଲ ୬ରେ ଟିକସ ହ୍ରାସ କରିଥିଲା। ଫଳରେ ପେଟ୍ରୋଲ ଦର ଲିଟର ପିଛା ୧୦୩ ଟଙ୍କା ୧୯ ପଇସାକୁ ଖସି ଆସିଥିଲା। ଏବେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୮୦ ଟଙ୍କା ତଳକୁ ଖସି ଆସିଥିଲେ ମଧ୍ୟ ଭାରତରେ ତାହା କମୁ ନ ଥିବାରୁ ଜନସାଧାରଣ ଏହାର ଲାଭ ପାଇପାରୁ ନାହାନ୍ତି। ଅନୁରୂପ ଭାବେ ରନ୍ଧନ ଗ୍ୟାସ୍ ୨୦୨୨ରେ ତୁହାକୁ ତୁହା ବଢ଼ି ରେକର୍ଡ କରିଥିଲା। ୧୪.୨ କେଜିର ଘରୋଇ ବ୍ୟବହାରଯୋଗ୍ୟ ଏଲ୍‌ପିଜି ୧୦୮୦ ଟଙ୍କାରେ ପହଞ୍ଚିଥିବା ବେଳେ ବାଣିଜ୍ୟିକ ଗ୍ୟାସ୍ ୨୨୫୦ ଟଙ୍କାରେ ରହିଛି। କୌତୂହଳର ବିଷୟ ଯେ ବେପାର ପାଇଁ ବ୍ୟବୃହତ ୧୯ କେ.ଜି ଗ୍ୟାସ୍‌ର ଦାମ କ୍ରମାଗତ ୬ ଥର ହ୍ରାସ କରାଯାଇଥିବା ବେଳେ ଘରୋଇ ଏଲ୍‌ପିଜି ମୂଲ୍ୟ ଅପରିବର୍ତ୍ତିତ ରହି ଗ୍ରାହକଙ୍କ ଉପରେ ବୋଝ ସାଜିଛି। ପେଟ୍ରୋଲିୟମ ଜାତ ପଦାର୍ଥର ମୂଲ୍ୟ ବୃଦ୍ଧି ପାଇବା ଫଳରେ ଅତ୍ୟାବଶ୍ୟକ ସାମଗ୍ରୀର ଦାର ଅହେତୁକ ବୃଦ୍ଧି ପାଇଛି। ଏଥିସହିତ ସିଏନ୍‌ଜି ଦର ପ୍ରାୟ ୩୬ ପ୍ରତିଶତ ବଢ଼ିଥିବା ବେଳେ ବିମାନ ଲାଗି ବ୍ୟବହୃତ ଇନ୍ଧନ (ଏଟିଏଫ୍) ମୂଲ୍ୟ ହାରାହାରି ୩.୫% ଉଠିଥିଲା।

## ଚନ୍ଦା କୋଚ୍ଛର



ଏକଦା ଦେଶର ଅଗ୍ରଣୀ ବ୍ୟାଙ୍କର୍ସଙ୍କ ମଧ୍ୟରେ ପରିଗଣିତ ହେଉଥିବା ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ତଥା ଏମ୍‌ଡି ଚନ୍ଦା କୋଚ୍ଛର ବର୍ତ୍ତମାନ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ହାଜତରେ। ଚନ୍ଦାଙ୍କ ବିରୋଧରେ ଥିବା ଅଭିଯୋଗ ହେଲା, ସେ ଆଇସିଆଇସିଆଇ ବ୍ୟାଙ୍କ ମୁଖ୍ୟ ଥିବାବେଳେ ନିଜ ପଦବୀ ଓ କ୍ଷମତାର ଦୁରୁପଯୋଗ କରି ଭିଡିଓକନ ଗ୍ରୁପ୍‌ର ମାଲିକ ବେଣୁଗୋପାଳ ଧୂତଙ୍କୁ ୨୦୦୯ ଏବଂ ୨୦୧୧ରେ ଅନୁଗ୍ରହ ଦେଖାଇ ଋଣ ଦେଇଥିଲେ। ହେଲେ ଋଣ ପାଇବା ପରେ ଧୂତ ଚନ୍ଦାଙ୍କ ସ୍ୱାମୀ ଦୀପକ କୋଚ୍ଛରଙ୍କ ମାଲିକାନାରେ ଥିବା ନୂପାୱାର ରିନ୍ୟୁଏବେଲରେ ୬୪ କୋଟି ଟଙ୍କା ନିବେଶ କରିଥିଲେ। ତେବେ ବହୁ କୋଟି ଟଙ୍କାର ଏହି ଋଣ ଦୁର୍ନୀତି ମାମଲା ଧରା ପଡ଼ିବା ପରେ ୨୦୧୮ ରେ ଚନ୍ଦା ନିଜ ପଦରୁ ଇସ୍ତଫା ଦେଇଥିଲେ। ୨୦୨୧ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତାଙ୍କୁ ଗିରଫ କରିଥିଲା। ଚଳିତ ବର୍ଷ ଡିସେମ୍ବର ୨୪ରେ ସିବିଆଇ ଚନ୍ଦା ଓ ଦୀପକଙ୍କୁ ଗିରଫ କରି ୩ ଦିନିଆ ରିମାଣ୍ଡରେ ନେଇଥିବା ବେଳେ ୨୬ରେ ଭିଡିଓକନର ଧୂତଙ୍କୁ ଗିରଫ କରିଛି । ୩ ଅଭିଯୁକ୍ତଙ୍କୁ ସିବିଆଇ ଅଧିକାରୀମାନେ ମୁହାଁମୁହିଁ ଜେରା କରିଥିବା ଜଣାପଡିଛି।

## ବିଶ୍ୱ ଧନୀ ତାଲିକାରେ ଭାରତୀୟ



କିଛି ବର୍ଷ ହେଲା ବିଶ୍ୱ ଧନୀ ତାଲିକାରେ ଭାରତୀୟ ବିତ୍ତଶାଳୀଙ୍କ ପ୍ରଭାବ ବେଶ୍ ବଢ଼ିଯାଇଛି। ଏପରି କି ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜସ ଓ ମାଇକ୍ରୋସଫ୍ଟ ପ୍ରତିଷ୍ଠାତା ବିଲ୍ ଗେଟ୍‌ସଙ୍କୁ ପଛରେ ପକାଇ ଭାରତୀୟ ଶିଳ୍ପପତି ଆଦାନୀ ଗ୍ରୁପର ଅଧ୍ୟକ୍ଷ ଗୌତମ ଆଦାନୀ ୧୨୦ ବିଲିୟନ ଡଲାର ସହ ୩ୟ ସ୍ଥାନରେ ରହି ଅନ୍ତର୍ଜାତୀୟ ସ୍ତରରେ ଚହଳ ପକାଇ ଦେଇଥିଲେ। ଅନୁରୂପ ଭାବେ ରିଲାଏନ୍ସ ଗ୍ରୁପ ଚେୟାରମ୍ୟାନ ମୁକେଶ ଅମ୍ବାନୀ, ରାଧାକ୍ରିଷ୍ଣନ ଦମାନୀ, ଶିବ ନାଦାର, ସାବିତ୍ରୀ ଜିନ୍ଦଲଙ୍କ ଭଳି ଅନେକ ଭାରତୀୟ ଶିଳ୍ପପତି ବିଶ୍ୱ ଧନୀ ବ୍ୟକ୍ତି ତାଲିକାରେ ସ୍ଥାନିତ ହୋଇପାରିବା ଦେଶ ପାଇଁ ଗୌରବର ବିଷୟ ହୋଇଛି।

# ମାର୍କେଟ ଛକଯାଏ ବଢ଼ିଲା ବ୍ୟାରିକେଡ୍

**ପୁରୀ ଅଫିସ, ୨୯।୧୨**

ସମ୍ପ୍ରତି ପର୍ଯ୍ୟଟନ ଋତୁ ଚାଲିଥିବାରୁ ପୁରୀରେ ଭକ୍ତ ଓ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଛି । ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ଅସ୍ଥାୟୀ ବ୍ୟାରିକେଡ୍ କରାଯାଇଛି। ଭକ୍ତମାନେ ଉକ୍ତ ବ୍ୟାରିକେଡ୍ ଦେଇ ଧାଡ଼ିରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରୁଛନ୍ତି। ମାତ୍ର ଏହି ବ୍ୟାରିକେଡ୍ ଭକ୍ତଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ସ୍ଥାନୀୟ ବାସିନ୍ଦା ମଧ୍ୟ ହଇରାଣ ହେଉଛନ୍ତି। ଅସ୍ଥାୟୀ ବ୍ୟାରିକେଡ୍‌ରେ ଭକ୍ତମାନେ ଘଣ୍ଟା ଘଣ୍ଟା ଠିଆ ହୋଇ ଅଣନିଃଶ୍ୱାସୀ ହେବା ସହ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନୂଆବର୍ଷ ପାଇଁ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ଗୁରୁବାର ମାର୍କେଟ ଛକ ପର୍ଯ୍ୟନ୍ତ ବ୍ୟାରିକେଡ୍ ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ଏଥିସହ ଅଧିକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସେହିପରି ଭକ୍ତମାନେ ଯେପରି ମହାପ୍ରଭୁଙ୍କ ଦର୍ଶନ ଭଲ ଭାବେ କରିପାରିବେ ଓ ନୀତି ଶୃଙ୍ଖଳିତ ହେବ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପ୍ରସ୍ତୁତି କରିଛି। ୩୧ ତାରିଖରେ ଶୀଘ୍ର ରାତ୍ର ପହୁଡ଼ କରାଯିବ। ମଧ୍ୟରାତ୍ରରେ ଦ୍ୱାର ଫିଟାଯାଇ ନୀତି କରାଯାଇ ଭକ୍ତଙ୍କୁ ଦର୍ଶନ ପାଇଁ ଛଡ଼ାଯିବ।

ଅପରପକ୍ଷରେ କୌଣସି କାରଣରୁ ମହାପ୍ରଭୁଙ୍କ ନୀତି ବିଳମ୍ବ ହେଲେ ଧାଡ଼ିରେ ଦୀର୍ଘ ସମୟ ଧରି ଛିଡ଼ା ରହିବା ଯୋଗୁ ଭକ୍ତଙ୍କ ଯନ୍ତ୍ରଣା ବଢ଼ିଯାଉଛି।



ଶୃଙ୍ଖଳିତ ଦର୍ଶନ ଓ ଭକ୍ତଙ୍କ ଭିଡ଼ ନିୟନ୍ତ୍ରଣ ପାଇଁ ଅସ୍ଥାୟୀ ବ୍ୟାରିକେଡ୍ ବ୍ୟବସ୍ଥାକୁ ମାର୍କେଟ ଛକ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି।

- ନୂଆବର୍ଷରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ସମ୍ଭାବନା
- ୩୧ରେ ସଅଳ ରାତ୍ର ପହୁଡ଼, ମହାପ୍ରଭୁଙ୍କୁ ଦର୍ଶନ ସୁଯୋଗ

ପୂର୍ବରୁ ଭକ୍ତମାନେ ଶ୍ରୀମନ୍ଦିରର ଚାରିଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ କରୁଥିଲେ। ଫଳରେ ଭକ୍ତଙ୍କୁ ବହୁ ସମୟ ଧରି ଠିଆ ହେବାକୁ ପଡୁ ନ ଥିଲା। ତେବେ କୋଭିଡ୍ ସମୟରୁ ପ୍ରଶାସନ ଶ୍ରୀମନ୍ଦିର ସିଂହଦ୍ୱାର ଓ ପଶ୍ଚିମଦ୍ୱାର ଦେଇ ଭକ୍ତଙ୍କୁ ପ୍ରବେଶ ଅନୁମତି ଦେଇଥିବାବେଳେ ଉତ୍ତର ଦ୍ୱାର ଓ ଦକ୍ଷିଣ ଦ୍ୱାର ଦେଇ ପ୍ରସ୍ଥାନ ବ୍ୟବସ୍ଥା କରିଛି। ଫଳରେ ସିଂହଦ୍ୱାର ପଟେ ଅସମ୍ଭାଳ ଭିଡ଼ ହେଉଛି। ସିଂହଦ୍ୱାରଠାରୁ ମରିଚିକୋଟ ଛକ ପର୍ଯ୍ୟନ୍ତ ନିର୍ମିତ ଅସ୍ଥାୟୀ ବ୍ୟାରିକେଡ ଓ ଶେଡ୍‌ରେ ଗତ କିଛି ଦିନ ହେବ ଭକ୍ତଙ୍କ ଲମ୍ବାଧାଡ଼ି ଲାଗୁଛି। ପାଣିର ସୁବିଧା ନ ଥିବାରୁ ଶେଡ୍ ଭିତରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଧନ୍ଦି ହେଉଛନ୍ତି। ଗତ ବଡ଼ଦିନଠାରୁ ପ୍ରତିଦିନ ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଶ୍ରୀମନ୍ଦିରକୁ ଆସୁଥିବାବେଳେ ଆସନ୍ତା ୧ ତାରିଖ ନୂଆବର୍ଷରେ ଏହି ସଂଖ୍ୟା ବୃଦ୍ଧି ପାଇ ୩ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ତେଣୁ ବ୍ୟାରିକେଡ୍‌କୁ ମାର୍କେଟ ଛକ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି। ଭିଆଇପିଙ୍କ ଉଦ୍ଦିଷ୍ଟ ପଥରେ ଛାତ୍ରୀଛାତ୍ର ଓ ବୃଦ୍ଧାବୃଦ୍ଧଙ୍କ ଯିବାର ବ୍ୟବସ୍ଥା ହୋଇଛି। ଶ୍ରୀମନ୍ଦିରରେ ଏବେ ପହିଲି ଭୋଗ ଚାଲିଛି। ମାତ୍ର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ହୋଇଥିବା ଦ୍ୱାରଫିଟା ନୀତିଠାରୁ ବିଳମ୍ବରେ ଦ୍ୱାର ଫିଟାଯାଉଛି। ଫଳରେ ନୀତି ବିଳମ୍ବ ହେଉଛି। ଏହା ଭକ୍ତଙ୍କ ଗହଳିର ଅନ୍ୟ ଏକ କାରଣ ବୋଲି କୁହାଯାଉଛି। ଦୁଇଦିନ ତଳେ ପ୍ରବଳ ଗହଳି ଓ ଠେଲାପେଲା ଯୋଗୁ ୯ ଜଣ ଛାତ୍ରୀ ବାଇଶିପାହାଚ ନିକଟରେ ଅଚେତ୍ ହୋଇପଡ଼ିଥିଲେ। ସେହିପରି ଅନେକ ସମୟରେ ଛୋଟପିଲା ଓ ବୃଦ୍ଧାବୃଦ୍ଧ ଭିଡ଼ରେ ଅଣନିଃଶ୍ୱାସୀ ହୋଇପଡ଼ିବାର ନଜିର ରହିଛି। ସମ୍ପ୍ରତି ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ଏସ୍‌ପି କନଓ୍ୱର ବିଶାଲ ସିଂ କହିଛନ୍ତି। ସେ କହଛନ୍ତି, ଭିଡ଼ ନିୟନ୍ତ୍ରଣ ପାଇଁ ୩୦ ତାରିଖ ଯାଏ ୨୯ ସେକ୍ସନ୍ ଫୋର୍ସ ମୁତୟନ କରାଯିବ। ୩୧ ତାରିଖ ଓ ୧ ତାରିଖ ନୂଆବର୍ଷ ନିମନ୍ତେ ଅଧିକ ଫୋର୍ସ ମୁତୟନ କରାଯିବ। ଶ୍ରୀମନ୍ଦିରରେ ୧୮ ସେକ୍ସନ୍ ଫୋର୍ସ ସହ ୧୦ ଜଣ ଅଫିସର ଓ ୧୦ ଜଣ ସାଦା ପୋଷାକଧାରୀ ପୋଲିସ ଡ୍ୟୁଟି କରିବେ। ଭକ୍ତଙ୍କୁ ଦର୍ଶନରେ ଶ୍ରୀମନ୍ଦିର ପୋଲିସ ବା ଜେଟିପି ସହଯୋଗ କରିବେ। ବେଳାଭୂମିରେ ୪ ସେକ୍ସନ୍ ଫୋର୍ସ ଓ ୧୦ ଜଣ ସାଦା ପୋଷାକଧାରୀ ପୋଲିସ ମୁତୟନ ରହିବେ। ସହରରେ ଟ୍ରାଫିକ୍ ନିୟନ୍ତ୍ରଣ ଲାଗି ୭ ସେକ୍ସନ୍ ଫୋର୍ସ ମୁତୟନ ହେବେ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

## ଠେଲାପେଲାରେ ୨ ମହିଳା ଭକ୍ତ ଅଚେତ

**ପୁରୀ ଅଫିସ, :** ଶ୍ରୀମନ୍ଦିରରେ ଗୁରୁବାର ପ୍ରବଳ ଗହଳି ଯୋଗୁ ଠେଲାପେଲାରେ ଦୁଇଜଣ ମହିଳା ଭକ୍ତ ଅଚେତ ହୋଇପଡ଼ିଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସମ୍ପୃକ୍ତ ଭକ୍ତ ଦ୍ୱୟ ହେଲେ ରାଜସ୍ଥାନର ବାଲିଦେବୀ (୪୫) ଏବଂ ଗୀତାଦେବୀ (୫୦)। ସୂଚନାଯୋଗ୍ୟ, ଏହି ମହିଳା ଦ୍ୱୟ ତାଙ୍କ ପରିବାର ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଉଥିଲେ। ତେବେ ବାଇଶିପାହାଚ ନିକଟରେ ପ୍ରବଳ ଗହଳି କାରଣରୁ ଅଚେତ ହେବା ସହ ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେମାନେ ସୁସ୍ଥ ହୋଇ ଫେରିଥିବା ଜଣାପଡ଼ିଛି। ଉଲ୍ଲେଖ ଥାଉ କି, ଦୁଇଦିନ ତଳେ ମୟୂରଭଞ୍ଜ ଜିଲାର ୯ ଜଣ ଛାତ୍ରୀ ଭିଡ଼ ଓ ଠେଲାପେଲାରେ ବାଇଶିପାହାଚ ନିକଟରେ ଅଚେତ ହୋଇପଡ଼ିଥିଲେ।

**ସଂକ୍ଷେପରେ**

## ତୋଟାପଡ଼ାରେ ବିରଳ ବାଛୁରି ଜନ୍ମ



ବାଲୁଗାଁ,୨୯।୧୨(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ୍ ବଡ଼କୂଳ ପଞ୍ଚାୟତ ଅଧୀନ ତୋଟାପଡ଼ା ଗ୍ରାମରେ ଏକ ବିରଳ ବାଛୁରି ଜନ୍ମ ହୋଇଛି । ଏହି ବାଛୁରିର ମୁହଁ ହନୁମାନଙ୍କ ସଦୃଶ ଦେଖାଯାଉଥିବା ବେଳେ କେତେଜଣ ପୂଜାର୍ଚ୍ଚନା ଆରମ୍ଭ କରିଦେଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ବାଛୁରିକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ଏସମ୍ପର୍କରେ ଗାଈର ମାଲିକାଣୀ ରଞ୍ଜୁଲତା ବିଶୋଇ କୁହନ୍ତି, ବହୁ କଷ୍ଟ କରି ଗାଈଟିକୁ ପାଳନ କରିଆସୁଥିବା ବେଳେ ସେ ଦେଉଥିବା କ୍ଷୀର ବିକ୍ରି କରି ପରିବାର ପ୍ରତିପୋଷଣ ହୋଇଥାଏ। ତେବେ ନବଜନ୍ମିତ ବାଛୁରିକୁ ଦେଖାଯାଉନଥିବାରୁ ସେ ଭାଙ୍ଗିପଡ଼ିଛନ୍ତି। ଖବରପାଇ ବାଲୁଗାଁ ପ୍ରାଣୀଧନ ଚିକିତ୍ସକ ଡା.ଦେବାଶିଷ ଦାସ କର୍ମଚାରୀଙ୍କ ସହ ଗ୍ରାମରେ ପହଞ୍ଚି ବାଛୁରିର ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିଥିଲେ। ବାଛୁରିକୁ ନିମୋନିଆ ହୋଇଥିବାରୁ ଚିକିତ୍ସାର ଆବଶ୍ୟକତା ରହିଛି। ଭୁବନେଶ୍ୱରସ୍ଥିତ ଓୟୁଏଟିକୁ ସ୍ଥାନାନ୍ତର କରାଯିବ ବୋଲି ଡା.ଦାସ କହିଛନ୍ତି।

## ଖବରଦାତାଙ୍କୁ ଦୁର୍ବ୍ୟବହାର

କୃଷ୍ଣପ୍ରସାଦ,୨୯।୧୨(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ତହସିଲ କାର୍ଯ୍ୟାଳୟକୁ ଖବର ସଂଗ୍ରହ ପାଇଁ ଯାଇଥିବା ଜଣେ ଖବରଦାତାଙ୍କୁ ତହସିଲଦାର ଦୁର୍ବ୍ୟବହାର କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ବିଦ୍ୟୁତ୍ ତାର ଦ୍ୱାରା ନିଆଁ ଲାଗି ଟୁବୁକା ଗ୍ରାମର ଜଣେ ଚାଷୀଙ୍କ ୭୦ ରୁ ଊର୍ଦ୍ଧ୍ୱ ଧାନ ବସ୍ତା ପୋଡି ପାଉଁଶ ହୋଇଯାଇଛି। ଉକ୍ତ ଚାଷୀଙ୍କୁ କ'ଣ ସହାୟତା ମିଳିପାରିବ ଏନେଇ ସମ୍ପୃକ୍ତ ଖବରଦାତା ତହସିଲଦାରଙ୍କ ଠାରୁ ପ୍ରତିକ୍ରିୟା ଆଣିବାକୁ ଯାଇଥିଲେ। ତେବେ ତହସିଲଦାର ଖବରଦାତାଙ୍କୁ ଦୁର୍ବ୍ୟବହାର କରିବା ସହ କାର୍ଯ୍ୟାଳୟ ବାହାରକୁ ଯିବା ପାଇଁ କହିଥିଲେ। କୃଷ୍ଣପ୍ରସାଦ ସାମ୍ବାଦିକ ସଂଘ ପକ୍ଷରୁ ତହସିଲଦାରଙ୍କ ଏଭଳି କାର୍ଯ୍ୟକୁ ନିନ୍ଦା କରାଯାଇଛି। ଏନେଇ ତହସିଲଦାରଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନାହିଁ।

## ଶ୍ମଶାନ ନିର୍ମାଣ ଲାଗି ଶୁଭ ଦେଲେ ଅଧ୍ୟକ୍ଷା

ଜଟଣୀ,୨୯।୧୨(ଡି.ଏନ.ଏ)- ଜଟଣୀ ବ୍ଲକ ବେଣାପଞ୍ଜରୀ ପଞ୍ଚାୟତ ଅନ୍ତର୍ଗତ ବିଶିଆପଡା ଗ୍ରାମରେ ବୁଧବାର ଏକ ଶ୍ମଶାନ ନିର୍ମାଣ ଶୁଭ ଦିଆଯାଇଛି। ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ ନଡ଼ିଆ ବାଡେଇ ଶୁଭ ଦେଇଥିଲେ। ଏହି ଶ୍ମଶାନ ହେଲେ ଗ୍ରାମର ଶହ ଶହ ଲୋକ ଏଥିରୁ ଉପକୃତ ହେବେ। ଗ୍ରାମରେ ଶ୍ମଶାନ ନ ଥିବାରୁ ଶେଷକୃତ୍ୟ ପାଇଁ ଲୋକେ ନାନା ହଇରାଣ ହେଉଥିଲେ। ବିଶେଷକରି ବର୍ଷା ଦିନେ ସମସ୍ୟା ହେଉଥିବା ଗ୍ରାମବାସୀ କହିଛନ୍ତି। ନୂଆ ଶ୍ମଶାନ ହେବାପରେ ସ୍ଥାନୀୟ ଲୋକେ ବହୁ ଉପକୃତ ହୋଇପାରିବେ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ସରପଞ୍ଚ ଆରଜୁ ପରବିନ କହିଛନ୍ତି। ପଞ୍ଚାୟତରୁ ଶ୍ମଶାନ ନିର୍ମାଣ ପାଇଁ ୨.୫ ଲକ୍ଷ ମଞ୍ଜୁର କରାଯାଇଥିଲା। ତେବେ ଆଗାମୀ ଦିନେରେ ଆଲୋକ ଶହ ପାଣିର ସୁବିଧା କରିବାକୁ ସେ ଅଧ୍ୟକ୍ଷାଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ଶରତ ପାଲଟାସିଂହ, ବିଜେଡି ପଞ୍ଚାୟତ ସଭାପତି ମହମ୍ମଦ କୌସର, ୱାର୍ଡ ସଭ୍ୟ ଦାଶରଥୀ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

## ଗବେଷଣା ପାଇଁ ଶରୀର ଦାନକଲେ ପରିବାର ବର୍ଗ

ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)-ଖୋର୍ଦ୍ଧା ଜିଲା ପାତ୍ରପଡ଼ା ଅଞ୍ଚଳର ୬୪ ବର୍ଷୀୟ ଶ୍ରୀନିବାସ ମିଶ୍ରଙ୍କର ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ମୃତ୍ୟୁ ଘଟିଛି। ଜୀବନ ଯୁଦ୍ଧରେ ହାରିଯାଇ ସେ ସବୁଦିନ ପାଇଁ ଚିରନିଦ୍ରାରେ ଶୋଇଯାଇଛନ୍ତି ସିନା, ହେଲେ ତାଙ୍କ ଶରୀର ତାଙ୍କ ପରି ଅନେକ ରୋଗୀଙ୍କ ଜୀବନକୁ ବଞ୍ଚାଇବାରେ ସହାୟକ ହେବାକୁ ଯାଉଛି। ପରିବାର ଲୋକେ ଓଡ଼ିଶା-ମୋ ପରିବାର ସହଯୋଗରେ ଶ୍ରୀନିବାସଙ୍କ ଶରୀରକୁ ମେଡିକାଲ ଗବେଷଣା ପାଇଁ ଭୁବନେଶ୍ୱର ଏମ୍ସକୁ ଦାନକରି ମହାନତାର ଉଦାହରଣ ସାଜିଛନ୍ତି। ଶ୍ରୀନିବାସ ଗତ କିଛିବର୍ଷ ହେବ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଏମ୍ସରେ ଚିକିତ୍ସିତ ହେଉଥିଲେ। ସେହି ସମୟରେ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସୋମନାଥ ସ୍ୱାଇଁ ତାଙ୍କୁ ଆବଶ୍ୟକ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ। ପ୍ରାୟ ୮ଦିନ ତଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ହେଲେ ଗୁରୁବାର ସକାଳେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

## ଶ୍ରୀମନ୍ଦିରରେ ମାଙ୍କଡ଼ କାମୁଡ଼ାରେ ୩ ଭକ୍ତ ଗୁରୁତର

**ପୁରୀ ଅଫିସ, ୨୯।୧୨:**

ଶ୍ରୀମନ୍ଦିର ପରିସରରେ ଗୁରୁବାର ମାଙ୍କଡ଼ କାମୁଡାରେ ୩ ଜଣ ଭକ୍ତ ଆହତ ହୋଇଛନ୍ତି। ଏମାନେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଅଞ୍ଚଳର ସୁରେନ୍ଦ୍ର ନାରାୟଣ ସାହୁ, ରୀନା ସାହୁ ଓ ବିସ୍ମିତା ବେହେରା। ମହାପ୍ରଭୁଙ୍କ ଦର୍ଶନ ସାରି ଶ୍ରୀମନ୍ଦିର ଭିତରେ ଥିବା କୋଇଲି ବୈକୁଣ୍ଠରେ ବୁଲୁଥିବାବେଳେ ଏହି ତିନିଜଣଙ୍କୁ କେତୋଟି ମାଙ୍କଡ଼ ଆକ୍ରମଣ କରିଥିଲେ। ସେଠାରେ ଥିବା ଜେଟିପି ସେମାନଙ୍କୁ ଉଦ୍ଧାର କରି ଶ୍ରୀମନ୍ଦିର ପ୍ରଶାସନର ଆମ୍ବୁଲାନ୍ସ ଦ୍ୱାରା ଜିଲା ମୁଖ୍ୟ ଚିକିତ୍ସାୟାଳୟକୁ ପଠାଇଥିଲେ। ଚିକିତ୍ସା ପରେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ଜଣାପଡ଼ିଛି।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକ ମୃତ

**ବ୍ରହ୍ମଗିରି,୨୯।୧୨(ଡି.ଏନ୍.ଏ.):**

ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବ୍ରହ୍ମଗିରି ଥାନା ଅଧୀନ ଚଢ଼େଇକୁଦୀ ଗ୍ରାମର ସଞ୍ଜୟ ଖୁଣ୍ଟିଆ। ସୂଚନା ମୁତାବକ, ଚଢ଼େଇକୁଦୀ ଗ୍ରାମ ନିକଟ ରୋଡରେ ୧୧କେଭି ବିଦ୍ୟୁତ୍ ତାର ଛିଡି ତଳେ ପଡ଼ିଥିଲା। ଉକ୍ତ ରାସ୍ତାରେ ସଞ୍ଜୟ ଯିବା ସମୟରେ ତାର ସଂସ୍ପର୍ଶରେ ଅଚେତ ହୋଇପଡିଥିଲେ। ପରିବାରଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ପିପିଲି ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ ।

## ସୁନ୍ଦରଗ୍ରାମ ଫାଇନାଲରେ

**ବେଗୁନିଆ,୨୯।୧୨(ଡି.ଏନ୍.ଏ.):**

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗ୍ରାମ କ୍ରିକେଟ କ୍ଲବ ୭ ଉଇକେଟରେ କିଆଝର କ୍ରିକେଟ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି କିଆଝର କ୍ଲବ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୫୦ରନ ସଂଗ୍ରହ କରିଥିଲା। ଜବାବରେ ସୁନ୍ଦରଗ୍ରାମ ଟିମ୍ ୧୬.୨ ଓଭରରେ ୩ ଉଇକେଟ ହରାଇ ୧୫୧ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ରମାକାନ୍ତ ପାତ୍ର ଓ ବିନୟ ପାଇକରାୟ ମ୍ୟାଚ ପରିଚାଳନା କରିଥିଲେ। ସ୍ଥାନୀୟ ଇଣ୍ଡିଆନ ବ୍ୟାଙ୍କ ଶାଖା ପରିଚାଳକ ସନ୍ତୋଷ ସେନାପତି ଏବଂ କଣ୍ଟାବାଡ କଲେଜ ଅଧ୍ୟାପକ ବିଜୟ ପଟ୍ଟନାୟକ ଅତିଥିଭାବେ ଯୋଗଦେଇଥିଲେ। ସୁନ୍ଦରଗ୍ରାମ ଟିମର ମାନସ ମୁଦୁଲିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ତନ୍ମୟ ମହାନ୍ତି ୮୭ ରନ ସଂଗ୍ରହ କରିଥିବାରୁ ଟ୍ରଫି ପ୍ରଦାନ କରାଯାଇଥିଲା। ରତ୍ନଭୂଷଣ ମିଶ୍ର, ଦିଲୀପ ପାଣିଗ୍ରାହୀ, ସଞ୍ଜୟ ପାଣିଗ୍ରାହୀ, ପବିତ୍ର ସ୍ୱାଇଁ, କେ.ରାଜା ରାଓ, ପ୍ରଭାତ ପଣ୍ଡା, ସୌମ୍ୟ ରଞ୍ଜନ ଦାଶ ପ୍ରମୁଖ ମ୍ୟାଚ ପରିଚାଳନରେ ସହଯୋଗ କରିଥିଲେ।

## ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

**ଟାଙ୍ଗୀ(ଖୋର୍ଦ୍ଧା),୨୯।୧୨(ଡି.ଏନ୍.ଏ.):**

ଚାନ୍ଦପୁରସ୍ଥିତ ସତ୍ୟସାଇ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ ଉତ୍ସବ ମା'ତୋମଣିଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ତଥା ବିଦ୍ୟାମନ୍ଦିରର ଚେୟାରମ୍ୟାନ ଡ.ଦେବେନ୍ଦ୍ର ନାଥ ମାନସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥିଭାବେ ପୂର୍ବତନ ବିଚାରପତି ନାରାୟଣ ମହାପାତ୍ର, ସମ୍ପାଦିକା ଅଂଶୁକଣା ବିଶ୍ୱାଳ, ସଭାପତି ଭରତ ଚରଣ ବେହେରା, ଅଧ୍ୟାପକ ମୋନାଲିସା ମାନସିଂହ, ପ୍ରଧାନ ଆଚାର୍ଯ୍ୟ ନିଳିମା ମହାନ୍ତି ଯୋଗଦେଇଥିଲେ। ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ନାୟକ ଉତ୍ସବରେ ସଂଯୋଜନା କରିଥିଲେ। ରଣପୁର ବ୍ଲକ ଶିକ୍ଷା ଅଧିକାରୀ ବନଲତା ବେହେରାଙ୍କ ପରାମର୍ଶକ୍ରମେ ବିଦ୍ୟାମନ୍ଦରର ପ୍ରଥମ ଶିଶୁ ପତ୍ରିକା 'ଉର୍ଜିତା' ଉନ୍ମୋଚନ ହୋଇଥିଲା। ପ୍ରାରମ୍ଭରେ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ବୀରଞ୍ଚି ନାରାୟଣ ପାତ୍ରଙ୍କ ଶ୍ରାଦ୍ଧବାର୍ଷିକ ପାଳନ ଅବସରରେ ନୀରବ ପ୍ରାର୍ଥନା କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ବିନାୟକ ମହାରଣା, ମନୋରଞ୍ଜନ ବେହେରା, ଶିଦ୍ଧାର୍ଥ ଶଙ୍କର ପାତ୍ର,ପୂର୍ଣଚନ୍ଦ୍ର ଦେବ, କିଶୋର ମହାପାତ୍ର, ଅଜୟ ମଙ୍ଗରାଜଙ୍କ ସମେତ ବିଦ୍ୟାମନ୍ଦିରର ସମସ୍ତ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

# ପର୍ଯ୍ୟଟକଙ୍କ ତଥ୍ୟ ଦିଅ, ସିସିଟିଭି କାର୍ଯ୍ୟକ୍ଷମ କର

**ପୁରୀ ଅଫିସ, ୨୯।୧୨**

- ସମସ୍ତ ହୋଟେଲ କର୍ତ୍ତୃପକ୍ଷଙ୍କୁ ପୋଲିସ ପ୍ରଶାସନର ନିର୍ଦ୍ଦେଶ
- ପୋଲିସ ପକ୍ଷରୁ ହେଲ୍ପ ଲାଇନ ନଂ. ୧୧୨ ଓ ୬୩୭୦୯୬୭୧୦୦ ଜାରି

ନୂଆବର୍ଷରେ ପୁରୀରେ ପର୍ଯ୍ୟଟକମାନେ ଯେଭଳି ସୁଖଦ ଅନୁଭୂତି ସହ ଫେରିବେ ସେନେଇ ଗୁରୁବାର ଟାଉନ ଥାନା ପରିସରରେ ପୋଲିସ ପ୍ରଶାସନ ପକ୍ଷରୁ ହୋଟେଲିୟରମାନଙ୍କ ସହିତ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ହୋଟେଲରେ ରହୁଥିବା ପର୍ଯ୍ୟଟକଙ୍କ ସମ୍ପୂର୍ଣ୍ଣ ତଥ୍ୟ ଦେବା, ସମସ୍ତ ସିସିଟିଭି କ୍ୟାମେରା କାର୍ଯ୍ୟକ୍ଷମ କରିବା, ସରକାରଙ୍କ ନିୟମ ଅନୁଯାୟୀ ଜିରୋନାଇଟ୍ ସେଲିବ୍ରେଶନ କରିବା ଉପରେ ମୁଖ୍ୟତଃ ଆଲୋଚନା ହୋଇଛି। ପୋଲିସ ପକ୍ଷରୁ ହୋଟେଲଗୁଡ଼ିକ ଯାଞ୍ଚ କରାଯିବ। ସନ୍ଧ୍ୟାରେ ପାଟ୍ରୋଲିଂ ହେବ। ଯଦି କୌଣସି ବ୍ୟକ୍ତି କିଛି ବିଭ୍ରାଟ ସୃଷ୍ଟି କରିବେ ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ପର୍ଯ୍ୟଟକ ଓ ହୋଟେଲିୟରଙ୍କର କୌଣସି ଅସୁବିଧା ହେଲେ ପୋଲିସର ସହାୟତା ନେବା ପାଇଁ ୧୧୨ କିମ୍ବା ୬୩୭୦୯୬୭୧୦୦ ଚବିଶ ଘଣ୍ଟିଆ ହେଲ୍ପଲାଇନ ନମ୍ବର ପୋଲିସ ପକ୍ଷରୁ ଜାରି କରାଯାଇଛି। ଅତିରିକ୍ତ ଏସ୍‌ପି ପଣ୍ଡା କହିଛନ୍ତି, ପୁରୀରେ ନୂଆବର୍ଷ ପାଳନ ପାଇଁ ବହୁ ପର୍ଯ୍ୟଟକ ଆସୁଛନ୍ତି। ସେମାନଙ୍କ ସୁରକ୍ଷା, ଯାତାୟତ ସୁବିଧା, ବିଭିନ୍ନ ସ୍ଥାନ ସୁବିଧାରେ ବୁଲିପାରିବା ପାଇଁ ପଦକ୍ଷେପ ନିଆଯାଉଛି। ଏକ୍ଷେତ୍ରରେ ହୋଟେଲିୟରମାନଙ୍କ ସହ ପୋଲିସର ଉତ୍ତମ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଛି। ଟ୍ରାଫିକ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରାଯାଉଛି। ବିଭିନ୍ନ ମହଲରୁ ଏନେଇ ମତାମତ ନିଆଯାଉଛି। ଖୁବଶୀଘ୍ର ଟ୍ରାଫିକ ସଂକ୍ରାନ୍ତ ସୂଚନା ପ୍ରଦାନ କରାଯିବ। ନୂଆବର୍ଷରେ ମଦ ପିଇ ଗାଡ଼ି ଚଳାଉଥିବା ଚାଳକଙ୍କ ଉପରେ ପୋଲିସର ନଜର ରହିବ। ସହରର ବିଭିନ୍ନ ଛକରେ ଚେକିଂ କରାଯିବ। ସେହିପରି ସରକାରଙ୍କ ନିୟମ ମାନି ଜିରୋ ନାଇଟ ସେଲିବ୍ରେଶନ ପାଳନ କରିବା ପାଇଁ ପର୍ଯ୍ୟଟକମାନଙ୍କୁ ପଣ୍ଡା ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶା

## ଗୌତମନଗରରୁ ହଟିଲା ଜବରଦଖଲ

**ଭୁବନେଶ୍ୱର,୨୯।୧୨(ବ୍ୟୁରୋ)**



ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ବିଭିନ୍ନ ସ୍ଥାନରୁ ଜବରଦଖଲ ଉଚ୍ଛେଦ ଜାରି ରହିଛି। ବିଡିଏ ଉଚ୍ଛେଦକାରୀ ଟିମ୍ ଗୁରୁବାର ବଡ଼ଗଡ଼ ଥାନା ଅଞ୍ଚଳରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିଛି। ଗୌତମନଗରର ପ୍ଲଟ ନମ୍ବର ୨୪୭, ୩୪୭/୪୧୮୮ରୁ ବ୍ୟାପକ ଜବରଦଖଲ ହଟାଯାଇଛି। ବିଡିଏ ଓ ବିଏମସିର ୨ଟି ଜେସିବି ସାହାଯ୍ୟରେ ଉଚ୍ଛେଦକାରୀ ଦଳ ୯ଟି ଆଜବେଷ୍ଟସ୍ ଘର ମାଟିରେ ମାଟିରେ ମିଶାଇଛନ୍ତି। ପ୍ରାୟ ୧୮ଶହ ବର୍ଗଫୁଟ୍ ସରକାରୀ ଜମି ଜବରଦଖଲ ମୁକ୍ତ ହୋଇଛି।

## ମୃତଦେହ ମିଳିବା ଘଟଣା: ଜଣେ ଅଟକ

**ବାରଙ୍ଗ,୨୯।୧୨(ଡି.ଏନ୍.ଏ.):**

ବାରଙ୍ଗ ରେଳ ଷ୍ଟେଶନ ନିକଟ ଏକ ଅର୍ଦ୍ଧନିର୍ମିତ କୋଠାଘରୁ ଗତ ୨୫ତାରିଖରେ ଜଣେ ବ୍ୟକ୍ତିଙ୍କ କ୍ଷତବିକ୍ଷତ ମୃତଦେହ ଜବତ କରିଥିଲା ନନ୍ଦନକାନନ ଥାନା ପୋଲିସ। ଉକ୍ତ ଘରଠାରୁ କିଛିବାଟ ଦୂରରେ ପଡିଥିବା ରକ୍ତଲଗା ଛୋଟପଥର ସହ ଚପଲ ଚିହ୍ନ ଏହା ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ପୋଲିସ ସନ୍ଦେହ କରିଥିଲା। ପ୍ରେମଜନିତ କାରଣରୁ ଏହା ଘଟିଥିବା ଚର୍ଚ୍ଚା ଯୋର ଧରିଥିବାବେଳେ ପୋଲିସ ହାତରେ ସୁରାକ ଲାଗିଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଥିବା ଜଣାପଡ଼ିଛି।

## ଜାନୁୟାରୀ ୨୭ରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା

**ଭୁବନେଶର,୨୯।୧୨(ବ୍ୟୁରୋ)**

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଆସନ୍ତା ଜାନୁୟାରୀ ୨୭ରୁ ଆରମ୍ଭ ହେବ। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପ୍ରାୟୋଜିତ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୧୯-୨୦ ପାଇଁ ଚୟନ ହୋଇଥିବା ୯୭୦ ଜଣ ବରିଷ୍ଠ ନାଗରିକ ଏହି ଯାତ୍ରା ଆରମ୍ଭ କରିବେ। ଏନେଇ ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ଭୁବନେଶ୍ୱର ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହରେ ଅନୁଷ୍ଠିତ ବୈଠକରେ ଘୋଷଣା ହୋଇଛି। କୋଭିଡ୍ ମହାମାରୀ ପାଇଁ ଏହି ଯାତ୍ରା ବନ୍ଦ ରହିଥିଲା। ଏହି ଯାତ୍ରାରେ ଖୋର୍ଦ୍ଧା, ପୁରୀ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ନୟାଗଡ଼, ଢେଙ୍କାନାଳ ଜିଲାରୁ ବରିଷ୍ଠ ନାଗରିକମାନେ ଚୟନ ହୋଇଛନ୍ତି। ସେମାନଙ୍କ ସହିତ ସୁରକ୍ଷା ପାଇଁ ୩୦ଜଣ ସୁରକ୍ଷା ଅଧିକାରୀ ରହିବେ। ଏକ ସ୍ୱତନ୍ତ୍ର ଟ୍ରେନ ତୀର୍ଥଯାତ୍ରୀଙ୍କୁ ନେଇ ବାରାଣସୀ ଓ ଆଲାହାବାଦ ଯାତ୍ରା କରିବ। ଏହି ନାଗରିକମାନେ ସ୍ୱତନ୍ତ୍ର ବସ୍ ଯୋଗେ ନିଜ ଜିଲାରୁ ଆସିବେ। ଭୁବନେଶ୍ୱରରେ ଅସ୍ଥାୟୀ ରହଣୀ, ଖାଦ୍ୟପେୟ, ପଞ୍ଜୀକରଣ, ଆଇନ ଶୃଙ୍ଖଳା ଓ ସ୍ୱାସ୍ଥ୍ୟ ପରୀକ୍ଷା ଆଦି ସମସ୍ତ ସୁବିଧା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ। ସେହିପରି ୨୦୨୨-୨୩ ବର୍ଷ ପାଇଁ ମନୋନୀତ ୯୭୦ଜଣ ବରିଷ୍ଠ ନାଗରିକ ଆସନ୍ତା ମାର୍ଚ୍ଚ ୪ତାରିଖରୁ ତୀର୍ଥଯାତ୍ରା ଆରମ୍ଭ କରିବେ। ବୈଠକରେ ଭୁବନେଶର ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଉପଜିଲାପାଳ ଦେବବ୍ରତ ସାହୁ, ପର୍ଯ୍ୟଟନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲା ସଂସ୍କୃତି ଅଧିକାରୀ, ଭୁବନେଶ୍ୱର ମହାନଗର ନିଗମ ଡେପୁଟି କମିଶନର ପ୍ରମୁଖ ଯୋଗ ଦେଇଥିଲେ।

# ୫୧ ସ୍ଥାନରେ ଶୋଭାପାଇବ ପ୍ରସ୍ତର, ସ୍କ୍ରାପ୍ ଭାସ୍କର୍ଯ୍ୟ

## ଅନ୍ତର୍ଜାତୀୟ ଭାସ୍କର୍ଯ୍ୟ ଶିଳ୍ପୀ ସିମ୍ପୋଜିୟମ ଉଦ୍‌ଯାପିତ

**ଭୁବନେଶ୍ୱର,୨୯।୧୨(ବ୍ୟୁରୋ)**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

କଳାଭୂମି ପରିସରରେ ଚାଲିଥିବା ଅନ୍ତର୍ଜାତୀୟ ଭାସ୍କର୍ଯ୍ୟ ସିମ୍ପୋଜିୟମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଏହି ଶିଳ୍ପୀ ଶିବିରରେ ପ୍ରସ୍ତୁତ ପ୍ରସ୍ତର ଓ ସ୍କ୍ରାପ୍, ଟୋରାକୋଟା ଭାସ୍କର୍ଯ୍ୟ ସହରର ୫୧ଟି ପ୍ରମୁଖ ସ୍ଥାନରେ ଶୋଭାପାଇବ। ହକି ବିଶ୍ୱକପ୍ ଆୟୋଜନକୁ ଆକର୍ଷଣ କରିବା ପାଇଁ ଏହି ଉଦ୍ୟମ କରାଯାଉଛି। ଉଦଯାପନୀ ଉତ୍ସବରେ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗଦେଇ ଶିଳ୍ପୀମାନେ ନିଜର ଉତ୍କୃଷ୍ଟ କଳା ଦ୍ୱାରା ଭୁବନେଶରକୁ ସୁନ୍ଦର କରିବା ପର୍ଯ୍ୟାୟକୁ ସାଧୁବାଦ ଜଣାଇଥିଲେ। ଲଳିତ କଳା ଏକାଡେମୀ ଏକାଡେମୀ ସଭାପତି ନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଶିଳ୍ପୀଙ୍କୁ ଭୂୟସୀ ପ୍ରଶଂସା କରିଥିଲେ ଓ ସଚିବ ପଞ୍ଚାନନ ସାମଲ ସିମ୍ପୋଜିୟମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ପ୍ରଥମଥର ପାଇଁ ଏପରି ଏକ ବୃହତ ଶିବିରର ଆୟୋଜନ କରାଯାଇଛି ଯେଉଁଠାରେ ସୁଉଚ୍ଚ ସୃଜନଶୀଳ ପ୍ରସ୍ତର ଭାସ୍କର୍ଯ୍ୟ ଓ ସ୍କ୍ରାପ ମେଟାଲ ଭାସ୍କର୍ଯ୍ୟ ସ୍ଥାନ ପାଇଛି। ଏଥିରେ ଆମେରିକାରୁ କାରୋଲ ଟର୍ନର, ଇଟାଲୀରୁ ଏଲିନା ସାରାସିନୋ, କୋରିଆରୁ ସୋଡଙ୍ଗ ଚୋଏ, ଇଜିପ୍ଟରୁ ଖଲିଦ ଅବଦୁଲା, ଫ୍ରାନ୍ସରୁ ଆଲେକ୍ସ ଲବେଜୋଫ ଓ ଗଦାଧର ଓଝା, ଓଡ଼ିଶାରୁ ଶିଳ୍ପୀଗୁରୁ ପ୍ରଭାକର ମହାରଣା, ଦିଲ୍ଲୀରୁ ଚୁଗୁଲି ସାହୁ, କାଳିକିଙ୍କର ଦେ ଓ ଟୁଟୁ ପଟ୍ଟନାୟକ, ମହାରାଷ୍ଟ୍ରରୁ ପଙ୍କଜ ଗହଲଟ, ଚଣ୍ଡିଗଡରୁ ବିଶାଲ ଭଟ୍ଟନାଗର, ମୁମ୍ବାଇରୁ ରତନ ସାହା, ବାଙ୍ଗାଲୋରରୁ ଡ. ଜ୍ଞାନେଶ ମିଶ୍ର, କେରଳରୁ ରାଜଶେଖର ନାୟର ଓ ଜାମ୍ମୁ କାଶ୍ମୀରରୁ ଚନ୍ଦର ପ୍ରକାଶ ପ୍ରମୁଖ ଅଂଶ ଗ୍ରହଣ କରି ଆକର୍ଷଣୀୟ କଳାକୃତି ପ୍ରସ୍ତୁତ କରିଛନ୍ତି। ଉଦ୍‌ଯାପନ ଅବସରରେ ଶିଳ୍ପୀମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରଯାଇଥିଲା।



**ଅର୍ଦ୍ଧନିର୍ମିତ କୋଠାଘରୁ ମୃତଦେହ ମିଳିବା ଘଟଣାରେ ଜଣେ ଅଟକ**

ବାରଙ୍ଗ,(ଡି.ଏନ୍.ଏ.): ବାରଙ୍ଗ ରେଳ ଷ୍ଟେଶନ ନିକଟ ଏକ ଅର୍ଦ୍ଧନିର୍ମିତ କୋଠାଘରୁ ଗତ ୨୫ତାରିଖରେ ଜଣେ ବ୍ୟକ୍ତିଙ୍କ କ୍ଷତବିକ୍ଷତ ମୃତଦେହ ଜବତ କରିଥିଲା ନନ୍ଦନକାନନ ଥାନା ପୋଲିସ। ଉକ୍ତ ଘରଠାରୁ କିଛିବାଟ ଦୂରରେ ପଡିଥିବା ରକ୍ତଲଗା ଛୋଟପଥର ସହ ଚପଲ ଚିହ୍ନ ଏହା ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ପୋଲିସ ସନ୍ଦେହ କରିଥିଲା। ପ୍ରେମଜନିତ କାରଣରୁ ଏହା ଘଟିଥିବା ଚର୍ଚ୍ଚା ଯୋର ଧରିଥିବାବେଳେ ପୋଲିସ ହାତରେ ସୁରାକ ଲାଗିଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଥିବା ଜଣାପଡ଼ିଛି।



## ସଂକ୍ଷେପରେ

### ଶ୍ରୀମନ୍ଦିରରେ ଠେଲାପେଲା: ୨ ମହିଳା ଭକ୍ତ ଅଚେତ

ପୁରୀ ଅଫିସ, ୨୯।୧୨: ଶ୍ରୀମନ୍ଦିରରେ ଗୁରୁବାର ପ୍ରବଳ ଗହଳି ଯୋଗୁ ଠେଲାପେଲାରେ ଦୁଇଜଣ ମହିଳା ଭକ୍ତ ଅଚେତ ହୋଇପଡ଼ିଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସମ୍ପୃକ୍ତ ଭକ୍ତ ଦ୍ୱୟ ହେଲେ ରାଜସ୍ଥାନର ବାଲିଦେବୀ (୪୫) ଏବଂ ଗୀତାଦେବୀ (୫୦)। ସୂଚନାଯୋଗ୍ୟ ଦୁଇଦିନ ତଳେ ମୟୂରଭଞ୍ଜ ଜିଲାର ୯ ଜଣ ଛାତ୍ରୀ ଭିଡ଼ ଓ ଠେଲାପେଲାରେ ବାଇଶିପାହାଚ ନିକଟରେ ଅଚେତ ହୋଇପଡ଼ିଥିଲେ।

## ଅଡିଟ୍ ଅଫିସରଙ୍କ ଘରୁ ଚୋରି ଉଦ୍ୟମ

### ଆପାର୍ଟମେଣ୍ଟ ସିସିଟିଭିରେ ତାଲା କାଟୁଥିବାର ଦୃଶ୍ୟ

ଭୁବନେଶ୍ୱର, ୨୯।୧୨ (ବ୍ୟୁରୋ) : ଏୟାରପୋର୍ଟ ଥାନା ଅନ୍ତର୍ଗତ ଗଙ୍ଗନଗର ଛକସ୍ଥିତ ଭବାନୀ ଅଶୋକ ଏନ୍‌କ୍ଲେଭ୍ ଆପାର୍ଟମେଣ୍ଟରେ ରହୁଥିବା ଅଡିଟ୍ ଅଫିସର ସୁଦେଷ୍ଣା ଦାସଙ୍କ ଘରୁ ଚୋରି ଉଦ୍ୟମ ହୋଇଛି। ଅଭିଯୁକ୍ତମାନେ ଘରର ତାଲା କାଟିଥିଲେ ମଧ ଧରାପଡିବା ଭୟରେ ଚମ୍ପଟ ମାରିଛନ୍ତି। ଏକ ଧାରୁଆ ଅସ୍ତ୍ରରେ ତାଲା କଟାହେଉଥିବାର ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଛି। ଏନେଇ ତାଙ୍କ ଝିଅ ଏୟାରପୋର୍ଟ ଥାନାରେ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି। ସୂଚନାନୁସାରେ, ୨୬ ତାରିଖ ସକାଳ ପ୍ରାୟ ୯ଟାରେ ବେଶ ସରଳ ଦିଶୁଥିବା ଜିନ୍‌ସ ପିନ୍ଧା ୩ ଯୁବକ ଗେଟ୍ ନିକଟରେ ପହଞ୍ଚିଥିଲେ। ଦ୍ୱିତୀୟ ମହଲା ବି-୧୦୨ରେ ରହୁଥିବା ପଟ୍ଟନାୟକ ବାବୁଙ୍କୁ ଭେଟ କରିବାକୁ ଆସିଥିବା କହିବାରୁ ସିକ୍ୟୁରିଟି ଗାର୍ଡ ଭିତରକୁ ଯିବାକୁ ଅନୁମତି ଦେଇଥିଲେ। ଯୁବକମାନେ ବି-୧୦୨କୁ ନ ଯାଇ ପ୍ରଥମ ମହଲରେ ଥିବା ଏ-୧୦୨କୁ ଟାର୍ଗେଟ କରିଥିଲେ। ଉକ୍ତ ଫ୍ଲାଟ୍‌ରେ ରହୁଥିବା ସୁଦେଷ୍ଣା ଦାସ କିଛିଦିନ ପାଇଁ ମୁମ୍ବାଇ ଯାଇଥିବାରୁ ଘରେ ତାଲା ପଡିଥିଲା। ଏହାର ସୁଯୋଗରେ ଦୁର୍ବୃତ୍ତମାନେ ତାଲା କାଟିଥିଲେ। ତେବେ ସିସିଟିଭିରେ ତାଙ୍କ ଚେହେରା କଏଦ ହୋଇଯିବା ଭୟରେ ତାଲାକୁ ଅଧାକାଟି ପଳାଇଥିଲେ। ୨୭ ତାରିଖରେ ଅନ୍ୟତ୍ର ରହୁଥିବା ତାଙ୍କ ଝିଅ ଆପାର୍ଟମେଣ୍ଟକୁ ଘର ଯାଞ୍ଚ କରିବାକୁ ଆସି ଚୋରି ଉଦ୍ୟମ ସମ୍ପର୍କରେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳକୁ ଆସି ତଦନ୍ତ ଆରମ୍ଭ କରିଛି। ତେବେ ଉକ୍ତ ଘରେ କେହି ନ ଥିବା ଦୁର୍ବୃତ୍ତମାନେ କିପରି ଜାଣିଲେ, ଏଥିରେ ଉକ୍ତ ଆପାର୍ଟମେଣ୍ଟର ଅନ୍ୟକେହି ସମ୍ପୃକ୍ତ ଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ଅନ୍ୟପକ୍ଷରେ ଆପାର୍ଟମେଣ୍ଟର ଇଣ୍ଟରକମ୍ ନ ଥିବାରୁ ସୁରକ୍ଷାରେ ତ୍ରୁଟି ଘଟିବାକୁ ଯାଉଥିଲା ବୋଲି ଆଲୋଚନା ହେଉଛି। ଗଙ୍ଗନଗର ଛକ ଟ୍ରାଫିକ ପୋଷ୍ଟରେ ଥିବା ସିସିଟିଭି କାମ କରୁ ନ ଥିବାରୁ ଅଭିଯୁକ୍ତଙ୍କ ଗତିବିଧି ଏଯାଏ ଜାଣିପାରିନାହିଁ ପୋଲିସ।

## ଜାତୀୟ ସେବା ଶିବିର ଉଦ୍‌ଯାପିତ

ବାଲିଅନ୍ତା, ୨୯।୧୨ (ଡି.ଏନ୍.ଏ.)

ବାଲିଅନ୍ତାସ୍ଥିତ ଜବାହରଲାଲ୍ ନେହେରୁ ଉଚ୍ଚ ମାଧ୍ୟମିକ ସ୍କୁଲରେ ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ସେବା ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ବିଜୟ ବିଶ୍ୱାଳଙ୍କ ସଭାପତିତ୍ୱରେ ୭ ଦିନ ଧରି ଚାଲିଥିବା ଉକ୍ତ ଶିବିରରେ ୫୦ ଜଣ ଶିବିରାର୍ଥୀ ଯୋଗ ଦେଇଥିଲେ। ଶିବିରାର୍ଥୀମାନେ ସ୍କୁଲ ପରିସରରେ ସଫେଇ କରିବା ସହ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶିବିରାର୍ଥୀମାନେ ବିଭିନ୍ନ ଛକ ବଜାରର ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ। ମୁଖ୍ୟ ଅତିଥି ଭାବେ କଲେଜ ପୂର୍ବତନ ଅଧ୍ୟକ୍ଷ ଡ. ଧରଣୀଧର ସ୍ୱାଇଁ ଯୋଗଦେଇ ନିଜକୁ ଶୃଙ୍ଖଳିତ ଭାବେ ଗଢ଼ି ତୋଳିବା ସହ ସେବା ମନୋଭାବ ଜୀବନରେ ପ୍ରତିଫଳିତ କରିବାକୁ ଶିବିରାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ମମତା ସାହୁ, ଅଧ୍ୟାପକ ପୀତାମ୍ବର ପାତ୍ର, ଜ୍ଞାନରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଜୟନ୍ତୀବାଳା ମହାନ୍ତି ଏହାର ପରିଚାଳନା କରିଥିଲେ। ଶ୍ରେଷ୍ଠ ସ୍ୱେଚ୍ଛାସେବୀଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ କରିଥିଲେ।

**୨ବର୍ଷ ପରେ ଝୁମିବ ରାଜଧାନୀ ରାତି**

# ରଙ୍ଗିନ ହେବ ଜିରୋ ନାଇଟ୍

## ବିଭିନ୍ନ ହୋଟେଲରେ ସ୍ୱତନ୍ତ୍ର ଆକର୍ଷଣୀୟ ବ୍ୟବସ୍ଥା

*ଭୁବନେଶ୍ୱର, ୨୯।୧୨ (ବ୍ୟୁରୋ) – ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତ ହୋଇଗଲାଣି ରାଜଧାନୀ ଭୁବନେଶ୍ୱର। ବିଶେଷକରି ଜିରୋ ନାଇଟ୍ ପାଇଁ ସବୁଠି ଉତ୍କଣ୍ଠା ଓ ଉତ୍ସାହ ବାରିହୋଇପଡିଲାଣି। ୨ବର୍ଷ ପରେ ନାଚ, ଗୀତରେ ଝୁମିବ ସହର। ରଙ୍ଗିନ ହେବ ବିଦାୟ ଓ ସ୍ୱାଗତ ସମୟର ରାତି। ୨୦୨୨କୁ ବିଦାୟ ଦେଇ ୨୦୨୩କୁ ସ୍ୱାଗତ କରିବେ ରାଜଧାନୀବାସୀ। ଏଥିପାଇଁ ବିଭିନ୍ନ ହୋଟେଲ, ବାର୍, କନ୍‌ଭେନ୍‌ଶନ ସେଣ୍ଟର ଓ ଅନୁଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏଥିପାଇଁ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଛି। ବେଲି ଡ୍ୟାନ୍ସର, ଓଲିଉଡ କଣ୍ଠଶିଳ୍ପୀ, ବଲିଉଡ କଣ୍ଠଶିଳ୍ପୀ, ବଲିଉଡ୍ କଳାକାର, ଡିଜେ ଷ୍ଟାର୍ ଏଥର ମନୋରଞ୍ଜନର ଖୋରାକ ଯୋଗାଇବେ। ସେହିଭଳି ସ୍ୱତନ୍ତ୍ର ଖାଦ୍ୟପେୟର ଆୟୋଜନ କରାଯାଇଛି। କେତେକ ସ୍ଥାନରେ ଗୁରୁବାରଠାରୁ ମଧ ସେଲିବ୍ରେଶନ ଆରମ୍ଭ ହୋଇଥିଲେ ମଧ ଶନିବାର ରାତିରେ ରାଜଧାନୀ ଝୁମି ଉଠିବ।*



### ଏମ୍ପାସି କ୍ଲବ୍‌ରେ ଦ ବିଗ୍ ନାଏ୍

୨ଟି ଷ୍ଟେଜ୍‌ରେ ୫ରୁ ଅଧିକ କଳାକାରଙ୍କୁ ନେଇ ଏମ୍ପାସି କ୍ଲବ୍ ଆଣ୍ଡ୍ ସ୍କାଏ ଲଙ୍ଗ୍‌ରେ ୨୦୨୩କୁ ସ୍ୱାଗତ କରାଯିବ। ମଧ ରାତ୍ରିରେ କ୍ରାକର ସହ ଅନ୍‌ଲିମିଟେଡ ଖାଦ୍ୟ ଓ ପାନୀୟ ପରଷାଯିବ। ନ୍ୟୁ ଲେଜର ଏସ୍‌ଏଫ୍‌ଏକ୍ସ ଆଣ୍ଡ୍ ଲାଇଟ୍‌ରେ ରଙ୍ଗିନ ହେବ ରାତି। ହାଇ ଭଲ୍ୟୁମ୍‌ର ଡିଜେରେ ଝୁମିବେ ଦର୍ଶକ। କପଲଙ୍କ ପାଇଁ ୭ହଜାର, ମହିଳାଙ୍କ ପାଇଁ ୨୫୦୦ ଓ ପୁରୁଷଙ୍କ ପାଇଁ ୫ହଜାର ଟଙ୍କା ରଖାଯାଇଛି। ସୁରକ୍ଷା ବ୍ୟବସ୍ଥା ମଧ କଡ଼ାକଡ଼ି କରାଯାଇଛି ବୋଲି କ୍ଲବ୍ ମ୍ୟାନେଜର ସାଇ ପ୍ରତୀକ କହିଛନ୍ତି। ସେହିପରି ହୋଟେଲ ପ୍ରେସିଡେନ୍ସି ପକ୍ଷରୁ କଣ୍ଠଶିଳ୍ପୀ ସାଗ୍ନିକ ନିଜର ଯାଦୁକରି କଣ୍ଠରେ ଦର୍ଶକଙ୍କୁ ମତୁଆଲା କରିବେ। ପଟିଆସ୍ଥିତ ଲ'ଲନ ହୋଟେଲରେ 'ମ୍ୟାଡ୍ ମିଡ୍‌ନାଇଟ୍' ଓ ସହରର ଅନ୍ୟାନ୍ୟ ହୋଟେଲରେ ଏଭଳି ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

### ଏନ୍‌ୱାଇଲ୍ କାଉଣ୍ଟ ଡାଉନ୍ ୨୦୨୩

କଳ୍ପନାସ୍ଥିତ ହୋଟେଲ ପୁଷ୍ପକରେ ଚଳିତବର୍ଷ ନୂଆବର୍ଷ ପାଇଁ ହାଇ ଭୋଲ୍‌ଟେଜ୍ ଡିଜେ ସହ କଣ୍ଠଶିଳ୍ପୀ ଶଶାଙ୍କ ଶେଖର ଓ ଭାଗ୍ୟଶ୍ରୀଙ୍କ ସଙ୍ଗୀତରେ ମତୁଆଲା ହେବେ ଦର୍ଶକ। ଅନ୍‌ଲିମିଟେଡ ମକ୍‌ଟେଲ୍ସ, ଫ୍ୟାଶନ ଶୋ, ଡିଜେ ନାଇଟ୍, ପ୍ଲେ ଜୋନ୍ ଆଦି ବ୍ୟବସ୍ଥା କରାଯାଇଛି। ଦର୍ଶକଙ୍କ ପାଇଁ ଏଥର 'ଏନ୍‌ୱାଇଲ୍ କାଉଣ୍ଟ ଡାଉନ୍ ୨୦୨୩' ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଛି। ପିଲାଙ୍କ ପାଇଁ ଫ୍ରି ଟାଟୁ ସହ ସେଲ୍‌ଫି କର୍ଣ୍ଣର ବ୍ୟବସ୍ଥା ହୋଇଛି। ଗାଲା ବଫେଟ୍‌ରେ ୩୦ ପ୍ରକାର ସୁସ୍ୱାଦୁ ଭୋଜନ ପରଷାଯିବ। ଅଧିକ କ୍ରେଜ ପାଇଁ ମଝିରେ ମଝିରେ ସର୍‌ପ୍ରାଇଜ ଗିଫ୍ଟ ପ୍ରଦାନ କରାଯିବ। କପଲ ଏଣ୍ଟ୍ରି ୪୯୯୦ଟଙ୍କା ରହିଛି। କପଲ ସହ ଜଣେ ଆସିଲେ ଅଧିକ ୨୭୫୦ ରହିଛି ବୋଲି ହୋଟେଲର ସିନିୟର ସେଲସ୍ କୋଅର୍ଡିନେଟର ପଙ୍କଜ ପାଣ୍ଡେ କହିଛନ୍ତି।

### ସ୍ୱସ୍ତି ପ୍ରିମିୟମ୍‌ରେ ସେଲିବ୍ରେଶନ ଆରମ୍ଭ

ସ୍ୱସ୍ତି ପ୍ରିମିୟମ୍‌ରେ ଲେଟ୍ ଅସ୍ ଗୋ...ଅନ୍‌ଲିମିଟେଡ୍, ମସ୍ତି, ମଜା, ନାଚ, ଗୀତ ସହ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ସହ ଜମିବ ନୂଆବର୍ଷ ସେଲିବ୍ରେଶନ। ଗୁରୁବାର ରାତିରୁ ସେଲିବ୍ରେଶନ ଆରମ୍ଭ ହୋଇଥିବାବେଳେ ଜିରୋ ନାଇଟ୍ ବା ମଧ ରାତ୍ରିରେ ୧୫ ମିନିଟ୍ ପର୍ଯ୍ୟନ୍ତ ଫାୟାର କ୍ରାକର ଜଳାଯିବ। କପଲ୍‌ଙ୍କ ଲାଗି ୮ହଜାର ଟଙ୍କା ରହିଥିବାବେଳେ ସିଙ୍ଗଲ୍ ପାଇଁ ୬ହଜାର ଓ ୬ରୁ ୧୨ବର୍ଷ ପିଲାଙ୍କ ପାଇଁ ୪ହଜାର ଟଙ୍କା ରଖାଯାଇଛି।



ଖାଲି ପଡ଼ିଥିବା ପଦବୀରେ ନିଯୁକ୍ତି ସହ ବିଭିନ୍ନ ଦାବି ନେଇ ଗୁରୁବାର ଲୋୟର ପିଏମ୍‌ଜିରେ କୋଭିଡ୍–୧୯ ସ୍ୱାସ୍ଥ୍ୟକର୍ମୀଙ୍କ ବିକ୍ଷୋଭ ଶୋଭାଯାତ୍ରା।

## କାରୁକାର୍ଯ୍ୟ ଅବକ୍ଷୟ ନ କରିବାକୁ ଏଏସ୍‌ଆଇର ତାଗିଦ୍

### ମୈତ୍ରେୟେଶ୍ୱର ନିକଟରେ ବିଏମ୍‌ସିର ଖନନ ଆରମ୍ଭ

ପୁରୁଣାଭୁବନେଶ୍ୱର, ୨୯।୧୨ (ଡି.ଏନ୍.ଏ.)

ରାଜଧାନୀରେ ଟ୍ରାଫିକ ନିୟନ୍ତ୍ରଣ ନେଇ ବିଭିନ୍ନ ଟ୍ରାଫିକ୍ ଛକରେ ଟାଇଲ ପକାଯାଇ ପାଦଚଲା ରାସ୍ତା ସହ ଯାନବାହନ ଯିବାରାସ୍ତାକୁ ସ୍ୱତନ୍ତ୍ର କରିବା କାର୍ଯ୍ୟ ଜାରି ରହିଛି। ଏଥିପାଇଁ ବିଭିନ୍ନ ଛକର ଟ୍ରାଫିକ ପୋଷ୍ଟକୁ ଅନ୍ୟତ୍ର ବସାଯାଇ ଟାଇଲ ବିଛାଯାଉଛି। ଏକାମ୍ର କ୍ଷେତ୍ରରେ ଗୁରୁବାର ଅପରାହ୍ନରେ ବଡେଇବାଙ୍କ ଛକସ୍ଥିତ ଶ୍ରୀଲିଙ୍ଗରାଜ ମାମୁଘର ମୈତ୍ରେୟେଶ୍ୱର ମନ୍ଦିର ସମ୍ମୁଖ ରାସ୍ତାକଡ଼ରେ ଏହି ଟାଇଲ ପକାଯିବା କାର୍ଯ୍ୟ ଆରମ୍ଭ ହୋଇଥିଲା। ଡ୍ରୋଜର ସାହାଯ୍ୟରେ ମାଟି ତଡ଼ାଯାଇଥିଲା। ୧୩୦୦ ଶତାବ୍ଦୀର ମୈତ୍ରେୟେଶ୍ୱରଙ୍କ ମନ୍ଦିର ସମ୍ମୁଖରେ ବିଭିନ୍ନ କାରୁକାର୍ଯ୍ୟର ପଥର ତିଆର ପ୍ରତିମୂର୍ତ୍ତିମାନ ରହିଛି। ଡ୍ରୋଜର ଦ୍ୱାରା ଏହି ମୂର୍ତ୍ତି ଅବକ୍ଷୟ ହେବା ଆଶଙ୍କା କରାଯାଇ ଏହି ଖବର ଏଏସ୍‌ଆଇଙ୍କୁ ଦିଆଯାଇଥିଲା। ଏଏସ୍‌ଆଇର ଜନୈକ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କୌଣସି କାରୁକାର୍ଯ୍ୟ ନ ଭାଙ୍ଗିବା ଏବଂ ଅବକ୍ଷୟ ନ କରାଯିବା ନେଇ କାର୍ଯ୍ୟରତ ଠିକାଦାରଙ୍କୁ ତାଗିଦା କରିଥିଲେ। ପରିମଳ ବ୍ୟବସ୍ଥାକୁ ସଜାଡ଼ିବାର ଏହି କାର୍ଯ୍ୟ ଏକ ମାଧ୍ୟମ ବୋଲି ଜନୈକ ଅଧିକାରୀ କହିଛନ୍ତି।

## ଶ୍ରୀମନ୍ଦିର: ମାର୍କେଟ ଛକ ଯାଏ ବଢ଼ିଲା ବ୍ୟାରିକେଡ୍

### ୩୧ରେ ସଅଳ ରାତ୍ର ପହୁଡ଼, ମହାପ୍ରଭୁଙ୍କୁ ଦର୍ଶନ ସୁଯୋଗ

ପୁରୀ ଅଫିସ, ୨୯।୧୨: ଶ୍ରୀମନ୍ଦିରରେ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ଗୁରୁବାର ମାର୍କେଟ ଛକ ପର୍ଯ୍ୟନ୍ତ ବ୍ୟାରିକେଡ୍ ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ପୂର୍ବରୁ ଏହା ମରିଚିକୋଟ ଛକ ପର୍ଯ୍ୟନ୍ତ ଥିଲା। ସେହିପରି ଭକ୍ତମାନେ ଯେପରି ଭଲଭାବେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ଓ ନୀତିକାନ୍ତି ଶୃଙ୍ଖଳିତ ହେବ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପ୍ରସ୍ତୁତି କରିଛି। ୩୧ ତାରିଖରେ ଶୀଘ୍ର ରାତ୍ର ପହୁଡ଼ କରାଯିବ। ମଧ୍ୟରାତ୍ରରେ ଦ୍ୱାର ଫିଟାଯାଇ ନୀତି କରାଯାଇ ଭକ୍ତଙ୍କୁ ଦର୍ଶନ ପାଇଁ ଛଡ଼ାଯିବ। ନୂଆବର୍ଷରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହେବ ବୋଲି ଅନୁମାନ କରାଯାଉଛି। ତେଣୁ ବ୍ୟାରିକେଡ୍‌କୁ ମାର୍କେଟ ଛକ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି। ଭିଆଇପିଙ୍କ ଉଦ୍ଦିଷ୍ଟ ପଥରେ ଛାତ୍ରୀଛାତ୍ର ଓ ବୃଦ୍ଧାବୃଦ୍ଧଙ୍କ ଯିବାର ବ୍ୟବସ୍ଥା ହୋଇଛି। ଏସ୍‌ପି କନ୍‌ୱର ବିଶାଲ ସିଂ କହିଛନ୍ତି, ୩୧ ତାରିଖ ଓ ୧ ତାରିଖ ନୂଆବର୍ଷରେ ଭିଡ଼ ନିୟନ୍ତ୍ରଣ ଲାଗି ଅଧିକ ଫୋର୍ସ ମୁତୟନ କରାଯିବ।

## ସଂଘୀୟ ବ୍ୟବସ୍ଥାର ସୁରକ୍ଷା ପାଇଁ ରାଜ୍ୟପାଳ ପଦବୀ ଉଚ୍ଛେଦ ହେଉ




ସଂଘୀୟ ବ୍ୟବସ୍ଥା ସୁରକ୍ଷା ଦିବସରେ ସିପିଆଇ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଭୁବନେଶ୍ୱର, ୨୯।୧୨ (ବ୍ୟୁରୋ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଗୁରୁବାର ସଂଘୀୟ ବ୍ୟବସ୍ଥା ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ସମ୍ପାଦକ ଅମୀୟ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଭୁବନେଶ୍ୱରସ୍ଥିତ ମୁଖ୍ୟାଳୟ ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରା ବାହାରି ରାଜମହଲ ଛକ ଓ ଅଶୋକନଗର ଅଞ୍ଚଳ ପରିକ୍ରମା କରି ମାଷ୍ଟରକ୍ୟାଣ୍ଟିନ ଛକରେ ପହଞ୍ଚିଥିଲା। ସେଠାରେ ଭୁବନେଶ୍ୱର ଜୋନ୍ ସମ୍ପାଦକ ସୁର ଜେନାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସିପିଆଇର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ରାଜ୍ୟ ସମ୍ପାଦକ ଅଭୟ ସାହୁ, ଜାତୀୟ ପରିଷଦ ସଭ୍ୟ ଆଶିଷ କାନୁନ୍‌ଗୋ ଓ କ୍ଷୀରୋଦ ସିଂହଦେଓ ଏବଂ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଜୟନ୍ତ ଦାସ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟପାଳ ପଦବୀକୁ ବ୍ୟବହାର କରି କେନ୍ଦ୍ର ସରକାରରେ ଥିବା ରାଜନୈତିକ ଦଳର ସ୍ୱାର୍ଥରେ ସଂଘୀୟ ବ୍ୟବସ୍ଥାର ଉଲ୍ଲଂଘନ କରାଯାଉଛି। ରାଜ୍ୟର ନିର୍ବାଚିତ ସରକାରଙ୍କୁ ଅସ୍ଥିର କରାଯାଉଛି। ଏଣୁ ସଂଘୀୟ ବ୍ୟବସ୍ଥାର ସୁରକ୍ଷା ସହିତ ରାଜ୍ୟପାଳ ପଦବୀର ଉଚ୍ଛେଦ ପାଇଁ ସିପିଆଇ ପକ୍ଷରୁ ଦାବି କରାଯାଇଛି।

## ମନ ମୋହିଲା ମେଘ ମହ୍ଲାର

ଭୁବନେଶ୍ୱର, ୨୯।୧୨ (ବ୍ୟୁରୋ)

ସଙ୍ଗୀତ ଭାରତୀର ବାର୍ଷିକ ଉତ୍ସବର ଦ୍ୱିତୀୟ ଦିବସ ଗୁରୁବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଛି। ପ୍ରତୀକ ମିଶ୍ରଙ୍କ ରାଗ କିର୍‌ୱାନିରେ ଶାସ୍ତ୍ରୀୟ ଗାୟନରୁ ସନ୍ଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅନୁଷ୍ଠାନର ଛାତ୍ର ପ୍ରଶାନ୍ତ କୁମାର ଜେନାଙ୍କ ରାଗ ମେଘ ମହ୍ଲାର ଦର୍ଶକଙ୍କ ମନ ମୋହିଥିଲା। ଛାତ୍ରୀ ଶୁଭାଂଶୀ ରାଉତ ରାଗ ବଗେଶ୍ରୀ ଓ ଛାତ୍ର କୃଷ୍ଣଚନ୍ଦ୍ର ସାହୁ ରାଗ ଯୋଗାକ୍ସନରେ ଏକକ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ଏକ ଅପ୍ରଚଳିତ ଅଥଚ ସୁଲଳିତ ରାଗ ରସାବଳୀରେ ବିଜୟାନନ୍ଦ ନାୟକଙ୍କ ଦ୍ୱାରା ରଚିତ ବନ୍ଦିଶ୍‌କୁ ନେଇ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ସଙ୍ଗୀତ ପରିବେଷଣ ବିଶେଷ ଆକର୍ଷଣ ଥିଲା।



ସଙ୍ଗୀତ ଭାରତୀର ବାର୍ଷିକ ଉତ୍ସବରେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରାଯାଉଛି।

## ପୂର୍ବତନ ସଫେଇ ମୋହରିରଙ୍କ ୧.୮୮ କୋଟିର ସମ୍ପତ୍ତି ଆଟାଚ୍

ଭୁବନେଶ୍ୱର, ୨୯।୧୨ (ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ପୂର୍ବତନ ସଫେଇ ମୋହରିର ଲିଙ୍ଗରାଜ ଜେନାଙ୍କ ୧.୮୮ କୋଟିର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଆଟାଚ୍ କରିଛି। ଲିଙ୍ଗରାଜ ପୁରୀ ଜିଲା ଅତିରିକ୍ତ ଉପ–ଜିଲାପାଳ (ସେଟେଲମେଣ୍ଟ)ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିଲେ। ବେଆଇନ ଉପାୟରେ ଏସବୁ ଅର୍ଥ ଉପାର୍ଜନ କରିଥିବା ଜଣାପଡ଼ିବା ପରେ ପ୍ରିଭେନଶନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମ୍‌ଏଲ୍‌ଏ) ୨୦୨୨ ଅନୁଯାୟୀ ଇଡି ଏହି ପଦକ୍ଷେପ ଗ୍ରହଣ କରିଛି। ଭିଜିଲାନ୍ସ ପକ୍ଷରୁ ଦାଖଲ ଚାର୍ଜଶିଟ୍ ଆଧାରରେ ଲିଙ୍ଗରାଜ ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ଏହି ସମ୍ପତ୍ତିକୁ ଆଟାଚ୍ କରାଯାଇଥିବା ନେଇ ଇଡି ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଗତ ୨୦୧୨ ଫେବୃୟାରୀରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଲିଙ୍ଗରାଜଙ୍କ ଘର ସମେତ ଅନ୍ୟାନ୍ୟ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ପ୍ରାୟ ୨ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହେବା ପରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ କରାଯାଇ ଲିଙ୍ଗରାଜଙ୍କୁ ଗିରଫ କରାଯାଇଥିଲା। ଭିଜିଲାନ୍ସ ପକ୍ଷରୁ ମାମଲାର ତଦନ୍ତ କରାଯାଇ ଚାର୍ଜଶିଟ୍ ଦାଖଲ ହୋଇଥିଲା। ପରେ ଭିଜିଲାନ୍ସର ଏଫ୍‌ଆଇଆର୍ ଆଧାରରେ ଇଡି ତଦନ୍ତ ଆରମ୍ଭ କରିଥିଲା।

## ଶବ୍ଦ ସହ ଆନ୍ତରିକତା ରହିଲେ ହୃଦୟକୁ ସ୍ପର୍ଶ କରେ

### 'ଫେରନ୍ତା ଗାଡ଼ି ଓ ଅନ୍ୟାନ୍ୟ ଗଳ୍ପ' ଉନ୍ମୋଚିତ

ଭୁବନେଶ୍ୱର, ୨୮।୧୨ (ବ୍ୟୁରୋ)

ନିର୍ଜନତା ଭିତରେ, ସଞ୍ଜବତୀ ପାଖରେ, ଜହ୍ନ ଆଲୁଅ ଛାଇରେ, ବର୍ଷାରେ ଭିଜିଲେ ଗପ ବଢଳେ। ସେହିଭଳି ଶବ୍ଦ ସହ ଆନ୍ତରିକତା ଓ ଅଙ୍ଗୀକାରବଦ୍ଧତା ରହିଲେ ତାହା ହୃଦୟକୁ ସ୍ପର୍ଶ କରିଥାଏ। ଏହି ଉପାଦାନଗୁଡ଼ିକର ଅଭାବ ରହିଲେ, ତା' ଶବ ପାଲଟିଯାଏ। 'ପେନ ଇନ୍ ବୁକ୍ସ' ପ୍ରକାଶନୀ ସଂସ୍ଥା ପକ୍ଷରୁ ଆୟୋଜିତ ବନ୍ଦନା ପଣ୍ଡାଙ୍କ ଗଳ୍ପ ସଂକଳନ 'ଫେରନ୍ତା ଗାଡି ଓ ଅନ୍ୟାନ୍ୟ ଗଳ୍ପ'ର ଉନ୍ମୋଚନ ଉତ୍ସବରେ ବିଶିଷ୍ଟ କଥାକାର ଗୌରହରି ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ପ୍ରକାଶନୀ ସଂସ୍ଥାର ନିର୍ଦ୍ଦେଶକ ତଥା କଥାକାର ଶୁଭ୍ରାଂଶୁ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସାହିତ୍ୟିକା ହିରଣ୍ମୟୀ ମିଶ୍ର କହିଲେ, ଗପର ମଞ୍ଜି ଅନେକ ଦିନ ଧରି ନିଜ ଭିତରେ ବପନ ହୋଇଥାଏ। ପରବର୍ତ୍ତୀ ମୁହୂର୍ତ୍ତରେ ତା' ଲେଖକକୁ ଅଥୟ କରେ ଓ ତାହା ଏକ ପରିପୁଷ୍ଟ ଲେଖା ହୋଇ ଭୂମିଷ୍ଠ ହୁଏ। ନିଜ ଲେଖା କେତେ ପ୍ରସିଦ୍ଧି ପାଇବ ସେଥିପାଇଁ ଚିନ୍ତା ନ କରି ମନର ଭାବନାକୁ ବ୍ୟକ୍ତ କରିଦେବାର ଆବଶ୍ୟକତା ରହିଛି। ବିଶିଷ୍ଟ ଅତିଥି କଥାକାର ତଥା ଶିକ୍ଷାବିତ୍ ତପନ ପଣ୍ଡା, ସମ୍ମାନିତ ଅତିଥି ବରିଷ୍ଠ କବି ପ୍ରଭାସିନୀ ମହାକୁଡ଼ ଓ ଏସେଲ ମାଇନିଂର ବରିଷ୍ଠ ସଭାପତି ତଥା ଲେଖିକାଙ୍କ ପତି ପ୍ରସନ୍ନ କୁମାର ପଣ୍ଡା ନିଜ ମତ ରଖିଥିଲେ। କବି ଗିରୀଶ ରଞ୍ଜନ ପ୍ରାରମ୍ଭିକ ସୂଚନା ଓ ବ୍ୟଙ୍ଗକବି କୁଳାଙ୍ଗାର ଧନ୍ୟବାଦ ଦେଇଥିଲେ।



## କନ୍ଧମାଳରୁ ଭୁବନେଶ୍ୱର ଗଞ୍ଜେଇ ଚାଲାଣ

- କାର, ୫୫କେଜି ଗଞ୍ଜେଇ ଜବତ
- ୨ ମହିଳାଙ୍କ ସମେତ ୫ ଗିରଫ

ଭୁବନେଶ୍ୱର, ୨୯।୧୨ (ବ୍ୟୁରୋ)




କନ୍ଧମାଳରୁ ଭୁବନେଶ୍ୱରକୁ ଗଞ୍ଜେଇ ଚୋରା ଚାଲାଣ ଧରାପଡିଛି। ତମାଣ୍ଡୋ ଥାନା ପୋଲିସ ଗୁରୁବାର କାର୍ ଭର୍ତ୍ତି ଗଞ୍ଜେଇ ଜବତ କରିବା ସହ ୨ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଅଞ୍ଚଳର ବିକ୍ରମ ରଣା(୨୫), ମନୋଜ ଦିଗଲ(୩୦), ପ୍ରଭାସିନି ଦିଗଲ(୪୦) ଓ ରିଙ୍କି ଦିଗଲ(୨୩)। ସେମାନଙ୍କ ନିକଟରୁ ୫୧ କେଜି ଗଞ୍ଜେଇ, ମୋବାଇଲ୍ ଫୋନ୍ ଓ ନଗଦ ୫ ହଜାର ଟଙ୍କା ଜବତ ହୋଇଛି। ସେହିପରି ଭରତପୁର ଥାନା ପୋଲିସ ଜଣେ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ନୟାଗଡ଼ ଜିଲା ଇଟାମାଟି ଥାନା ଅନ୍ତର୍ଗତ ବଟକୃଷ୍ଣ ସାନ୍ତା (୩୦)। ତାଙ୍କଠାରୁ ୫ କେଜି ୩୫୦ ଗ୍ରାମର ଗଞ୍ଜେଇ ଜବତ ହୋଇଛି। ଦୁଇଟି ମାମଲାରେ ଜବତ ଗଞ୍ଜେଇ ଦାମ ସାଢ଼େ ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ସମସ୍ତ ଅଭିଯୁକ୍ତଙ୍କୁ ପୃଥକ ମାମଲାରେ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ, ତମାଣ୍ଡୋ ପୋଲିସ ଗୁରୁବାର ସକାଳେ ଗୋହିରିଆ ଛକରେ ପାଟ୍ରୋଲିଂ କରୁଥିବା ସମୟରେ ଏକ କାରରେ ୪ଜଣ ଖୋର୍ଦ୍ଧା ପାର୍ଶ୍ୱରୁ ଭୁବନେଶ୍ୱର ଆଡକୁ ସନ୍ଦେହଜନକ ଅବସ୍ଥାରେ ଯାଉଥିବା ଦେଖିବାକୁ ପାଇଥିଲେ। ପୋଲିସ ଟିମ୍ ଉକ୍ତ କାର୍‌କୁ ପିଛା କରି ହ୍ୟୁଣ୍ଡାଇ ଶୋରୁମ୍ ନିକଟରେ ଅଟକାଇ ଯାଞ୍ଚ କରିଥିଲା। କାର୍ ଡିକିରୁ ଗଞ୍ଜେଇ ଭର୍ତ୍ତି ପ୍ୟାକେଟ ମିଳିଥିଲା। ଅନ୍ୟଏକ ଘଟଣାରେ ଭରତପୁର ଥାନା ପୋଲିସ ବୁଧବାର ଅପରାହ୍ନରେ ବରମୁଣ୍ଡା ଏଗ୍ରୀକଲଚର ଫାର୍ମ ରାସ୍ତାରେ ଅତର୍କିତ ଚଢ଼ାଉ କରି ଅଭିଯୁକ୍ତ ବଟକୃଷ୍ଣଙ୍କୁ ଗିରଫ କରି ଗଞ୍ଜେଇ ଜବତ କରିଥିଲା। ତେବେ ଅଭିଯୁକ୍ତମାନେ ନିୟମିତ କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱରରେ ବିକ୍ରି କରିଥାନ୍ତି ବୋଲି ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

## ପିପି ଦେବ ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ତିଗିରିଆ,(ଡି.ଏନ.ଏ.): ତିଗିରିଆ ବ୍ଳକ ଅନ୍ତର୍ଗତ ନିଜିଗଡ଼ସ୍ଥିତ ପ୍ରସନ୍ନ ପୁରୁଷୋତ୍ତମ(ପିପି) ଦେବ ମହାବିଦ୍ୟାଳୟର ୨୨ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ମହାବିଦ୍ୟାଳୟ ଖେଳ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ଡ. ସୁଧାଂଶୁବାଳା ଦାସ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ କ୍ରୀଡ଼ା ଅଧାପକ ରୁପେନ୍ଦ୍ର ନାରାୟଣ ତ୍ରିପାଠୀଙ୍କ ସହିତ ପ୍ରାଧାପକ ବିଜୟ କୁମାର ବେହେରା, ଅଜୟ କୁମାର ସ୍ୱାଇଁ, ସୁଧୀର କୁମାର ନାଥ ଓ ଅନ୍ୟ ଅଧାପିକା ଅଧାପକ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ଯୁକ୍ତ ୨ ଓ ଯୁକ୍ତ ୩ଶ୍ରେଣୀରେ ୭ ବିଭାଗର ଖେଳ ଅନୁଷ୍ଠିତ ହୋଇଥିବା ଅଧକ୍ଷା ଦାସ ସୂଚନା ଦେଇଛନ୍ତି। ପ୍ରତିଯୋଗିତା ଶୁକ୍ରବାର ଉଦଯାପିତ ହେବ।

## ସଂକ୍ଷେପରେ

### ପାଞ୍ଚଗାଁ ଫୁଟ୍‌ବଲ ଟୁର୍ନାମେଣ୍ଟ: ସେମିରେ ଯୁବଜ୍ୟୋତି କ୍ଲବ

ତିଗିରିଆ,୨୯।୧୨(ଡି.ଏନ୍.ଏ ) ତିଗିରିଆ ବ୍ଳକ ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମଠାରେ ଚାଲିଥିବା ୭ମ ପାଞ୍ଚଗାଁ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଯୁବଜ୍ୟୋତି କ୍ଲବ, ପଙ୍କାଳ ବାପୁଜୀ କ୍ଲବ, ଶଙ୍ଖାମେରିକୁ ୨-୦ ଗୋଲରେ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ଯୁବଜ୍ୟୋତି କ୍ଲବର ସଲାମତ ଖାଁ ପ୍ରଥମାର୍ଦ୍ଧର ୧୦ ମିନିଟ ଓ ଦ୍ୱିତୀୟାର୍ଦ୍ଧର ୫ ମିନଟରେ ୨ଟି ଗୋଲ ଜରିଆରେ ଦଳକୁ ବିଜୟୀ କରି ସେମିଫାଇନାଲରେ ପହଞ୍ଚାଇଥିଲେ। ଖେଳରେ ମୁଖ୍ୟ ଅତିଥି ଭାବେ ଆଠଗଡ଼ ବିକାଶ ମଞ୍ଚର ସଭାପତି ମାନସ ବସ୍ତିଆ ଓ ପ୍ରଦ୍ୟୁମ୍ନ ଦାସ ଯୋଗଦେଇ ସଲାମତ ଖାଁଙ୍କୁ 'ମ୍ୟାନ ଅଫ ଦି ମ୍ୟାଚ' ପୁରସ୍କୃତ କରିଥିଲେ। ରେଫରି ସଞ୍ଜୀବ ଦାଶ ଖେଳ ପରିଚାଳନା କରିଥିଲେ। ବ୍ରହ୍ମାନନ୍ଦ ଭୋଇ, ଅରୁଣ ସାହୁ ଓ ସୁବାସ ମୁଦୁଲି ସହଯୋଗ କରିଥିଲେ। ଶକ୍ତି ପ୍ରସାଦ ଦାଶ ଧାରା ବିବରଣୀ ପ୍ରଦାନ କରିଥିଲେ।

### ପୂର୍ବତନ କାଉନ୍‌ସିଲରଙ୍କ ସ୍ମୃତିସଭା

ଚୌଦ୍ୱାର,୨୯।୧୨(ଡି.ଏନ୍.ଏ.)- ଚୌଦ୍ୱାର ବିଜେଡିର କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ କାଉନ୍‌ସିଲର କରୁଣାକର ସାହୁଙ୍କ ବିୟୋଗରେ ଏକ ସ୍ମୃତିସଭା ଗୁରୁବାର ସ୍ଥାନୀୟ ଟାଉନହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଦଳର ଜିଲା ଉପ ସଭାପତି ପ୍ରେମଚାନ୍ଦ ନାୟକ, ବିଧାୟକଙ୍କ ପ୍ରତିନିଧି ବିଷ୍ଣୁ ଚରଣ ପରିଡା, ରାଜ୍ୟ ଯୁଗ୍ମ ସମ୍ପାଦକ ଅର୍ଜୁନ ପଣ୍ଡା, ସଭାନେତ୍ରୀ କବିତାରାଣୀ ଲେଙ୍କା, କଳ୍ପନା ଜେନା, କାଉନସିଲର ଅଜୟ ବେହେରା, ଦିଲ୍ଲୀପ ସାହୁ, ସୁବ୍ରତ ସାମଲ, ଆଶୁତୋଷ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ଛାତ୍ରନେତା ଭରତ ଚନ୍ଦ୍ର ସାହୁ, ରଞ୍ଜନ କାଦିର, ବିମଳ କୁମାର ବେଉରାଙ୍କ ସମେତ ବହୁ ଦଳୀୟକର୍ମୀ, ଖବରଦାତା ଓ ଜନସାଧାରଣ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

### ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ଚୌଦ୍ୱାର,୨୯।୧୨(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଳକ ଅଧୀନ ଶଙ୍କରପୁରସ୍ଥିତ ଗୋଖଲେ ଆଦର୍ଶ ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା ଓ କଲେଜର ପୂର୍ବତନ ଅଧକ୍ଷ ଡ. ସୁରେଶ ଚନ୍ଦ୍ର କର ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ମାର୍ଚ୍ଚପାଷ୍ଟ ହୋଇଥିଲା। ଅଧକ୍ଷା ଗୀତାଞ୍ଜଳି ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାକୁ ଖେଳ ଶିକ୍ଷକ ଅନିଲ କୁମାର ମହାନ୍ତିଙ୍କ ସମେତ ଓ ସମସ୍ତ ଅଧାପିକାଅଧାପକ ଓ କର୍ମଚାରୀ ପରିଚାଳନା କରିଥିଲେ।

# ନ୍ୟାୟ ନ ମିଳିଲେ ଜାନୁୟାରୀ ୬ରେ ରାସ୍ତାରୋକୋ

## ୫ ପଞ୍ଚାୟତରେ ଦୁର୍ନୀତି ଘଟଣା


ଅଭିଯୋଗକାରୀଙ୍କ ସହିତ ବିଡିଓ ଆଲୋଚନା କରୁଛନ୍ତି।

ମଙ୍ଗୁଳି-ଜଗତପୁର,୨୯।୧୨(ଡି.ଏନ.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଳକ ଅଞ୍ଚଳରେ ବିଭିନ୍ନ ଯୋଜନାରେ ହୋଇଥିବା ଦୁର୍ନୀତି ଘଟଣାରେ ବିଡିଓ ନ୍ୟାୟ ଦେଇପାରୁ ନାହାନ୍ତି। ଏହାକୁ ନେଇ ଅସନ୍ତୋଷ ଜୋର୍ ଧରିଛି। ତୁରନ୍ତ ନ୍ୟାୟ ନ ମିଳିଲେ କୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ଆସନ୍ତା ଜାନୁୟାରୀ ୬ରେ ୧୬ନଂ. ଜାତୀୟ ରାଜପଥ ଟାଙ୍ଗୀ ଛକଠାରେ ଧାରଣା ଦିଆଯିବ ବୋଲି ଆଠଗଡ଼ର ଯୁବ ସଙ୍ଗଠକ ଅଭୟ ବାରିକ ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବିଭିନ୍ନ ଦୁର୍ନୀତିର ତଦନ୍ତ ଦାବି କରି ଗତ ନଭେମ୍ବର ୨୫ରେ ଅଭୟଙ୍କ ନେତୃତ୍ୱରେ ଶତାଧିକ ମହିଳାପୁରୁଷ ଟାଙ୍ଗୀ-ଚୌଦ୍ୱାର ବ୍ଳକ କାର୍ଯ୍ୟାଳୟ ଘେରାଉ କରିଥିଲେ। ପରେ ବିଡିଓ ଆଶୁତୋଷ ମିଶ୍ର ଏକ ପ୍ରତିନିଧି ମଣ୍ଡଳୀକୁ ଡକାଇ ଆଲୋଚନା କରିବା ସହ ଆସନ୍ତା ୨୫ଦିନ ମଧ୍ୟରେ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗୁରୁବାର ପୂର୍ବାହ୍ନରେ ବିଡିଓ ମିଶ୍ର ବ୍ଳକ କାର୍ଯ୍ୟାଳୟକୁ ଅଭୟ ଓ ଅଭିଯୋଗକାରୀଙ୍କୁ ଆଲୋଚନା ପାଇଁ ଡାକିଥିଲେ। ସେଠାରେ ସେମାନଙ୍କ ସହିତ ଆଲୋଚନା କରି ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ। କିନ୍ତୁ ଦୁର୍ନୀତି ସମ୍ପର୍କରେ ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ବଳରେ ହସ୍ତଗତ ହୋଇଥିବା ରିପୋର୍ଟ ଓ ବିଡିଓଙ୍କ ପକ୍ଷରୁ ଦିଆଯାଇଥିବା ରିପୋର୍ଟରେ ତାଳମେଳ ରହୁଥିବାରୁ ଅଭୟ ବିରକ୍ତି ପ୍ରକାଶ କରିଥିଲେ। ସେ କହିଛନ୍ତି, ଏହି ବ୍ଳକ ଅନ୍ତର୍ଗତ ମହିଷାଲଣ୍ଡା, ବ୍ରହ୍ମପୁର, ଶଙ୍କରପୁର, ମଙ୍ଗରାଜପୁର, ବଡସାମନ୍ତରାପୁର ପଞ୍ଚାୟତରେ ୨୦୧୭ରୁ ୨୦୨୧ ମଧ୍ୟରେ ସ୍ୱଚ୍ଛଭାରତ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା, ମହିଁଷଲଣ୍ଡା ପଞ୍ଚାୟତର ଏକ ସ୍ଥାନରେ କାଜୁଚାରା ନ ଲଗାଯାଇ ଟଙ୍କା ହଡ଼ପ ଭଳି ଅନେକ ଦୁର୍ନୀତି ହୋଇଥିବା ଆର୍‌ଟିଆଇ ରିପୋର୍ଟରୁ ଜଣାପଡିଛି। ଆମକୁ ଡାକି ବୈଠକ କରିଥିଲେ। ହେଲେ ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ସମ୍ପର୍କରେ ବିଡିଓଙ୍କ ପାଖରେ ସଠିକ୍ ରିପୋର୍ଟ ନ ଥିବା ଜଣାପଡିଥିଲା। ବିଡିଓ ମାନୁଛନ୍ତି ଦୁର୍ନୀତି ହୋଇଛି। ଯେଉଁମାନେ ଏଥିରେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କର ଏଠାରୁ ବଦଳି ହୋଇଯାଇଛି। ଏଣୁ ମୁଁ କିଛି କରିପାରିବି ନାହିଁ ବୋଲି ବିଡିଓ କହିଥିବା ଅଭୟ ସୂଚନା ଦେଇଛନ୍ତି। ଜିଲାପାଳ ଘଟଣାସ୍ଥଳକୁ ଆସି ନ୍ୟାୟ ନ ଦେବା ପର୍ଯ୍ୟନ୍ତ ଉକ୍ତ ଦିନ ରାସ୍ତାରୋକୋ ଜାରି ରହିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ମିଶ୍ର କହିଛନ୍ତି, ବିଭିନ୍ନ ଯୋଜନାରେ ଦୁର୍ନୀତି ହୋଇଥିବା ତଦନ୍ତବେଳେ ଜଣାପଡିଛି। ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଆସନ୍ତା ୭ ଦିନ ମଧ୍ୟରେ କଟକ ଜିଲାପାଳଙ୍କୁ ଏକ ରିପୋର୍ଟ ପ୍ରଦାନ କରାଯିବ। ବିଡିଓଙ୍କ ସହିତ ଆଲୋଚନାବେଳେ କେଦାରନାଥ ଦାସ, ଯଶବନ୍ତ ରାଉତ, ଅଜୟ କୁମାର ଖିଲାର, ମନୋଜ କୁମାର ବାନାରା, ସୁକାନ୍ତ ସ୍ୱାଇଁ, ଚିତ୍ତରଞ୍ଜନ ମଲ୍ଲିକ, ସୁନୀଲ ସୂତାର, ମନୋଜ ରାଉତ, ଗଗନ ବାରିକ, ନିରାକାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୧୪୪ ଧାରା ସମୟରେ ମ୍ୟାଚ ହେବାରୁ ଥାନାରେ ମାମଲା

ତିଗିରିଆ, ୨୯।୧୨ (ଡି.ଏନ.ଏ )

ତିଗିରିଆ ଥାନା ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମରେ ୧୪୪ ଧାରାକୁ ଅବମାନନା କରାଯାଇଥିବା ନେଇ ମାମଲା ରୁଜୁ ହୋଇଛି। ବୁଧବାର ଏଠାରେ ଫୁଟ୍‌ବଲ ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। ଏଥିରେ ଗଣ୍ଡଗୋଳ ହେବାର ସମ୍ଭାବନା ଥିବାରୁ ସରପଞ୍ଚ ନିରଞ୍ଜନ ଦଳେଇ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନା ଅଧିକାରୀ ସୁଚିତ୍ରା ଜେନା ତିଗିରିଆ ତହସିଲଦାର ପ୍ରମୋଦ କୁମାର ବାସ୍କେଙ୍କୁ ଅବଗତ କରାଇଥିଲେ। ଏହପପରେ ତିଗିରିଆ ତହସିଲ ଅଫିସ ଅଡର ନଂ. ୪୨୦୬/୨୮-୧୨- ୨୨ ଅନୁଯାୟୀ, ପାଞ୍ଚଗାଁ ମିନି ଷ୍ଟାଡିୟମରେ ପୋଲିସ ପକ୍ଷରୁ ବୁଧବାର ଅପରାହ୍ନରେ ୧୪୪ ଧାରା ଜାରି କରାଯାଇ ମ୍ୟାଚ ନ କରିବାକୁ କୁହାଯାଇଥିଲା। ମାତ୍ର ଏହାକୁ ଅବମାନନା କରି ଆୟୋଜକ ଦିବ୍ୟଜ୍ୟୋତି ଆସୋସିଏଶନ ପକ୍ଷରୁ ଫୁଟବଲ ମ୍ୟାଚ କରାଯାଇଥିବା ଗୁରୁବାର ଅଭିଯୋଗ ହୋଇଛି। ଏନେଇ ମାମଲା (ନଂ. ୨୪୯/୨୨) ରୁଜୁ କରାଯାଇଛି ବୋଲି ଥାନା ଅଧିକାରୀ ଜେନା ପ୍ରକାଶ କରିଛନ୍ତି।

# ଜାନୁୟାରୀ ୨୭ରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ଭୁବନେଶର,୨୯।୧୨(ବ୍ୟୁରୋ)

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଆସନ୍ତା ଜାନୁୟାରୀ ୨୭ରୁ ଆରମ୍ଭ ହେବ। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପ୍ରାୟୋଜିତ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୧୯-୨୦ ପାଇଁ ଚୟନ ହୋଇଥିବା ୯୭୦ ଜଣ ବରିଷ୍ଠ ନାଗରିକ ଏହି ଯାତ୍ରା ଆରମ୍ଭ କରିବେ। ଏନେଇ ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ଭୁବନେଶ୍ୱର ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହରେ ଅନୁଷ୍ଠିତ ବୈଠକରେ ଘୋଷଣା ହୋଇଛି। କୋଭିଡ୍ ମହାମାରୀ ପାଇଁ ଏହି ଯାତ୍ରା ବନ୍ଦ ରହିଥିଲା। ଏହି ଯାତ୍ରାରେ ଖୋର୍ଦ୍ଧା, ପୁରୀ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ନୟାଗଡ଼, ଢେଙ୍କାନାଳ ଜିଲାରୁ ବରିଷ୍ଠ ନାଗରିକମାନେ ଚୟନ ହୋଇଛନ୍ତି। ସେମାନଙ୍କ ସହିତ ସୁରକ୍ଷା ପାଇଁ ୩୦ଜଣ ସୁରକ୍ଷା ଅଧିକାରୀ ରହିବେ। ଏକ ସ୍ୱତନ୍ତ୍ର ଟ୍ରେନ ତୀର୍ଥଯାତ୍ରୀଙ୍କୁ ନେଇ ବାରାଣସୀ ଓ ଆଲାହାବାଦ ଯାତ୍ରା କରିବ। ଏହି ନାଗରିକମାନେ ସ୍ୱତନ୍ତ୍ର ବସ୍ ଯୋଗେ ନିଜ ଜିଲାରୁ ଆସିବେ। ଭୁବନେଶ୍ୱରରେ ଅସ୍ଥାୟୀ ରହଣୀ, ଖାଦ୍ୟପେୟ, ପଞ୍ଜୀକରଣ, ଆଇନ ଶୃଙ୍ଖଳା ଓ ସ୍ୱାସ୍ଥ୍ୟ ପରୀକ୍ଷା ଆଦି ସମସ୍ତ ସୁବିଧା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ। ସେହିପରି ୨୦୨୨-୨୩ ବର୍ଷ ପାଇଁ ମନୋନୀତ ୯୭୦ଜଣ ବରିଷ୍ଠ ନାଗରିକ ଆସନ୍ତା ମାର୍ଚ୍ଚ ୪ତାରିଖରୁ ତୀର୍ଥଯାତ୍ରା ଆରମ୍ଭ କରିବେ। ବୈଠକରେ ଭୁବନେଶର ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଉପଜିଲାପାଳ ଦେବବ୍ରତ ସାହୁ, ପର୍ଯ୍ୟଟନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲା ସଂସ୍କୃତି ଅଧିକାରୀ, ଭୁବନେଶ୍ୱର ମହାନଗର ନିଗମ ଡେପୁଟି କମିଶନର ପ୍ରମୁଖ ଯୋଗ ଦେଇଥିଲେ।

# ରାଜ୍ୟ ସରକାରଙ୍କ ଯୋଗୁ ବୁଣାକାରଙ୍କ ଆର୍ଥିକ ଉନ୍ନତି ଘଟିଛି


ଉତ୍ସବରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଦ୍‌ବୋଧନ ଦେଉଛନ୍ତି।

## ୫୮୨ ବୁଣାକାରଙ୍କୁ ତନ୍ତ ସାମଗ୍ରୀ ସହାୟତା

ତିଗିରିଆ,୨୯।୧୨(ଡି.ଏନ୍.ଏ.)

ତିଗିରିଆ ବ୍ଳକ ଅନ୍ତର୍ଗତ ନୂଆପାଟଣା ନଂ.୨ ତନ୍ତୁବାୟ ସହଯୋଗ ସମିତି ପରିସରରେ ସହକାରୀ ବୟନ ନିର୍ଦ୍ଦେଶକ ଆଠଗଡଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନାରେ ବୁଣାକାରଙ୍କୁ ୪୦ ଲକ୍ଷ ୭୨ ହଜାର ୨୦୦ ଟଙ୍କାର ତନ୍ତସାମଗ୍ରୀ ବଣ୍ଟନ କରାଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗ ଦେଇ କହିଥିଲେ। ରାଜ୍ୟ ସରକାରଙ୍କ ଦୂର ଦୃଷ୍ଟି ଯୋଗୁ ବୁଣାକାରଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଘଟିଛି। ମୋଟ ୫୮୫ଜଣ ବୁଣାକାରଙ୍କୁ ସହାୟତା ପ୍ରଦାନ କରାଯାଇଛି। ଉତ୍ସବରେ ପଞ୍ଚାୟତ ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧକ୍ଷ ମାନସ ସାହୁ, ତିଗିରିଆ ପଞ୍ଚାୟତ ସମିତି ପୂର୍ବତନ ଅଧକ୍ଷ ଭାଗିରଥି ନନ୍ଦ, ନୂଆପାଟଣା ସମବାୟ ସମିତିର ସଭାପତି ଧ୍ରୁବ ଚରଣ ଦାସ,୨ ନମ୍ବର ତନ୍ତୁବାୟ ସମିତିର୍‌ର ସଭାପତି ପ୍ରସନ୍ନ ଗୁଇଁ, ଆଠଗଡସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ଶ୍ରୀକାନ୍ତ ନାୟକ, ସୁପରଭାଇଜର ଦାମୋଦର ବେହେରା ପ୍ରମୁଖ ଯୋଗଦେଇ ତନ୍ତ ସାମଗ୍ରୀ ବଣ୍ଟନରେ ସହଯୋଗ କରିଥିଲେ।

## ଦାବି ପୂରଣ ହେଲାନି, ଆଜି ରାସ୍ତାରୋକୋ

ଖୁଣ୍ଟୁଣୀ, ୨୯।୧୨(ଡି.ଏନ.ଏ)

୫ ଦଫା ଦାବି ନେଇ ଧବଳେଶ୍ୱର ପୂଜକ ସମାଜ ପକ୍ଷରୁ ଚାଲିଥିବା ଧାରଣା ଗୁରୁବାର ଚତୁର୍ଥ ଦିନରେ ପହଞ୍ଚିଛି। ହେଲେ ସେମାନଙ୍କ ଦାବି ପ୍ରତି ଦେବୋତ୍ତର ପ୍ରଶାସନ କିମ୍ବା ଜିଲାପାଳ କର୍ଣ୍ଣପାତ କରୁନାହାନ୍ତି। ଏହାକୁ ନେଇ ଅସନ୍ତୋଷ ଜୋର୍ ଧରିଛି। ତେଣୁ ଶୁକ୍ରବାର ପୂର୍ବାହ୍ନ ୯ଟାରୁ ପାଇକେରାପୁରଠାରେ ନୂଆପାଟଣା-ଆଠଗଡ଼ ରାସ୍ତାକୁ ଅବରୋଧ କରାଯିବ ବୋଲି ପୂଜକ ସମାଜ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ କଟକ ଜିଲାପାଳ, ଆଠଗଡ଼ ଉପଜିଲାପାଳ, ଦେବୋତ୍ତର କମିଶନର, ଚୌଦ୍ୱାର ଏସ୍‌ଡିପିଓ ଓ ଗୁରୁଡିଝାଟିଆ ଥାନାଧିକାରୀଙ୍କୁ ଗୁରୁବାର ପତ୍ର ମାଧ୍ୟମରେ ଅବଗତ କରାଯାଇଥିବା ପୂଜକ ସମାଜ ସମ୍ପାଦକ ନରେନ୍ଦ୍ର ପଣ୍ଡା କହିଛନ୍ତି। ବୁଧବାର ଆଠଗଡ଼ ଉପଜିଲାପାଳଙ୍କ ନେତୃତ୍ୱରେ ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା, ପୂଜକ ସମାଜ ସଭାପତି ବିଷ୍ଣୁଚରଣ ପତ୍ରୀ, ସମ୍ପାଦକ ପଣ୍ଡାଙ୍କ ସହ ଅନ୍ୟମାନେ ଭୁବନେଶ୍ୱରସ୍ଥିତ ଦେବୋତ୍ତର କମିଶନର ଶିଶିର କୁମାର ରଥଙ୍କୁ ଭେଟି ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଆସନ୍ତା ଜାନୁୟାରୀ ୭ ତାରିଖ ମଧ୍ୟରେ ଏହି ଦାବି ଉପରେ ବିଚାର କରାଯାଇ ପଦକ୍ଷେପ ନିଆଯିବ ବୋଲି ରଥ କହିଥିଲେ। ହେଲେ ଏଥିରେ ପୂଜକ ସମାଜ ପ୍ରତିନିଧି ଦଳ ଅମଙ୍ଗ ହୋଇ ଚାଲି ଆସିଥିଲେ। ପରେ ଧାରଣାସ୍ଥଳରେ ବୈଠକ କରି ରାସ୍ତାରୋକ ପାଇଁ ନିଷ୍ପତ୍ତି ନେଇଥିଲେ।

## ଅମରେନ୍ଦ୍ର ସ୍ମାରକୀ ଫୁଟ୍‌ବଲ, ମୁକ୍ତାଦେଇପୁର ଚାମ୍ପିୟନ

ବଡ଼ମ୍ବା,୨୯।୧୨(ଡି.ଏନ୍.ଏ ): ବଡ଼ମ୍ବା ବ୍ଳକ ଅନ୍ତର୍ଗତ ଶଶାଙ୍ଗ ଖେଳ ପଡ଼ିଆରେ ଚାଲିଥିବା ଅମରେନ୍ଦ୍ର ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କୁସୁପଲ୍ଲା ଆସୋସିଏଶନକୁ ୪-୦ ଗୋଲରେ ହରାଇ ମୁକ୍ତାଦେଇପୁର ଚାମ୍ପିୟନ ହୋଇଛି। ମୁଖ୍ୟଅତିଥି ଭାବେ ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଳକ ଅଧକ୍ଷ ରଘୁପତି ମହାନ୍ତି, ଜିଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ପୂର୍ବତନ ବ୍ଳକ ଉପାଧକ୍ଷ ସଦାନନ୍ଦ ସ୍ୱାଇଁ, ଭଙ୍ଗାରିକା ସରପଞ୍ଚ ଶତ୍ରୁଜିତ ପୁହାଣ ଯୋଗଦେଇଥିଲେ। ଆୟୋଜକ ସଂଘ କର୍ମକର୍ତ୍ତା ଓ ପୂର୍ବତନ ସମିତି ସଭ୍ୟ ସୁଧାଂଶୁ ବେହେରା ଉପସ୍ଥିତ ଥିଲେ। ବାଦଲ ମହାନ୍ତି ମ୍ୟାଚ ପରିଚାଳନା କରିଥିବାବେଳେ ଶକ୍ତିପ୍ରସାଦ ମହାପାତ୍ର ଓ ସୁନୀଲ କୁମାର ସହାୟତା କରିଥିଲେ।

# ପଞ୍ଚାୟତ ଜରିଆରେ ହେଉ ଉନ୍ନୟନମୂଳକ କାର୍ଯ୍ୟ


ବ୍ଳକର ସହକାରୀ ଯନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଉଛି ।

ବାଙ୍କୀ,୨୯।୧୨

ବାଙ୍କୀ ବ୍ଳକ ବ୍ରହ୍ମପୁରା ପଞ୍ଚାୟତରେ ଉନ୍ନୟନମୂଳକ ପଞ୍ଚାୟତ ଜରିଆରେ କରାଯାଉ। ଏଭଳି ଦାବି କରି ସରପଞ୍ଚ ରଶ୍ମିତା ବାରିକଙ୍କ ନେତୃତ୍ୱରେ ବିଡିଓଙ୍କୁ ସ୍ମାରକପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ପଞ୍ଚାୟତ ଜରିଆରେ ନ ହୋଇ ବ୍ଳକ ଜରିଆରେ କରାଯାଉଛି। ଏଥିପାଇଁ ଲାଞ୍ଚ କାରବାର ହେଉଥିବାରୁ ନିମ୍ନମାନର କାର୍ଯ୍ୟ ହେଉଛି। ଏଥିସହ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ, ହିତାଧିକାରୀମାନଙ୍କ ନାମ କଟାଯାଇ ଅଯୋଗ୍ୟଙ୍କୁ ସଂଯୋଗ କରାଯାଉଛି ବୋଲି ସେଥିରେ ଉଲ୍ଲେଖ କରାଯାଇଛି। ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସରପଞ୍ଚ ବାରିକ ଓ ସମିତିସଭ୍ୟା ମିଟିନ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

ବିଡିଓଙ୍କ ଅନୁପସ୍ଥିତିରେ ବ୍ଳକର ସହକାରୀ ଯନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି ।

# ୬ କୋଟି ବ୍ୟୟରେ ନିର୍ମାଣ ହେବ ରାସ୍ତା


ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକ ପ୍ରତାପ ଜେନାଙ୍କ ସହ ଅନ୍ୟମାନେ।

ମାହାଙ୍ଗା, ୨୯।୧୨(ସ୍ୱ.ପ୍ର)

ଭଉଁରିଆ ପଞ୍ଚାୟତ ପନ୍ଦରବାଟିଆଠାରେ ଖନ୍ଦୋଳ-ଝାଡ଼େଶ୍ୱରପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାର ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା। ଏହି ଶିଳାନ୍ୟାସ ଉତ୍ସବରେ ବ୍ଳକ ଅଧକ୍ଷା ଦୀପା ମଲିକ, ଉପାଧକ୍ଷ ସତ୍ୟନାରାୟଣ ମହାନ୍ତି, ବ୍ଳକ ବିଜେଡି ସଭାପତି ରାଜକିଶୋର ଜେନା, ପ୍ରାକ୍ତନ ବ୍ଳକ ଅଧକ୍ଷ ଶରତ ନାୟକ, ଜିଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସରପଞ୍ଚ ରେଣୁବାଳା ରାଉତ, ସମିତିସଭ୍ୟା ସବିନା ଖାନମ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ପ୍ରତିନିଧି ଦେବରଞ୍ଜନ ମହାନ୍ତି, ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ମହାପାତ୍ର, ସରପଞ୍ଚ କମଳାକାନ୍ତ ଦାଶ, କମଳାକାନ୍ତ ରାଉତ, ପ୍ରଭାକର ରାଉତ, ମୋତିଉର ରସୁଲ, ସରପଞ୍ଚ ରତ୍ନାକର ସାହୁ, ସମିତସଭ୍ୟ ଦିଲୀପ ସାମଲ, ଦୀପକ ରଞ୍ଜନ ଦାସ, ତ୍ରିନାଥ ଜେନା, ଭବାନୀଶଙ୍କର ସାମଲ, ଅମୀୟ ନାୟକ, ସରପଞ୍ଚ ରଶ୍ମିରଞ୍ଜନ ରାଉତ, ଶାଶ୍ୱତ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ରାସ୍ତା ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୬ କୋଟି ୨୨ ଲକ୍ଷ ୪୧ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ୯.୪ କିମି ପର୍ଯ୍ୟନ୍ତ ଓସାରିଆ ରାସ୍ତା କରାଯିବ । ଏହି ରାସ୍ତା ନିର୍ମାଣ ହେଲେ ପୂର୍ବ ମାହାଙ୍ଗାର ୭ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ଉପକୃତ ହେବେ। ଏଥିରେ ବିଭାଗୀୟ ଅଧିକାରୀ ସରୋଜ ଗାହାଣ,କନିଷ୍ଠଯନ୍ତ୍ରୀ ଉର୍ମି ପ୍ରିଦର୍ଶନୀ ଦାସ ଉପସ୍ଥିତ ଥିଲେ ।

# ଆଏନାଙ୍କୁ କିଟ୍ ନହ୍ନିପରୀ ମୁକୁଟ

## ରାଇସା ସେହନାୱାଜ ପ୍ରଥମ, ସାଚି ରାଜେଶ ସାୱନ୍ତ ଦ୍ୱିତୀୟ ରନର୍ସଅପ୍



ନହ୍ନିପରୀ ମୁକୁଟ ବିଜୟିନୀଙ୍କ ସହ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ।

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ଭୁବନେଶ୍ୱରର ଝିଅ ଆଏନା ରାଉତରାୟ 'କିଟ୍ ନହ୍ନିପରୀ ଲିଟିଲ ମିସ୍ ଇଣ୍ଡିଆ-୨୦୨୨' ଟାଇଟଲ ହାସଲ କରିଛନ୍ତି। କିଟ୍ ପକ୍ଷରୁ ଆୟୋଜିତ ମେଗା କାର୍ଯ୍ୟକ୍ରମର ଗୁରୁବାର ଫାଇନାଲ ରାଉଣ୍ଡରେ ସମଗ୍ର ଦେଶରୁ ୯ଜଣ ଫାଇନାଲିଷ୍ଟ ନିଜର ପର୍‌ଫରମାନ୍ସ ଦେଖାଇଥିଲେ। ସମସ୍ତଙ୍କୁ ପଛରେ ପକାଇ ଆଏନା ନହ୍ନିପରୀ ମୁକୁଟ ସହ ୩ଲକ୍ଷ ଟଙ୍କାର ନଗଦ ଅର୍ଥରାଶି ପୁରସ୍କାର ଲାଭ କରିଛନ୍ତି। ମେଘାଳୟର ରାଇସା ସେହନାୱାଜ ପ୍ରଥମ ରନର୍ସଅପ୍ ହୋଇଥିବାବେଳେ ଗୋଆର ସାଚି ରାଜେଶ ସାୱନ୍ତ ଦ୍ୱିତୀୟ ରନର୍ସ ଅପ ହୋଇଥିଲେ। ଏହି ଦୁଇ ରନର୍ସ ଅପ୍‌ଙ୍କୁ ଯଥାକ୍ରମେ ୧ ଲକ୍ଷ ଓ ୫୦ହଜାର ଟଙ୍କାର ନଗଦ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାର ୧୦ଟି ବିଭିନ୍ନ ବିଭାଗ ଯଥା ମିସ୍ ରାପୁଞ୍ଜେଲ(ସୁନ୍ଦର କେଶ) ପାଇଁ ଆଏନା, ଲିଟିଲ ମିସ୍ ଫଟୋଜେନିକ ପାଇଁ ଝାଡ଼ଖଣ୍ଡର ଅଭିଷିକା ଚାନ୍ଦ, ଲିଟିଲ ମିସ୍ ସେଲ୍ଫି ପାଇଁ ସିକିମ୍‌ର ସିଦ୍ଧିକା ପ୍ରସାଦ, ଲିଟିଲ ମିସ୍ ଉଇଜ୍‌କିଡ(କୁଇଜ୍‌ରେ ସର୍ବାଧିକ ନମ୍ବର) ସିକିମ୍‌ର ଆନ୍‌ଭି ବନିଆ, ମିସ୍ ସିଣ୍ଡ୍ରେଲା ପାଇଁ ଭୁବନେଶ୍ୱରର କ୍ରିଷିତା ମହାପାତ୍ର, ମିସ୍ ଉର୍ବଶୀ ରାଇସା ସାହାନାୱାଜ, ମିସ ପର୍ସନାଲିଟି କୋଲକାତା ପାରିଜାତ ଚୌଧୁରୀ, ମିସ୍ ମୋନାଲିସା ପାଇଁ ସାଚି ରାଜେଶ ସାୱନ୍ତ ଏବଂ ମିସ ଆକ୍ଟିଭ ପାଇଁ ଭୁବନେଶ୍ୱର ଚିରଶ୍ରୀ ସାଗରିକା ପୁରସ୍କୃତ ହୋଇଥିଲେ। ପୁରସ୍କାର ବାବଦକୁ ପ୍ରତ୍ୟେକଙ୍କୁ ନଗଦ ଅର୍ଥରାଶି, ମୁକୁଟ ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏଥର ମୋଟ ୪୧ଲକ୍ଷ ଟଙ୍କାର ପୁରସ୍କାର ରଖାଯାଇଥିଲା। ସେଥିମଧ୍ୟରୁ ଟାଇଟଲ ବିଜୟିନୀଙ୍କୁ ନଗଦ ୩ଲକ୍ଷ ଟଙ୍କା ନଗଦ ରାଶି ସହ କିଟ୍ ବିଶ୍ୱବିଦ୍ୟାଳୟରେ ଯେ କୌଣସି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଶତ ପ୍ରତିଶତ ଫି' ଛାଡ଼ ଅର୍ଥାତ ସର୍ବାଧିକ ୧୮ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଏଥିସହ ନିଜ ବାପା କିମ୍ବା ମା'ଙ୍କ ସହିତ ଏକ ସପ୍ତାହ ଦକ୍ଷିଣ କୋରିଆ ପରିଭ୍ରମଣର ସୁଯୋଗ ମିଳିବ। ସେହିପରି ପ୍ରଥମ ରନର୍ସ ଅପ୍‌ଙ୍କୁ ସମୁଦାୟ ପୁରସ୍କାର ରାଶି ୧୦ଲକ୍ଷ ଥିବାବେଳେ ୧ଲକ୍ଷ ଟଙ୍କା ନଗଦ ଅର୍ଥ ରାଶି ଏବଂ କିଟ୍‌ରେ ନାମ ଲେଖାଇଲେ ୫୦ ପ୍ରତିଶତ ଫି' ଛାଡ଼ ଅର୍ଥାତ ସର୍ବାଧିକ ୯ ଲକ୍ଷ ଟଙ୍କା ଫି ଛାଡ଼ କରାଯିବ। ଦ୍ୱିତୀୟ ରନର୍ସଅପ୍‌ଙ୍କୁ ୫୦ହଜାର ଟଙ୍କା ଓ କିଟ୍‌ରେ ନାମ ଲେଖାଇଲେ ୫୦ ପ୍ରତିଶତ ଫି' ଅର୍ଥାତ ସର୍ବାଧିକ ୯ ଲକ୍ଷ ଟଙ୍କା ଫି' ଛାଡ଼ ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟକ୍ରମରେ କିଟ୍ ନହ୍ନିପରୀର ମୁଖ୍ୟ ପୃଷ୍ଠପୋଷକ ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ପୃଷ୍ଠପୋଷକ ମଳୟ ମହାପାତ୍ର, ନହ୍ନିପରୀ କୋର୍ କମିଟିର ସଦସ୍ୟା ଡ. ସୁଚେତା ପ୍ରିୟବାଦିନୀ, ଶ୍ରଦ୍ଧାଞ୍ଜଳି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ନହ୍ନିପରୀର ସ୍ୱତନ୍ତ୍ର ଆକର୍ଷଣ ଥିଲା କୋରିଆର ଗ୍ଲୋରିଆ କୋରିଆନ ଡ୍ୟାନ୍ସ ଗ୍ରୁପ ଓ ସିରିଆ ମ୍ୟୁଜିକ ଆଫ୍ରୋ ଡ୍ୟାନ, ସିନାଲିଜ ଓ ଏମ୍. ଜୋନ ଡ୍ୟାନ୍ସ ଷ୍ଟୁଡିଓ ଦ୍ୱାରା ନୃତ୍ୟ ପରିବେଷଣ। ସେହିପରି ଅତିଥି ଭାବେ ଫେମିନା ମିସ୍ ଇଣ୍ଡିଆ ୱାର୍ଲ୍ଡ-୨୦୨୦ ମୋନସା ବାରନାସି, ଫେମିନା ମିସ୍ ଇଣ୍ଡିଆ ରନର୍ସ ଅପ -୨୦୨୦ ମାନ୍ୟା ସିଂହ, ମିସ୍ ଦିବା ସୁପ୍ରା ନ୍ୟାଶନାଲ ଇଣ୍ଡିଆ ପ୍ରଜ୍ଞା ଆୟାଗରି, ଇଣ୍ଟରନ୍ୟାଶନାଲ ହ୍ୟୁମାନିଟି ଜେନେରାଲର ଗଭର୍ନର ଚି. ୟୁକେ ଚଙ୍ଗ, କୋରିଆ-ଭାରତ ସାଂସ୍କୃତିକ ବିନିମୟ ସଂଘର ସଭାପତି ଅଧକ୍ଷା ନାମ ସୁକ ୟଙ୍ଗ, ସିଓଲସ୍ଥିତ ମୋନାରେଟେକ କମ୍ପାନୀର ଅଧକ୍ଷ ଜେ. ଆର. ଜୋସେଫ ଚୋ, ଅଲିମ୍ପିଆନ ଦୂତୀ ଚାନ୍ଦ, ସିନେ ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ଅଭିନେତା ସବ୍ୟସାଚୀ ମହାପାତ୍ର ଓ ଫ୍ୟାଶନନ ଡିଜାଇନର ସାନ୍‌ଲିସା ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସ୍ୱଚ୍ଛତାର ବାର୍ତ୍ତା ବାଣ୍ଟିଲେ ପୁରାତନ ଛାତ୍ରୀଛାତ୍ର

**ନିମାପଡ଼ା,୨୯।୧୨(ଡି.ଏନ୍.ଏ.):** ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଜବରା ବାଳିକା ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୮ ବ୍ୟାଚ୍ ମାଟ୍ରିକ୍ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବ୍ଲକ ଅଧୀନ ଦିଘାଳୋସ୍ଥିତ ମା' ମନସା ଦେବୀଙ୍କ ପୀଠରେ ଆୟୋଜିତ ଏହି ଉତ୍ସବରେ ୫୦ ଜଣ ଛାତ୍ରୀଛାତ୍ର ସ୍ୱଚ୍ଛ ଭାରତ, ସ୍ୱଚ୍ଛ ଓଡ଼ିଶା ପରିପ୍ରେକ୍ଷୀରେ ଉକ୍ତ ପୀଠକୁ ସଫା କରି ସ୍ଥାନୀୟ ଅଞ୍ଚଳରେ ପରିବେଶ ସୁରକ୍ଷା, ବୃକ୍ଷରୋପଣ କରି ଆମ ଅଞ୍ଚଳରେ ସବୁଜିମା ସୃଷ୍ଟି କରିବା, ପରିବେଶ ପ୍ରଦୂଷଣ ରୋକିବା, ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ବର୍ଜନ ସମ୍ପର୍କରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମି, ସଂଗ୍ରାମୀ ନିମାପଡ଼ା ମାଟିର ସ୍ୱାଭିମାନକୁ ବଜାୟ ରଖିବା ପାଇଁ ଛାତ୍ରୀଛାତ୍ର ସମୂହ ସଂକଳ୍ପ ନେଇଥିଲେ। ଏଥିସହ ପୁରୁଣାଦିନର ଅନୁଭୂତି ବାଣ୍ଟିଥିଲେ। ଆଶୁତୋଷ ହରିଚନ୍ଦନ, କ୍ଷି ତୀଶ ପ୍ରସାଦ ମହାନ୍ତି, ନଳିନୀକାନ୍ତ ସାହୁ, ସୟଦାରଫତ୍, ଜ୍ୟୋତିର୍ମୟୀ ମହାନ୍ତି, ଈପ୍ସିତା ପ୍ରିୟଦର୍ଶିନୀ ପ୍ରମୁଖ ଏହି ସମାରୋହର ନେତୃତ୍ୱ ନେଇଥିଲେ।

### ସ୍ମୃତି ମନେପକାଇ ଭାବବିହ୍ୱଳ ହେଲେ

**ପୁରୀ ଅଫିସ, ୨୯।୧୨:** ପୁରୀ ସଦର ବ୍ଲକ ଅଧୀନ ବୀରହରେକୃଷ୍ଣପୁର ଉଚ୍ଚବିଦ୍ୟାଳୟର ୨୦୦୧ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୀରହରେକୃଷ୍ଣପୁର ଶାସନ ଗ୍ରାମରେ ଥିବା ମା' ବିରଜାଙ୍କ ମନ୍ଦିରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଦୀର୍ଘବର୍ଷ ପରେ ନିଜ ସାଙ୍ଗମାନଙ୍କୁ ଦେଖି ଛାତ୍ରୀଛାତ୍ର ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଭାବବିହ୍ୱଳ ହୋଇ ପଡ଼ିଥିଲେ। ବିଦ୍ୟାଳୟର ସମସ୍ୟା କିପରି ସମାଧାନ ହୋଇପାରିବ ସେ ଦିଗରେ ପୁରାତନ ଛାତ୍ରୀଛାତ୍ରମାନେ ଧ୍ୟାନ ଦେବା ଆବଶ୍ୟକ ବୋଲି ଶିକ୍ଷୟିତ୍ରୀ ଶିକ୍ଷକମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ଏକ ଭୋଜି ଆୟୋଜନ କରାଯାଇଥିଲା।

### ଡାକ୍ତର ମାଧବ ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା

**ପିପିଲି,୨୯।୧୨(ଡି.ଏନ୍.ଏ.):** ପିପିଲି ଅନ୍ତର୍ଗତ ତେଇଶିପୁର ଅଞ୍ଚଳର ଡାକ୍ତର ତଥା ଖବରଦାତା ବିଜୟ ମହାପାତ୍ରଙ୍କ ପିତା ଡା.ମାଧବ ମହାପାତ୍ରଙ୍କ ଏକାଦଶାହ ଅବସରରେ ତାଙ୍କ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ପୁରୀ ନିମାପଡ଼ା କୋ ଅପରେଟିଭ ବ୍ୟାଙ୍କ ସୋସାଇଟି ସଭାପତି କିଶୋର ଛୋଟରାୟ, ଧରଣୀ ସାହୁ, ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ଦେବାଶିଷ ନନ୍ଦ, ପୁରୀ ଜିଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, କଂଗ୍ରେସ ମହିଳା ନେତ୍ରୀ ନିରୁପମା ପାତ୍ର, ସଞ୍ଜୟ କୁମାର ରାଉତରାୟ, ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ପ୍ରଧାନ ଏବଂ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ, ଖବରଦାତା ଆସି ପୁଷ୍ପ ଅର୍ପଣ କରିବା ସହ ସ୍ୱର୍ଗତ ମାଧବ ମହାପାତ୍ରଙ୍କ ଉନ୍ନତମାନର କାର୍ଯ୍ୟ ଓ ସମାଜସେବା ଉପରେ କହିଥିଲେ।

# ସବୁ ନାମୀଦାମୀ ହୋଟେଲ, ଲଜ୍ ବୁକ୍

**ପୁରୀ ଅଫିସ, ୨୯।୧୨**



- ଜିରୋ ନାଇଟ ସେଲିବ୍ରେଶନ୍ ପାଇଁ ଜୋରଦାର ପ୍ରସ୍ତୁତି
- ଅଧିକ ଫୋର୍ସ ମୁତୟନ, ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ

ସରି ଆସୁଛି ୨୦୨୨ ଏବଂ ପାଖେଇ ଆସୁଛି ନୂତନ ବର୍ଷ ୨୦୨୩। ନୂତନବର୍ଷକୁ ସ୍ୱାଗତ କରିବା ପାଇଁ ଏବେଠୁ ଉତ୍ସବମୁଖର ହୋଇ ଉଠିଲାଣି ଶ୍ରୀକ୍ଷେତ୍ର। ପିଲାଙ୍କ ଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ନୂତନ ବର୍ଷର ପ୍ରଥମ ଦିନରେ ପୁରୀ ବେଳାଭୂମିରେ ସୂର୍ଯ୍ୟୋଦୟ ଦେଖିବା ସହ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ପୁରୀରେ ଏବେଠାରୁ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହେଲାଣି। ଅନ୍ୟପଟେ ନୂଆବର୍ଷରେ ଜିରୋ ନାଇଟ ସେଲିବ୍ରେଶନ୍ ପାଇଁ ସହରରେ ଥିବା ବଡ଼ ବଡ଼ ହୋଟେଲରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ ସହ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଗତ ଦୁଇବର୍ଷ ହେବ କରୋନା ଜନିତ କଟକଣା ଥିବାରୁ ଧୁମ୍‌ଧାମ୍‌ରେ ନୂଆବର୍ଷ ପାଳନ ହୋଇପାରି ନ ଥିଲା। ଚଳିତ ବର୍ଷ କଟକଣା ନ ଥିବାରୁ ନୂତନ ବର୍ଷ ୨୦୨୩କୁ ଧୁମ୍‌ଧାମ୍‌ରେ ସ୍ୱାଗତ କରିବା ସହ ଭଲ ଭାବେ ସେଲିବ୍ରେଶନ କରିବା ପାଇଁ ପ୍ରସ୍ତୁତ ଆରମ୍ଭ ହେଲାଣି। ତେବେ କେତେକ ଦେଶରେ କରୋନାର ପ୍ରଭାବ ବୃଦ୍ଧି ପାଉଥିବାରୁ ସେଲିବ୍ରେଶନ ସମେତ ଭିଡ଼ ସ୍ଥାନରେ ପର୍ଯ୍ୟଟକ ଓ ଭକ୍ତଙ୍କୁ ମାସ୍କ ପରିଧାନ କରିବାକୁ ପ୍ରଶାସନ ଏବଂ ହୋଟେଲ ମାଲିକମାନଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ଜିରୋନାଇଟ୍ ସେଲିବ୍ରେଶନ ପାଇଁ ସହରରେ ଥିବା ନାମୀଦାମୀ ହୋଟେଲଗୁଡ଼ିକୁ ବିଭିନ୍ନ ଆଲୋକମାଳାରେ ସଜ୍ଜିତ କରାଯାଉଛି। ପର୍ଯ୍ୟଟକମାନେ ଜିରୋନାଇଟକୁ ଯେଭଳି ମନ ଭରି ଉପଭୋଗ କରିପାରିବେ ସେଥିଲାଗି ହୋଟେଲିୟରମାନେ ଲାଗିପଡ଼ିଛନ୍ତି। ନୂଆବର୍ଷ ସେଲିବ୍ରେଶନ୍ ଲାଗି ପୁରୀକୁ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକଙ୍କ ସୁଅ ଛୁଟିବ ବୋଲି ଅନୁମାନ କରାଯାଉଛି। ହୋଟେଲ୍‌ଗୁଡ଼ିକରେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ହୋଟେଲ୍ ଆସୋସିଏଶନ ପକ୍ଷରୁ କୁହାଯାଇଛି। ପୁରୀ ହୋଟେଲ ଆସୋସିଏଶନ୍ ସମ୍ପାଦକ ରାଜକିଶୋର ପାତ୍ର କହିଛନ୍ତି, ଦୁଇବର୍ଷ ହେବ କୋଭିଡ୍ କଟକଣା କାରଣରୁ ଜିରୋନାଇଟ ସେଲିବ୍ରେଶନ ବନ୍ଦ ରହିଥିଲା। ଚଳିତବର୍ଷ କଟକଣା ନ ଥିବାରୁ ଦୁଇଗୁଣ ପର୍ଯ୍ୟଟକ ନୂଆବର୍ଷରେ ଆସିବାର ସମ୍ଭାବନା ରହିଛି। ପର୍ଯ୍ୟଟକଙ୍କ ସୁବିଧା ପାଇଁ ହୋଟେଲ ପକ୍ଷରୁ ବ୍ୟବସ୍ଥା କରାଯାଉଛି। କିପରି ପର୍ଯ୍ୟଟକମାନେ ସୁରୁଖୁରୁରେ ହୋଟେଲରେ ରହିବା ସହ ବୁଲାବୁଲି କରିପାରିବେ ସେ ନେଇ ବ୍ୟବସ୍ଥା ହେଉଛି। ସେମାନଙ୍କୁ ଏ ସଂକ୍ରାନ୍ତ ସୂଚନା ଦିଆଯିବ। ଅନ୍ୟପକ୍ଷରେ ଡିସେମ୍ବର ୩୧ ଏବଂ ଜାନୁୟାରୀ ୧ ନିମନ୍ତେ ପ୍ରାୟ ୬ମାସ ପୂର୍ବରୁ ହୋଟେଲଗୁଡ଼ିକ ବୁକିଂ ହୋଇଯାଇଥାଏ। ତେବେ ବେଳେବେଳେ କେତେକ ହୋଟେଲ ଏହି ସମୟରେ ମନଇଚ୍ଛା ଦର ବଢାଇଦେଇଥାନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ଅନେକ ଭକ୍ତ ମତ ଦେଇଛନ୍ତି। ନୂଆବର୍ଷ ପୂର୍ବରୁ ପୁରୀରେ ଭକ୍ତ ଓ ପର୍ଯ୍ୟଟକଙ୍କ ଭିଡ଼ ଜମିବାରେ ଲାଗିଛି। ସବୁ ବଡ଼ ବଡ଼ ହୋଟେଲ ଓ ଲଜ୍ ବୁକ୍ ସରିଛି। ପ୍ରଶାସନ ଅଧୀନ ଥିବା ଭକ୍ତ ନିବାସ, ଯାତ୍ରୀ ନିବାସରେ ମଧ୍ୟ ବେଡ୍ ଫାଙ୍କା ନାହିଁ। ଭକ୍ତଙ୍କ ସମାଗମଙ୍କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାରିକେଡ୍ ବ୍ୟବସ୍ଥା ହୋଇଛି। ଅନ୍ୟପକ୍ଷରେ ଭିଡ଼ ନିୟନ୍ତ୍ରଣ, ଶୃଙ୍ଖଳିତ ଦର୍ଶନ, ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଶ୍ରୀମନ୍ଦିର ସମେତ ବଡ଼ଦାଣ୍ଡ, ସମୁଦ୍ର କୂଳ ଏବଂ ସହରର ବିଭିନ୍ନ ପ୍ରମୁଖ ସ୍ଥାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି ପୋଲିସ ବିଭାଗ ପକ୍ଷରୁ ସୂଚନା ମିଳିଛି।



ସର୍କିଟ୍ ହାଉସରେ ଗୁରୁବାର ଅନୁଷ୍ଠିତ ଜିଲା କୃଷି ନୀତି ନିର୍ଦ୍ଧାରଣ ବୈଠକରେ ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ ଏବଂ ଅନ୍ୟମାନେ।

## ଜୈବିକ ପ୍ରଣାଳୀ ଚାଷ ଉପରେ ଗୁରୁତ୍ୱ

**ପୁରୀ ଅଫିସ, ୨୯।୧୨**

**ଜିଲା କୃଷି ନୀତି ନିର୍ଦ୍ଧାରଣ ବୈଠକ**

ପୁରୀ ଜିଲାର ରବି ଋତୁ ୨୦୨୨-୨୩ ଉପଲକ୍ଷେ କୃଷି ନୀତି ନିର୍ଦ୍ଧାରଣ ବୈଠକ ଗୁରୁବାର ସ୍ଥାନୀୟ ସର୍କିଟ୍ ହାଉସ (ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ) ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ରମେଶ ଚନ୍ଦ୍ର ରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକ ପ୍ରାରମ୍ଭରେ ସହକାରୀ କୃଷି ଅଧିକାରୀ ପିୟୁଷ ବଲ୍ଲଭ ପରିଡ଼ା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଜିଲା କୃଷି ଅଧିକାରୀ ବୈଠକ ସଂକ୍ରାନ୍ତରେ ବିବରଣୀ ପାଠ କରିଥିଲେ। ଗତ ଖରିଫ ଋତୁରେ କୃଷି ବିଭାଗ ପକ୍ଷରୁ କରାଯାଇଥିବା ବିଭିନ୍ନ ସରକାରୀ ଯୋଜନା ସହ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅତିରିକ୍ତ ଜିଲାପାଳ ନାୟକ ସରକାରୀ ଯୋଜନା କିପରି ଲୋକାଭିମୁଖୀ ହେବା ସହ ତା'ର ସୁଫଳ ସମସ୍ତ ଚାଷୀ ପାଇପାରିବେ ସେ ସମ୍ପର୍କରେ ସୂଚନା ଦେଇଥିଲେ। ତତ୍‌ସହିତ କିପରି ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଦ୍ୱାରା ଲୋକେ ନିଜର ମୃତ୍ତିକା ସମ୍ପର୍କରେ ସବିଶେଷ ତଥ୍ୟ ସହ ଉର୍ବରତା ନିମନ୍ତେ ସଚେତନ ହୋଇପାରିବେ ସେ ଦିଗରେ ଦୃଷ୍ଟି ଦେବା ପାଇଁ କୃଷି ବିଭାଗ ଅଧିକାରୀମାନଙ୍କୁ ଅନୁରୋଧ କରାଯାଇଥିଲା। ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଦ୍ୱାରା କୃଷି ଉପରେ ବିଶେଷ ପ୍ରଭାବ ପଡୁଛି। ତେଣୁ ଅତ୍ୟଧିକ ରାସାୟନିକସାର ଓ କୀଟନାଶକ ବ୍ୟବହାର ନ କରି ଜୈବିକ ପ୍ରଣାଳୀରେ ଚାଷ କରିବା ପାଇଁ ପ୍ରାଧାନ୍ୟ ଦିଆଯାଇଛି। ବୈଠକରେ କୃଷି ବିଭାଗର ସମସ୍ତ ବ୍ଲକ୍‌ସ୍ତରୀୟ ଏବଂ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଦୀପକ କୁମାର ସାହୁ, ରେଣୁବାଳା ସାମଲ, ଶାନ୍ତନୁ କୁମାର ବେବର୍ତ୍ତା, ଲିଙ୍ଗରାଜ ମହାପାତ୍ର ଏବଂ ସୌମ୍ୟରଞ୍ଜନ ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ମୃତ୍ତିକା ରସାୟନବିତ୍ ନବ କିଶୋର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ମହିଳା ମହାସଂଘର ସ୍ୱାସ୍ଥ୍ୟ ଶିବିର

**ଗୋପ,୨୯।୧୨(ଡି.ଏନ୍.ଏ.)**

ସ୍ୱାସ୍ଥ୍ୟ ଠିକ୍ ରହିଲେ ଆମେ ସବୁ କିଛି କରିପାରିବା। ଆମକୁ ଆମ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବାକୁ ପଡ଼ିବ। ଗୋପ ବ୍ଲକ ପରିସରରେ ମହିଳା ମହାସଂଘ ପକ୍ଷରୁ ଗୁରୁବାର ଆୟୋଜିତ ମାଗଣା ସ୍ୱାସ୍ଥ୍ୟ ସେବା ଶିବିରରେ ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟି ଏହା କହିଛନ୍ତି। ଗୋପ ବ୍ଲକ ଅଧୀନରେ ଥିବା ୩,୫୦୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ବିଭିନ୍ନ ସମୟରେ ବିଭିନ୍ନ ଜନହିତକର କାର୍ଯ୍ୟରେ ନିଜକୁ ସାମିଲ କରିଥା'ନ୍ତି। ଚଳିତବର୍ଷ ଶେଷ ସମୟରେ ମହିଳା ମହାସଂଘ ଏପରି ଏକ କାର୍ଯ୍ୟକ୍ରମ ହାତକୁ ନେଇଥିଲା। ଏହି ଶିବିରରେ ଗୋପ ବ୍ଲକର ଶତାଧିକ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣା ଔଷଧପତ୍ର ନେଇଥିଲେ। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ. ଶିବ ପ୍ରସାଦ ମଙ୍ଗରାଜ, ଅଶ୍ୱିନୀ ପ୍ରଧାନ, ତାରାକାନ୍ତ ପାତ୍ର ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ବିଡିଓ ଦୀପ୍ତିରାଣୀ ଦାସ, ସହକାରୀ ଯନ୍ତ୍ରୀ ଅଶୋକ ପୃଷ୍ଟି, ଶ୍ୱେତା ଦାଶ, କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ପୋଥାଳ, ସୁଦୀପ୍ତ ବେସ୍ରା ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଣ୍ଣଲତା ପାଣି, ରେଣୁବାଳା ନାୟକ, ଜୟନ୍ତୀ ମିନି ଦଳାଇ, ଜ୍ୟୋସ୍ନାଣୀ ସେନାପତି, ସଂଯୁକ୍ତା ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ପଞ୍ଚାୟତସ୍ତରୀୟ ବାର୍ଷିକ କ୍ରୀଡ଼ା ଉତ୍ସବ



ଅତିଥି ଏବଂ ଶିକ୍ଷକଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

**ପିପିଲି,୨୯।୧୨(ସ୍ୱ.ପ୍ର.)**

ବିଶ୍ୱ କପ୍ ହକି ଉପଲକ୍ଷେ ପିପିଲିର ସମସ୍ତ ପଞ୍ଚାୟତରେ ଏହି କ୍ରୀଡ଼ା ଉତ୍ସବ ପାଳିତ ହେଉଥିବା ବେଳେ ଦାଣ୍ଡମକୁନ୍ଦପୁରସ୍ଥିତ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ ପଡିଆରେ ମଧ୍ୟ ବାର୍ଷିକ କ୍ରୀଡ଼ା ଉତ୍ସବ ଆୟୋଜନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ପରେଶ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ କବାଡ଼ି, ଖୋଖୋ, ଫୁଟବଲ ଆଦି ପ୍ରତିଯୋଗିତାରେ ନିକଟସ୍ଥ ୫ଟି ସ୍କୁଲର ୨୧୪ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଗୋପବନ୍ଧୁ ମେମୋରିଆଲ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ନନ୍ଦଙ୍କ ତତ୍ତ୍ୱାବଧାନରେ ହେଉଥିବା ବେଳେ କୁଳଶେଖରପାଟଣା ପଞ୍ଚାୟତ ସରପଞ୍ଚ ତନୁଜା ବେହେରା, ସିଆରସିସି ରମେଶ ଚନ୍ଦ୍ର ଦାଶ, ଶିକ୍ଷାବିତ ଶରତ କୁମାର ମିଶ୍ର, ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ କ୍ରୀଡ଼ାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ରୋଜିନା ପଣ୍ଡା ଏବଂ ନେତାଜୀ ସ୍ପୋର୍ଟିଂ କ୍ଲବର ସଦସ୍ୟମାନେ ପରିଚାଳନା କରିଥିଲେ। ସେହିଭଳି ଗୋବିନ୍ଦପୁର ହାଇସ୍କୁଲ ପରିସରରେ ଏହି ଉତ୍ସବ ପାଳନ ହେଉଥିବା ବେଳେ ସରପଞ୍ଚ ସୌଦାମିନୀ ଦାଶଙ୍କ ଅଧ୍ୟକ୍ଷତାରେ ସାମାଜିକ କର୍ମୀ ଜାଗୃତି ପଣ୍ଡା ମହାରଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ, ସମିତିସଭ୍ୟା କବିତା ଖଟୋଇ, ନାଏବ ସରପଞ୍ଚ ନୃସିଂହ ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ନାୟକ ଯୋଗଦେଇଥିଲେ। ସଭାରେ ଅତିଥିମାନେ ପାଠ ସହ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ରହିଥିବା କହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ତେବେ ଏହି ପ୍ରତିଯୋଗିତାରେ ନିକଟସ୍ଥ ୬ଟି ସ୍କୁଲର ୧୯୬ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ସେନାପତି, ଖେଳ ଶିକ୍ଷକ ଗଣେଶ ଚନ୍ଦ୍ର ଦାସ, ଶିକ୍ଷୟିତ୍ରୀ ତେଜସ୍ୱିନୀ ଦାସ ଏବଂ ସିଆରସିସି ଚିନ୍ତାମଣି ଓଝା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତି ଚତୁଃପାର୍ଶ୍ୱ ଉନ୍ନତୀକରଣ ଦାବି

**ପୁରୀ ଅଫିସ, ୨୯।୧୨**

ବୀରହରେକୃଷ୍ଣପୁର ଛକ ନିକଟସ୍ଥ ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତି ଚାରିପାଖର ଉନ୍ନତୀକରଣ ସହ ଆଲୋକୀକରଣ ଦାବି କରି ଗୁରୁବାର ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ସମିତିସଭ୍ୟ ଅଜୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ସମେତ ପୁରୀର ସ୍ୱେଚ୍ଛାସେବୀମାନେ ଜିଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଭାରତୀୟ ସ୍ୱାଧୀନତା ସଂଗ୍ରାମର ପ୍ରଥମ ଶହୀଦ ତଥା ବୀରହରେକୃଷ୍ଣପୁରର ବୀର ସନ୍ତାନ ହେଉଛନ୍ତି ଶହୀଦ ଜୟୀ ରାଜଗୁରୁ। କିନ୍ତୁ ଦୁଃଖର ବିଷୟ ନିଜ ଜନ୍ମିତ ଗ୍ରାମର ଛକରେ ଅବହେଳିତ ଅବସ୍ଥାରେ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତି ରହିଛି। ତ୍ରିପଳ ଟଙ୍କା ଖର୍ଚ୍ଚ ହୋଇ ପୁରୀର ପ୍ରବେଶ ପଥ ହରେକୃଷ୍ଣପୁର ଛକର ସୌନ୍ଦର୍ଯ୍ୟକରଣ କରାଯାଉଥିବାବେଳେ ସେଠାରେ ଥିବା ଶହୀଦଙ୍କ ପ୍ରତିମୂର୍ତ୍ତି ଏକ ଅନ୍ଧାର ଓ ସୂଚନାଫଳକ ବିହୀନ ସିମେଣ୍ଟ ସ୍ତମ୍ଭ ଉପରେ ଦଣ୍ଡାୟମାନ ରହିଛି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ପ୍ରତିମୂର୍ତ୍ତି ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ଓ ଆଲୋକୀକରଣ ନିମନ୍ତେ ପଦକ୍ଷେପ ନେବାକୁ ଦାବି କରାଯାଇଛି। ରାସ୍ତା ଓ ଗୃହ ନିର୍ମାଣ ଅଧୀକ୍ଷଣ ଯନ୍ତ୍ରୀ ଅଜିତ ମହାପାତ୍ରଙ୍କୁ ଯଥାଶୀଘ୍ର ସୌନ୍ଦର୍ଯ୍ୟକରଣ କାମ ସହ ସୂଚନାଫଳକ ଲଗାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ପ୍ରଧାନ ସୂଚନା ଦେଇଛନ୍ତି। ଏହି ଅବସରରେ ବୀରହରେକୃଷ୍ଣପୁରର ଶକ୍ତି ମିଶ୍ର, ବିଜୟ ଦାସ, ନିର୍ମଳ ପ୍ରଧାନଙ୍କ ସହ ପୁରୀର ଯୁବ ସାମାଜିକ କର୍ମୀ ସତ୍ୟ ନାରାୟଣ ସାହୁ ଏବଂ ଦେବରାଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୀ ଫଟୋ ଆଣ୍ଡ୍ ଭିଡିଓ ଟ୍ରେଡର୍ସ ଆସୋସିଏଶନ୍‌ର ବାର୍ଷିକ ଉତ୍ସବ

**ପୁରୀ ଅଫିସ, ୨୯।୧୨**



ପୁରୀ ଫଟୋ ଆଣ୍ଡ୍ ଭିଡିଓ ଟ୍ରେଡର୍ସ ଆସୋସିଏଶନ୍‌ର ନବମ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ପୁରୀ ଫଟୋ ଆଣ୍ଡ୍ ଭିଡିଓ ଟ୍ରେଡର୍ସ ଆସୋସିଏଶନ୍‌ର ନବମ ବାର୍ଷିକ ଉତ୍ସବ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କାନାରା ବ୍ୟାଙ୍କ ଶାଖା ଅଧିକାରୀ ସାନୁବ୍ରତ ଚକ୍ର ଏବଂ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଫଟୋଗ୍ରାଫର ଦିଲୀପ କୁମାର ଧିରସାମନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ସଂଘର ସଭାପତି ରବିନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସଂଘର ସମ୍ପାଦକ ରଞ୍ଜନ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହସମ୍ପାଦକ ରଞ୍ଜନ କୁମାର ସୁବୁଦ୍ଧି, କୋଷାଧ୍ୟକ୍ଷ ସୁକାନ୍ତ କୁମାର ସାହୁ, ଦେବେନ୍ଦ୍ର କୁମାର ନନ୍ଦ, ବିଶ୍ୱରଞ୍ଜନ ମହାନ୍ତି, ସୁଦୀପ୍ତ କୁମାର ମିଶ୍ର, ଶରତ ଚନ୍ଦ୍ର ମାମା, ଅଶୋକ କୁମାର ସୁବୁଦ୍ଧି, କପିଳେନ୍ଦ୍ର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ କୁନି କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସେହିପରି ପିପିଭିଟିଏ ଦ୍ୱାରା ଅନୁଷ୍ଠିତ ଫଟୋଗ୍ରାଫର କୁଇଜ୍ କଣ୍ଟେଷ୍ଟରେ ଭାଗନେଇଥିବା ସଭ୍ୟମାନଙ୍କୁ ସଭାପତି ମହାନ୍ତି ଟ୍ରଫି ଦେଇ ସମ୍ମାନିତ କରିଥିଲେ।

## ନୂତନ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିଲେ ବିଧାୟକ

**ପିପିଲି,୨୯।୧୨(ଡି.ଏନ୍.ଏ.)**

ପିପିଲି ବ୍ଲକ ସଭା ଗୃହରେ ଗୁରୁବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିଥିଲେ। ମଧୁବାବୁ ପେନ୍‌ସନ ଯୋଜନାରେ ନୂତନ ଭାବେ ସାମିଲ ହୋଇଥିବା ୨୧୭ ହିତାଧିକାରୀଙ୍କ ମଧ୍ୟରେ ୮୩ ଦିବ୍ୟାଙ୍ଗ, ୬୬ ବରିଷ୍ଠ ବ୍ୟକ୍ତି, ୫୭ଜଣ ବିଧବା, ୭ ସ୍ୱାମୀ ପରିତ୍ୟକ୍ତା ଓ ୪ ଜଣ ଅବିବାହିତା ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ ଅଧ୍ୟକ୍ଷତା କରିଥିଲେ। ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ବିଡିଓ ରଶ୍ମିତା ନାଥ, ଏମ୍‌ପିଙ୍କ ପ୍ରତିନିଧି ନାରାୟଣ ସ୍ୱାଇଁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ମିତାଲି ମଧୁସ୍ମିତା, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ ଓ ସୁଶାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହିଥିଲେ।

## 'ଶିକ୍ଷାନୁଷ୍ଠାନ ବିକାଶରେ ସମସ୍ତଙ୍କ ଅବଦାନ ରହୁ'

**ପୁରୀ ଅଫିସ, ୨୯।୧୨**

**ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ପୁରାତନ ଛାତ୍ର ମହାସମାବେଶ**

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ମହାସମାବେଶ ଅନୁଷ୍ଠିତ ହୋଇଯାଇଛି। ବୁଧବାର ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏହି ସମାବେଶରେ ୧୯୮୩ରୁ ୨୦୨୨ ମସିହା ପର୍ଯ୍ୟନ୍ତ ବ୍ୟାଚ୍‌ର ସହସ୍ରାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟ ପ୍ରଥମ ବ୍ୟାଚ୍‌ର ଛାତ୍ର ତଥା ପ୍ରାକ୍ତନ କୁଳପତି ପ୍ରଫେସର ହରିହର ହୋତାଙ୍କ ସଭାପତିତ୍ୱରେ ଏହି ମହାସମାବେଶ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ଯୋଗଦେଇ ସମାଜକୁ ଶୃଙ୍ଖଳିତ କରିବାରେ ସଂସ୍କୃତ ଶାସ୍ତ୍ରର ଭୂମିକା ଅନସ୍ୱୀକାର୍ଯ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଯୋଗଦେଇ ପୁରାତନ ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟର ପ୍ରଧାନ ଅଙ୍ଗ, ତେଣୁ ଏହାର ବିକାଶରେ ସେମାନଙ୍କ ଅବଦାନ ରହିବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳସଚିବ ସୁମିତ୍ରା ପଟ୍ଟନାୟକ ଯୋଗଦେଇ ଆଲୁମିନିମାନେ ବିଶ୍ୱବିଦ୍ୟାଳୟର ବିକାଶ ପାଇଁ ମୂଲ୍ୟବାନ୍ ପରାମର୍ଶ ଦିଅନ୍ତୁ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଛାତ୍ର କଲ୍ୟାଣ ସମିତିର ନିର୍ଦ୍ଦେଶକ ଜୟମାଣିକ୍ୟ ଶାସ୍ତ୍ରୀ ବିଶ୍ୱବିଦ୍ୟାଳୟକୁ ସରକାରୀ ସହାୟତା ପାଇଁ ଅନୁରୋଧ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଗୁରୁଙ୍କୁ ପୂଜା କରାଯାଇଥିଲା। ତୃତୀୟ ପର୍ଯ୍ୟାୟରେ ବର୍ତ୍ତମାନର ପ୍ରଧ୍ୟାପକ ପ୍ରଧ୍ୟାପିକାଙ୍କୁ ସମ୍ମାନିତ କରାଯାଇଥିଲା। ଚତୁର୍ଥ ପର୍ଯ୍ୟାୟରେ ବ୍ୟାଚ୍‌ୱାରୀ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ର ଡ. ପ୍ରଧାନ ଧୀରେନ୍ ରାୟ ଅତିଥି ପରିଚୟ ଏବଂ ଭାସ୍କର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଡ. ନିତ୍ୟାନନ୍ଦ ମିଶ୍ର ପୁରାତନ ଛାତ୍ର ପରିଷଦର ଆଭିମୁଖ୍ୟ ସମ୍ପର୍କରେ ଏକ ୧୦ ସୂତ୍ରୀ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। କିଶୋର ଚନ୍ଦ୍ର ମହାପାତ୍ର ବିବରଣୀ ପାଠ ଏବଂ ଡ. ସୁଶାନ୍ତ କୁମାର ଚାନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅମୀୟ ଦାଶ ସଙ୍ଗଠନର କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଫେସର ରାଧାଗୋବିନ୍ଦ ତ୍ରିପାଠୀ, ପ୍ରଫେସର ପ୍ରଶାନ୍ତ କୁମାର ମହଲା, ଡ. କମଳାକାନ୍ତ ମିଶ୍ର, ଡ. ଜ୍ଞାନରଞ୍ଜନ ପଣ୍ଡା, ଡ. ଗୋପୀନାଥ ପଣ୍ଡା, ଡ. ଗିରିଜା ଶଙ୍କର ପତି, ବିନାୟକ ପ୍ରଧାନ, ନିରଞ୍ଜନ ବେହେରା, ଅରୁଣ କୁମାର ମହାପାତ୍ର, ଦ୍ୱାରିକାନାଥ ଶତପଥୀ, କୃଷ୍ଣଚନ୍ଦ୍ର ପାତ୍ର, ଅସୀମ ନାୟକ, ଶ୍ରୀକାନ୍ତ କୁମାର ଶତପଥୀ, ଡ. ଜିତେନ୍ଦ୍ର କୁମାର ଦାଶ, ଡ. ଅନିମା ପାତ୍ର, ଡ. ସୌଦାମିନୀ ତ୍ରିପାଠୀ, ଡ. ହରପ୍ରିୟା ଦାଶ, ଡ. ମୀରାରାଣୀ ଖଣ୍ଡୁଆଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଡ. ବସନ୍ତ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## 'ଗଙ୍ଗବଂଶୀ କ୍ଷତ୍ରିୟଙ୍କ ପ୍ରତି ସରକାରୀ ଉଦାସୀନତା କୁଠାରାଘାତ'

**ଗଡ଼ସାମନ୍ତ ପରିଷଦର ବାର୍ଷିକ ଅଧିବେଶନ**

**କୋଣାର୍କ,୨୯।୧୨(ଡି.ଏନ୍.ଏ.)**




ଗଙ୍ଗବଂଶୀ କ୍ଷତ୍ରିୟ ଗଡ଼ସାମନ୍ତ ପରିଷଦର ବାର୍ଷିକ ଅଧିବେଶନରେ ଯୋଗଦେଇଥିବା ଅତିଥିବୃନ୍ଦ।

କୋଣାର୍କ ସନ୍ନିକଟ ଚନ୍ଦ୍ରଭାଗାସ୍ଥିତ ସେବାଶ୍ରମ ମଠ ପରିସରରେ ବୁଧବାର ଗଙ୍ଗବଂଶୀ କ୍ଷତ୍ରିୟ ଗଡ଼ସାମନ୍ତ ପରିଷଦର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଅଜୟ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଭରତଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ କାଳନ୍ଦୀ ପାତ୍ର, ସଂଗଠନର ସମ୍ପାଦକ ପ୍ରବୋଦ ପରିଡ଼ା, ଉପସଭାପତି ଅର୍ଜୁନ ପାତ୍ର, ସହସମ୍ପାଦକ ରମାରମଣ ପାତ୍ର, ସବ୍ୟସାଚୀ ହରିଚନ୍ଦନ, ବିଜୟ ପାତ୍ର, କ୍ଷେତ୍ରବାସୀ ଯେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ପୂର୍ବଜଙ୍କ ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା, ସ୍ୱତନ୍ତ୍ର କ୍ଷତ୍ରିୟ ବାଟାଲିୟନ ଗଠନ, ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା ଓ ଭାରତ ବର୍ଷର ସୁରକ୍ଷା ଦିଗରେ ନିରବଚ୍ଛିନ୍ନ କାର୍ଯ୍ୟ କରି ଗୌରବମୟ ଅଧ୍ୟାୟ ସୃଷ୍ଟି କରିବା ଦିଗରେ ଗଙ୍ଗବଂଶୀ କ୍ଷତ୍ରିୟଙ୍କ ସଫଳତା ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ସଦୃଶ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ସଂରକ୍ଷଣ ଓ ଜନକଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରୁଥିବାବେଳେ ଗଙ୍ଗବଂଶୀ କ୍ଷତ୍ରିୟଙ୍କ ପ୍ରତି ଉଦାସୀନତା ନୀତି ପ୍ରତିପୋଷଣ କରିବା ଏ ଜାତି ପ୍ରତି କୁଠାରଘାତ ସଦୃଶ ବୋଲି ମତପ୍ରକାଶ ପାଇଥିଲା। ଅଧିବେଶନରେ ରୂପାସ ଗଡ଼, ଗୋଲରାଗଡ଼, ଗଡ଼ ଭିଙ୍ଗୁରା, ଗଡ଼ଅଣ୍ଡିଆ, ଦୁର୍ଗେଶ୍ୱରଗଡ଼, ନୟରଗଡ଼, ଜମରସୁଆଁଗଡ଼ ସମେତ ୧୮ଗୋଟି ଗଡ଼ରୁ ଶତାଧିକ କ୍ଷତ୍ରିୟ ଗଡ଼ୁଆମାନେ ଉପସ୍ଥିତ ରହି ବଂଶର ବହୁମୁଖୀ ପ୍ରତିଭା ଓ ଅମ୍ଳାନ କୀର୍ତ୍ତିରାଜି ଉପରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ଏହି ସଂଗଠନକୁ ସୁଦୃଢ଼ କରିବା ପାଇଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଥିବା ଗଡ଼ରୁ କ୍ଷତ୍ରିୟଙ୍କୁ ଏକାଠି କରି ଭୁବନେଶ୍ୱରରେ ଏକ ରାଜ୍ୟସ୍ତରୀୟ ମହାସମାରୋହ ଆୟୋଜନ କରାଯିବ ବୋଲି ସଂଗଠନର ସଭାପତି ପାତ୍ର ପ୍ରକାଶ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩୦ ଡିସେମ୍ବର, ୨୦୨୨

**ଶିକ୍ଷକଙ୍କ ମାଡ଼ରେ ୫ ବର୍ଷର ଛାତ୍ରୀଙ୍କ ହାତ ଭାଙ୍ଗିଲା**

ବନାନ ଭୁଲ୍ ପାଇଁ ଏକ ଘରୋଇ ଟ୍ୟୁଶନ ଶିକ୍ଷକଙ୍କ ମାଡ଼ରେ ଜଣେ ୫ ବର୍ଷର ଛାତ୍ରୀଙ୍କ ହାତ ଭାଙ୍ଗିଯାଇଛି। ଏନେଇ ପୋଲିସରେ ଅଭିଯୋଗ ପରେ ୨୨ ବର୍ଷୀୟ ଶିକ୍ଷକ ପ୍ରୟାଗ ବିଶ୍ୱକର୍ମାଙ୍କୁ ଗିରଫ କରାଯାଇଛି। ଶିଶୁଟି 'ପ୍ୟାରୋଟ' ଶବ୍ଦ ଠିକ୍ ଭାବେ ବନାନ କରି ନ ପାରିବାରୁ ଶିକ୍ଷକ ତାଙ୍କ ହାତ ମୋଡ଼ିଦେବା ସହ ମାଡ଼ ମାରିଥିଲେ। ଫଳରେ ଶିଶୁଟିର ଡାହାଣ ହାତ ଭାଙ୍ଗିଯାଇଥିଲା। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ହବିବଗଞ୍ଜ ପୋଲିସ ଇନ୍ସପେକ୍ଟର ରାଜ ସିଂ ଭଦୌରିଆ କହିଛନ୍ତି।





# ସୁଖୋଇରୁ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ପରୀକ୍ଷା

**ନୂଆଦିଲ୍ଲୀ,୨୯।୧୨**

ସୁଖୋଇ-୩୦ଏମ୍‌କେଆଇ ଯୁଦ୍ଧବିମାନରୁ ଗୁରୁବାର ବ୍ରହ୍ମୋସ୍ ସୁପରିସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ରର ପରିବର୍ଦ୍ଧିତ ଲକ୍ଷ୍ୟଭେଦ କ୍ଷମତା ଭର୍ସନର ସଫଳ ପରୀକ୍ଷା କରାଯାଇଛି। ଉକ୍ତ ଭର୍ସନର ଲକ୍ଷ୍ୟଭେଦ କ୍ଷମତା ୪୫୦ କିଲୋମିଟର ରହିଛି। ଏହି କ୍ଷେପଣାସ୍ତ୍ରରେ ବଙ୍ଗୋପସାଗରରେ ଥିବା ଏକ ଜାହାଜକୁ ଟାର୍ଗେଟ କରାଯାଇଥିଲା। ଉକ୍ତ ପରୀକ୍ଷା ଫଳରେ ଭାରତ ସୁଖୋଇ ଯୁଦ୍ଧବିମାନରୁ ସ୍ଥଳ ଓ ସମୁଦ୍ରରେ ଥିବା ଦୀର୍ଘ ରେଞ୍ଜ୍ ଟାର୍ଗେଟକୁ ଆକ୍ରମଣ କରିବା କ୍ଷମତା ହାସଲ କରିଛି। ଏହି ସଫଳତା ହାସଲ କରିବାରେ ଭାରତୀୟ ବାୟୁସେନା, ନୌସେନା, ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ), ବିଏପିଏଲ୍ ଏବଂ ଏଚ୍‌ଏଏଲ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗତ ମେ'ରେ ସୁଖୋଇରୁ ବ୍ରହ୍ମୋସ୍‌ର ପ୍ରଥମ ପରୀକ୍ଷା କରାଯାଇଥିଲା।

# 'ପଠାନ୍'ରେ ପରିବର୍ତ୍ତନ ଲୋଡ଼ା: ସେନ୍‌ସର ବୋର୍ଡ



**ମୁମ୍ବାଇ,୨୯।୧୨**

ଡିସେମ୍ବର ୧୨ରୁ ଅନ୍‌ଲାଇନ୍‌ରେ ଉପଲବ୍ଧ ଶାହରୁଖ୍ ଖାନ୍ ଓ ଦୀପିକା ପାଦୁକୋନ୍‌ଙ୍କ ଅଭିନୀତ ବଲିଉଡ୍ ଫିଲ୍ମ 'ପଠାନ୍'ର ବେସରମ୍ ରଙ୍ଗ୍ ଗୀତକୁ ନେଇ ବିବାଦ ଜୋର୍ ଧରିଥିବାବେଳେ ଏଥିରେ କେତେକ ପରିବର୍ତ୍ତନ ଆଣିବାକୁ ସେନ୍‌ସର ବୋର୍ଡ ପକ୍ଷରୁ ପ୍ରଯୋଜକ ଆଦିତ୍ୟ ଚୋପ୍ରାଙ୍କୁ ପରାମର୍ଶ ଦିଆଯାଇଛି। ସୁପ୍ରିମକୋର୍ଟ ଆଇନଜୀବୀ ବିନୀତ ଜିନ୍ଦଲ ଏହି ଫିଲ୍ମକୁ ନେଇ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ୍ (ସିବିଏଫ୍‌ସି) ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁରଙ୍କ ନିକଟରେ ଆପତ୍ତି ଉଠାଇଥିଲେ। ତାଙ୍କ ମତରେ ପାଦୁକୋନ୍‌ଙ୍କ ଗୈରିକ ବିକିନି ହିନ୍ଦୁଙ୍କ ଭାବାବେଗ ପ୍ରତି କୁଠାରାଘାତ କରିଛି। ତେଣୁ ଉକ୍ତ ଭିଡିଓ ଉପରେ କଟକଣା ଲଗାଇବାକୁ ସେ ଅନୁରୋଧ କରିଥିଲେ। ଇତିମଧ୍ୟରେ ସିବିଏଫ୍‌ସି ଅଧ୍ୟକ୍ଷ ପ୍ରସୂନ ଜୋଷୀ ଏହି ଫିଲ୍ମ ଓ ବିବାଦୀୟ ଗୀତରେ କେତେକ ପରିବର୍ତ୍ତନ ଆଣିବାକୁ ପ୍ରଯୋଜକଙ୍କୁ କହିଛନ୍ତି। ଏଥିସହ ମୁକ୍ତିଲାଭ ପୂର୍ବରୁ ପରିବର୍ତ୍ତିତ ସଂସ୍କରଣ ଦାଖଲ କରିବାକୁ ପରାମର୍ଶ ଦେଇଛନ୍ତି। ପ୍ରସୂନ କହିଛନ୍ତି, ସିବିଏଫ୍‌ସି ସର୍ବଦା ସୃଜନାତ୍ମକ ପରିପ୍ରକାଶ ଓ ଦର୍ଶକଙ୍କ ସମ୍ବେଦନଶୀଳତାକୁ ନେଇ ରହିଥିବା ଅଧିକାର ମଧ୍ୟରେ ସନ୍ତୁଳନ ବଜାୟ ରଖିବାକୁ ପ୍ରତିଶ୍ରୁତିବଦ୍ଧ। ପକ୍ଷମାନଙ୍କୁ ନେଇ ତାତ୍ପର୍ଯ୍ୟପୂର୍ଣ୍ଣ ଆଲୋଚନା ଜରିଆରେ ସମାଧାନ ସମ୍ଭବ ବୋଲି ସେନ୍‌ସର ବୋର୍ଡ ମନେକରେ।

ଉଲ୍ଲେଖଯୋଗ୍ୟ, ସିଦ୍ଧାର୍ଥ ଆନନ୍ଦଙ୍କ ଦ୍ୱାରା ନିର୍ଦ୍ଦେଶିତ 'ପଠାନ୍' ୨୦୨୩ ଜାନୁୟାରୀ ୨୫ରେ ହିନ୍ଦୀରେ ମୁକ୍ତିଲାଭ କରିବ। ଏହାସହ ତାମିଲ ଓ ତେଲୁଗୁ ଭର୍ସନରେ ମଧ୍ୟ ଏହି ଫିଲ୍ମ ରିଲିଜ୍ ହେବ। ଇତିମଧ୍ୟରେ ପ୍ରଯୋଜନା ସଂସ୍ଥା ଯଶ୍ ରାଜ୍ ଫିଲ୍ମସ୍ ଏହାର ଦ୍ୱିତୀୟ ଗୀତ 'ଝୁମେ ଜୋ ପଠାନ୍'କୁ ଅନ୍‌ଲାଇନ୍‌ରେ ଉପଲବ୍ଧ କରାଯାଇଛି। ଏହି ଗୀତ ଫ୍ୟାନ୍‌ଙ୍କ ମଧ୍ୟରେ ବେଶ୍ ଆଦୃତି ଲାଭ କରିଛି।

## ସଂକ୍ଷେପରେ

### ୩ କୋଟି ରେଳଯାତ୍ରୀଙ୍କ ତଥ୍ୟ ଚୋରି ଅଭିଯୋଗକୁ ରେଳୱେର ଖଣ୍ଡନ

**ନୂଆଦିଲ୍ଲୀ,୨୯।୧୨:** ଭାରତୀୟ ରେଳପଥର ୩ କୋଟି ଯାତ୍ରୀଙ୍କ ତଥ୍ୟ ଚୋରି କରାଯାଇ ଡାର୍କ ୱେବ୍‌ରେ ବିକ୍ରି ପାଇଁ ରଖାଯାଇଥିବା ହ୍ୟାକରମାନଙ୍କ ଫୋରମ୍ ପକ୍ଷରୁ ଦାବି କରାଯାଇଛି। ତେବେ ଡେଟା ଚୋରି ଅଭିଯୋଗକୁ ରେଳ ମନ୍ତ୍ରଣାଳୟ ଖଣ୍ଡନ କରିଛି। ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ୍ ଟ୍ୟୁରିଜମ୍ କର୍ପୋରେଶନ (ଆଇଆର୍‌ସିଟିସି)ର ତଥ୍ୟ ଚୋରି ହୋଇନାହିଁ। କୌଣସି ଡେଟା ଲିକ୍ ହୋଇଛି କି ନାହିଁ, ଯାଞ୍ଚ ଲାଗି ଆଇଆର୍‌ସିଟିସି ପକ୍ଷରୁ ଏହାର ସମସ୍ତ ବ୍ୟବସାୟିକ ସହଯୋଗୀଙ୍କୁ କୁହାଯାଇଥିଲା। ସନ୍ଦିଗ୍ଧ ଡେଟା ଲିକ୍ ଏହାର ସର୍ଭରରୁ ହୋଇ ନ ଥିବା ମନ୍ତ୍ରଣାଳୟର ଜଣେ ମୁଖପାତ୍ର କହିଛନ୍ତି।

### କୋଚର, ଧୂତ୍ ଜେଲ ଗଲେ

**ଆଇସିଆଇସିଆଇ ବ୍ୟାଙ୍କ ଋଣ ଦୁର୍ନୀତି ମାମଲା**

**ନୂଆଦିଲ୍ଲୀ,୨୯।୧୨:** ଆଇସିଆଇସିଆଇ ବ୍ୟାଙ୍କ ଋଣ ଦୁର୍ନୀତି ମାମଲାରେ ସ୍ୱତନ୍ତ୍ର ସିବିଆଇ କୋର୍ଟ ବ୍ୟାଙ୍କର ପୂର୍ବତନ ସିଇଓ ଚନ୍ଦା କୋଚର, ତାଙ୍କ ସ୍ୱାମୀ ଦୀପକ କୋଚର ଏବଂ ଭିଡିଓକନ୍ ଗ୍ରୁପ୍‌ର ସିଇଓ ବେଣୁଗୋପାଳ ଧୂତ୍‌ଙ୍କୁ ଜାନୁୟାରୀ ୧୦ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛନ୍ତି। ସିବିଆଇ ଗତ ୨୪ ତାରିଖରେ କୋଚର ଦମ୍ପତିଙ୍କୁ ଗିରଫ କରିଥିବାବେଳେ ସୋମବାର ଧୂତ୍‌ଙ୍କୁ ଗିରଫ କରାଯାଇଥିଲା। ଚନ୍ଦା କୋଚର ସିଇଓ ଥିବାବେଳେ ଆଇସିଆଇସିଆଇ ବ୍ୟାଙ୍କ ନୀତି ଓ ନିୟମାବଳୀର ଉଲ୍ଲଂଘନ କରାଯାଇ ଭିଡିଓ କନ୍ ଗ୍ରୁପ୍ ଅଫ୍ କମ୍ପାନୀକୁ ବହୁକୋଟି ଟଙ୍କା ଋଣ ମଞ୍ଜୁର କରାଯାଇଥିଲା। ଭିଡିଓକନ୍ ଗ୍ରୁପ୍‌ଠାରୁ ଚନ୍ଦା କୋଚର ତାଙ୍କ ସ୍ୱାମୀଙ୍କ କମ୍ପାନୀ ଜରିଆରେ ୬୪ କୋଟି ଟଙ୍କା ପାଇଥିବା ଅଭିଯୋଗ ହୋଇଛି।

### ଚଳଚ୍ଚିତ୍ର ପ୍ରଯୋଜକ ନୀତିନ ମନମୋହନଙ୍କ ପରଲୋକ



**ମୁମ୍ବାଇ,୨୯।୧୨(ପି.ଟି.):** 'ବୋଲ୍ ରାଧା ବୋଲ୍', 'ଲାଡଲା' ଭଳି ଚଳଚ୍ଚିତ୍ରର ନିର୍ମାତା ନୀତିନ ମନମୋହନଙ୍କର ଗୁରୁବାର ସକାଳେ ମୁମ୍ବାଇର ଏକ ହସ୍ପିଟାଲରେ ପରଲୋକ ଘଟିଛି। ତାଙ୍କୁ ୬୨ ବର୍ଷ ହୋଇଥିଲା। ଡିସେମ୍ବର ୩ରେ ନୀତିନଙ୍କୁ ହୃଦ୍‌ଘାତ ହେବା ପରେ ତାଙ୍କୁ ନଭି ମୁମ୍ବାଇସ୍ଥିତ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

# ଦଲାଇ ଲାମାଙ୍କ ପଛରେ ଚାଇନା ଗୁପ୍ତଚର

**ଗୟାରେ ସନ୍ଦିଗ୍ଧ ମହିଳା ଅଟକ**



ସୋଙ୍ଗ୍ ଶିଆଓଲାନ୍‌ଙ୍କ ସ୍କେଚ୍



ବୋଧଗୟାର କାଳଚକ୍ର ଗ୍ରାଉଣ୍ଡରେ ଭକ୍ତଙ୍କ ଗହଣରେ ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମା।

**ପାଟନା,୨୯।୧୨**

ଡିସେମ୍ବର ୨୨ରୁ ଫେବୃୟାରୀ ୧ ପର୍ଯ୍ୟନ୍ତ ବିହାରର ବୋଧଗୟାରେ ଅବସ୍ଥାନ କରୁଥିବା ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କ ପଛରେ ଚାଇନା ଗୁପ୍ତଚର ଲଗାଇଛି। ଏହି ବିଷୟ ଜାଣିବା ପରେ ତଦନ୍ତକାରୀ ଅଧିକାରୀମାନେ ଜଣେ ସନ୍ଦିଗ୍ଧ ମହିଳାଙ୍କ ସ୍କେଚ୍ ଜାରି କରିଥିଲେ। ଚାଇନାର ସୋଙ୍ଗ୍ ଶିଆଓଲାନ୍ ନାମ୍ନୀ ଉକ୍ତ ମହିଳାଙ୍କୁ ଧରିବା ପାଇଁ ବିହାର ପୋଲିସ ୨୪ ଘଣ୍ଟା ଧରି ତଲାସି ଅଭିଯାନ ଚଳାଇଥିଲା। ଶେଷରେ ଗୁରୁବାର ତାଙ୍କୁ ଗିରଫ କରି ଜେରା କରାଯାଉଛି।

ବିହାର ପୋଲିସ ଇନ୍ସପେକ୍ଟର ଜେନେରାଲ ଏମ୍.ଆର. ନାୟକ କହିଛନ୍ତି, ଗୟା ଜିଲାରୁ ଜଣେ ଚାଇନା ମହିଳାଙ୍କୁ ଧରିବା ପରେ ଅଟକ ରଖାଯାଇଛି। ସେ ୮୭ ବର୍ଷୀୟ ଦଲାଇ ଲାମାଙ୍କ ଉପରେ ଗୁପ୍ତଚରଗିରି କରୁଥିବା ସନ୍ଦେହ କରାଯାଉଛି। ତାଙ୍କୁ ଚାଇନା ପଠାଯାଇପାରେ। ଗୟା ଜିଲାରେ କେତେକ କାର୍ଯ୍ୟକ୍ରମରେ ଦଲାଇଲାମା ଯୋଗଦେବାର କାର୍ଯ୍ୟକ୍ରମ ରହିଥିବାବେଳେ ତାଙ୍କ ସୁରକ୍ଷା ପ୍ରତି ବିପଦ ଥିବା ସ୍ଥାନୀୟ ପୋଲିସ ଆଶଙ୍କା ବ୍ୟକ୍ତ କରିଥିଲା। ସନ୍ଦିଗ୍ଧ ମହିଳାଙ୍କ ସ୍କେଚ୍ ଜାରି କରାଯାଇ ସୋସିଆଲ ମିଡିଆରେ ଏହାକୁ ପ୍ରସାର କରିଥିଲା। ଉକ୍ତ ମହିଳାଙ୍କ ସମ୍ପର୍କରେ ସୂଚନା ଦେବା ଲାଗି ସ୍ଥାନୀୟ ଲୋକଙ୍କୁ ଅନୁରୋଧ କରାଯାଇଥିଲା। ମହିଳା ଜଣକ ବୋଧଗୟାରେ ବର୍ଷେରୁ ଊର୍ଦ୍ଧ୍ୱ ସମୟ ଅବସ୍ଥାନ କରିଥିଲେ। ଏହା ବ୍ୟତୀତ ସେ ଦେଶର ବିଭିନ୍ନ ଭାଗରେ ରହିଥିଲେ ମଧ୍ୟ ବହିର୍ବ୍ୟାପାର ମନ୍ତ୍ରଣାଳୟର ରେକର୍ଡରେ ତାଙ୍କ ସମ୍ପର୍କରେ କିଛି ଉଲ୍ଲେଖ ନାହିଁ। ଦଲାଇ ଲାମାଙ୍କ ଜୀବନ ପ୍ରତି ବିପଦ ଥିବାରୁ ମହାବୋଧି ମନ୍ଦିର କମ୍ପ୍ଲେକ୍ସ ଚାରିପଟେ ସୁରକ୍ଷା ବଢ଼ାଇଦିଆଯାଇଛି। ସେ ଗୁରୁବାର ସକାଳେ କାଳଚକ୍ର ମଇଦାନରେ ଉଦ୍‌ବୋଧନ ଦେଇଥିବାବେଳେ ୩୧ ତାରିଖ ଯାଏ ବକ୍ତୃତା କାର୍ଯ୍ୟକ୍ରମ ରହିଛି। ଦଲାଇ ଲାମାଙ୍କ କାର୍ଯ୍ୟକ୍ରମରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। କାର୍ଯ୍ୟକ୍ରମ ସ୍ଥଳରେ ସିଆର୍‌ପିଏଫ୍ ଏବଂ ସଶସ୍ତ୍ର ସୀମା ବଳ ଯବାନ ନିୟୋଜିତ ହୋଇଛନ୍ତି। ଚକ୍ରକାଳ ମଇଦାନରେ ୧୦୦ରୁ ଊର୍ଦ୍ଧ୍ୱ ସିସିଟିଭି କ୍ୟାମେରା ସଂଲଗ୍ନ କରାଯାଇଛି। ନୂଆଦିଲ୍ଲୀସ୍ଥିତ ଚାଇନା ଦୂତାବାସକୁ ଘଟଣା ସମ୍ପର୍କରେ ଅବଗତ କରାଯାଇଛି। ପ୍ରକାଶ ଯେ, ୧୯୫୯ରୁ ଭାରତରେ ଶରଣ ନେଇଥିବା ଚତୁର୍ଦ୍ଦଶ ଦଲାଇ ଲାମାଙ୍କୁ ଚାଇନା ଜଣେ ବିଚ୍ଛିନ୍ନତାବାଦୀ ତଥା ଆତଙ୍କବାଦୀ ବୋଲି ବିବେଚନା କରିଥାଏ।

# ଉଜବେକିସ୍ତାନକୁ ତଥ୍ୟ ମାଗିଲା ଭାରତ

**ସିରପ୍ ପିଇ ୧୯ ଶିଶୁ ମୃତ୍ୟୁ ପ୍ରସଙ୍ଗ**

- ଡୋକ୍-୧ ମ୍ୟାକ୍ସ ନମୁନା ସଂଗୃହୀତ
- କମ୍ପାନୀର ନୋଏଡା ୟୁନିଟ୍‌ରେ ଉତ୍ପାଦନ ବନ୍ଦ




**ନୂଆଦିଲ୍ଲୀ,୨୯।୧୨**

ଉତ୍ତର ପ୍ରଦେଶର ନୋଏଡାରେ ମାରିଓନ୍ ବାୟୋଟେକ୍ ପକ୍ଷରୁ ପ୍ରସ୍ତୁତ ଡୋକ୍-୧ ମ୍ୟାକ୍ସ ସିରପ୍ ସେବନ କରି ଉଜ୍‌ବେକିସ୍ତାନର ୧୯ ଶିଶୁଙ୍କ ମୃତ୍ୟୁ ଅଭିଯୋଗ ଆସିବା ପରେ ଭାରତ ସରକାର କଡ଼ା ଅଭିମୁଖ୍ୟ ଦେଖାଇଛନ୍ତି। କେଉଁ ପରିସ୍ଥିତିରେ ଶିଶୁମାନଙ୍କ ମୃତ୍ୟୁ ଘଟିଛି ସେନେଇ ଉଜ୍‌ବେକିସ୍ତାନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ତଦନ୍ତ ସମ୍ପର୍କିତ ବିସ୍ତୃତ ତଥ୍ୟ ମଗାଯାଇଥିବା ଗୁରୁବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ ସୂଚନା ଦେଇଛନ୍ତି। ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ବାଗ୍‌ଚୀ କହିଛନ୍ତି, ଉଜ୍‌ବେକିସ୍ତାନରେ ଉକ୍ତ କମ୍ପାନୀ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବାବେଳେ କନ୍‌ସୁଲାର ସହାୟତା ପ୍ରଦାନ କରାଯାଉଛି। ଏହି ପ୍ରସଙ୍ଗକୁ ଉଜ୍‌ବେକିସ୍ତାନ କର୍ତ୍ତୃପକ୍ଷ ଆନୁଷ୍ଠାନିକ ଭାବେ ନୂଆଦିଲ୍ଲୀର ନଜରକୁ ଆଣିନାହାନ୍ତି। ସେହିପରି ସ୍ୱାସ୍ଥ୍ୟ ମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ କହିଛନ୍ତି, ଖବର ମିଳିବା ମାତ୍ରେ ଉକ୍ତ କମ୍ପାନୀର ନୋଏଡା ଫାସିଲିଟିରୁ କଫ୍ ସିରପ୍ ନମୁନା ସଂଗ୍ରହ କରାଯାଇଛି। ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ(ସିଡି-ଏସ୍‌ସିଓ) ଏବଂ ୟୁପି ଡ୍ରଗ୍ କଣ୍ଟ୍ରୋଲ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଉଜ୍‌ବେକିସ୍ତାନର ଜାତୀୟ ଡ୍ରଗ୍ ନିୟନ୍ତ୍ରକ ସହ ସିଡି-ଏସ୍‌ସିଓ ନିୟମିତ ଯୋଗସୂତ୍ରରେ ରହିଛି। ରିପୋର୍ଟ ମିଳିବା ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମାଣ୍ଡବ୍ୟ ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷେ ମାରିଓନ୍ ବାୟୋଟେକ୍‌ର ଜଣେ ଆଇନଗତ ପ୍ରତିନିଧି କହିଛନ୍ତି, ଶିଶୁଙ୍କ ମୃତ୍ୟୁକୁନେଇ ମର୍ମାହତ। କମ୍ପାନୀ ଡୋକ୍-୧ ମ୍ୟାକ୍ସ ସିରପ୍ ଉତ୍ପାଦନ ବନ୍ଦ କରିଦେଇଛି।

ପ୍ରକାଶ ଯେ, ୨୦୧୨ରେ ଉଜ୍‌ବେକିସ୍ତାନରେ ପଞ୍ଜୀକୃତ ମାରିଓନ୍ ବାୟୋଟେକ୍ ପ୍ରାଇଭେଟ୍ ଲିମିଟେଡ୍‌ର କଫ୍ ସିରପ୍ ସେବନ କରିବା ପରେ ୧୯ ଶିଶୁ ଆଖିବୁଜି ଦେଇଥିବା ବୁଧବାର ସେଠାକାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏକ ବିବୃତିରେ କହିଥିଲା। ସେଠାକାର ଔଷଧ ଦୋକାନଗୁଡ଼ିକରେ ଡୋକ୍-୧ ମ୍ୟାକ୍ସ ସିରପ୍ ଓ ଟାବ୍‌ଲେଟ୍ ବିକ୍ରିକୁ ନିଷେଧ କରାଯାଇଛି। ଗତ ଅକ୍ଟୋବରରେ ହରିୟାଣାର ମେଡେନ୍ ଫାର୍ମା ନିର୍ମିତ ୪ କଫ ସିରପ ପିଇବା ପରେ ଗାମ୍ବିଆର ୬୬ ଶିଶୁଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହେବା ପରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଭାରତୀୟ ଔଷଧକୁ ନେଇ ଚିନ୍ତା ବ୍ୟକ୍ତ କରିଥିଲା।

### ସିଟ୍ ବେଲ୍ଟ ନ ବାନ୍ଧି ଦୁର୍ଘଟଣାରେ ୧୬,୩୯୭ ଜୀବନ ଯାଇଛି

**ନୂଆଦିଲ୍ଲୀ,୨୯।୧୨(ପି.ଟି.)**

୨୦୨୧ ବର୍ଷରେ ହୋଇଥିବା ସଡ଼କ ଦୁର୍ଘଟଣାରେ ସିଟ୍ ବେଲ୍ଟ ନ ବାନ୍ଧିବା କାରଣରୁ ୧୬,୩୯୭ ଜଣଙ୍କ ଜୀବନ ଯାଇଥିବା ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ରିପୋର୍ଟରୁ ଜଣାପଡ଼ିଛି। ମୃତକଙ୍କ ମଧ୍ୟରୁ ୮,୪୩୮ ଜଣ ଡ୍ରାଇଭର ହୋଇଥିବାବେଳେ ଅବଶିଷ୍ଟ ୭,୯୫୯ ଜଣ ଯାତ୍ରୀ। 'ଭାରତରେ ସଡ଼କ ଦୁର୍ଘଟଣା-୨୦୨୧' ରିପୋର୍ଟ ଅନୁଯାୟୀ ହେଲ୍‌ମେଟ୍ ନ ପିନ୍ଧିବା କାରଣରୁ ଦୁର୍ଘଟଣାରେ ୪୬,୫୯୩ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ୩୨,୮୭୭ ଜଣ ଗାଡ଼ି ଚାଳକ ହୋଇଥିବାବେଳେ ୧୩,୭୧୬ ଜଣ ପଛ ସିଟ୍‌ରେ ବସିଥିବା ଯାତ୍ରୀ। ଗତବର୍ଷ ମୋଟ ୪,୧୨,୪୩୨ ସଡ଼କ ଦୁର୍ଘଟଣାରେ ମୋଟ ୧,୫୩,୯୭୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩,୮୪,୪୪୮ ଜଣ ଆହତ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ ହେଲ୍‌ମେଟ ନ ପିନ୍ଧିବା କାରଣରୁ ୯୩,୭୬୩ ଜଣ ଏବଂ ସିଟ୍ ବେଲ୍ଟ ନ ବାନ୍ଧିବାରୁ ୩୯,୨୩୧ ଜଣ ଆହତ ହୋଇଛନ୍ତି।

**ଅଭିନେତ୍ରୀ ରିୟା କୁମାରୀ ହତ୍ୟା ମାମଲା**

### ପ୍ରଯୋଜକ ସ୍ୱାମୀ ଗିରଫ

**କୋଲକାତା,୨୯।୧୨**



ପଶ୍ଚିମବଙ୍ଗର ଏକ ରାଜପଥରେ ଡକାୟତି ଉଦ୍ୟମ ବେଳେ ଝାଡ଼ଖଣ୍ଡ ଅଭିନେତ୍ରୀ ରିୟା କୁମାରୀଙ୍କୁ ବୁଧବାର ଗୁଳିକରି ହତ୍ୟା ଘଟଣାରେ ତାଙ୍କ ପ୍ରଯୋଜକ ସ୍ୱାମୀ ପ୍ରକାଶ କୁମାରଙ୍କୁ ଗିରଫ କରାଯାଇଛି। ରିୟାଙ୍କ ବାପଘର ପକ୍ଷରୁ ପ୍ରକାଶ ଏବଂ ତାଙ୍କ ଭାଇମାନଙ୍କ ବିରୋଧରେ ଏତଲା ଦାଏର ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ହାଓଡ଼ା (ଗ୍ରାମାଞ୍ଚଳ) ଏସ୍‌ପି ସ୍ୱାତୀ ଭାଙ୍ଗଲିଆ କହିଛନ୍ତି। ଖବର ଅନୁଯାୟୀ, ରିୟା ଓ ପ୍ରକାଶ ସେମାନଙ୍କର ୩ ବର୍ଷର ଝିଅ ସହ ରାଞ୍ଚିରୁ କୋଲକାତା ଯାଉଥିଲେ। ବୁଧବାର ସକାଳେ ୧୬ ନମ୍ବର ରାଜପଥରେ ୩ ଜଣ ଦୁର୍ବୃତ୍ତ ପ୍ରକାଶଙ୍କଠାରୁ ଜିନିଷ ଲୁଟ୍ ଉଦ୍ୟମ କଲାବେଳେ ରିୟା ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ଗୁଳି କରିଥିଲେ। ହତ୍ୟା ପଛରେ ପ୍ରକାଶଙ୍କ ହାତ ଥିବା ପୋଲିସ ସନ୍ଦେହ କରି ତାଙ୍କୁ ପଚରାଉଚରା କରିଥିଲା। ତାଙ୍କ ବିରୋଧରେ ମାଡ଼ ମାରିବା ଓ ନିର୍ଯାତନା ଦେବା ମାମଲା ରହିଛି।

# ପୋଲାଭରମ୍ ପ୍ରକଳ୍ପ ନେଇ କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ୍

**ପରିବେଶ ମଞ୍ଜୁରୀରେ ଅନିୟମିତତା ଅଭିଯୋଗ**

**ନୂଆଦିଲ୍ଲୀ,୨୯।୧୨ (ପି.ଟି.)**

ଗୋଦାବରୀ ନଦୀରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ଦ୍ୱାରା ନିର୍ମିତ ପୋଲାଭରମ ବହୁମୁଖୀ ଜଳସେଚନ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ପ୍ରଦାନରେ ନିୟମ ଉଲ୍ଲଂଘନ ଅଭିଯୋଗ ହୋଇଥିଲା। ଏ ନେଇ ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ର ଓ ଅନ୍ୟମାନଙ୍କୁ ଜବାବ ମାଗିଛନ୍ତି। ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଏମ୍.ଏମ୍. ସୁନ୍ଦ୍ରେଶଙ୍କ ଖଣ୍ଡପୀଠ କେନ୍ଦ୍ର ସମେତ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଏବଂ ଓଡ଼ିଶା ସରକାରଙ୍କୁ ନୋଟିସ୍ ଜାରି କରି ଆସନ୍ତା ବର୍ଷ ଫେବୃୟାରୀ ସୁଦ୍ଧା ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ରାୟ ବିରୋଧରେ ଅର୍ଥନୀତିଜ୍ଞ ପେନ୍ତପତି ପୁଲ୍ଲାରାଓ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ, ଜଳଶକ୍ତି ମନ୍ତ୍ରଣାଳୟ, ଆନ୍ଧ୍ରପ୍ରଦେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ପୋଲାଭରମ କର୍ତ୍ତୃପକ୍ଷଙ୍କ ମିଳିତ କମିଟି ରିପୋର୍ଟକୁ ଏନ୍‌ଜିଟି ବିଚାରକୁ ନେଇ ନ ଥିବା ପିଟିଶନରେ ଦର୍ଶାଯାଇଥିଲା। ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନରେ ପରିବେଶ ନିୟମର ଉଲ୍ଲଂଘନ କରାଯିବା ସହ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଦ୍ୱାରା ସତର୍କତାମୂଳକ ସର୍ତ୍ତାବଳୀ କାର୍ଯ୍ୟକାରୀ ହୋଇ ନ ଥିବା ଅଭିଯୋଗ ହୋଇଥିଲା। ପ୍ରକଳ୍ପ ସ୍ଥଳରେ ପରିବେଶ ନିୟମ ଉଲ୍ଲଂଘନ ହେବା ସହ ପାଖ କୃଷିଜମିରେ ବିପୁଳ ପରିମାଣର ବର୍ଜ୍ୟସାମଗ୍ରୀ ଫିଙ୍ଗାଯାଉଥିବା ପୁଲ୍ଲାରାଓ ଅଭିଯୋଗ କରିଥିଲେ।

# ପ୍ରବାସୀ ଭୋଟରଙ୍କ ଲାଗି ରିମୋଟ୍ ଭୋଟିଂ ମେଶିନ

**୧୬ରେ ପ୍ରଦର୍ଶନ ଲାଗି ରାଜନୈତିକ ଦଳଙ୍କୁ ଇସିଙ୍କ ଆମନ୍ତ୍ରଣ**

**ନୂଆଦିଲ୍ଲୀ,୨୯।୧୨**

ଦେଶର ବିଭିନ୍ନ ଭାଗରେ ରହୁଥିବା ପ୍ରବାସୀମାନଙ୍କ ମତଦାନ ପାଇଁ ନିର୍ବାଚନ କମିଶନ (ଇସି) ଏକ ରିମୋଟ୍ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଆର୍‌ଭିଏମ୍)ର ମଡେଲ ବିକଶିତ କରିଥିବା ରବିବାର କହିଛନ୍ତି। ନିର୍ବାଚନମଣ୍ଡଳୀଠାରୁ ଦୂରରେ ଥିବା ଭୋଟରମାନଙ୍କ ଲାଗି ମଲ୍ଟି-କନ୍‌ଷ୍ଟିଚ୍ୟୁଏନ୍ସି ଇଭିଏମ୍ ପ୍ରୋଟୋଟାଇପ୍‌ର ପ୍ରଦର୍ଶନ ନିମନ୍ତେ ଇସି ରାଜନୈତିକ ଦଳଗୁଡ଼ିକୁ ଆମନ୍ତ୍ରଣ କରିଛନ୍ତି। ନିର୍ବାଚନରେ ଭୋଟରମାନଙ୍କ ଯୋଗଦାନ ବଢ଼ାଇବା ଲାଗି ଏଭଳି ପଦକ୍ଷେପ ନିଆଯାଇଛି। ଜାନୁୟାରୀ ୧୬ରେ ଏହି ପ୍ରଦର୍ଶନ କରାଯିବ। ଏହା କାର୍ଯ୍ୟକାରୀ ହେଲେ ପ୍ରବାସୀ ଭୋଟରମାନଙ୍କୁ ମତଦାନ ପାଇଁ ଆଉ ନିଜ ଜିଲାକୁ ଆସିବାକୁ ପଡ଼ିବ ନାହିଁ। ରିମୋର୍ଟ ଭୋଟିଂ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ନେଇ ନିର୍ବାଚନ କମିଶନ ବିଭିନ୍ନ ଷ୍ଟେକ୍‌ହୋଲ୍ଡରଙ୍କ ମତାମତ ଏବଂ ପ୍ରୋଟୋଟାଇପ୍ ପ୍ରଦର୍ଶନ ଆଧାରରେ ନିଷ୍ପତ୍ତି ନେବେ ବୋଲି ଏକ ବିବୃତିରେ କୁହାଯାଇଛି। ଏଥିସହିତ ରାଜନୈତିକ ଦଳଗୁଡ଼ିକଠାରୁ ଏନେଇ ଆଇନଗତ, ପ୍ରଶାସନିକ ଏବଂ ବୈଷୟିକ ଚ୍ୟାଲେଞ୍ଜକୁ ନେଇ ମତାମତ ଲୋଡ଼ାଯାଇଛି।



ସିଇସି ରାଜୀବ କୁମାର

ଏକ ରାଷ୍ଟ୍ରାୟତ୍ତ କମ୍ପାନୀ ଏହି ମଲ୍ଟି-କନ୍‌ଷ୍ଟିଚ୍ୟୁଏନ୍ସି ରିମୋର୍ଟ ଇଭିଏମ୍ ବିକଶିତ କରିଛି। ଏହି ମେଶିନ ସହାୟତାରେ ଗୋଟିଏ ରିମୋଟ୍ ପୋଲିଂ ବୁଥ୍‌ରୁ ଏକସଙ୍ଗେ ୭୨ଟି ନିର୍ବାଚନ ମଣ୍ଡଳୀ ପର୍ଯ୍ୟନ୍ତ ପ୍ରବାସୀ ଭୋଟରଙ୍କ ଭୋଟ ଗ୍ରହଣ କରାଯାଇପାରିବ ବୋଲି ନିର୍ବାଚନ କମିଶନ କହିଛନ୍ତି। ଯୁବ ଭୋଟର ଏବଂ ସହରାଞ୍ଚଳ ଭୋଟରଙ୍କ ମତଦାନ ପ୍ରତି ବୀତସ୍ପୃହତାକୁ ଦୃଷ୍ଟିରେ ରଖି ରିମୋଟ ଭୋଟିଂ ବ୍ୟବସ୍ଥା କରିବା ଲାଗି ନିର୍ବାଚନ କମିଶନ ଆଗ୍ରହ ପ୍ରକାଶ କରିଛନ୍ତି। ନିର୍ବାଚନ ଗଣତନ୍ତ୍ରରେ ଭାଗୀଦାରି ବଢ଼ାଇବାରେ ଏହା ବଡ଼ ପରିବର୍ତ୍ତନ ଆଣିପାରିବ ବୋଲି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର କହିଛନ୍ତି।

# ବିନା ହିଜାବରେ ଚେସ୍ ଖେଳିଲେ ଇରାନୀୟ ମହିଳା

**ଅଲ୍‌ମାଟି,୨୯।୧୨**

କାଜାଖାସ୍ତାନର ଅଲ୍‌ମାଟିରେ ବୁଧବାର ଏଫ୍‌ଆଇଡିଇ ୱାର୍ଲ୍ଡ ରାପିଡ୍ ଆଣ୍ଡ ବ୍ଲିଜ୍ ଚାମ୍ପିୟନ୍‌ଶିପ୍ ଆୟୋଜିତ ହୋଇଯାଇଛି। ଏଥିରେ ଇରାନର ଚେସ୍ ଖେଳାଳି ସାରା ଖାଦେମ୍ ଭାଗନେଇଥିଲେ। ଇରାନ ସରକାର ମହିଳାମାନଙ୍କ ପାଇଁ ହିଜାବ ପରିଧାନକୁ ବାଧ୍ୟତାମୂଳକ କରିଥିବାବେଳେ ସାରା ଏହାକୁ ଅବଜ୍ଞା କରି ଚେସ୍ ଖେଳିଥିଲେ। ତାଙ୍କ ମୁଣ୍ଡରେ କୌଣସି ହେଡ୍‌ସ୍କାର୍ଫ ନ ଥିଲା। ଇଣ୍ଟରନ୍ୟାଶନାଲ ଚେସ୍ ଫେଡେରେଶନ୍ ୱେବ୍‌ସାଇଟ୍ ଅନୁସାରେ ୧୯୯୭ରେ ଜନ୍ମିତ ସାରା ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ୮୦୪ତମ ସ୍ଥାନ ଅଧିକାର କରିଛନ୍ତି। ସାରାସାଦତ୍ ଖାଦେମାଲଶରିଏହ ନାମରେ ପରିଚିତ ଏହି ସ୍ପୋର୍ଟ୍ସୱମେନ୍‌ଙ୍କ ନାମକୁ ଉଭୟ ରାପିଡ୍ ଏବଂ ବ୍ଲିଜ୍ କମ୍ପିଟିଶନ୍‌ରେ ଜଣେ ପ୍ରତିଯୋଗୀ ଭାବେ ତାଲିକାଭୁକ୍ତ କରାଯାଇଛି।



ଇରାନର ଚେସ୍ ଖେଳାଳି ସାରା ଖାଦେମ୍

ପ୍ରକାଶ ଯେ, ସେପ୍ଟେମ୍ବର ୧୩ରେ ୨୨ ବର୍ଷୀୟା କୁର୍ଦ୍ଦିଶ ବଂଶୋଦ୍ଭବ ମହସା ଅମିନି ଉଚିତ ଢଙ୍ଗରେ ହିଜାବ ପରିଧାନ କରି ନ ଥିବା ଦର୍ଶାଇ ମୋରାଲିଟି ପୋଲିସ ତାଙ୍କୁ ଗିରଫ କରିଥିଲା। ଏହାର ୩ ଦିନ ପରେ ପୋଲିସ ହାଜତରେ ତାଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ବର୍ବରତାରେ ମହସାଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଥିଲା। ସେବେଠୁ ଏହାର ପ୍ରତିବାଦରେ ଯୁବପିଢ଼ି ହିଜାବ ବିରୋଧୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ଯୁବତୀମାନେ ନିଜ ଚୁଟି କାଟି ହିଜାବକୁ ଜାଳିବାରେ ଲାଗିଥିଲେ। ପୋଲିସ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇଥିଲା। ପୋଲିସ ବର୍ବରତାରେ ଅଦ୍ୟାବଧି ପ୍ରାୟ ୫୦୦ ଜଣଙ୍କ ମୃତ୍ୟୁ ଘଟିଲାଣି। ଦୀର୍ଘ ଅଢ଼େଇ ମାସର ଆନ୍ଦୋଳନ ପରେ ସରକାର ମୁଣ୍ଡ ନୁଆଁଇ ଧର୍ମୀୟ ବ୍ୟାପାରରେ ହସ୍ତକ୍ଷେପ କରୁଥିବା ମୋରାଲିଟି ପୋଲିସକୁ ଉଚ୍ଛେଦ କରିବାକୁ ନିଷ୍ପତ୍ତି ନେଇଥିଲେ।

# କେନ୍ଦ୍ରୀୟ ଅନୁଦାନ ନେଇ ବାକ୍‌ଯୁଦ୍ଧ

## ଅନୁଗୋଳରେ ବିଜେଡି-ଭାଜପାର ଶକ୍ତି ପ୍ରଦର୍ଶନ

**ଅନୁଗୋଳ ଅଫିସ, ୨୯।୧୨**

ଓଡ଼ିଶାକୁ ମିଳୁଥିବା କେନ୍ଦ୍ରୀୟ ଅନୁଦାନ ନେଇ ବିଜେଡିଓ ଭାଜପା ନେତାଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଦେଖିବାକୁ ମିଳିଛି। ଅନୁଗୋଳଠାରେ ଗୁରୁବାର ବିଭିନ୍ନ ଉଦ୍‌ଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ବେଳେ ଦୁଇ ଦଳର ନେତା ଏ ନେଇ ପରସ୍ପରକୁ ଆକ୍ଷେପ କରିଥିବା ଜଣାପଡ଼ିଛି।

ଅନୁଗୋଳ ଷ୍ଟାଡିୟମଠାରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଉପସ୍ଥିତ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ସିଧାସଳଖ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଥିଲେ। ଏମ୍‌ପି କହିଥିଲେ ଶିକ୍ଷା କ୍ଷେତ୍ରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶକୁ ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି। ଏଥିପାଇଁ କେନ୍ଦ୍ର ସରକାରଙ୍କ ନିକଟରୁ ପ୍ରଶଂସା ମଧ୍ୟ ପାଇଛନ୍ତି। କିନ୍ତୁ କେତେଜଣ ନେତା ସାମାନ୍ୟ କିଛି କେନ୍ଦ୍ରୀୟ ଅନୁଦାନ ଆଣି ଦାନୀକର୍ଣ୍ଣ ବୋଲି କହୁଛନ୍ତି। ମନେରଖିବା ଦରକାର, ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ୨ ହଜାର କୋଟି ଟଙ୍କାର ରାଜସ୍ୱ ପ୍ରଦାନ କରୁଛି। କିନ୍ତୁ ପଟିଆରା ନ ଥିବା କି ଖାତା ଖତିଆନ ନ ଥିବା କେତେଜଣ ବ୍ୟକ୍ତି ଅଯଥା ଚିତ୍କାର କରୁଛନ୍ତି। ତାଳଚେର ମେଡିକାଲ କଲେଜ ଚାଲୁ କରିବାକୁ ଚାହିଁଲେ, ହେଲେ


ଧର୍ମେନ୍ଦ୍ର ପ୍ରଧାନ


ମହେଶ ସାହୁ

ଏମ୍‌ସିଏଲ ଟିମ୍‌କୁ ପଠାଇବାକୁ କେନ୍ଦ୍ର ସରକାରଙ୍କ ସାହସ ହେଲାନି। କୋଠାଟିକୁ ଉଦ୍‌ଘାଟନ କରିବାକୁ ଆସିଲେ ନାହିଁ। ଏବେ ଚିତ୍କାର କରୁଛନ୍ତି ଏତେ ଲୋକଙ୍କୁ ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ କରିଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଶ୍ରେଷ୍ଠ ଓ ଆଦର୍ଶ ମୁଖ୍ୟମନ୍ତ୍ରୀ ବୋଲି ପ୍ରମାଣପତ୍ର ମିଳିଛି। ହେଲେ ଯେଉଁମାନେ ଚିତ୍କାର କରୁଛନ୍ତି, ସେମାନେ ନବୀନ ବାବୁଙ୍କ ବିକାଶ ଦେଖି ଈର୍ଷା ପରାୟଣ ହୋଇଛନ୍ତି ବୋଲି ଏମ୍‌ପି ସାହୁ ପ୍ରକାଶ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମର କିଛି ସମୟ ପରେ ଅନୁଗୋଳ କେନ୍ଦ୍ରୀୟ ବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସର ଶିଳାନ୍ୟାସ ଅବସରରେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାର ଜବାବ ରଖିଥିଲେ। ମନ୍ତ୍ରୀ କହିଥିଲେ, ତାଳଚେର ମେଡିକାଲ କଲେଜ ପାଇଁ ବିଭିନ୍ନ ସମୟରେ ଆନ୍ଦୋଳନ କରାଯାଇଛି। ଏହି ଦାବିକୁ ପ୍ରଧାନମନ୍ତ୍ରୀ ପୂରଣ କଲେ। ମେଡିକାଲ ପରିଚାଳନା ବାବଦକୁ ୧୦ ବର୍ଷ ପାଇଁ ଆର୍ଥିକ ସହାୟତା ଦେବାକୁ ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ କେନ୍ଦ୍ର କୋଇଲା ମନ୍ତ୍ରୀ ସ୍ୱୀକୃତି ଦେଲେ। ଏହା ସତ୍ତ୍ୱେ ରାଜ୍ୟ ସରକାର ତାଳଚେର ମେଡିକାଲ କଲେଜର ପରିଚାଳନା ପାଇଁ ଆବେଦନ ନ କରିବା ଦୁର୍ଭାଗ୍ୟଜନକ। ଜିଲା ଖଣିଜ ପ୍ରତିଷ୍ଠାନ କାହାର। ରାଜ୍ୟକୁ କେନ୍ଦ୍ର ୧୫୦୦ କୋଟି ଟଙ୍କା ଦେଉଥିବାବେଳେ ଅନୁଗୋଳ ଭାଗରେ ୮ଶହ କୋଟି ପଡୁଛି। କିନ୍ତୁ ଏହି ଟଙ୍କା ବିନା ଟେଣ୍ଡରରେ କାର୍ଯ୍ୟ ହେଉଛି। ମୁଖ୍ୟମନ୍ତ୍ରୀ ମାଛ ତେଲରେ ମାଛ ଭାଜୁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ। ସେହିପରି ଅନ୍ୟ ଦୁଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ପ୍ରହ୍ଲାଦ ଜୋଷୀ ମଧ୍ୟ ରାଜ୍ୟ ସରକାରଙ୍କୁ ଅନେକ କ୍ଷେତ୍ରରେ ସମାଲୋଚନା କରିଥିଲେ।

# ଓକିଲଙ୍କ ଜାମିନ, କୋର୍ଟକାର୍ଯ୍ୟ ସ୍ୱାଭାବିକ କରିବାକୁ ପ୍ରୟାସ

**ଝାରସୁଗୁଡ଼ା ଅଫିସ, ୨୯।୧୨**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଚାଲିଥିବା ଆନ୍ଦୋଳନ ଗତ ୧୨ତାରିଖରେ ଉଗ୍ରରୂପ ଧାରଣ କରିଥିଲା। ସମ୍ବଲପୁର କୋର୍ଟ ପରିସରରେ ଭଙ୍ଗାରୁଜା ସହ ବିଚାରପତିଙ୍କୁ ବାହାର କରିଦେବା ଭଳି ଘଟଣା ଘଟିଥିଲା। ଏହି ଘଟଣାରେ ପୋଲିସ ୩୦ଜଣ ଓକିଲଙ୍କ ସମେତ ମୋଟ ୩୯ଜଣଙ୍କୁ ଗିରଫ କରିଥିବାବେଳେ ସମସ୍ତେ ଜେଲ୍‌ରେ ଅଛନ୍ତି। ଏ ନେଇ କୋର୍ଟରେ ୨ଥର ଜାମିନ ଆବେଦନ ହୋଇଥିଲେ ମଧ୍ୟ ତାହା ନାମଞ୍ଜୁର ହୋଇଛି। ଏହାର ପ୍ରତିବାଦରେ ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଏଭଳି ସ୍ଥିତିରେ କୋର୍ଟ କାର୍ଯ୍ୟ ସ୍ୱାଭାବିକ କରିବା ସହ ଓକିଲଙ୍କ କିଭଳି ଜାମିନ ହେବ ସେ ନେଇ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ ତରଫରୁ ପ୍ରୟାସ ଆରମ୍ଭ ହୋଇଛି। ଝାରସୁଗୁଡ଼ା ଜିଲା ଓକିଲ ସଂଘ କାର୍ଯ୍ୟାଳୟରେ ସଭାପତି ତ୍ରିନାଥ ଗୁଆଲଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର, ସୁନ୍ଦରଗଡ଼, ରାଜଗାଙ୍ଗପୁର, କୁଚିଣ୍ଡା, ବରପାଲି, ଝାରସୁଗୁଡ଼ା ଆଦି ଓକିଲ ସଂଘର କର୍ମକର୍ତ୍ତା ଯୋଗଦେଇ ଆଇନଜୀବୀଙ୍କ ଗିରଫଦାରିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଆଲୋଚନା ବରିଷ୍ଠ ଆଇନଜୀବୀମାନେ ନିଜନିଜର ମତ ରଖିଥିଲେ। ଏହି ମତାମତକୁ ନେଇ ସିଏସି (କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି) ସହିତ ଆଲୋଚନା କରାଯାଇ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏକ ପ୍ରତିନିଧି ଦଳ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ସୁପ୍ରିମକୋର୍ଟ ଓ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରିବେ ବୋଲି ସମ୍ମିଳନୀରେ ଆଲୋଚନା ହୋଇଛି।

# ୫ରେ ରାଉରକେଲା ଯିବେ ମୁଖ୍ୟମନ୍ତ୍ରୀ

**ରାଉରକେଲା ଅଫିସ, ୨୯।୧୨:** ଆସନ୍ତା ଜାନୁୟାରୀ ୧୩ରେ ଷ୍ଟିଲସିଟି ରାଉରକେଲାରେ ପ୍ରଥମ କରି ପୁରୁଷ ହକି ବିଶ୍ୱକପ୍ ଖେଳାଯିବ। ଏଥିପାଇଁ ବିର୍ସାମୁଣ୍ଡା ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଶେଷ ହେବା ସହ ଏଠାରେ ହକିର ଅଭ୍ୟାସ ମ୍ୟାଚ୍ ହେଉଛି। ଅନ୍ୟପକ୍ଷେ ଏହି ଷ୍ଟାଡିୟମର ଉଦ୍‌ଘାଟନୀ ଉତ୍ସବ ଓ ୨୫ଟି ମୋ ବସ୍ ଚଳାଚଳ ବ୍ୟବସ୍ଥାର ଶୁଭାରମ୍ଭ କରିବା ପାଇଁ ଜାନୁୟାରୀ ୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଉରକେଲା ଗସ୍ତରେ ଆସୁଥିବା ସୂଚନା ମିଳିଛି। ଉକ୍ତଦିନ ମୁଖ୍ୟମନ୍ତ୍ରୀ ବିର୍ସାମୁଣ୍ଡା ଷ୍ଟାଡିୟମ ଓ ମୋ ବସ୍ ସେବାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ରାଉରକେଲା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ର ସୂଚନା ଦେଇଛନ୍ତି ।


## ODISHA PUBLIC SERVICE COMMISSION, CUTTACK

**NOTICE**

**No. 11660/PSC Dt.29.12.2022**

**PF-1E-11-2021/22 (DR-III)**

No. D-268: It is for information of all concerned that, pursuant to Advt. No. 24 of 2021-22, **76 (Seventy Six)** candidates bearing following PPSAN have been allowed to appear in the interview to determine their eligibility for recruitment to the post of **Post Graduate Teachers in Chemistry**. The Interview in respect of the following candidates will be held in the Office of the Commission, 19, Dr. P.K. Parija Road, Cuttack - 753001 on 17.01.2023, 18.01.2023, 19.01.2023, 20.01.2023 & 21.01.2023 as per the Programme mentioned below.

**PROGRAMME OF INTERVIEW**

| Sl. No. | Date | Time of Interview | PPSAN of Candidates |
|---|---|---|---|
| 1 | 17.01.2023 | 10.30 A.M. | 00101047, 00116483, 00115021, 00118222, 00098357, 00101409, 00043916, 00040402, 00116385 & 00117259 = **10 Candidates** |
| | | 2.30 P.M. | 00114755, 00050104, 00133487, 00115155, 00124214, 00023562 & 00127299 = **07 Candidates** |
| 2 | 18.01.2023 | 10.30 A.M. | 00120434, 00095935, 00117755, 00115108, 00101331, 00102522, 00114672, 00090635, 00100278 & 00095440 = **10 Candidates** |
| | | 2.30 P.M. | 00089884, 00101505, 00103025, 00115690, 00046358, 00031603 & 00117381 = **07 Candidates** |
| 3 | 19.01.2023 | 10.30 A.M. | 00078090, 00098955, 00100737, 00114360, 00101227, 00118855, 00050643, 00095060, 00117045 & 00120540 = **10 Candidates** |
| | | 2.30 P.M. | 00119212, 00021427, 00123358, 00120268, 00116651, 00122337 & 00124184 = **07 Candidates** |
| 4 | 20.01.2023 | 10.30 A.M. | 00018234, 00052957, 00126900, 00126507, 00120537, 00047809, 00040546, 00114713, 00099838 & 00034390 = **08 Candidates** |
| | | 2.30 P.M. | 00052626, 00116905, 00115017, 00116106, 00127991, 00127159 & 00069756 = **07 Candidates** |
| 5 | 21.01.2023 | 10.30 A.M. | 00099523, 00122039, 00118582, 00103456, 00114399, 00104739, 00114011 & 00081544 = **08 Candidates** |

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.

The candidates are advised to report in the Office of the Commission **half an hour before the commencement of interview** on the scheduled date & time as mentioned above.

**Note:** The candidates are informed that the pedagogy skill is part of the interview. They are to come prepared to present a topic of their choice within 8 to 10 minutes before the Interview Board. White board shall be provided by the commission for the purpose.

**OIPR-12002/11/0238/2223** **Sd./- Secretary**


# ରେଳୱେ ଚାକିରିରୁ ମନୋଜ ମିଶ୍ରଙ୍କ ଇସ୍ତଫା

**ଭୁବନେଶ୍ୱର, ୨୯।୧୨ (ବ୍ୟୁରୋ)**

୧୯୯୯ ବ୍ୟାଚ୍ ଇଣ୍ଡିଆନ ରେଲୱେ ଟ୍ରାଫିକ ସର୍ଭିସ(ଆଇଆର୍‌ଟିଏସ୍) ଅଫିସର ମନୋଜ କୁମାର ମିଶ୍ର ସରକାରୀ ଚାକିରିରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫାକୁ ରାଷ୍ଟ୍ରପତି ସ୍ୱୀକାର କରିଥିବା ନେଇ ବୁଧବାର ରେଳ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ସୂଚନା ଜାରି ହୋଇଛି। ତେବେ ସେ ରେଳପଥ ସେବାରୁ ଇସ୍ତଫା ଦେଇଥିଲେ ମଧ୍ୟ ଓଡ଼ିଶା ସରକାରଙ୍କ ବିଭିନ୍ନ ସଚିବ ପଦବୀରେ କାର୍ଯ୍ୟ ଜାରି ରଖିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁସାରେ, ୨୦୧୭ରେ ଓଡ଼ିଶାକୁ ଡେପୁଟେଶନରେ ଆସିଥିବା ୧୯୯୯ ବ୍ୟାଚ୍ ଆଇଆର୍‌ଟିଏସ୍ ମନୋଜ କୁମାର ମିଶ୍ର ଏବେ ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି, ବାଣିଜ୍ୟ ଓ ପରିବହନ ବିଭାଗ ସ୍ୱତନ୍ତ୍ର ସଚିବ, ରେଳ କୋଅର୍ଡିନେସନ କମିଶନର, ରାଜ୍ୟ ଆଇଟି ସଚିବ ଓ ଓକାକ୍ ଚେୟାରମ୍ୟାନ୍ ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କ ଆଇଆର୍‌ଟିଏସ୍ ଚାକିରିରୁ ଇସ୍ତଫା ନେଇ ଆବେଦନ ପତ୍ରକୁ ରାଷ୍ଟ୍ରପତି ୨୦୨୨ ଡିସେମ୍ବର ୨୮ତାରିଖରୁ ସ୍ୱୀକାର କରିଥିବା ନେଇ ରେଳ ମନ୍ତ୍ରଣାଳୟ ପକ୍ଷରୁ ପୂର୍ବତଟ ରେଳପଥକୁ ଅବଗତ କରାଯାଇଛି। ଏବେ ସେ ଓଡ଼ିଶା ସରକାରରେ ଯେଉଁସବୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଛନ୍ତି ସେହିସବୁ ପଦକୁ ବଜାୟ ରଖିବେ। ଏଥିପାଇଁ ରାଜ୍ୟ କ୍ୟାବିନେଟ ଆବଶ୍ୟକ ଅନୁମୋଦନ ଦେଇଥିବା ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ପ୍ରଣୟନ ଓ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ମନୋଜ ମିଶ୍ରଙ୍କ ଭାଗୀଦାରି ରହିଥିବାବେଳେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ମଧ୍ୟ ସେ ପ୍ରମୁଖ ଭୂମିକା ତୁଲାଇଥିଲେ।

# ଜେଲ ଗଲେ କୋଟିପତି ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ



**ଭବାନୀପାଟଣା, ୨୯।୧୨ (ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ପୌରପାଳିକାର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସମୀର ଠାକୁରଙ୍କ ଘରେ ବୁଧବାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବିଭାଗ ଚଢ଼ାଉ କରିଥିଲା। ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଠାକୁର ତାଙ୍କ ଦରମାରୁ ୨୦୦%ରୁ ଅଧିକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଓ ଏହାର ପରିମାଣ ୨ କୋଟି ୩ ଲକ୍ଷ ୭୩ ହଜାର ୯୪୪ ଟଙ୍କା ବୋଲି ବିଭାଗ ପକ୍ଷରୁ ଜଣାପଡିଛି। ଗୁରୁବାର ଭବାନୀପାଟଣା ଭିଜିଲାନ୍ସ ସ୍ପେଶିଆଲ ଜଜ୍ ନିକଟରେ ତାଙ୍କୁ ହଜାର କରାଯାଇଥିଲା। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଭବାନୀପାଟଣା ଜେଲ କାରାଗାରକୁ ପଠାଇ ଦିଆଯାଇଛି। ବୁଧବାର ଚଢ଼ାଉ ବେଳେ ନଗଦ ୪୯ ହଜାର ୧୬୩ ଟଙ୍କା, ବ୍ୟାଙ୍କ, ପୋଷ୍ଟାଲ ଓ ଇନସ୍ୟୁରାନ୍ସ ଜମା ୫୨.୫୬ଲକ୍ଷ, ଗୋଟିଏ କାର, ୨୫୦ ଗ୍ରାମ ସୁନା, ୯୩୦ ଗ୍ରାମ ରୁପା ଜବତ ହୋଇଥିଲା। ସେହିପରି ମହାବୀର ପଡ଼ାରେ ୭୦୩୩ ବର୍ଗଫୁଟର ନିର୍ମିତ କୋଠା ଯାହାର ଦାମ ପ୍ରାୟ ୧ କୋଟି, ଇରିଗେସନ କଲୋନିରେ ୨୫୦୦ ବର୍ଗଫୁଟର ୨ ମହଲା କୋଠା ଯାହାର ଦାମ ପ୍ରାୟ ୬୦ ଲକ୍ଷ ଓ ଭବାନୀପାଟଣା ସହର ଆଖପାଖରେ ୩ଟି ପ୍ଲଟ ରହିଥିବା ଜଣାପଡିଥିଲା।


## GOVERNMENT OF ODISHA
## OFFICE OF THE EXECUTIVE ENGINEER (C), DIRECTORATE OF FISHERIES, ODISHA, CUTTACK

No.M-72:-

**E-MAIL: eefedcuttack@gmail.com**

**Bid Identification No. 1922/ Dt.27.12.2022**

| | | | |
|---|---|---|---|
| 1 | No. of works | : | 06 (Six) Number of Civil Works |
| 2 | Type of works | : | Civil works |
| 3 | Approximate estimated cost | : | Rs.42.46 Lakhs to Rs.82.22 Lakhs |
| 4 | Class of contractor | : | 'B' |
| 5 | Period of completion | : | 06 (Six) calendar months |
| 6 | Date of sale & receipt | : | Dt.09.01.2023 to 2.00 P.M. of Dt.20.01.2023 (Working days only) |
| 7 | Date of opening | : | Dt.24.01.2023 at 11.00 A.M. |
| 8 | Name of office inviting bid | : | Executive Engineer (C), Directorate of Fisheries, Odisha, Cuttack |

Further details can be seen in the bidding documents & can be downloaded from the Government of Odisha website (http://www.odisha.gov.in). Authority reserves the right to reject any or all the tenders without assigning any reason thereof.

**Sd./- Executive Engineer (C)**
**Directorate of Fisheries, Odisha, Cuttack**
OIPR-06030/11/0012/2223

## ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ରାଉରକେଲା
## OFFICE OF THE DIVISIONAL FOREST OFFICER CUM WILDLIFE WARDEN
## ROURKELA FOREST DIVISION, ROURKELA, SUNDARGARH, ODISHA

**Phone No. 0661- 2664637, Fax No. 0661-2664638, e mail- dforourkela.od@gov.in**

No.MM-374 **Order No. 539/ Dtd.28.12.2022**

**INVITATION FOR BIDS (IFB)**

**E-Procurement Bid Identification No. RKL-F.E. & C.C. / 2022-23 Dtd.28.12.2022**

| | | | |
|---|---|---|---|
| 1 | Name of work | : | Construction of External Civil Work, Reception Block, Staff Cottage & Guest Cottage (6 Nos.) at Mandira Dam, Laing of Rajgangpur Range, Rourkela Forest Division. |
| 2 | No. of works | : | 01 No. |
| 3 | No. of covers | : | Double Cover |
| 4 | Estimated cost | : | Rs.4,85,95,883.00 |
| 5 | Period of completion | : | 06 (Six) calendar months |
| 6 | Date & time of availability of bid documents in portal | : | From 01.00 P.M. of dated 31.12.2022 to 05.00 P.M. of dated 14.01.2023 |
| 7 | Last date / time for receipt of bids in the portal | : | Upto 05.00 P.M. of dated 14.01.2023 |
| 8 | Date of opening of bid documents | : | At 11.00 A.M. on dated 16.01.2023 |
| 9 | Class of contractor | : | 'A' Class contractor |
| 10 | Name and address of officer inviting bid | : | Divisional Forest Officer, Rourkela Forest Division |

Further, details can be seen from the e-Procurement portal www.tenderodisha.gov.in. The addendum / corrigendum if any will be hosted in the website only.

**Sd./- Divisional Forest Officer, Rourkela Forest Division**
OIPR-08044/11/0017/2223

## OFFICE OF THE EXECUTIVE ENGINEER, P.H. DIVISION, ANGUL

**No. C-2169**

**Ph. (06764) 230431, Email: eephangul@yahoo.in**
**GOVERNMENT OF ODISHA**

**e-Procurement Notice for PH Works**

**Bid Identification No. SE PH Division Angul - 18/2022-23 Dt.28.12.2022**

| | | | |
|---|---|---|---|
| 1. | Name of the work | : | P.H. Work |
| 2. | Nos. of Work | : | 2 (Two) Nos. Two Bid System |
| 3. | Estimated Cost | : | Rs.315.61 lakhs |
| 4. | Period of Completion | : | 2 (Two) Calendar Months |
| 5. | Date & time of availability of Bid document | : | From 11.00 A.M. of 06.01.2023 to 5.00 P.M. of 20.01.2023 |
| 6. | Last date/time of receipt of bids in the portal | : | 5.00 P.M. of 20.01.2023 |
| 7. | Date & time of Opening of Bid | : | 11.00 A.M. of 21.01.2023 |
| 8. | Name & address of the Officer Inviting Bid | : | Superintending Engineer, P.H. Division, Angul |
| 9. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website. | | |

**Sd./- (Er. Bilash Kumar Behera)**
**Superintending Engineer, P.H. Division, Angul**
**OIPR-13056/11/0010/2223**

## ZILLA SWASTHYA SAMITI, GAJAPATI
## TENDER CALL NOTICE

**No. 8212 Dated: 30.11.2022**

No. E-771: Sealed tenders are invited from registered manufacturers/authorized distributors/traders for supply of Drugs and consumables (In Generic) and other items for Gajapati district, Odisha. The details regarding the terms & conditions and the tender papers may be downloaded from **www.gajapati.nic.in** or available at O/o. CDM & PHO, Gajapati (Sub Store Section) upto Dt.26.12.2022 during office hours on all working days. The tenders should reach this office of the undersigned by Dt.03.01.2023 upto 5.00 P.M. through Regd. Post/ Speed Post or Courier services only along with all the relevant documents and E.M.D. The tenders will be opened on dated Dt.04.01.2023 at 12.00 Noon in presence of the tenderers or their authorised representatives. The undersigned reserves the right to reject or cancel any or all the tenders without assigning any reason thereof.

**Sd./- Chief District Medical & Public Health Officer, Gajapati**
OIPR-10105/11/0015/2223

## Bhubaneswar Municipal Corporation

*Progress through Partnership for better Bhubaneswar*

**XX-II(L) - 29/22 Date: 28.12.2022**

**Notice No. 60881**

**CORRIGENDUM - 2**

**Shifting of 3 (Three) Parking Lots from Package - 4 to Package - 5**

**Auction Sale Notice for Package of / Individual Parking Lots in BMC area**

No. C-2165: In reference to the Auction Sale Notice for Parking of / Individual Parking lots in BMC area, Tender No. 54783 dated 23.11.2022, the following three (03) parking lots of Package - 4 have been shifted to Package - 5.

i. Kalamandir to Reliance Showroom, Saheed Nagar.
ii. Keyers South Indian, Saheed Nagar.
iii. Panda Life Style, Saheed Nagar.

Subsequent to the above, the estiamted Upset Price of the Package - 4 is reduced to Rs.17,35,800/- from Rs.24,44,090/- and the estimated Upset Price of Package - 5 is increased to Rs.37,97,804/- from Rs.31,09,204/-. The details of packages & individual parking lots are enclosed in the proceeding of Pre-bid Meeting along with Annexure - 1. The terms and conditions will remain the same. However, BMC reserves the right to cancel the tender at any stage, even during the contract period, without assigning any reason thereof.

With reference to the Corrigendum Notice No. 59018 dated 19.12.2022, the submission date of tender paper will remain the same i.e. 03.01.2023 (upto 4.00 P.M.) opening of Tender Paper is 03.01.2023 (@ 5.00 P.M.) and sale of tender paper is upto 02.01.2023 (during office hour).

Those who have applied earlier in pursuance to the tender Notice No. 54783 dated 23.11.2022 are not required to apply again. However, those who have applied for the parking lot which has undergone changes due to corrigendum are required to apply afresh for the desired parking lot.

The detials of the tender and changes, if any, are available in BMC/Zone Office notice boards and BMC Website: **http://bmc.gov.in**.

**Sd./- Deputy Commissioner (Revenue)**
**Bhubaneswar Municipal Corporation**
OIPR-13002/11/0199/2223

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION-II, BHADRAK

**No. O-1546**

ee_rwbdk2@yahoo.co.in

**"e" Procurement Notice for Road Works**

**1st Corrigendum to Identification Online Tender 08/RWD-II/2022-23 Dtd.20.12.2022**

Due to some unavoidable circumstances, the availability of online tender for bidding from 30.12.2022 at 4.00 P.M. to 10.01.2023 upto 4.00 P.M. is hereby cancelled & following chagnes has been made.

| Procurement Officer | Bid Identification No. | Availability of Tender Online for Bidding | | Last Date & Time of seeking tender clarification | Date & Time of Opening of Tender in O/o. S.E.R.W. Division-II, Bhadrak | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | |
| Superintending Engineer, Rural Works Division-II, Bhadrak | 08 | 06.01.2023 at 4.00 P.M. | 17.01.2023 upto 4.00 P.M. | 16.01.2023 upto 3.00 P.M. | 18.01.2023 at 11.00 A.M. | Will be intimated later |

Other conditions are remain same.

**OIPR-25090/11/0015/2223** **Sd./- Superintending Engineer, R.W. Division-II, Bhadrak**

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, KENDRAPARA-JAJPUR

**No. O-1539**

**At/P.O.: Nayabazar, Cuttack - 753004, Tel No. 0671-2444488, Email: serw_kpd@yahoo.com**

**No. Tender Online RCK-40/22** **Letter No. 3399** **Date: 27.12.2022**

**e-Procurement NOTICE**

1. Name of the work : Tender for the road projects of Constituency wise R.D. Roads Developed under CAPEX Scheme during 2022-23 in the Dist. of Jajpur.
2. Class of Contractor : As specified in the Column 5 of the Annexure.
3. Time of Completion : As specified in the Column-6 of the Annexure.
4. Detail Projects : As per Annexure attached
5. Other details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-40/22 | 02.01.2023 at 11.30 A.M. | 28.01.2023 to 05.00 P.M. | 18.01.2023 upto 02.00 P.M. | 19.01.2023 at 11.30 A.M. | To be Intimated Later |

Further details can be seen from the website **www.tendersorissa.gov.in**.

**OIPR-25129/11/0048/2223** **Sd./- Chief Construction Engineer, Rural Works Circle, Kendrapara-Jajpur**

## OFFICE OF THE ENGINEER-IN-CHIEF, OISIP, JICA
## ODISHA WATER SUPPLY & SEWEARGE BOARD

**(A Govt. of Odisha Undertaking)**

**At: Mahanadivihar, P.O.: Nayabazar, Cuttack - 753004, E-mail ID: ce_jica@owssb.in**

**Notification No. 47** **Dt. 28.12.2022**

**ODISHA INTEGRATED SANITATION IMPROVEMENT PROJECT**

**Invitation of applications from retired persons for engagement as Contractual Divisional Accounts Officer and Contractual Senior Clerk in OISIP, JICA, OWSSB, Cuttack**

No.CAD-4318: The Odisha Integrated Sanitation Improvement Project (OISIP) invites application from retired persons to engage 01 No. of Divisional Accounts Officer and 01 No. of Senior Clerk on contractual basis against the vacancy posts for its project at Cuttack and Bhubaneswar.

| Sl. No. | Name of the Contractual Post | Wages | No. of Posts | Qualification, Experience & Age Limit |
|---|---|---|---|---|
| 1 | Divisional Accounts Officer (Contractual) | As per Finance Department office memorandum No. 24533, Dtd.29.09.2022 the Contractual DAO is entitled to get consolidated remuneration of Rs.35,000/- per month, which may change from time to time by Govt. | 01 (One) | 1. The candidate should have retired after working as Senior Divisional Accounts Officer/Divisional Accounts Officer or higher post in any Engineering Office of Odisha State Govt. or Govt. of Odisha undertaking. 2. The candidate should be below 64 years of age as on 31.12.2022. |
| 2 | Senior Clerk (Contractual) | As per Finance Department office memorandum No. 24533 Dtd.29.09.2022 the Contractual Senior Clerk is entitled to get consolidated remuneration of Rs.20,000/- per month, which may change from time to time by Govt. | 01 (One) | 1. The candidate should have retired after working as Senior Clerk/Head Clerk or higher Post in any office of Odisha State Govt. or Govt. of Odisha undertaking having work experience in Accounts &/or Audit. 2. The candidate should be below 64 years of age as on 31.12.2022. |

Interested eligible candidates may apply in plain paper, specifying the post for which applying along with their updated CV, all educational qualification certificate along with copy of pension payment order of final pension order issued by A.G., Odisha/Provisional pension order/copy of proof of retirement from Govt. of Odisha/Govt. of Odisha undertaking in the above address by Speed Post/Regd. Post only, so as to reach this office on or before Dt.12.01.2023. The candidates should furnish their correspondece address, contact Phone No. and E-mail ID for further communication. OISIP authority reserves the right to reject any or all the candidatures without assigning any reason thereof.

**OIPR-32431/11/0011/2223** **Sd./- Engineer-in-Chief, OISIP, JICA, OWSSB, Cuttack**

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ଖୁସି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିମନ୍ତ୍ରଣ ପତ୍ର ପାଇନାହିଁ: ଅଖିଳେଶ

## ଭାରତ ଯୋଡ଼ୋ ଯାତ୍ରା

ନୂଆଦିଲ୍ଲୀ,୨୯।୧୨

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱାଧୀନ ଭାରତ ଯୋଡ଼ୋ ଯାତ୍ରା ଜାନୁୟାରୀ ୩ରେ ଉତ୍ତରପ୍ରଦେଶରେ ପ୍ରବେଶ କରିବ। ଏଥିରେ ଯୋଗଦେବା ପାଇଁ ସମାଜବାଦୀ ପାର୍ଟି ସଭାପତି ଅଖିଳେଶ ଯାଦବ, ବିଏସ୍‌ପି ସୁପ୍ରିମୋ ମାୟାବତୀ, ଆର୍‌ଏଲଡି ମୁଖ୍ୟ ଜୟନ୍ତ ଚୌଧରୀଙ୍କ ସମେତ କେତେକ ଅଣ-ଭାଜପା ଦଳ ନେତାଙ୍କୁ ନିମନ୍ତ୍ରଣ ଦିଆଯାଇଥିବା ନେଇ କଂଗ୍ରେସ ପକ୍ଷରୁ ସୋମବାର ସୂଚିତ କରାଯାଇଥିଲା। ମାତ୍ର ଏ ସମ୍ପର୍କିତ କୌଣସି ନିମନ୍ତ୍ରଣ ପତ୍ର ପାଇନାହାନ୍ତି ବୋଲି ଅଖିଳେଶ କହିଛନ୍ତି। ଲକ୍ଷ୍ନୌଠାରେ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଅଖିଳେଶ କହିଛନ୍ତି, ଭାଜପା ଏବଂ କଂଗ୍ରେସ ସମାନ। ଆମ ଦଳର ନୀତି



ଭିନ୍ନ। ତେବେ ଗଣମାଧ୍ୟମ ପ୍ରତିନିଧିମାନେ ଅଖିଳେଶଙ୍କୁ ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହେବା ପ୍ରସଙ୍ଗରେ ପଚାରିବାରୁ 'ମୁଁ ଏ ପର୍ଯ୍ୟନ୍ତ ଏନେଇ କୌଣସି ନିମନ୍ତ୍ରଣ ପାଇନାହିଁ' ବୋଲି କହିଛନ୍ତି। ତେବେ ଅଖିଳେଶଙ୍କ ଏହି ବିବୃତ୍ତିକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି । ତେବେ ୟୁପି ବିରୋଧୀଦଳ ନେତାଙ୍କୁ ନିମନ୍ତ୍ରଣ ପଠାଯାଇଛି ବୋଲି କଂଗ୍ରେସ ନେତା ସଲମାନ ଖୁର୍ସିଦ ପୂର୍ବରୁ କହିଥିଲେ।

## ଇଲେକ୍ଟୋରାଲ ଟ୍ରଷ୍ଟ

# ୭୨% ଚାନ୍ଦା ପାଇଛି ଭାଜପା

ନୂଆଦିଲ୍ଲୀ,୨୯।୧୨(ପି.ଟି.)

୨୦୨୧-୨୨ରେ ଇଲେକ୍ଟୋରାଲ ଟ୍ରଷ୍ଟ ଜରିଆରେ ବିଭିନ୍ନ ରାଜନୈତିକ ଦଳଙ୍କୁ ମିଳିଥିବା ମୋଟ ଚାନ୍ଦାର ୭୨.୧୭ ପ୍ରତିଶତ ଭାଜପାକୁ ମିଳିଛି। ଏହି ସୂତ୍ରରୁ ଭାଜପା ପାଇଥିବା ଚାନ୍ଦା ପରିମାଣ ୩୫୧.୫୦ କୋଟି ଟଙ୍କା। ଅନ୍ୟପକ୍ଷରେ କଂଗ୍ରେସ ପାଇଥିବା ଚାନ୍ଦା ପରିମାଣ ଟିଆର୍‌ଏସ୍, ସମାଜବାଦୀ ପାର୍ଟି, ଏଏପି ଏବଂ ୱାଇଏସ୍‌ଆର୍ କଂଗ୍ରେସଠାରୁ କମ୍ ବୋଲି ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ରିପୋର୍ଟରେ କୁହାଯାଇଛି। ରାଜନୈତିକ ଦଳଗୁଡ଼ିକ ପାଇଁ କର୍ପୋରେଟ୍ ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କଠାରୁ ଚାନ୍ଦା ସଂଗ୍ରହ ଲାଗି ଇଲେକ୍ଟୋରାଲ ଟ୍ରଷ୍ଟ ନାମରେ ଅଣଲାଭଦାୟକ ସଂଗଠନ ଗଠନ କରାଯାଇଛି। ନିର୍ବାଚନ ଖର୍ଚ୍ଚରେ ସ୍ୱଚ୍ଛତା ଆଣିବା ଏହି ଟ୍ରଷ୍ଟ ଗଠନର ଉଦ୍ଦେଶ୍ୟ।

ଏଡିଆର୍ ତଥ୍ୟ ଅନୁଯାୟୀ ୨୦୨୧-୨୨ରେ ଭାଜପା କଂଗ୍ରେସ ତୁଳନାରେ ୯ ଗୁଣ ଅଧିକ ଚାନ୍ଦା ପାଇଛି। ଅନ୍ୟ ୯ଟି ଦଳର ମୋଟ ଆୟ ତୁଳନାରେ ଭାଜପାର ଚାନ୍ଦା

### କଂଗ୍ରେସର ଆୟ ଟିଆର୍‌ଏସ୍, ଏଏପିଠାରୁ କମ୍



ପରିମାଣ ୨.୫ ଗୁଣ ଅଧିକ। କଂଗ୍ରେସକୁ ଇଲେକ୍ଟୋରାଲ ଟ୍ରଷ୍ଟ ଜରିଆରେ ୧୮.୪୪ କୋଟି ଟଙ୍କା ଚାନ୍ଦା ମିଳିଥିବାବେଳେ ଟିଆର୍‌ଏସ୍ ୪୦ କୋଟି, ସମାଜବାଦୀ ପାର୍ଟି ୨୭ କୋଟି, ଆମ୍ ଆଦ୍‌ମୀ ପାର୍ଟି (ଏଏପି) ୨୧.୧୨ କୋଟି ଏବଂ ୱାଇଏସ୍‌ଆର୍ କଂଗ୍ରେସ ୨୦ କୋଟି ଟଙ୍କା ପାଇଛି। ଅନ୍ୟ ଦଳଗୁଡ଼ିକ ମଧ୍ୟରୁ ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ୭ କୋଟି, ପଞ୍ଜାବ ଲୋକ କଂଗ୍ରେସ ପାର୍ଟି ୧ କୋଟି, ଗୋଆ ଫରୱାର୍ଡ ପାର୍ଟି ଏବଂ ଡିଏମ୍‌କେ ୫୦ ଲକ୍ଷ ଟଙ୍କା ଲେଖାଏଁ ଇଲେକ୍ଟୋରାଲ ଟ୍ରଷ୍ଟରୁ ପାଇଛନ୍ତି। ଏଡିଆର୍ ରିପୋର୍ଟ ଅନୁଯାୟୀ ଇଲେକ୍ଟୋରାଲ ଟ୍ରଷ୍ଟ ଉପରୋକ୍ତ ଆର୍ଥିକ ବର୍ଷରେ ମୋଟ ୪୮୭.୦୯ କୋଟି ଟଙ୍କା ଚାନ୍ଦା କର୍ପୋରେଟ୍ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କଠାରୁ ସଂଗ୍ରହ କରିଥିଲା। ସେଥିରୁ ବିଭିନ୍ନ ଦଳଙ୍କୁ ୪୮୭.୦୬ କୋଟି ଟଙ୍କା (୯୯.୯୯%) ପ୍ରଦାନ କରାଯାଇଛି। ରିପୋର୍ଟ ଅନୁଯାୟୀ ୨୦୨୧-୨୨ ବର୍ଷରେ ୮୯ କର୍ପୋରେଟ୍ ବା ବ୍ୟବସାୟ ସଂସ୍ଥା ଇଲେକ୍ଟୋରାଲ ଟ୍ରଷ୍ଟକୁ ୪୭୫.୮୦ କୋଟି ଟଙ୍କା ଦେଇଛନ୍ତି। ପ୍ରୁଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟକୁ ୪୫୬.୩୦ କୋଟି ଟଙ୍କା ଆସିଥିବାବେଳେ ଏବି ଜେନେରାଲ ଇଲେକ୍ଟୋରାଲ ଟ୍ରଷ୍ଟକୁ ୧୦ କୋଟି, ସମାଜ ଇଲେକ୍ଟୋରାଲ ଟ୍ରଷ୍ଟକୁ ୫ କୋଟି ଏବଂ ଇଣ୍ଡିପେଣ୍ଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟକୁ ୨.୨୦ କୋଟି ଟଙ୍କା ମିଳିଥିଲା। ଏହା ବ୍ୟତୀତ ୪୦ ଜଣ ବ୍ୟକ୍ତିବିଶେଷ ଇଲେକ୍ଟୋରାଲ ଟ୍ରଷ୍ଟ ଜରିଆରେ ବିଭିନ୍ନ ଦଳଙ୍କୁ ଚାନ୍ଦା ଦେଇଛନ୍ତି। ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ ଇଣ୍ଡିଆ ଲିଃ ସର୍ବାଧିକ ୭୦ କୋଟି ଟଙ୍କା ଚାନ୍ଦା ଦେଇଥିବାବେଳେ ଆର୍ସେଲର ମିତ୍ତଲ ଡିଜାଇନ୍ ଆଣ୍ଡ ଏନ୍‌ଗେଜ୍‌ମେଣ୍ଟ ସେଣ୍ଟର ପ୍ରା.ଲିଃ ୬୦ କୋଟି ଏବଂ ଭାରତୀ ଏୟାରଟେଲ୍ ଲିଃ ୫୧ କୋଟି ଟଙ୍କା ଇଲେକ୍ଟୋରାଲ ଟ୍ରଷ୍ଟ ଜରିଆରେ ପ୍ରଦାନ କରିଛି।

# ୧୧୩ ଥର ସୁରକ୍ଷା ପ୍ରୋଟୋକଲ ଉଲ୍ଲଂଘନ କରିଛନ୍ତି ରାହୁଲ: ସିଆର୍‌ପିଏଫ୍

ନୂଆଦିଲ୍ଲୀ,୨୯।୧୨

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ଼ୋ ଯାତ୍ରା' ବେଳେ ସୁରକ୍ଷାରେ ବ୍ୟାପକ ତ୍ରୁଟି ହୋଇଥିବା ଅଭିଯୋଗ ଆଣି ବୁଧବାର ଦଳ ପକ୍ଷରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାର ଦିନକ ପରେ ଗୁରୁବାର କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ପକ୍ଷରୁ କୁହାଯାଇଛି ଯେ ରହୁଲଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇ ଦିଆଯାଇଛି। କିନ୍ତୁ ରାହୁଲ ନିଜେ ଅନେକ ସମୟରେ ସୁରକ୍ଷା ଗାଇଡ୍‌ଲାଇନ୍ସକୁ ମାନି ନାହାନ୍ତି। ୱାୟନାଡ୍ ଏମ୍‌ପି ରାହୁଲ ଭାରତ ଯୋଡ଼ୋ ଯାତ୍ରା ବେଳେ ପ୍ରୋଟୋକଲ୍ ଉଲ୍ଲଂଘନ କରୁଛନ୍ତି। ୨୦୨୦ରୁ ଅଦ୍ୟାବଧି ସେ ୧୧୩ ଥର ଉଲ୍ଲଂଘନ କରିଥିବା ଅନୁଧ୍ୟାନ ଓ ରିପୋର୍ଟ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହାଙ୍କ ନିକଟକୁ ଏକ ଚିଠି ଲେଖିଥିଲେ। ଭାରତ ଯୋଡ଼ୋ ଯାତ୍ରା ଶନିବାର ଦିଲ୍ଲୀରେ ପ୍ରବେଶ କରିବା ପରେ ଅନେକ ଥର ସୁରକ୍ଷାରେ ତ୍ରୁଟି


ରାହୁଲ ଗାନ୍ଧୀ

ଦେଖିବାକୁ ମିଳିଛି। ଦୁର୍ବୃତ୍ତମାନେ ଯାତ୍ରା ଶିବିର ସ୍ଥଳକୁ ବେଆଇନ ଭାବେ ଅନୁପ୍ରବେଶ କରିଥିବା ଅନେକ ନଜିର ରହିଛି। ଏପରି କି ହରିୟାଣାର ଗୋଇନ୍ଦା ସୁରକ୍ଷା ଅଧିକାରୀମାନେ ପଦଯାତ୍ରୀଙ୍କୁ ଉଠାଇନେଇ ଜେରା କରୁଛନ୍ତି। ଜେଡ୍ ପ୍ଲସ୍ ସୁରକ୍ଷା ପାଇଥିବା ରାହୁଲଙ୍କ ଚତୁଃପାର୍ଶ୍ୱରେ ସୁରକ୍ଷା ବଳୟକୁ ବଜାୟ ରଖିବା ଏବଂ ଭିଡ଼ ନିୟନ୍ତ୍ରଣରେ ଦିଲ୍ଲୀ ପୋଲିସ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି। ଏହି ଯାତ୍ରା ସମ୍ବେଦନଶୀଳ ରାଜ୍ୟ ପଞ୍ଜାବ ଓ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରରେ ପ୍ରବେଶ କରିବା ସମୟରେ ସୁରକ୍ଷାକୁ ଅଧିକ କଡ଼ାକଡ଼ି କରିବା ପାଇଁ ବେଣୁଗୋପାଳ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ।




Our Products: ◆ Mughappu ◆ Thoovanam
◆ UPVC Roofing Sheets ◆ UPVC Gutter System
◆ Other Elevation Products
TECHNO ROOF
3/246-B, Postal Colony, Perur, Coimbatore - 641 010, Tamilnadu
www.technoroof.in
Call: 96552 08111
DEALERS WANTED

CLASSIFIED DISPLAY
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 8985384630

LOAN
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ ।
M:8895873378
:7656825209


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଓଡ଼ିଶାରେ ମୋଦି, ଶାହାଙ୍କ ଏକାଧିକ କାର୍ଯ୍ୟକ୍ରମ ଅଛି: ଭାଜପା

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ଆଗକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓଡ଼ିଶା ଗସ୍ତରେ ଆସିବେ। ଓଡ଼ିଶାରେ ସଂଗଠନ ସୁଦୃଢ଼ କରିବା ଲାଗି କାମ ଆରମ୍ଭ ହୋଇଯାଇଛି। ୨୦୨୪ରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ବିଜୟ ସଂକଳ୍ପ ଅଭିଯାନର ବିଗୁଲ୍ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ବୁଧବାର ଓଡ଼ିଶା ଗସ୍ତରେ ଆସି ବଜାଇ ସାରିଛନ୍ତି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ପୃଥ୍ୱୀରାଜ ଗୁରୁବାର ଗଣମାଧ୍ୟମକୁ କହିଛନ୍ତି, ୨୦୨୪ ନିର୍ବାଚନ ପ୍ରାକ୍ ପ୍ରସ୍ତୁତି ଲାଗି ଆସନ୍ତା ଦିନରେ ଅମିତ ଶାହା, ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଏକାଧିକ କାର୍ଯ୍ୟକ୍ରମ ଓଡ଼ିଶାରେ ହେବ। ଶାଣିତ ରାଜନୈତିକ ଆକ୍ରମଣ ଲାଗି ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ପ୍ରଧାନମନ୍ତ୍ରୀଙ୍କ ପ୍ରାୟ ୪ଟି କାର୍ଯ୍ୟକ୍ରମ ହେବା ଲାଗି ଯୋଜନା ରହିଛି। ବିଭିନ୍ନ ଲୋକ ସଭା ନିର୍ବାଚନମଣ୍ଡଳୀକୁ ନଡ୍ଡା ମଧ୍ୟ ଗସ୍ତ କରିବେ।

# ବିଧାୟକ ଶଶିଭୂଷଣଙ୍କ କାର, ସଭାରେ ଅଣ୍ଡାମାଡ଼

କେନ୍ଦ୍ରାପଡ଼ା ଅଫିସ, ୨୯।୧୨

କେନ୍ଦ୍ରାପଡ଼ା ଜିଲାରେ ଶାସକ ଦଳର ନେତାଙ୍କୁ ବିରୋଧ ଜାରି ରହିଛି। ଗତ ଅକ୍ଟୋବରରେ ରାଜ୍ୟ ସମବାୟ ମନ୍ତ୍ରୀ ତଥା ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଜମ୍ବୁ ଘାଟଠାରେ ଏକ ହତ୍ୟା ଘଟଣାରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ବିରୋଧର ସମ୍ମୁଖୀନ ହୋଇଥିଲେ। ଗୁରୁବାର ପୂର୍ବାହ୍ନରେ ଏପରି ବିରୋଧ କେନ୍ଦ୍ରାପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଦଳୀୟ କର୍ମୀମାନେ ବିଧାୟକଙ୍କ କାର୍ଯ୍ୟକୁ ବିରୋଧ କରି କେନ୍ଦ୍ରାପଡ଼ା ବ୍ଲକ ବଗଡ଼ା ଓ ଇନ୍ଦୁପୁରଠାରେ ଅଣ୍ଡାମାଡ଼ କରିଛନ୍ତି। ବଗଡ଼ା ଅଣ୍ଡାମାଡ଼ ଘଟଣାରେ ଗ୍ରାମର ରାଜେନ୍ଦ୍ର ପ୍ରଧାନ ଓରଫ ଆବୁଆଙ୍କୁ ସଦର ଥାନାରେ ପୋଲିସ ଅଟକ ରଖିଛି। ସେହିପରି ଆବୁଆଙ୍କ ଅଟକକୁ ନେଇ ଗ୍ରାମର ମହିଳା ଉତ୍ତେଜିତ ହୋଇଛନ୍ତି। ବିଧାୟକ ବେହେରାଙ୍କ ସମର୍ଥକ ଟାଉନ ଥାନା ଅନ୍ତର୍ଗତ ସାନମଙ୍ଗଳା ଗ୍ରାମର ରଞ୍ଜନ କରଙ୍କ ବିରୋଧରେ ବଗଡା ଗ୍ରାମର ମହିଳାମାନଙ୍କୁ ଅଶାଳୀନ ବ୍ୟବହାର ଦେଖାଇଥିବା ସମ୍ପର୍କରେ ସଦର ଥାନାରେ ଅଭିଯୋଗ କରିଛନ୍ତି। ଏହାପରେ ବିଧାୟକଙ୍କ ସମର୍ଥକ ରଞ୍ଜନଙ୍କୁ ପୋଲିସ ଅଟକ ରଖିଛି। ଅପରପକ୍ଷରେ କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁରସ୍ଥ ବିରୂପା କଲେଜର


ବିଧାୟକଙ୍କ କାର୍ ଉପରକୁ ଅଣ୍ଡା ଫୋପାଡୁଥିବା ରାଜେନ୍ଦ୍ର ପ୍ରଧାନଙ୍କୁ ପୋଲିସ ଧରି ନେଉଛି।

ଅପରାହ୍ନରେ ବାର୍ଷିକ ଉତ୍ସବ ଥିଲା। ଏଠାରେ ଦଳୀୟ କର୍ମୀ ବିରୋଧ କରି ସଭା ଆଡକୁ ଅଣ୍ଡା ଫୋପାଡିଛନ୍ତି। ଏହି ଘଟଣାରେ ନିକିରାଇ ଥାନା ପୋଲିସ ସନ୍ଦେହରେ ଜଣଙ୍କୁ ପଚରାଉଚରା ପାଇଁ ନେଇ ରଖିଛି।

ବଗଡାଠାରେ ମିଶନ ଶକ୍ତିର ସ୍ୱାବଲମ୍ବୀ ଗୃହ ଉଦ୍‌ଘାଟନ ହୋଇଛି। ଏହାକୁ ଉଦ୍‌ଘାଟନ ପାଇଁ ଯାଉଥିବା ବେଳେ ବଗଡା ଗ୍ରାମ ମଧ୍ୟରେ ବିଧାୟକ ବେହେରାଙ୍କ କାର ଉପରକୁ ଅଣ୍ଡାମାଡ଼ ହୋଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ବିଧାୟକ ବେହେରା ଗ୍ରାମ ରାସ୍ତାରେ ଯାଉଥିବା ବେଳେ ଆବୁଆ ତାଙ୍କୁ ଫେରିଯାଅ କହି ଅଣ୍ଡାମାଡ଼ କରିଥିଲେ। ଏହାର କାରଣ ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀ ତଥା ଦଳୀୟ କର୍ମୀମାନେ କହିଛନ୍ତି ଯେ, ଗତ ନିର୍ବାଚନ ପରଠାରୁ ବଗଡା ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ସମାଧାନ ଲୋଡିଥିଲେ। ମାତ୍ର ଏଥିରୁ କୌଣସି ସୁଫଳ ମିଳିନାହିଁ। ବିଧାୟକ ସମୟ ଅବଧି ମଧ୍ୟରେ ପଞ୍ଚାୟତକୁ ଆସୁ ନ ଥିବାବେଳେ କେବଳ ପ୍ରକଳ୍ପ ଶିଳାନ୍ୟାସ ଓ ଉଦ୍‌ଘାଟନ ସମୟରେ ଦେଖାଦେଉଛନ୍ତି। ଏହାବ୍ୟତୀତ ବିଧାୟକଙ୍କ ପୁଅ ମଧ୍ୟ ବିଭିନ୍ନ ଉନ୍ନୟନ ଯୋଜନାରେ ହସ୍ତକ୍ଷେପ କରୁଥିବାରୁ ସ୍ଥାନୀୟ ଅଞ୍ଚଳର କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ବିଧାୟକ ବେହେରା ଆସନ୍ତା ନିର୍ବାଚନରେ ପ୍ରାର୍ଥୀ ହେବା ନେଇ ସନ୍ଦେହ ଉପୁଜିଥିବାରୁ ନିର୍ବାଚନମଣ୍ଡଳୀର କର୍ମୀଙ୍କ ମଧ୍ୟରେ ବିରୋଧାଭାଷ ଦେଖାଯାଉଛି ବୋଲି ସାଧାରଣରେ ମତପ୍ରକାଶ ପାଉଛି। ସେହିପରି ବିଧାୟକଙ୍କ ସମର୍ଥକମାନେ କହିଛନ୍ତି ଯେ, ନିର୍ବାଚନମଣ୍ଡଳୀର ଜଣେ ଦଳୀୟ ନେତାଙ୍କର ଏହି ଅଣ୍ଡାମାଡ଼ ଘଟଣାରେ ହାତ ରହିଛି। ଗତ ୨ ଦିନ ଧରି ବିଭିନ୍ନ ଅଞ୍ଚଳ ଗସ୍ତ କରି ବିଧାୟକଙ୍କ ବିରୋଧରେ ଦଳୀୟ ନେତା ଜଣକ ପ୍ରଚାର ଚଳାଇଥିଲେ। ଅଣ୍ଡାମାଡ଼ ସଂକ୍ରାନ୍ତରେ ବିଧାୟକ ବେହେରାଙ୍କୁ ପଚାରିବାରୁ ଏ ସମ୍ପର୍କରେ କୌଣସି ମତ ନ ରଖି ଗାଡିରେ ପଳାଇ ଯାଇଥିଲେ। ଏ ନେଇ ସଦର ଥାନା ଏସ୍‌ଆଇ ତଥା ତଦନ୍ତକାରୀ ଅଧିକାରୀ ପ୍ରଭୁପ୍ରସାଦ ସାହାଣୀଙ୍କୁ ପଚାରିବାରେ ଅଣ୍ଡାମାଡ ସମ୍ପର୍କରେ କୌଣସି ଅଭିଯୋଗ ହୋଇନାହିଁ। ସ୍ଥାନୀୟ ଅଞ୍ଚଳରୁ ସୂଚନା ମିଳିବା ପରେ ଆବୁଆଙ୍କୁ ଥାନାକୁ ଅଣାଯାଇଛି। ଘଟଣା ସମ୍ପର୍କରେ ଏବେ ଅନୁଧ୍ୟାନ ଚାଲିଛି। ଆବଶ୍ୟକ ହେଲେ ଥାନା ପକ୍ଷରୁ ମାମଲା ରୁଜୁ ହେବ ବୋଲି ଏସ୍‌ଆଇ ସାହାଣୀ ସୂଚନା ଦେଇଛନ୍ତି। ରିପୋର୍ଟ ଲେଖା ପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇନାହିଁ।

### ସଦର, ନିକିରାଇ ଥାନାରେ ୩ ଅଟକ


# Classified Everyday 0674-2580101, 2549949


REAL ESTATE

**SALE**

ଭୁବନେଶ୍ୱର Sum Hospital 4 k.m. Ritraining Centre ପାଖରେ mainroad 100mtr distance boundary plot ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner- 9090963952. D-74176

Schedule Caste ଘରବାରି ପ୍ଲଟ୍ ନଖରା, ବ୍ରାହ୍ମଣଝରିଲୋ 2400 sqft. 24,00,000/-, IIT, Jatni 5000 Sqft. 15,00,000/- ଯାଆଁଳା 1200 sqft. 9,60,000/-. 8260032051. D-74175

Rasulgarhଠାରୁ 7 K.M. ଦୂରରେ ଏବଂ 150ft. roadକୁ ଲାଗି ସମସ୍ତ ପ୍ରକାର ସୁବିଧା ଥାଇ gated community ସହ plot ଓ Duplex ମିଳୁଅଛି। 8984025697. D-74172

ଭୁବନେଶ୍ୱର ଖଣ୍ଡଗିରି AMRI Hospital ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/Gandhi College ପାଖରେ Sqft. 650/-ରେ ମିଳୁଛି - 9348767829. D-74173

କଟକ-ଭୁବନେଶ୍ୱର (Twincity)ର ମଧ୍ୟଭାଗରେ ନିର୍ମିତ Grandbazar NH-16 ରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି plot ଶସ୍ତାରେ କିଣନ୍ତୁ। ଗୃହନିର୍ମାଣ କରନ୍ତୁ। 8249422604. D-74170

ମାତ୍ର ଟ. 11,40,000/-ରେ ଫୁଲନଖରା ଓ ମହୀଧରପଡ଼ା ପାଖରେ ଘରବାରି ବାଉଣ୍ଡରୀ ସହିତ ପ୍ଲଟ୍ ମିଳୁଅଛି। "ସୁବର୍ଣ୍ଣ ସୁଯୋଗ ନିଜର ସ୍ୱପ୍ନର ଘର"। 9348152874. D-74169

NH side plot (Gharabari, boundary wall). Nakhara to Niali road, Cuttack. 8249851363. D-74607

ଭୁବନେଶ୍ୱର ରବି-ଟକିଜ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-2309

Duplex sale at Bhubaneswar @ 45 lakhs only. Contact: 9777433701. D-74171

ଭୁବନେଶ୍ୱର ଜଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8637269760. D-74166

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly open SPA positively health benefits expert therapist, Jagamara. 7849011931. D-73668

Asribadda Panchakarma herbal SPA Kesarimall, Bhubaneswar. Contact: 8926173473. D-74620

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

16th Happy Birthday

Aurolipsa Priyadarsini Guru (Khusi)
At: Near Botalama, Medical, Patanahata, Khordha
May your birthday be full of happy hours and special moments to remember for a long time. With Best Compliments From: Baba, Mama, Dada, Khudi, Papu Bhai, Dudul, Pupul, Friend & Relatives.
D-2346

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

AFFIDAVIT

By virtue of an affidavit before Notary Public, Bhubaneswar on dated 27.12.2022, I have changed my surname from RANJEET KUMAR DAS SAMANTA to RANJEET KUMAR DAS. Henceforth, here after I shall be known as RANJEET KUMAR DAS for all purposes. D-2365

I Manamohan Panda, age 60 years, residing At - Nandapur, PO - Balabhadrapur, PS - Ranapur, Nayagarh, Odisha declare that both the names Manamohan Panda & Manoj Kumar Panda, S/o - Late Kashinath Panda is one and same person vide Affidavit No - 55AA942778 dated 19.10.2022. D-2363

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ

ଇଂ. ଗୁରୁପ୍ରସାଦ ସିଂହ
ଆବିର୍ଭାବ : ୦୪.୦୭.୧୯୪୨
ତିରୋଧାନ : ୨୧.୧୨.୨୦୨୨
"ଗୁରୁପ୍ରସାଦ ସିଂହ" ନାମ ନେଇ ଧନ୍ୟ
ହୋଇଛ ଆମରି ଗହଣରେ
ଅମରପୁରରେ ରୁହହେ ଆନନ୍ଦେ
ଏତିକି ପ୍ରାର୍ଥନା ବାରେ
ସମସ୍ତଙ୍କୁ ସଦା ପାଉଥିଲ ଭଲ
ଆଶା ନରଖି ବି ଟିକେ
ମୃତ୍ୟୁଞ୍ଜୟୀ ଅଟ ଚିରଦିନ ପାଇଁ
ଜନମି ଧରଣୀ ବୁକେ ।
ଶୋକସନ୍ତପ୍ତ : ପତ୍ନୀ, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ ତଥା ପରିବାରବର୍ଗ
ଧ-୨୩୬୧

ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ସ୍ନେହବାଳା ତ୍ରିପାଠୀ
ମହୁଖଣ୍ଡା, ବାଲିପାଟଣା, ଖୋର୍ଦ୍ଧା
ତୁମର ମୃତ୍ୟୁ ଦିବସ ଆମ ପାଇଁ ଅବିସ୍ମରଣୀୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ୧୯୮୩ ସିନିୟର ବ୍ୟାଚ
ବାନ୍ଧବୀ-ବନ୍ଧୁମାନେ
ଧ-୭୧୮୩୬




୧୯୭୦ ବିଶ୍ୱକପ୍ ବିଜୟ ପରେ ସାଥୀ ଖେଳାଳିଙ୍କ ସହ ଏଡସନ୍ ଆରାଣ୍ଟେସ ଡୋ ନାସେମେଣ୍ଟୋ (ପେଲେ)।




ଇଂଲଣ୍ଡର ପୂର୍ବତନ କୋଚ୍ ଜ୍ୟାକ୍ ୱିଲସରଙ୍କ ସହ ପେଲେ।



ପେଲେଙ୍କ ବାଇସାଇକେଲ କିକ୍।



୧୯୫୮, ୧୯୬୨ ଓ ୧୯୭୦ରେ ବିଶ୍ୱକପ୍ ବିଜୟ ଟ୍ରଫି ସହ ପେଲେ।




ଫ୍ରାନ୍ସର ଯୁବ ଫୁଟବଲର କିଲିଆନ ଏମ୍ବାପେଙ୍କ ସହ ପେଲେ।



ଏକ ବିଶେଷ ମୁହୂର୍ତ୍ତରେ ଦୁଇ ଫୁଟବଲ କିମ୍ବଦନ୍ତୀ ପେଲେ ଓ ମାରାଡୋନା।


**GOVERNMENT OF ODISHA** 'e'mail-sebicbpd@gmail.com
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, BARIPADA IRRIGATION CIRCLE, BARIPADA**
**'e' Procurement Notice No.ACEBIC-02/2022-23**
**No.A-940:**

| Procurement Officer | Name of Work | Bid Identification No. | Cost of Work (Rs.in lakhs) | Bid Security (Rs.) E.M.D. | Cost of bid documents (Rs.) | Class of Contractor | Period of Completion | Bid documents available online for bidding From | Bid documents available online for bidding To | Date of Opening of Technical bid (Cover-I) |
|---|---|---|---|---|---|---|---|---|---|---|
| Additional Chief Engineer, Baripada Irrigation Circle, Baripada | Construction of Museum cum Park Complex at Khadkhai Dam under Rairangpur Irrigation Division, Rairangpur | ACEBIC-RID-01 | 131.36 | Bid Security declaration Annexure-III of Section-6 | 10,000.00 | 'B' & 'A' Class | 12 (Twelve) Calendar Months) | 31.12.22 from 10.00 AM | 16.01.23 upto 5.00 PM | 17.01.23 at 11.00 AM |

Further details conditions can be seen from the Govt. website www.tendersorissa.gov.in.
OIPR-32162/11/0003/2223 **Sd./- Additional Chief Engineer, Baripada Irrigation Circle, Baripada**

# ନିୟନ୍ତ୍ରିତ ବଜାର କମିଟି ବାଲୁଗାଁ, ଜି-ଖୋର୍ଦ୍ଧା
## ୨୦୨୨-୨୩ ବର୍ଷରେ ଖରିଫ ଧାନ ବିକ୍ରୟ ପାଇଁ ବିଶେଷ ସୂଚନା
**ବିଜ୍ଞାପନ ସଂଖ୍ୟା ୧୨୬** **ତାରିଖ.୨୯.୧୨.୨୦୨୨**

ଏତଦ୍ଵାରା ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ ୬ଗୋଟି ବ୍ଲକ ଯଥା-ଖୋର୍ଦ୍ଧା, ଟାଙ୍ଗୀ, ଚିଲିକା, ବାଣପୁର, ବୋଲଗଡ଼, ବେଗୁନିଆ ବ୍ଲକର ସମସ୍ତ ଧାନ ଚାଷୀ ଭାଇ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ରାଜ୍ୟ ସରକାର ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନଙ୍କ ନିଷ୍ପତ୍ତିକ୍ରମେ ଉପରୋକ୍ତ ବ୍ଲକର ୯୭ଗୋଟି ଧାନ କ୍ରୟ କେନ୍ଦ୍ର ଦ୍ୱାରା ଚଳିତ ଖରିଫ ୨୦୨୨-୨୩ ବିପଣନ ବର୍ଷ ପାଇଁ ତା.୩୦.୧୨.୨୦୨୨ ରିଖ ଠାରୁ ସରକାରଙ୍କ ନିର୍ଦ୍ଧାରିତ ସହାୟକ ମୂଲ୍ୟ ଓ ଧାର୍ଯ୍ୟ ଦିବସରେ ଧାନ କ୍ରୟ କରାଯାଉଅଛି । ଏଣୁ ସମ୍ପୃକ୍ତ ସେବା ସମବାୟ ସମିତିରେ ନାମ ପଞ୍ଜୀକରଣ କରିଥିବା ଚାଷୀଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନକୁ ଭଲଭାବେ ସଫାକରି ଏଫ୍.ଏ.କ୍ୟୁ ମାନକୁ ଉନ୍ନୀତ କରାଇ ନିର୍ଦ୍ଧାରିତ ଦିବସରେ ମଣ୍ଡିକୁ ଆଣିବାକୁ ଅନୁରୋଧ । ଚାଷୀଭାଇ ଓ ଭଉଣୀମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରକୁ ଆସିଥିବା ଏସ୍.ଏମ୍.ଏସ୍. ଅନୁସାରେ କେଉଁଦିନ, କେଉଁଠି ଓ କେତେ ପରିମାଣର ଧାନ ବିକ୍ରୟ କରିପାରିବେ ଏହା ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଅବଗତ ହୋଇପାରିବେ, ଚଳିତ ବର୍ଷ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନଙ୍କ ନିଷ୍ପତ୍ତିକ୍ରମେ ଚାଷୀ ଭାଇ ଓ ଭଉଣୀମାନେ ଟୋକନ ପିଛା ସର୍ବାଧିକ ୬୦ କ୍ୱିଣ୍ଟାଲ ଧାନ ବିକ୍ରୟ କରିପାରିବେ । ଟୋକନର ଅବଧି ୩୦ ଦିନ ରହିବ । ଧାନ ବିକ୍ରି, ମଣ୍ଡି ଓ ଟୋକନ ସମ୍ବନ୍ଧୀୟ ଅଧିକ ତଥ୍ୟ ପାଇବା ପାଇଁ ସରକାରଙ୍କ ଦ୍ୱାରା ଜାରି ଦେୟମୁକ୍ତ ନମ୍ବର ୧୯୬୭କୁ ଯୋଗାଯୋଗ କରିପାରିବେ ।

### ଧାନର ଗୁଣାତ୍ମକ ମାନ

| କ୍ର. ନଂ. | ଧାନରେ ମିଶ୍ରିତ ବା ବାହ୍ୟ ପଦାର୍ଥ ସର୍ବାଧିକ ପରିସୀମା (ଶତକଡ଼ା) | ଏଫ୍.ଏ.କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା | ଏଫ୍.ଏ.କ୍ୟୁ ମାନର ଧାନର ନିର୍ଦ୍ଧାରିତ ସରକାରୀ ସହାୟକ ମୂଲ୍ୟ |
|---|---|---|---|
| ୧. | କ) ବାଲି, ଗୋଡ଼ି, ମାଟି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ (ଖ) କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲା, ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ (*ଖରାପ, ପାଣିଫୁଲା ଏବଂ ପୋକା ୪% ମଧ୍ୟରେ ସୀମିତ ରହିବା ଦରକାର) | ୧% ୧% | ୧.ସାଧାରଣ ଧାନ- ଟ.୨୦୪୦.୦୦ ୨. ଗ୍ରେଡ ଏ ଧାନ- ଟ.୨୦୬୦.୦୦ |
| ୨. | ଖରାପ, ବେରଙ୍ଗୀ, ପାଣିଫୁଲା, ପୋକା | ୫% | ଉପଜିଲ୍ଲାପାଳ, ଖୋର୍ଦ୍ଧା-ଫୋନ୍-୦୬୭୫୫-୨୨୦୭୧୭, ଜିଲ୍ଲା ଯୋଗାଣ ଅଧିକାରୀ-ମୋ-୯୪୩୮୨୦୦୦୪୯ ଜିଲ୍ଲା ଯୋଗାଣ ଅଫିସ୍ କଣ୍ଟ୍ରୋଲ ରୁମ୍-୯୪୩୭୨୦୧୭୨୧ ଉପନିବନ୍ଧକ ସମବାୟ ସମିତି ସମୂହ, ଖୋର୍ଦ୍ଧା- ୯୪୩୭୮୨୨୫୭୫, ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, ଖୋର୍ଦ୍ଧା-୦୬୭୫୫-୨୨୦୫୧୮ ସମ୍ପାଦକ ନିୟନ୍ତ୍ରିତ ବଜାର କମିଟି,ବାଲୁଗାଁ ମୋ-୯୯୩୮୧୪୧୨୬୯ |
| ୩. | ଅପରିପକ୍ୱ,ସବୁଜ,କଞ୍ଚା,ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩% | |
| ୪. | ଗ୍ରେଡ 'ଏ' ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ 'ଏ' ଧାନ ନିମନ୍ତେ ।) | ୬% | |
| ୫. | ଆର୍ଦ୍ରତା ବା ଜଳୀୟ ଅଂଶର ପରିମାଣ । | ୧୭% | |

**କୋଭିଡ୍ ୧୯ କରୋନା ନିୟମକୁ ଗୁରୁତର ସହ ପାଳନ କରନ୍ତୁ ଓ ସଦାସର୍ବଦା ମାସ୍କ ପରିଧାନ କରନ୍ତୁ ଓ ମଣ୍ଡିରେ ଧାନ ବିକ୍ରୟ କରିବାବେଳେ ନିଜ ନିଜ ମଧ୍ୟରେ ସାମାଜିକ ଦୂରତା ରକ୍ଷା କରନ୍ତୁ ।**
**"ଚାଷୀ ହସିଲେ ଦୁନିଆ ହସେ"**

ସ୍ୱା./-ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି,ବାଲୁଗାଁ

ସ୍ୱା./-ଉପଜିଲ୍ଲାପାଳ, ଖୋର୍ଦ୍ଧା
ତଥା ଅଧ୍ୟକ୍ଷ ନିୟନ୍ତ୍ରିତ ବଜାର କମିଟି,ବାଲୁଗାଁ

**Bhubaneswar Municipal Corporation**
*Progress through Partnership for better Bhubaneswar*
**No.: 60896** **Date: 28.12.2022**
**EOI No. 57870, Dated: 12.12.2022**
**File No. XXII(L) 47/2002**

**CORRIGENDUM - 2**
**Expression of Interest (EOI) for Management of Ward Offices by Mission Shakti SHG During the year 2023-24**

No. C-2168: Bhubaneswar Municipal Corporation (BMC) invited Expression of Interest vide No. 57870 dated 12.12.2022 in sealed cover from interested Mission Shakti SHGs to be engaged for managing Ward Offices of BMC during the year 2023-24. The last date of submission of proposal is 28.12.2022 upto 5 P.M. which has been extended to 16.01.2023, upto 5.00 P.M. Subsequently, the dates for opening of proposal is scheduled to be held on 16.01.2023 at 5.30 P.M. in the Mini Conference Hall of BMC.
The detailed terms and conditions of the Expression of Interest is available in website i.e., **http://www.bmc.gov.in**.

**Sd./- Additional Commissioner**
**Bhubaneswar Municipal Corporation**
**OIPR-13002/11/0197/2223**

**MUNICIPAL COUNCIL, JATNI**
**Phone:-0674-2490826, Mail-municipalityjatni@gmail.com**
**No.4958** **Date:28.12.2022**
**"e" Procurement Notice**

**No.C-2170:**Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1. Tender Reference No : EO/JMC/063/2022-23
2. Tender I.D No : 2022_ORULB_84498_1 to 85
3. Name of the Work : Civil Construction works as mentioned in website
4. No. of works : 85 nos.
5. Estimated Cost : Rs.1,99,000/-.and Rs. 20,00,000/-
6. Period of Completion : 30 days
7. Date and Time of Bidding : 02.01.2023 to 16.01.2023 upto 5.30 PM
8. Last date and time for receipt of bids in the portal : 16.01.2023 upto 5.30 PM
9. Bids received online shall be opened on : 17.01.2023 at 11.30 AM
10. Name and addres of the Officer inviting Bid : Executive Officer Jatni Municipality

Further details can be seen from the procurement portal i.e. www.tendersorissa.gov.in.
OIPR-13041/11/0043/2223 **Sd./- Executive Officer, Jatni Municipality**

**OFFICE OF PANCHAYAT SAMITI, CHAMPUA**
**BID IDENTIFICATION No. TCN No. 02/2022-23**
**No. 5040/DEV** **Dtd.: 26.12.2022**

**No. i-303:1.**The Block Development Officer, Champua invites sealed Percentage Rate tenders in Single Cover System and Double Cover System on behalf of Govt. of Odisha for the construction of works as detailed as cited in the Notice Board, from registered and eligible class of civil contractor of the State PWD/(R&B)/Water Resources/Rural Works/MI/CPWD for the following works eventually to be drawn up in the P.W.D. P-1 Agreement form in conformity with the Detailed Tender Call Notice.

a) As per Codal Provision works more than Rs.50.00 lakhs should be in Double Cover mode i.e. Cover-I contains (Technical Bid) Cover-II contains (Financial Bid) to be fill up separately indicating therein as "Cover-I and Cover-II" respectively and finally put together in one Cover. After due scrutiny the Cover-II will be opened. For Sl. No. 01, Work experience certificate last 02 years to be produce (minimum upto Rs.40.00 lakhs). Those bidders have no experience certificate which the tender will be rejected.
Technical Bid contains experience certificate with Tools like (Shuttering Plate, Mixture Machine, Water Tanker) either Own or Lease Basis.

2) The tender paper (including Tender Call Notice, approved tender schedule & DTCN) will be available in the office from Dt.30.12.2022 to 09.01.2023 upto 1.00 P.M.
3) Bids shall be received by this agency upto 4.00 P.M. on date 12.01.2023 through Registered Post/Speed Post only. The authority will not be held responsible for any postal delay in delivering of the Bid documents or non-receipt of the same.
4) The bid will be opened on Dt.13.01.2023 at 11.00 A.M. in the office of the undersigned in the presence of the members of the District Level Tender/Purchase Committee and the bidders or their authorised representative. If the office happens to be closed on the date of receipt/opening of the bids as specified, above will be received/opened on the next working day at the same time and venue.

**Sd./- Block Development Officer, Champua**
**OIPR-19121/11/0004/2223**

**ଶେୟାର ବଜାରରେ ଉତ୍ସାହ**

**ନୂଆଦିଲ୍ଲୀ:** ଦିନକ ପରେ ପୁଣି ଥରେ ଷ୍ଟକ୍ ବଜାର କାରବାରରେ ପରିବର୍ତ୍ତନ ଦେଖାଦେଇଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟଦିବସର ଫଳାଫଳ ଶେୟାର ବଜାରର ନିବେଶକଙ୍କ ମନରେ ଉତ୍ସାହ ଭରିଦେଇଛି। ବିଶେଷକରି ଗୁରୁବାରର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୨୪ (୨୨୩.୬୦) ପଏଣ୍ଟ ବଢ଼ି ୬୧,୧୩୪ (୬୧,୧୬୩.୮୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୬୯ (୬୮.୫୦) ପଏଣ୍ଟ ବୃଦ୍ଧି ଘଟି ୧୮,୧୯୧ (୧୮,୧୯୧.୦୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ୪% ବୃଦ୍ଧି ପାଇଛି କରେଣ୍ଟ ଆକାଉଣ୍ଟ ଡେଫିସିଟ୍

**ନୂଆଦିଲ୍ଲୀ,୨୯।୧୨**




ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସରେ ଭାରତର କରେଣ୍ଟ ଆକାଉଣ୍ଟ ଡେଫିସିଟ୍ (ସିଏଡି) ବଢ଼ିଥିବା ଜଣାପଡିଛି। ବିଶେଷ କରି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ସଦ୍ୟତମ ରିପୋର୍ଟ ଅନୁସାରେ ସିଏଡି ପୂର୍ବ ତ୍ରୈମାସଠାରୁ ୨%ରୁ ଅଧିକ ବୃଦ୍ଧି ଘଟିଛି। ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସରେ ସିଏଡି ବୃଦ୍ଧି ପାଇ ଜିଡିପିର ୪.୪%ରେ ପହଞ୍ଚିଛି। ଏପରିକି ଏହା ପୂର୍ବ ତ୍ରୈମାସରେ ସିଏଡି ହାର ୨.୨% ରହିଥିଲା। ସେହିଭଳି ଆର୍‌ବିଆଇ ଡେଟା ଅନୁସାରେ ଆର୍ଥିକ ବର୍ଷ ୨୦୨୨-୨୩ର ୨ୟ ତ୍ରୈମାସରେ ପ୍ରାୟ ୩୬.୪ ବିଲିୟନ ଆମେରିକୀୟ ଡଲାର (ଜିଡିପିର ୪.୪%) ହ୍ରାସ ପାଇଥିବା ରେକର୍ଡ ହୋଇଛି। ଅପରପକ୍ଷରେ ପ୍ରଥମ ତ୍ରୈମାସରେ ସିଏଡି ୧୮.୨ ବିଲିୟନ ଡଲାର (ଜିଡିପିର ୨.୨%) ରହିଥିଲା। ଏପରିକି ଗୋଟିଏ ବର୍ଷ ପୂର୍ବେ ଏହାର ପରିମାଣ ଭଲ ରହିଥିଲା। ବିଶେଷ କରି ୨୦୨୧ ସେପ୍ଟେମ୍ବର ବା ୨ ତ୍ରୈମାସର ପରିମାଣ ୯.୭ ବିଲିୟନ ଡଲାର (ଜିଡିପିର ୧.୩% ) ଥିଲା। ଉଲ୍ଲେଖଯୋଗ୍ୟ , ୨୦୨୨-୨୩ ଆର୍ଥିକ ବର୍ଷର ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ କରେଣ୍ଟ ଆକାଉଣ୍ଟ ଡେଫିସିଟ୍ ବଢ଼ିବାର ପ୍ରମୁଖ କାରଣ ହେଉଛି ଉଚ୍ଚ ବାଣିଜ୍ୟିକ କ୍ଷତି ଜାରି ରହିବା। ବସ୍ତୁଗୁଡିକର ବ୍ୟବସାୟିକ କ୍ଷତି ୨୦୨୨-୨୩ ର ପ୍ରଥମ ତ୍ରୈମାସରେ ୬୩ ବିଲିୟନ ଡଲାରରୁ ବଢି ଦ୍ୱିତୀୟ ତ୍ରୈମାସରେ ୮୩.୫ ବିଲିୟନ ଡଲାର ହୋଇଛି। ସୂଚନାଯୋଗ୍ୟ, ଉକ୍ତ ବାଣିଜ୍ୟିକ କ୍ଷତି ଯୋଗୁ କରେଣ୍ଟ ଆକାଉଣ୍ଟ ଡେଫିସିଟ୍ ବଢିଥାଏ। ଏହା ଅର୍ଥନୀତ ଦୃଷ୍ଟିରୁ ଭଲ ଖବର ନୁହେଁ। ଏହା ଜରିଆରେ ଦେଶର ବାଣିଜ୍ୟ ଆକଳନ କରାଯାଇଥାଏ। ଦେଶରେ ରପ୍ତାନିଠାରୁ ଆମଦାନୀ ଅଧିକ ହେଲେ ସିଏଡି ବଢ଼ିଥାଏ।

## ବିଓବିର ସୁଧହାରରେ ବୃଦ୍ଧି

**ନୂଆଦିଲ୍ଲୀ,୨୯।୧୨**

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ଘରୋଇ ଖୁଚୁରା ମିଆଦୀ ଜମା ଉପରେ ସୁଧହାର ବୃଦ୍ଧି କରାଯାଇଛି। ବିଶେଷକରି ଏହା ଏନ୍‌ଆର୍‌ଓ ଏବଂ ଏନ୍‌ଆର୍‌ଇ ମିଆଦୀ ଜମା ଉପରେ ମଧ୍ୟ ଲାଗୁ ହେବ। ଏପରିକି ୨କୋଟି ଟଙ୍କାରୁ କମ୍ ଜମା ରାଶି ଉପରେ ବିଭିନ୍ନ ଅବଧି ପାଇଁ ୬୫ ବେସିସ୍ ପଏଣ୍ଟ ପର୍ଯ୍ୟନ୍ତ ଉକ୍ତ ସୁଧହାରକୁ ବୃଦ୍ଧି କରାଯାଇଛି। ସେହିଭଳି ୩୯୯ ଦିନିଆ 'ବରୋଦା ତ୍ରିରଙ୍ଗା ପ୍ଲସ୍' ଜମା ଯୋଜନାରେ ମଧ୍ୟ ଉକ୍ତ ସୁଧହାରକୁ ୭.୮୦% ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏଥିରେ ବରିଷ୍ଠ ନାଗରିକମାନଙ୍କ ପାଇଁ ୦.୫୦% ଏବଂ ଭଙ୍ଗାଯାଇ ପାରୁ ନ ଥିବା ଜମା ପାଇଁ ୦.୨୫% ଅନ୍ତର୍ଭୁକ୍ତ। ପୁନଶ୍ଚ ବ୍ୟାଙ୍କ ୧ବର୍ଷରୁ୩ବର୍ଷ ପର୍ଯ୍ୟନ୍ତ ଜମା ଉପରେ ୭.୫୦% ପର୍ଯ୍ୟନ୍ତ ସୁଧହାର ବୃଦ୍ଧି କରିଛି।

## 'କାର୍ଯ୍ୟକ୍ଷେତ୍ରରେ ନିରାପତ୍ତାକୁ ଗୁରୁତ୍ୱ'



**ଭୁବନେଶ୍ୱର,୨୯।୧୨**

ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା ୟୁନିଟ୍ ପକ୍ଷରୁ ନିରାପତ୍ତାଜନିତ ଏକ ଜନସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଚଳିତ ବର୍ଷ ଖ୍ରୀଷ୍ଟମାସ ଅବସରରେ ସେଫ୍ଟି ସାନ୍ତା ଜରିଆରେ କମ୍ପାନୀର ପ୍ଲାଣ୍ଟ ଓ ଟାଉନଶିପ ଅଞ୍ଚଳରେ ଉକ୍ତ ନିରାପତ୍ତା ଅଭିଯାନର ପ୍ରଚାରପ୍ରସାର କରାଯାଇଥିଲା। ଏପରିକି କମ୍ପାନୀର ସୁରକ୍ଷା କର୍ମଚାରୀମାନେ ମଧ୍ୟ ସାନ୍ତା କ୍ଲଜ୍ ବେଶ ପରିଧାନ କରି ପ୍ଲାଣ୍ଟ ସାଇଟ ଓ ଘରକୁ ଘର ବୁଲି ବିଭିନ୍ନ କାର୍ଯ୍ୟରେ ନିରାପତ୍ତା ବିଷୟ ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ଆନନ୍ଦ ମହୋତ୍ସବ କରିବା ବ୍ୟତୀତ ଝାରସୁଗୁଡ଼ାରେ ସୁରକ୍ଷା ସାନ୍ତା ସଚେତନତା ଅଧିବେଶନର ଆୟୋଜନ କରାଯାଇଥିଲା। ଏଥିରେ ଅଗ୍ନି ନିରାପତ୍ତା ବାହିନୀ, ବ୍ୟକ୍ତିଗତ ପ୍ରତିରକ୍ଷା ଯନ୍ତ୍ରପାତି ରକ୍ଷଣାବେକ୍ଷଣ ଓ ବୈଦ୍ୟୁତିକ ଯନ୍ତ୍ରପାତିର ସୁରକ୍ଷା ଦିଗରେ ମଧ୍ୟ ବ୍ୟାପକ ସଚେତନତା ସମସ୍ତଙ୍କୁ ବେଶ୍ ଉତ୍ସାହିତ କରିଥିଲା। ଏ ସମ୍ପର୍କରେ ବେଦାନ୍ତ ଲି.ର ସିଇଓ ସୁନୀଲ ଗୁପ୍ତା କହିଛନ୍ତି, କମ୍ପାନୀର କର୍ମକ୍ଷେତ୍ର ପରିସରରେ ସର୍ବୋଚ୍ଚ ନିରାପତ୍ତା ମାନଦଣ୍ଡକୁ ବଜାୟ ରଖିବା ଲାଗି ଆମେ ପ୍ରତିବଦ୍ଧ ରହିଛୁ। ବିଶେଷକରି ନିରାପତ୍ତା ସାନ୍ତା ଭଳି ଅଭିନବ ପଦକ୍ଷେପ ମାଧ୍ୟମରେ ଆମେ ତା'ର ପ୍ରଚାରପ୍ରସାରକୁ ଏକ ମଜାଳିଆ ଶୈଳୀରେ ସବୁ ମହଲରେ ପ୍ରସାର କରିପାରିଥିବାରୁ ବେଶ୍ ଆନନ୍ଦିତ ଅଛୁ। ଏପରିକି କମ୍ପାନୀର ବୈଷୟିକ ଜ୍ଞାନକୌଶଳ ଓ ଆଚରଣ ପଦ୍ଧତିକୁ ସୁରକ୍ଷା ସହ ଜଡ଼ିତ କରିବା ଲାଗି ଏଭଳି ପ୍ରୟାସ ଜାରି ରହିଛି।

## ରିଲାଏନ୍ସ ଫାଉଣ୍ଡେଶନର ବୃହତ୍ ଛାତ୍ରବୃତ୍ତି ପ୍ରତିବଦ୍ଧତା



ନୀତା ଅମ୍ବାନୀ

**ମୁମ୍ବାଇ,୨୯।୧୨**

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ (ଆର୍‌ଆଇଏଲ୍)ର ପ୍ରତିଷ୍ଠାତା ଚେୟାରମ୍ୟାନ ଧୀରୁଭାଇ ଅମ୍ବାନୀଙ୍କ ୯୦ତମ ଜୟନ୍ତୀ ଅବସରରେ ରିଲାଏନ୍ସ ଫାଉଣ୍ଡେଶନ ଆଗାମୀ ୧୦ବର୍ଷରେ ୫୦,୦୦୦ ଛାତ୍ରବୃତ୍ତି ପ୍ରଦାନ କରିବ। ଭାରତରେ ଉଚ୍ଚଶିକ୍ଷା ଲାଭ କରୁଥିବା ଛାତ୍ରଛାତ୍ରୀଙ୍କୁ ଏହି ଛାତ୍ରବୃତ୍ତି ପ୍ରଦାନ କରାଯିବ। ଏହି ଛାତ୍ରବୃତ୍ତି ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ଯୁବବର୍ଗଙ୍କ ନିମନ୍ତେ ରହିଥିବା ପ୍ରତିବଦ୍ଧତାକୁ ପ୍ରଦର୍ଶନ କରୁଛି। ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ରିଲାଏନ୍ସ ଫାଉଣ୍ଡେଶନ ଆର୍ଥିକ ଦୁର୍ବଳ ବର୍ଗର ମେଧାବୀ ଛାତ୍ରୀଛାତ୍ରୀଙ୍କ ମଧ୍ୟରୁ ସ୍ନାତକ ଶ୍ରେଣୀରେ ଅଧ୍ୟୟନ କରୁଥିବା ୫୦୦୦ ଜଣଙ୍କୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଛାତ୍ରବୃତ୍ତି ପ୍ରଦାନ କରିବ। ଏଥିସହିତ ସ୍ନାତକୋର ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ୬ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୧୦୦ ଛାତ୍ରବୃତ୍ତି ପ୍ରଦାନ କରାଯିବ। ଏଥିପାଇଁ ୨୦୨୩ ଫେବୃୟାରୀ ୧୪ ସୁଦ୍ଧା ଆବେଦନ କରାଯାଇପାରିବ।

ଏ ସମ୍ପର୍କରେ ରିଲାଏନ୍ସ ଫାଉଣ୍ଡେଶନର ଫାଉଣ୍ଡର ତଥା ଚେୟାରପର୍ସନ ନୀତା ଅମ୍ବାନୀ କହିଛନ୍ତି, ମୋ ଶ୍ୱଶୁର (ଧୀରୁଭାଇ ଅମ୍ବାନୀ)ଙ୍କର ଦେଶର ଯୁବବର୍ଗ ଏବଂ ସେମାନଙ୍କ କ୍ଷମତା ଉପରେ ବିରାଟ ଭରସା ରହିଥିଲା। ଏପରିକି ତାଙ୍କର ୯୦ତମ ଜୟନ୍ତୀ ଅବସରରେ ରିଲାଏନ୍ସ ଫାଉଣ୍ଡେଶନ ଆଗାମୀ ୧୦ ବର୍ଷରେ ଅଣ୍ଡରଗ୍ରାଜୁଏଟ ଏବଂ ପୋଷ୍ଟଗ୍ରାଜୁଏଟ ଛାତ୍ରୀଛାତ୍ରଙ୍କ ନିମନ୍ତେ ୫୦,୦୦୦ ଛାତ୍ରବୃତ୍ତି ପ୍ରଦାନ କରିବାର ପ୍ରତିବଦ୍ଧତା ଘୋଷଣା କରି ମୁଁ ଅତ୍ୟନ୍ତ ଆନନ୍ଦିତ ଅନୁଭବ କରୁଛି। ସେହିଭଳି ମୁକେଶ ଏବଂ ମୁଁ ବିଶ୍ୱାସ କରୁ ଯେ, ଉପଯୁକ୍ତ ସମର୍ଥନ ଦ୍ୱାରା ନୂଆ ପିଢ଼ି ଜ୍ଞାନ, ନବସୃଜନ ଏବଂ ନେତୃତ୍ୱ ଜରିଆରେ ଭାରତର ଅଭିବୃଦ୍ଧି ଇତିହାସରେ ସବୁଠାରୁ ଉଜ୍ଜ୍ୱଳମୟ ପରବର୍ତ୍ତୀ ଅଧ୍ୟାୟ ସୃଷ୍ଟି କରିବେ।

ଧୀରୁଭାଇ ଅମ୍ବାନୀ ଛାତ୍ରବୃତ୍ତି ୧୯୬୬ ମସିହାରେ ପ୍ରଚଳନ କରାଯାଇଥିଲା ଏବଂ ରିଲାଏନ୍ସ ଫାଉଣ୍ଡେଶନ ଛାତ୍ରବୃତ୍ତି ୨୦୨୦ରେ ଆରମ୍ଭ ହେବାଠାରୁ ସମଗ୍ର ଦେଶରେ ୧୩,୦୦୦ ଯୁବବର୍ଗଙ୍କ ଜୀବନ ଉପରେ ସକାରାତ୍ମକ ପ୍ରଭାବ ପକାଇଛି।

## 'ଆତ୍ମନିର୍ଭର ଭାରତ'ର ଉଜ୍ଜ୍ୱଳ ଉଦାହରଣ ନାଲ୍‌କୋ




**ଭୁବନେଶ୍ୱର,୨୯।୧୨**

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ପକ୍ଷରୁ ଗୁରୁବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ନାଲ୍‌କୋ ମୁଖ୍ୟାଳୟଠାରେ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର କୋଇଲା ଏବଂ ଖଣିମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ଯୋଗଦେବା ସହ କର୍ମଚାରୀମାନଙ୍କୁ ସମ୍ବୋଧିତ କରି କହିଥିଲେ, ବିଶ୍ୱବ୍ୟାପୀ ଆହ୍ୱାନପୂର୍ଣ୍ଣ ବ୍ୟବସାୟିକ ପରିସ୍ଥିତି ସତ୍ତ୍ୱେ ନାଲ୍‌କୋ ଗତ ଆର୍ଥିକ ବର୍ଷରେ ଉଲ୍ଲେଖନୀୟ ସଫଳତା ହାସଲ କରିପାରିଥିବାରୁ ମନ୍ତ୍ରୀ ଜୋଷୀ କମ୍ପାନୀର ସମସ୍ତ କର୍ମଚାରୀ ଏବଂ ମ୍ୟାନେଜମେଣ୍ଟର ଭୂୟସୀ ପ୍ରଶଂସା କରିଥିଲେ। ସେହିଭଳି ଆଲୁମିନିୟମ୍‌ର ଆତ୍ମନିର୍ଭରଶୀଳତା କ୍ଷେତ୍ରରେ ନାଲ୍‌କୋ ସର୍ବଦା ଆଗରେ ରହିଆସିଛି। ନାଲ୍‌କୋ ଏବଂ ଅନ୍ୟାନ୍ୟ ଖଣି ଏବଂ ଧାତବଶିଳ୍ପ ସଂଗଠନଗୁଡ଼ିକ ପ୍ରକୃତରେ 'ଆତ୍ମନିର୍ଭର ଭାରତ'ର ଉଜ୍ଜ୍ୱଳ ଉଦାହରଣ ବୋଲି ମନ୍ତ୍ରୀ ଜୋଷୀ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ମନ୍ତ୍ରୀ ଜୋଷୀ ସମସ୍ତ କର୍ମଚାରୀଙ୍କ ପାଇଁ ନିଜର କୃତଜ୍ଞତା ପ୍ରଦାନ ପୂର୍ବକ ବିଗତ ୪୨ ବର୍ଷର ରେକର୍ଡ ଭଙ୍ଗ କରି ସଫଳତା ପ୍ରଦାନ କରିଥିବାରୁ ଟ୍ୟାକ୍ସ ପୂର୍ବ-ଲାଭାଂଶର ୧% ଉପହାର ସ୍ୱରୂପ ଘୋଷଣା କରିଛନ୍ତି। ଏପରିକି କମ୍ପାନୀର ସମସ୍ତ ଚୁକ୍ତିଭିତ୍ତିକ ଶ୍ରମିକଙ୍କ ପାଇଁ ମଧ୍ୟ ଜୋଷୀ ସେମାନଙ୍କର ମୂଲ୍ୟବାନ୍ ଅବଦାନ ପାଇଁ ଏକ ମାସର ମୂଳ ବେତନ ଉପହାର ଆକାରରେ ଦିଆଯିବ ବୋଲି ଘୋଷଣା କରିଥିଲେ। ଏହି ପରିପ୍ରେକ୍ଷୀରେ ଖଣି ମନ୍ତ୍ରଣାଳୟର ସଚିବ ବିବେକ ଭରଦ୍ୱାଜ ମଧ୍ୟ ନାଲ୍‌କୋ ସମୁଦାୟଙ୍କୁ ସେମାନଙ୍କର ଅତୁଳନୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ।

ଅପରପକ୍ଷରେ ନାଲ୍‌କୋର ସିଏମ୍‌ଡି ଶ୍ରୀଧର ପାତ୍ର କମ୍ପାନୀ ପକ୍ଷରୁ ଖଣି ମନ୍ତ୍ରଣାଳୟର ନିରବଚ୍ଛିନ୍ନ ସହଯୋଗ ପାଇଁ କୃତଜ୍ଞତା ଜଣାଇବା ସହ କର୍ମଚାରୀଙ୍କ ଉତ୍ସର୍ଗୀକୃତ ମନୋଭାବ ତଥା କଠିନ ପରିଶ୍ରମ ଓ ଅନ୍ୟ ଅଂଶଧାରକମାନଙ୍କ ସହଯୋଗ ଫଳରେ ଏହି ସଫଳତା ହାସଲ ହୋଇପାରିଛି ବୋଲି ପାତ୍ର ମତବ୍ୟକ୍ତ କରିଥିଲେ। ଏପରିକି ନାଲ୍‌କୋର ଆଗାମୀ ୪୩ତମ ସ୍ଥାପନା ଦିବସ ପାଳନର ଠିକ ପୂର୍ବରୁ ମନ୍ତ୍ରୀଙ୍କ ଦ୍ୱାରା ଆମ କର୍ମଚାରୀଙ୍କ ପରିଶ୍ରମ ତଥା ଉଦ୍ୟମକୁ ପ୍ରଶଂସା କରିବା ଆମମାନଙ୍କ ମନୋବଳ ବୃଦ୍ଧି କରାଇ ଭବିଷ୍ୟତରେ ଉନ୍ନତ ପ୍ରଦର୍ଶନ କରିବାକୁ ପ୍ରେରିତ କରିଛି।

## ଗୋଦ୍‌ରେଜ୍ ଇଣ୍ଟେରିଓର ଆଉଟ୍‌ଲେଟ୍ ଉଦ୍‌ଘାଟିତ

**ଭୁବନେଶ୍ୱର୨୯।୧୨**

Godrej interio

ଓଡ଼ିଶା ବଜାରରେ ଗୋଦ୍‌ରେଜ୍ ଇଣ୍ଟେରିଓର ଆଉ ଏକ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ଏପରିକି ଗୁରୁବାର ସ୍ଥାନୀୟ ପଟିଆ ଛକଠାରେ ଗୋଦ୍‌ରେଜ୍ ଇଣ୍ଟେରିଓର ନୂତନ ଆଉଟ୍‌ଲେଟ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଅଭିନେତ୍ରୀ ଅନୁ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ଓ ଆଉଟ୍‌ଲେଟ୍ କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ୫୫୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ବ୍ୟାପ୍ତ ଏହି ଷ୍ଟେଟ୍ ଅଫ୍ ଆର୍ଟ ତଥା ନବୀକୃତ ଫ୍ଲାଗ୍‌ଶିପ୍ ଷ୍ଟୋର ଓଡ଼ିଶା ଏବଂ ପୂର୍ବ ଭାରତ ବଜାରରେ ଗୋଦ୍‌ରେଜ୍ ଇଣ୍ଟେରିଓର ରିଟେଲ୍ ସ୍ଥିତିକୁ ଆହୁରି ମଜଭୁତ କରିବ। ଏଠାରେ ବିଭିନ୍ନ ଷ୍ଟାଇଲ୍ ଓ ଫିନିସ୍ ସହ ହୋମ୍ ଫର୍ନିଚର୍, ମାଟ୍ରେସେସ୍ ଓ ହୋମ୍ ଷ୍ଟୋରେଜ୍ ଭଳି ଗୁଣାତ୍ମକ ଉତ୍ପାଦର ସମ୍ଭାର ଉପଲବ୍ଧ। ଏପରିକି ନୂଆ ଷ୍ଟୋରର ଶୁଭାରମ୍ଭ ସହ ଉଦ୍‌ଘାଟନୀ ଅଫର ଭାବେ ପ୍ରତି କ୍ରୟ ଉପରେ ଗୋଦ୍‌ରେଜ୍ ଇଣ୍ଟେରିଓ ପକ୍ଷରୁ ନିଶ୍ଚିତ ଉପହାର ପ୍ରଦାନ କରାଯାଉଛି। ଏ ସମ୍ପର୍କରେ ଗୋଦ୍‌ରେଜ୍ ଇଣ୍ଟେରିଓର ଉପସଭାପତି ମନୋଜ ରାଠି କହିଛନ୍ତି, ଭୁବନେଶ୍ୱର ହେଉଛି ଓଡ଼ିଶା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର। ଏପରିକି ଏହି ଷ୍ଟୋର୍ ବେଶ୍ ଚମତ୍କାର ସ୍ଥାନରେ ଥିବାରୁ ଏବଂ ଉକ୍ତ ଅଞ୍ଚଳରେ ଗୋଦ୍‌ରେଜ୍ ଇଣ୍ଟେରିଓର ଦୃଢ଼ ଏବଂ ବର୍ଦ୍ଧିତ ବ୍ରାଣ୍ଡ ପରିଚୟକୁ ନେଇ ଏହି ଷ୍ଟୋର୍‌ର ବାର୍ଷିକ ରାଜସ୍ୱ ୫କୋଟି ଟଙ୍କା ଛୁଇଁବ ବୋଲି ଆମେ ଆଶା କରୁଛୁ। ସେହିଭଳି ଏହି ଷ୍ଟୋର୍ ପୂର୍ବ ଭାରତରେ ନିଜର ଉପସ୍ଥିତିକୁ ଗୋଦ୍‌ରେଜ୍ ଇଣ୍ଟେରିଓ ଆହୁରି ସୁଦୃଢ଼ କରିଛି।

**ଫୁର୍‌ସତ**



## ନୂଆ କାମ ସୁଯୋଗରେ ଦୁବାଇରେ ଏରିକା

**ମୁମ୍ବାଇ:** ଟେଲି ଅଭିନେତ୍ରୀ ଏରିକା ଫର୍ନାଣ୍ଡିସ୍ ଜଣେ ସଫଳ ଅଭିନେତ୍ରୀ ଭାବେ ପରିଚିତ। ସେ ତାଙ୍କ ଅଭିନୟର ଛାପ ଟିଭିରେ ଦେଖାଇ ସାରିଛନ୍ତି। ତେବେ ସେ ତାଙ୍କ ଆଗାମୀ ଭବିଷ୍ୟତ ପାଇଁ ଏକ ନିଷ୍ପତ୍ତି ନେଇଛନ୍ତି, ଯାହା ସେ ଏକ ଭିଡିଓ ଜରିଆରେ ତାଙ୍କ ଫ୍ୟାନ୍ସମାନଙ୍କ ସହ ଶେୟାର କରିଛନ୍ତି। ସେ ଭାରତ ଛାଡି ଦୁବାଇ ଯିବାକୁ ନିଷ୍ପତି ନେଇଛନ୍ତି। ଦୁବାଇରେ ଭିଡିଓ ନିର୍ମାତାଙ୍କ ସହ ତାଙ୍କର ପାରସ୍ପରିକ ସମ୍ପର୍କର ଏକ ଭିଡିଓ ଶେୟାର କରିଛନ୍ତି। ସେ କହିଛନ୍ତି, ଯେତେବେଳେ ଭାରତରେ ଥିଲେ ସେତେବେଳେ କାମ କରୁଥିଲେ। ଆଉ ସେ ଯେତେବେଳେ ଦୁବାଇ ଗଲେ, ସେତେବେଳେ କାମ କରୁ ନାହାନ୍ତି। କିନ୍ତୁ ସମସ୍ତଙ୍କ ଜୀବନ ଭଳି ତାଙ୍କ ଜୀବନରେ ମଧ୍ୟ ଏମିତି ଏକ ସମୟ ଆସିବ ଯେତେବେଳେ ସେ କିଛି ନୂଆ କରିବାକୁ ସୁଯୋଗ ପାଇବେ। ସେ ଚାହିଁଲେ ଅନ୍ୟ କେଉଁଠାକୁ ଯାଇପାରନ୍ତି। କିନ୍ତୁ ସେ ଦୁବାଇରେ ରହିବାକୁ ଚାହାନ୍ତି ବୋଲି କହିଛନ୍ତି। ତାଙ୍କୁ କିଛି ନୂଆ କାର୍ଯ୍ୟର ସୁଯୋଗ ପାଇବେ ବୋଲି ସେ କହିଛନ୍ତି। ତେବେ ଏରିକା ଟେଲିଭିଜନର ଅନେକ ସିରିଏଲରେ କାର୍ଯ୍ୟ କରିଛନ୍ତି। 'କୁଛ୍ ରଙ୍ଗ ପ୍ୟାର୍‌କେ ଏସେଭି' ଏବଂ 'କସୋଟି ଜିନ୍ଦେଗି କି' ଜରିଆରେ ନିଜକୁ ଅଧିକ ପରିଚିତ କରାଇ ପାରିଥିଲେ।

## ବିବାହ ବନ୍ଧନରେ ବାନ୍ଧିହେବେ ଅନନ୍ତ, ରାଧିକା



**ନୂଆଦିଲ୍ଲୀ:** ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି ମୁକେଶ ଏବଂ ନିତା ଅମ୍ବାନୀଙ୍କ ସାନ ପୁଅ ଅନନ୍ତ ଅମ୍ବାନୀ। ବୁଧବାର ସେ ଶୀଲା ଓ ବୀରେନ ମର୍ଚ୍ଚାଣ୍ଟଙ୍କ ଝିଅ ଏବଂ ତାଙ୍କ ପିଲାଦିନର ସାଙ୍ଗ ରାଧିକାଙ୍କ ସହ ନିର୍ବନ୍ଧ କରିଛନ୍ତି। ଏହାର ଫଟୋ ସାମ୍ନାକୁ ଆସିଛି। ଦୁହିଁଙ୍କ ନିର୍ବନ୍ଧ ରାଜସ୍ଥାନର ରାଜସମନ୍ଦ ଜିଲାର ନାଥଦ୍ୱାରାରେ ଅବସ୍ଥିତ ଶ୍ରୀନଥଜୀ ମନ୍ଦିରରେ ସମ୍ପର୍ଣ୍ଣ ହୋଇଛି। ଏଥିରେ ଉଭୟଙ୍କ ପରିବାର ଓ ସମ୍ପର୍କୀୟ ଉପସ୍ଥିତ ଥିଲେ। ତେବେ ଅମ୍ବାନୀ ପରିବାରର ସାନ ବୋହୂ ହେବେ ରାଧିକା। ହେଲେ ଦୁହେଁ କେବେ ବିବାହ କରିବେ ସେ ନେଇ ଏପର୍ଯ୍ୟନ୍ତ କୌଣସି ସୂଚନା ମିଳିନାହିଁ। ରାଧିକା ଜଣେ ପ୍ରଶିକ୍ଷିତ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ। ସେ ମୁମ୍ବାଇରେ ତାଙ୍କ ପାଠପଢା ସାରି ଉଚ୍ଚ ଶିକ୍ଷା ପାଇଁ ନ୍ୟୁୟର୍କ ଯାଇଥିଲେ। ସେଠାରେ ସ୍ନାତକ ହାସଲ କରିବା ପରେ ସେ ଏବେ ଏନକୋର ହେଲ୍ଥ କେୟାରର ନିର୍ଦ୍ଦେଶକ ମଣ୍ଡଳୀରେ କାର୍ଯ୍ୟ କରୁଛନ୍ତି। ଅନ୍ୟପଟେ ଅନନ୍ତ ଆମେରିକା ୟୁନିଭର୍ସିଟିରୁ ତାଙ୍କ ଅଧ୍ୟୟନ ଶେଷ କରିଛନ୍ତି। ସେ ଜିଓ ପ୍ଲାଟଫର୍ମ ଓ ରିଲାଏନ୍ସ ରିଟେଲ୍ ଭେଞ୍ଚର ନିର୍ଦ୍ଦେଶକ ମଣ୍ଡଳୀରେ କାର୍ଯ୍ୟ କରିସାରିଛନ୍ତି। ବର୍ତ୍ତମାନ ସେ ରିଲାଏନ୍ସର ପାୱାର ସେକ୍ଟରରେ କାର୍ଯ୍ୟ କରୁଛନ୍ତି।

## ୮ ବର୍ଷ ପରେ ପୂରଣ ହେଲା ସ୍ୱପ୍ନ

**ଖୁଚୁରା ଦେଇ କିଣିଲେ ସ୍କୁଟି**




**ଦିଶପୁର:** ନିଜ ସ୍ୱପ୍ନ ପୂରଣ କରିବାକୁ ଲୋକେ ବହୁତ କିଛି କରିଥାନ୍ତି। ନିକଟରେ ଜଣେ ମଜୁରିଆ ୮ ବର୍ଷ ପରେ ତାଙ୍କ ସ୍ୱପ୍ନକୁ ପୂରଣ କରିଛନ୍ତି। ଆସାମର ଗୁଆହାଟୀର କେ ଗାଁରେ ରହୁଥିବା ରାୟ୍ ନାମକ ମଜୁରିଆ ସ୍କୁଟି କିଣିବା ପାଇଁ ୨୦୧୪ରୁ କିଛି କିଛି ଖୁଚୁରା ପଇସା ସରାଗାତରେ ଭରୁଥିଲେ। ସେଥିରେ ୧ ଟଙ୍କା, ୨ ଟଙ୍କା, ୫ ଟଙ୍କା ଏବଂ ୧୦ ଟଙ୍କା ରଖୁଥିଲେ। ଏବେ ଯେବେ ସେ ତାଙ୍କ ସରାଗାତକୁ ଭାଙ୍ଗି ଟଙ୍କା ସବୁ ଗଣିଥିଲେ। ସେତେବେଳେ ସରାଗାତରୁ ୧ ଲକ୍ଷ ୫୦ ହଜାର ଟଙ୍କା ଥିବା ଜାଣିବାକୁ ପାଇଲେ। ଏହାପରେ ସେ ତାଙ୍କ ସ୍ତ୍ରୀଙ୍କୁ ନେଇ ସ୍ୱପ୍ନର ସ୍କୁଟି କିଣିବାକୁ ଏକ ଶୋ' ରୁମ୍‌କୁ ଗଲେ। ସେଠାରେ ଦୋକାନୀ ଏତେ ଟଙ୍କା ଦେଖି ପ୍ରଥମେ ନେବାକୁ ମନା କରିଦେଇଥିଲେ। କିନ୍ତୁ ସେ ଉକ୍ତ ବ୍ୟକ୍ତିଙ୍କୁ ଫେରାଇ ନ ଥିଲେ। ସେହି ଖୁଚୁରା ପଇସାକୁ ବ୍ୟାଙ୍କରେ ଦେଇଥିଲେ। ବ୍ୟାଙ୍କ ମଧ୍ୟ ଏତେ ଖୁଚୁରାକୁ ନେବାକୁ ମନା କରିଥିଲା। ସେ ସେହି ଦୋକାନୀ କିଛି ବ୍ୟବସ୍ଥା କରି ବ୍ୟାଙ୍କରୁ ଟଙ୍କା ଆଣିଥିଲେ। ଏଥିସହ ଉକ୍ତ ବ୍ୟକ୍ତିଙ୍କ ସ୍ୱପ୍ନ ପୂରଣ କରିବାରେ ସାହାଯ୍ୟ କରିଥିଲେ।

## ପେଙ୍ଗୁଇନ୍‌କୁ ଓଜନ କରାଇ ମହିଳା ନାକେଦମ୍



**ନୂଆଦିଲ୍ଲୀ :** ମଣିଷ ଅନେକ ପୋଷା ପ୍ରାଣୀକୁ ରଖିବାକୁ ପସନ୍ଦ କରିଥାନ୍ତି। ଏଥିସହ ତାଙ୍କର ସମ୍ପୂର୍ଣ୍ଣ ଧ୍ୟାନ ମଧ୍ୟ ରଖିଥାନ୍ତି। ତାଙ୍କ ପାଇଁ ସବୁ ପ୍ରକାର କାର୍ଯ୍ୟ କରିବାକୁ ପଛାନ୍ତି ନାହିଁ। ତେବେ ନିକଟରେ ଏକ ମଜାଳିଆ ଭିଡିଓ ଦେଖିବାକୁ ମିଳିଛି। ଏଥିରେ ଗୋଟେ ପେଙ୍ଗୁଇନ୍‌କୁ ଜଣେ ମହିଳା ଓଜନ କରୁଛନ୍ତି। ହେଲେ ପେଙ୍ଗୁଇନ୍‌କୁ ଓଜନ କରିବା ସମୟରେ ସେ ସେଠାରୁ ପଳାଇଯାଉଥିବାବେଳେ ମହିଳା ତାକୁ ସମ୍ଭାଳି ହାଲିଆ ହେଉଥିବା ଦେଖିବାକୁ ମିଳିଛି। ମହିଳା ଜଣକ ୯୭ ଦିନର ପେଙ୍ଗୁଇନ୍ ଛୁଆକୁ ଏକ ଓଜନ ମାପିବା ମେସିନ ଉପରେ ଠିଆ କରାଇ ଓଜନ କରୁଥିଲେ। ସେ ବାରମ୍ବାର ସେହି ମେଶିନ ଉପରୁ ପଳାଇଯାଉଥିଲା। ପରେ କିଛି ସମୟ ପରେ ପେଙ୍ଗୁଇନ୍ ସ୍ଥିର ଭାବେ ମେଶିନ ଉପରେ ଠିଆ ହୋଇଥିଲା। ଯାହା ଫଳରେ ତାହା ଓଜନ ମପାଯାଇପାରିଲା। ପେଙ୍ଗୁଇନ୍‌ଟିର ଓଜନ ୧୪ କିଲୋ ହୋଇଥିବା ଜଣାପଡିଛି। ହେଲେ ଏହି ଭିଡିଓଟି କେଉଁ ସ୍ଥାନର ତାହା ଏପର୍ଯ୍ୟନ୍ତ ଜଣାପଡିନାହିଁ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଦିଲୀପ ତିର୍କୀ



କଳିଙ୍ଗ ଷ୍ଟାଡିୟମରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପରେ ଭାରତ-ଆମେରିକା ମ୍ୟାଚ।

ବିଦାୟ ବେଳାରେ କ୍ରୀଡ଼ାବର୍ଷ ୨୦୨୨। ଏହି ବର୍ଷ ଅନେକ କାରଣ ପାଇଁ କ୍ରୀଡ଼ା କ୍ଷେତ୍ରରେ ଚର୍ଚ୍ଚାରେ ରହିଥିଲା ଓଡ଼ିଶା। ସର୍ବପ୍ରଥମ ଅଲ୍‌ଟିମେଟ ଖୋ ଖୋରେ ଓଡ଼ିଶା ଜଗରନଟ୍ସ ଚାମ୍ପିୟନ ହୋଇଥିବାବେଳେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଆୟୋଜନ ନୂଆ ଫର୍ଦ୍ଦ ଯୋଡ଼ିଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ା କୁଇନ୍ସ ବାଟନ ଏବଂ ଚେସ୍ ଅଲିମ୍ପିଆଡ ମଶାଲ ରିଲେ ଓଡ଼ିଶା ଭ୍ରମଣ କରିଥିବାବେଳେ ବିଶ୍ୱକପ ଟ୍ରଫି ଟୁର୍ ହକିର ଉଷ୍ମତାକୁ ବଢ଼ାଇ ଦେଇଥିଲା।

## ଖୋ ଖୋ, ଫୁଟ୍‌ବଲ

# ଯୋଡ଼ିଲା ନୂଆ ଫର୍ଦ୍ଦ

ବିଦାୟୀ ବର୍ଷରେ ଓଡ଼ିଶା କ୍ରୀଡ଼ା ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ିଥିଲା ଖୋ ଖୋ ଓ ଫୁଟବଲ। ମହାରାଷ୍ଟ୍ରର ପୁଣେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଅଲ୍‌ଟିମେଟ ଖୋ ଖୋ ଲିଗ୍‌ର ପ୍ରଥମ ସଂସ୍କରଣରେ ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍ ଓଡ଼ିଶା ଜଗରନଟ୍ସ ଅଂଶଗ୍ରହଣ କରିଥିଲା। ଏହି ପାରମ୍ପରିକ କ୍ରୀଡ଼ାରେ ଓଡ଼ିଶାର ଯେ ଏକ ଦଳ ଭାଗ ନେଇଥିଲା ତା' ନୁହେଁ ଜଗରନଟ୍ସ ଚାମ୍ପିୟନ ହୋଇ ଇତିହାସ ରଚିଥିଲା। ସେପ୍ଟେମ୍ବର-ଅକ୍ଟୋବରରେ ଅନୁଷ୍ଠିତ ଫାଇନାଲରେ ତେଲୁଗୁ ଯୋଦ୍ଧାସକୁ ମାତ୍ର ୧ ରନରେ ହରାଇ ବିଜୟ ମୁକୁଟ ପିନ୍ଧିଥିଲା ଓଡ଼ିଶା। ସେହିପରି ଭାରତରେ ଅନୁଷ୍ଠିତ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ୬ଟି ଗ୍ରୁପ୍ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଆୟୋଜନ କରି ଓଡ଼ିଶା ଆଉ ଏକ ଉଦାହରଣ ସୃଷ୍ଟି କରିଥିଲା। ବିଶ୍ୱକପରେ ପ୍ରଥମଥରପାଇଁ ପଦାର୍ପଣ କରିଥିବା ଭାରତ ଏହାର ୩ଟି ଯାକ ଲିଗ୍ ମ୍ୟାଚ କଳିଙ୍ଗରେ ଖେଳିଥିଲା। ଏହା ବ୍ୟତୀତ ଆମେରିକା, ବ୍ରାଜିଲ, ମରକ୍କୋ, ଚିଲି ଓ ନାଇଜେରିଆ ମଧ୍ୟ ଏଠାରେ ମ୍ୟାଚ ଖେଳିଥିଲେ। ଗୋଆର ମାର୍ଗାଓ ଏବଂ ନଭି ମୁମ୍ବାଇରେ ଅନ୍ୟ ମ୍ୟାଚ ଗୁଡ଼ିକ ଅନୁଷ୍ଠିତ ହୋଇଥିଲା। ନଭିମୁମ୍ବାଇରେ ଅନୁଷ୍ଠିତ ଫାଇନାଲରେ କଲମ୍ବିଆକୁ ହରାଇ ସ୍ପେନ୍ ଟାଇଟଲ ବଜାୟ ରଖିଥିଲା। କଳିଙ୍ଗରେ ୨୦ ବର୍ଷରୁ କମ୍ ସାଫ୍ (ସାଉଥ୍ ଏସିଆନ ଫୁଟବଲ ଫେଡେରେଶନ)ଚାମ୍ପିୟନଶିପ୍ ମଧ୍ୟ ସଫଳତାର ସହ ଆୟୋଜିତ ହୋଇଥିଲା। ଏଥିରେ ଭାରତ ସମେତ ମାଳଦ୍ୱୀପ, ନେପାଳ, ବାଂଲାଦେଶ ଓ ଶ୍ରୀଲଙ୍କା ଦଳ ଅଂଶଗ୍ରହଣ କରିଥିଲା।

## ପ୍ରଣବ ଓସିଏ ସଭାପତି


ପ୍ରଣବ ପ୍ରକାଶ ଦାସ

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ହାଇ ପ୍ରୋଫାଇଲ ନିର୍ବାଚନ ଏହି ବର୍ଷ ଅନୁଷ୍ଠିତ ହୋଇଥିଲା। ତେବେ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ ବିଜେଡିର ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ। ସମ୍ପାଦକ ପଦ ବଜାୟ ରଖିଥିଲେ ସଞ୍ଜୟ ବେହେରା। ସୁରେଶ କୁମାର ରାଉତରାୟ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସଭାପତି ଏବଂ ସୌର୍ଯ୍ୟରଞ୍ଜନ ପରିଜା ସମ୍ପାଦକଭାବେ ପୁନଃ ନିର୍ବାଚିତ ହୋଇଥିଲେ।

## ଦିଲୀପଙ୍କୁ ହକି ଇଣ୍ଡିଆ ଦାୟିତ୍ୱ


ଦିଲୀପ ତିର୍କୀ

ଏହି ବର୍ଷ ହକି ଇଣ୍ଡିଆର ନୂଆ ସଭାପତି ହୋଇ ଓଡ଼ିଶାକୁ ଗର୍ବିତ କରିଥିଲେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ଅଲିମ୍ପିଆନ ଦିଲୀପ ତିର୍କୀ। ତାଙ୍କର ଦୁଇ ପ୍ରତିଦ୍ୱନ୍ଦ୍ୱୀ ରାକେଶ କାଟୟାଲ ଓ ଭୋଳା ନାଥ ସିଂ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାରୁ ନିର୍ବିବାଦରେ ହକି ଇଣ୍ଡିଆର ମୁଖ୍ୟ ପଦ ହାସଲ କରିଥିଲେ ପଦ୍ମଶ୍ରୀ ଦିଲୀପ।

## ରାଜେନ୍ଦ୍ର, ଶ୍ରଦ୍ଧାଞ୍ଜଳି ଆମ୍ବାସାଡର

ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଫୁଟବଲ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂ ଏବଂ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଓଡ଼ିଶାର ଫୁଟବଲ ଆମ୍ବାସାଡର ନିଯୁକ୍ତ ହୋଇଥିଲେ। ୧୭ ବର୍ଷରୁ କମ୍


ଶ୍ରଦ୍ଧାଞ୍ଜଳି ସାମନ୍ତରାୟ

ଜାତୀୟ ମହିଳା ଫୁଟବଲ ଚାମ୍ପିୟନଶିପ୍ ଅବସରରେ ଚୟନକର୍ତ୍ତା ଦାୟିତ୍ୱ ତୁଲାଇଥିବା ଶ୍ରଦ୍ଧାଞ୍ଜଳି ଲିଜେଣ୍ଡ୍ସ ମ୍ୟାଚ ଖେଳିବା ଲାଗି ଫିଫାଦ୍ୱାରା ମନୋନୀତ ହୋଇ ନିଜ କ୍ୟାରିୟରକୁ ଭିନ୍ନ ଏକ ସୋପାନରେ ପହଞ୍ଚାଇଥିଲେ।

## ବାରବାଟୀରେ ଟି୨୦

ଜୁନ ୧୨ରେ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ। ସେହିପରି ସେପ୍ଟେମ୍ବରରେ ସେହି ଭେନ୍ୟୁରେ ଲିଜେଣ୍ଡ୍ସ ଲିଗ୍ କ୍ରିକେଟର ୩ଟି ମ୍ୟାଚ ଆୟୋଜିତ ହୋଇଥିଲା। ଅନେକ କିମ୍ବଦନ୍ତୀ ଖେଳାଳି ଏହି ଲିଗ୍‌ରେ ଅଂଶଗ୍ରହଣ କରିଥିଲେ। ପୂର୍ବ ବର୍ଷ ଗୁଡ଼ିକଭଳି ଏଥର ମଧ୍ୟ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ ସମ୍ପନ୍ନ ହୋଇଥିଲା।

## ଟେନିସ ପ୍ରତିଭାଙ୍କ ବିରଳ କୃତିତ୍ୱ

ବିଦାୟୀ ବର୍ଷରେ ଓଡ଼ିଶାର ପ୍ରତିଭା ସମ୍ପନ୍ନ ଟେନିସ ଖେଳାଳିମାନେ ବ୍ୟକ୍ତିଗତ ପ୍ରଦର୍ଶନ ମାଧ୍ୟମରେ ଚମକ ସୃଷ୍ଟି କରିଥିଲେ। ଓଡ଼ିଶାର ପ୍ରଥମ ଖେଳାଳିଭାବେ ଭାରତୀୟ ଜୁନିୟର ଡେଭିସ୍ କପ୍ ଦଳରେ ସାମିଲ ହୋଇଥିଲେ ଦେବାଶିଷ ସାହୁ। ସେହିପରି ସୋହିନୀ ସଞ୍ଜୟ ମହାନ୍ତି ଆଇଟିଏଫ୍ ବିଶ୍ୱ ଜୁନିୟର ଟେନିସ ପ୍ରତିଯୋଗିତାର ଅନ୍ତିମ କ୍ୱାଲିଫାଇଂ ଇଭେଣ୍ଟ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇ ଯୋଡ଼ିଥିଲେ ଏକ ନୂଆ ଫର୍ଦ୍ଦ। ଅନ୍ୟତମ ଟେନିସ ପ୍ରତିଭା ଆହାନ ୧୨ ବର୍ଷରୁ କମ୍ ବାଳିକା ବର୍ଗରେ ଦେଶର


ଦେବାଶିଷ ସାହୁ

ନମ୍ବର ୱାନ ହୋଇ ରାଜ୍ୟକୁ ଗର୍ବିତ କରିଥିଲେ। ବିଦାୟୀ ବର୍ଷରେ ଆହାନ ଅଧ ଡଜନେରୁ ଊର୍ଦ୍ଧ୍ୱ ସର୍ବଭାରତୀୟ ଟେନିସ ଟାଇଟଲ ହାସଲ କରିଥିଲେ। କବିର ହଂସ, ଆରାଧ୍ୟା ବର୍ମା ଓ ଲଳିତ ଟୁଡୁଙ୍କ ପରି ଅନେକ ଖେଳାଳି ମଧ୍ୟ ସଫଳତା ପାଇଥିଲେ।

## ଅମିତ, ବୀରେନ୍ଦ୍ର ଅଧିନାୟକ

ଓଡ଼ିଶାର ଅମିତ ରୋହିଦାସ ଏବଂ ବୀରେନ୍ଦ୍ର ଲାକ୍ରା ଏହି ବର୍ଷ ଭାରତୀୟ ହକି ଦଳର ଅଧିନାୟକ ହେବାର ଗୌରବ ଅର୍ଜନ କରିଥିଲେ।


ଅମିତ ରୋହିଦାସ

ଏପ୍ରିଲରେ ଅନୁଷ୍ଠିତ ଆର୍ଜେଣ୍ଟିନା ବିପକ୍ଷ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ଅମିତଙ୍କ ମୁଣ୍ଡରେ ଅଧିନାୟକର ମୁକୁଟ ପିନ୍ଧା ଯାଇଥିଲା। ଇଂଲଣ୍ଡ, ବେଲଜିୟମ ଏବଂ ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚରେ ମଧ୍ୟ ସେ ଏହି ଗୁରୁଦାୟିତ୍ୱ ତୁଲାଇଥିଲେ। ସେହିପରି ଜୁନ୍‌ରେ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆ କପ୍ ପାଇଁ ଉପ-ଅଧିନାୟକ ମନୋନୀତ ବୀରେନ୍ଦ୍ର ଲାକ୍ରା ପରେ ରୁପିନ୍ଦର ପାଲ୍ ସିଂ ଆହତ ହେବାରୁ ଦଳର ନେତୃତ୍ୱ ନେଇଥିଲେ।

## ପରଲୋକ

ଓଡ଼ିଶାର ପୂର୍ବତନ କ୍ରିକେଟ ଅଧିନାୟକ ଏବଂ କ୍ରୀଡ଼ା ସଚିବ ମଦନ ମୋହନ ମହାନ୍ତିଙ୍କର ଫେବୃୟାରୀରେ ପରଲୋକ ଘଟିଥିଲା। ସେ ୧୯୫୯-୬୦ରୁ ୧୯୭୮-୭୯ ମଧ୍ୟରେ ରାଜ୍ୟ ପକ୍ଷରୁ ୨୫ଟି ପ୍ରଥମ ଶ୍ରେଣୀ ରଣଜୀ ଟ୍ରଫି ଏବଂ କୁଚ୍ ବିହାର ଟ୍ରଫିରେ ୪ଟି ମ୍ୟାଚ ଖେଳିଥିଲେ।



ଅଲ୍ଟିମେଟ ଖୋ ଖୋ ଲିଗ୍‌ରେ ଚାମ୍ପିୟନ ଓଡ଼ିଶା ଜଗରନଟ୍ସ ଦଳ।

## ହକି ବିଶ୍ୱକପ : ଲୋଗୋ ଉନ୍ମୋଚନ, ଟ୍ରଫି ଟୁର୍

୨୦୨୩ ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଓ ରାଉରକେଲାର ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ହେବାକୁଥିବା ଏଫ୍ଆଇଏଚ୍ ପୁରୁଷ ହକି ବିଶ୍ୱକପର ଲୋଗୋକୁ ଗତ ଏପ୍ରିଲରେ ଉନ୍ମୋଚନ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଶ୍ୱକପ ଇତିହାସରେ ପ୍ରଥମଥରପାଇଁ ଟ୍ରଫି ଟୁର୍ କାର୍ଯ୍ୟକ୍ରମ ଡିସେମ୍ବରର ପ୍ରଥମ ଭାଗରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହକି ବିଶ୍ୱକପ ଟ୍ରଫିକୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କୁ ହସ୍ତାନ୍ତର କରିଥିଲେ। ଭୁବନେଶ୍ୱରରୁ ଆରମ୍ଭ ହୋଇଥିବା ଯାତ୍ରା ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପରିକ୍ରମା କରିବାପରେ ଡିସେମ୍ବର ଶେଷଭାଗରେ ଭୁବନେଶ୍ୱର ଫେରିଥିଲା ଏବଂ ଏହାପରେ ରାଜ୍ୟର ବିଭିନ୍ନ ସହର ଭ୍ରମଣ କରିଥିଲା।

## ପଦ୍ମଶ୍ରୀ ପ୍ରମୋଦ, ଦୀପଗ୍ରେସଙ୍କୁ ଅର୍ଜୁନ

୨୦୧୯ରେ ଅର୍ଜୁନ, ବିଜୁ ପଟ୍ଟନାୟକ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର, ୨୦୨୦ରେ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ହାସଲ କରିଥିବା ଓଡ଼ିଶାର ତାରକା ପାରା ଆଥଲେଟ୍ ପ୍ରମୋଦ ଭଗତ ୨୦୨୨ରେ ପଦ୍ମଶ୍ରୀ ସମ୍ମାନ ପାଇଥିଲେ। ସେହିପରି ଓଡ଼ିଶାର ଦ୍ୱାଦଶ ଖେଳାଳିଭାବେ ଏହି ବର୍ଷ ସମ୍ମାନଜନକ ଅର୍ଜୁନ ପୁରସ୍କାର ଲାଭ କରିଥିଲେ ଭାରତୀୟ ମହିଳା ଦଳର ଉପଅଧିନାୟିକା ଦୀପ୍ ଗ୍ରେସ୍ ଏକ୍କା। ଭାରୋତ୍ତୋଳିକା ଝିଲ୍ଲି ଦଳବେହେରା ଓ ଶୁଟର ଶ୍ରୀୟଙ୍କା ଷଡ଼ଙ୍ଗୀ ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଥିଲେ। ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ଦେବାଶିଷ ମହାନ୍ତିଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏକଲବ୍ୟ ପୁରସ୍କାର ପାଇଥିଲେ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ। ମାର୍ଚ୍ଚରେ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନର ବାର୍ଷିକ ପୁରସ୍କାର ହାସଲ କରିଥିଲେ ଓଡ଼ିଶା ବାସ୍କେଟବଲ କିମ୍ବଦନ୍ତୀ ଅରୂପାନନ୍ଦ ରାଉତରାୟ ଓ ହକି ତାରକା ବୀରେନ୍ଦ୍ର ଲାକ୍ରା। ସେହିପରି ମାଧୁରୀ ମେହେଟ୍ଟା ଓ ଅଭିଷେକ ରାଉତ ୨୦୨୧-୨୨ ସିଜନ ପାଇଁ ସହିଦ ସ୍ୱୋର୍ଚ୍ଚି-ମାରୁତି ଇଷ୍ଟେଟ 'କ୍ରିକେଟର ଅଫ୍ ଦି ଇୟର' ପୁରସ୍କାର ପାଇଥିଲେ।


ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ପ୍ରମୋଦ ଭଗତ।

## ସମ୍ବିତ, ସାଇନାଙ୍କୁ ଟାଇଟଲ


ସମ୍ବିତ ପଣ୍ଡା


ସାଇନା ସାଲୋନିକା

ବର୍ଷ ଶେଷରେ ଓଡ଼ିଶା ଚେସ୍‌ପାଇଁ ଆସିଥିଲା ଖୁସି ଖବର। ସମ୍ବିତ ପଣ୍ଡା ହାସଲ କରିଥିଲେ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ଟାଇଟଲ। ସେହିପରି ଚେନ୍ନାଇର ମହାବଳୀପୁରମ୍‌ଠାରେ ଆୟୋଜିତ ୪୪ତମ ଚେସ୍ ଅଲିମ୍ପିଆଡ୍ ଅବସରରେ ଅନୁଷ୍ଠିତ ବିଶ୍ୱ ଚେସ୍ ଫେଡେରେଶନ (ଫିଡେ) କଂଗ୍ରେସରେ ଓଡ଼ିଶା ଚେସ୍ ତାରକା ସାଇନା ସାଲୋନିକାଙ୍କ ମହିଳା ଅନ୍ତର୍ଜାତୀୟ ମାଷ୍ଟର (ଡବ୍ଲ୍ୟୁଆଇଏମ୍) ଟାଇଟଲକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ଅପରାଜିତା ଗୋଚ୍ଛିକାର, ଭବେଶ ମହାନ୍ତି ଓ ସନ୍ତୋଷ ମହାପାତ୍ରଙ୍କ ଅନ୍ତର୍ଜାତୀୟ ଆର୍ବିଟର (ଆଇଏ) ଟାଇଟଲକୁ ମଧ୍ୟ ଅନୁମୋଦନ କରାଯାଇଥିଲା।


କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ମହିଳା ଭଲିବଲ ଦଳ।

## ସଫଳତା: ଇତିହାସ ରଚିଲା ମହିଳା ଭଲିବଲ ଦଳ

ଏହି ବର୍ଷ ପ୍ରତିଯୋଗିତା ଆୟୋଜନ ଏବଂ ବ୍ୟକ୍ତିଗତ ପ୍ରଦର୍ଶନରେ ଓଡ଼ିଶା ଭଲିବଲ ସଫଳତାର ଶୀର୍ଷକୁ ଛୁଇଁଥିଲା। ଫେଡେରେଶନ କପ୍ ଏବଂ ଜାତୀୟ ଭଲିବଲ ଇତିହାସରେ ଓଡ଼ିଶା ମହିଳା ଦଳ ପ୍ରଥମଥରପାଇଁ ବ୍ରୋଞ୍ଜ ପଦକ ଜିତି ଇତିହାସ ରଚିଥିଲା। ଶୁଟର ଶ୍ରୀୟଙ୍କା ଷଡ଼ଙ୍ଗୀ ଇଜିପ୍ଟର କାଏରୋରେ ଅନୁଷ୍ଠିତ ଆଇଏସ୍ଏସ୍ଏଫ୍ ବିଶ୍ୱକପ୍‌ରେ ବ୍ରୋଞ୍ଜ ପଦକ ଜିତି ଥିବାବେଳେ ଏସିଆନ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ର ଟିମ୍ ପର୍ସ୍ୟୁଟ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତଥିଲେ ସ୍ୱସ୍ତି ସିଂ ଓ ଦୀନେଶ କୁମାର। ଓଡ଼ିଶାର ଏକମାତ୍ର ସ୍ନୋ ଗର୍ଲ ଭାବେ ପରିଚିତ ରଞ୍ଜିତା ବେହେରା ବରଫ ଉପରେ ନିଜର କଳା କୌଶଳ ପ୍ରଦର୍ଶନ କରି ପ୍ରଶଂସା ସାଉଁଟିଥିଲେ। ବାହାରିନ୍‌ରେ ଅନୁଷ୍ଠିତ ଏସୀୟ ଜୁଜୁଟ୍ସୁ ପ୍ରତିଯୋଗିତାରେ ଅନୁପମା ସ୍ୱାଇଁ ଅଂଶଗ୍ରହଣ କରଥିଲେ। ସେହିପରି ଅଲ୍‌ମାଟିଠାରେ ଅନୁଷ୍ଠିତ କୋସାନୋଭ ମେମୋରିଆଲ୍ ଅନ୍ତର୍ଜାତୀୟ ଆଥଲେଟିକ୍ସରେ ଦୂତୀ ଚାନ୍ଦ ୨ଟି ରୌପ୍ୟ ପଦକ ହାସଲ କରିଥିଲେ। ଥିରୁଭାନନ୍ତପୁରମରେ ଅନୁଷ୍ଠିତ ମାଷ୍ଟର୍ସ ଗେମ୍‌ରେ ପାର୍ବତୀ ସେଠୀ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଇଣ୍ଡିଆନ ଗ୍ରାଁ ପ୍ରି-୩ରେ ଶ୍ରାବଣୀ ନନ୍ଦ ସ୍ୱର୍ଣ୍ଣ, ଆର୍ଯ୍ୟନ ଏକ୍କା ରୌପ୍ୟ ଓ ଅମିୟ ମଲିକ, ଲକ୍ଷ୍ମୀପ୍ରିୟା କିଶାନ ଓ ସ୍ୱାଧୀନ କୁମାର ମାଝି ବ୍ରୋଞ୍ଜ ପଦକ ପାଇଥିଲେ। ହ୍ୟାଣ୍ଡବଲ ପ୍ରତିଭା ଆର୍ଯ୍ୟନ ବ୍ରାହ୍ମିନ ଏହି ବର୍ଷ ଅଧଡଜନେ ବଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କ୍ୟାରିୟରକୁ ଋଦ୍ଧିମନ୍ତ କରିଥିଲେ।

## ଲିଲିମା ଓ ନମିତାଙ୍କ ଅବସର

ବର୍ଷ ଆରମ୍ଭରେ ଅନ୍ତର୍ଜାତୀୟ ହକିକୁ ଅଲ୍‌ବିଦା ଜଣାଇଥିଲେ ଓଡ଼ିଶାର ମହିଳା ଖେଳାଳି ଲିଲିମା ମିଞ୍ଜ। କ୍ୟାରିୟରରେ ୧୫୬ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳି ୧୪ଟି ଗୋଲ କରିଥିବା ଲିଲିମା ୨୦୧୬ ରିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ। ସେପ୍ଟେମ୍ବରରେ ମାତ୍ର ୨୭ ବର୍ଷ ବୟସରେ ଅବସର ଘୋଷଣା କରି ସମସ୍ତଙ୍କୁ ବିସ୍ମିତ କରି ଦେଇଥିଲେ ଅନ୍ୟତମ ଅନ୍ତର୍ଜାତୀୟ ଓଡ଼ିଆ ମିଡ୍‌ଫିଲ୍ଡର ନମିତା ଟପ୍ପୋ। ଆହତ ସମସ୍ୟା ଲାଗି ରହିବା ଯୋଗୁ ସେ କମ୍ ବୟସରେ ଏପରି କଠିନ ନିଷ୍ପତ୍ତି ନେଇଥିବା ପ୍ରକାଶ କରିଥିଲେ। ସେ ଭାରତ ପକ୍ଷରୁ ୧୬୮ଟି ମ୍ୟାଚ ଖେଳିଥିଲେ। ଏସିଆନ ଗେମ୍ସ, ଏସିଆ କପ୍, ଏସିଆନ ଚାମ୍ପିୟନ୍ସ ଟ୍ରଫି, ଜୁନିୟର ମହିଳା ହକି ବିଶ୍ୱକପ ଆଦିରେ ସେ ଭାରତ ପକ୍ଷରୁ ଖେଳିଥିଲେ।

# କାର୍ତ୍ତିକଙ୍କ ଶତକରେ ଓଡ଼ିଶା ଅଗ୍ରଣୀ

**ରଣଜୀ ଟ୍ରଫି**

ଭୁବନେଶ୍ୱର, ୨୯।୧୨
(କ୍ରୀଡ଼ା ପ୍ରତିନିଧି)

କାର୍ତ୍ତିକ ବିଶ୍ୱାଳଙ୍କ ପ୍ରଥମ ଶତକ ସହାୟତାରେ ଓଡ଼ିଶା କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ହରିୟାଣା ବିପକ୍ଷରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀଲାଭ କରିଛି। ପ୍ରଥମ ଇନିଂସରେ ହରିୟାଣା ୩୩୮ ରନ କରିଥିବାବେଳେ ଓଡ଼ିଶା ୪୧୪ ରନକରି ୭୬ ରନରେ ଅଗ୍ରଣୀ ହୋଇଥିଲା। ଗୁରୁବାର ତୃତୀୟ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ହରିୟାଣା ଦ୍ୱିତୀୟ ଇନିଂସରେ ୧ ଉଇକେଟ ହରାଇ ୧୧୯ ରନ ସଂଗ୍ରହ କରିଛି। ଫଳରେ ୯ ଉଇକେଟ ଥାଇ ଏହି ଦଳ ୪୩ ରନରେ ଆଗୁଆ ହୋଇଛି। ଶୁକ୍ରବାର ମ୍ୟାଚର ଶେଷ ଦିବସ। ସେମିତି କିଛି ବିପର୍ଯ୍ୟୟ ନ ଘଟିଲେ ମ୍ୟାଚରୁ ଫଳାଫଳ ମିଳିବା ସମ୍ଭାବନା କମ୍ ରହିଛି। ତେଣୁ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଓଡ଼ିଶା ୩ ପଏଣ୍ଟ ପାଇବା ସମ୍ଭାବନା ବଢ଼ିଛି।

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୨୦୪/୩ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ତୃତୀୟ ଦିବସରେ ମଧ୍ୟ ଭଲ ଆରମ୍ଭ କରିଥିଲା। ବିଶେଷ କରି ଦୁଇ ଅପରାଜିତ ବ୍ୟାଟର ଅଧିନାୟକ ଶୁଭ୍ରାଂଶୁ ସେନାପତି ଓ କାର୍ତ୍ତିକ ୪ର୍ଥ ଉଇକେଟରେ ୯୮ ରନର ଭାଗୀଦାରି ଗଢ଼ି ଓଡ଼ିଶାକୁ ଏକ ସମ୍ମାନ ଜନକ ସ୍ଥିତିରେ ପହଞ୍ଚାଇ ଦେଇଥିଲେ। ଶୁଭ୍ରାଂଶୁ ୬୩ ରନକରି ବିପକ୍ଷ ଦଳର ପେସ୍ ବୋଲର ଅଜିତ ଚହଲଙ୍କ ବଲ୍‌ରେ ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ୧୫୨ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଶୁଭ୍ରାଂଶୁ ନିଜ ଇନିଂସରେ ୪ ଚୌକା ଓ ୨ ଛକା ମାରିଥିଲେ। ଗୋଟିଏ ପଟରେ ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର ୧୦, ଉଇକେଟ କିପର ସୁଜିତ ଲେଙ୍କା ୨୬ ଓ ପ୍ରୟାସ ସିଂ ୧୩ ରନ କରି ଆଉଟ ହୋଇଥିଲେ ହେଁ ଅନ୍ୟପଟରେ କାର୍ତ୍ତିକ ଦୃଢ଼ ରହି ଇନିଂସକୁ ଆଗେଇ ନେଇଥିଲେ। ବୋଲିଂ ବେଳେ ୬ ଉଇକେଟ ନେଇଥିବା ସୂର୍ଯ୍ୟକାନ୍ତ ପ୍ରଧାନ ବ୍ୟାଟ୍‌ରେ ମଧ୍ୟ କମାଲ ଦେଖାଇଥିଲେ। ସେ ସୀମିତ ଓଭର ମ୍ୟାଚ ଭଳି ବିସ୍ଫୋରକ ବ୍ୟାଟିଂ କରି ମାତ୍ର ୨୭ ବଲ୍‌ରୁ ୬୦ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ତାଙ୍କ ଇନିଂସ ମଧ୍ୟରେ ୬ ଚୌକା ଓ ୫ ଛକା ସାମିଲ ଥିଲା। ୮ମ ଉଇକେଟରେ କାର୍ତ୍ତିକ ଓ ସୂର୍ଯ୍ୟକାନ୍ତ ୫୪ ବଲ୍‌ରୁ ୭୯ ରନର ପାର୍ଟନରଶିପ୍ ଗଢ଼ିଥିଲେ। ଏଥିରେ କାର୍ତ୍ତିକଙ୍କର ୧୯ ଓ ସୂର୍ଯ୍ୟକାନ୍ତଙ୍କର ୫୬ ରନର ଅବଦାନ ରହିଥିଲା। ଶତକ ହାସଲକାରୀ କାର୍ତ୍ତିକ ଆଉଟ ହେବା ସହ ଏହି ଯୋଡ଼ି ଭାଙ୍ଗିଥିଲା। ୧୬୭ ବଲ୍ ଖେଳି କାର୍ତ୍ତିକ ୧୪ ଚୌକା ସହାୟତାରେ ୧୦୧ ରନ ସଂଗ୍ରହ କରିଥିଲେ। ହରିୟାଣା ବୋଲରଙ୍କ ମଧ୍ୟରେ ଯୁଜବେନ୍ଦ୍ର ଚହଲ ୩ଟି, ନିଶାନ୍ତ ସିନ୍ଧୁ ଓ ହର୍ଷିତ ସଇନି ୨ଟି ଲେଖାଏ ଏବଂ ଅନ୍‌ସୁଲ କାମ୍ବୋଜ ଓ ଅଜିତ ଚହଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ପ୍ରଥମ ଇନିଂସରେ ପଛୁଆ ପଡ଼ି ଯାଇଥିବାରୁ ଯୋଜନାବଦ୍ଧ ରଣନୀତି ଅନୁସାରେ ହରିୟାଣା ଦ୍ୱିତୀୟ ଇନିଂସ ଆରମ୍ଭରୁ ଦ୍ରୁତ ହାରରେ ରନ ସଂଗ୍ରହ କରିଥିଲା। ଓପନିଂ ଯୋଡ଼ିରେ ୬୮ ବଲ୍‌ରୁ ୬୮ ରନ ସଂଗ୍ରହ ପରେ ଯୁବରାଜ ସିଂଙ୍କୁ ଆଉଟ କରି ଓଡ଼ିଶାକୁ ବ୍ରେକ୍ ଥ୍ରୁ ଦେଇଥିଲେ ତାରିଣୀ ସ'। ଯୁବରାଜ ୪୯ ବଲ୍‌ରୁ ୪ ଚୌକା ଓ ୧ ଛକା ସହାୟତାରେ ୩୮ ରନ ସଂଗ୍ରହ କରିଥିଲେ। ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଅଙ୍କିତ କୁମାର ୫୯ ଓ ହିମାଂଶୁ ରାଣା ୧୭ ରନରେ ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ହରିୟାଣା ପ୍ରଥମ ଇନିଂସ: ୩୩୮। ଓଡ଼ିଶା ପ୍ରଥମ ଇନିଂସ: ୪୧୪ (କାର୍ତ୍ତିକ ବିଶ୍ୱାଳ-୧୦୧, ଶୁଭ୍ରାଂଶୁ ସେନାପତି-୬୩, ଅନୁରାଗ ଷଡ଼ଙ୍ଗୀ-୬୩, ଶାନ୍ତନୁ ମିଶ୍ର-୬୦, ସୂର୍ଯ୍ୟକାନ୍ତ ପ୍ରଧାନ-୬୦, ଯୁଜବେନ୍ଦ୍ର ଚହଲ-୩/୧୦୭, ନିଶାନ୍ତ ସିନ୍ଧୁ-୨/୫୫, ହର୍ଷିତ ସଇନି-୨/୫୨, ଅନ୍‌ସୁଲ କାମ୍ବୋଜ-୧/୬୨, ଅଜିତ ଚହଲ-୧/୪୦)। ହରିୟାଣା ଦ୍ୱିତୀୟ ଇନିଂସ: ୧୧୯/୧ (ଅଙ୍କିତ କୁମାର-୫୯, ଯୁବରାଜ ସିଂ-୩୮*, ହିମାଂଶୁ ରାଣା-୧୭*, ତାରିଣୀ ସ'-୧/୨୬)।



କାର୍ତ୍ତିକ ବିଶ୍ୱାଳ

## ସୁଯୋଗର ସଦୁପଯୋଗ

ଚଳିତ ସିଜନରେ ରଣଜୀ ଟ୍ରଫି କ୍ୟାରିୟର ଆରମ୍ଭ କରିଥିଲେ କାର୍ତ୍ତିକ। ଭୁବନେଶ୍ୱରର ବିକାଶ ଗ୍ରାଉଣ୍ଡରେ ବରୋଦା ବିପକ୍ଷରେ ସେ ଖେଳିଥିଲେ ଜୀବନର ପ୍ରଥମ ରଣଜୀ ମ୍ୟାଚ। ଜଣେ ଡାହାଣହାତୀ ବ୍ୟାଟର ଓ ଅଫ୍‌ସ୍ପିନର ଭାବେ ପରିଚିତ କାର୍ତ୍ତିକ ନିଜ ଡେବ୍ୟୁ ମ୍ୟାଚରେ ୫୩ ବଲ୍‌ରୁ ୩୧ ରନର ସ୍ମରଣୀୟ ଇନିଂସ ଖେଳିଥିଲେ। ମ୍ୟାଚ ଡ୍ର ରହିଥିବାବେଳେ ଓଡ଼ିଶା ଦ୍ୱିତୀୟ ଇନିଂସ ଖେଳିବା ସୁଯୋଗ ପାଇ ନ ଥିଲା। ଡେରାଡୁନ୍‌ର ଅଭିମନ୍ୟୁ କ୍ରିକେଟ ଏକାଡେମୀ ପଡ଼ିଆରେ ଚଳିତ ମାସ ୨୦ରୁ ୨୩ ପର୍ଯ୍ୟନ୍ତ ଉତ୍ତରାଖଣ୍ଡ ବିପକ୍ଷରେ ସେ ଖେଳିଥିଲେ ଦ୍ୱିତୀୟ ମ୍ୟାଚ। ସେଠାରେ ସେ ୨ଟି ଇନିଂସରେ ଯଥାକ୍ରମେ ୪୮ ଓ ୬ ରନ କରିବାକୁ ସକ୍ଷମ ହୋଇଥିଲେ। ଏହି ମ୍ୟାଚରେ ଓଡ଼ିଶା ଇନିଂସ ଓ ୯୯ ରନରେ ପରାଜିତ ହୋଇଥିଲା। କଟକର ଡ୍ରିମ୍ସ ଗ୍ରାଉଣ୍ଡରେ କିନ୍ତୁ ଦକ୍ଷତା ଦେଖାଇଥିଲେ ଏହି ଉଦୀୟମାନ ବ୍ୟାଟିଂ ପ୍ରତିଭା। ହରିୟାଣା ଦଳରେ ଯୁଜବେନ୍ଦ୍ର ଚହଲ ଓ ଜୟନ୍ତ ଯାଦବଙ୍କ ପରି ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଖେଳାଳିଙ୍କ ଉପସ୍ଥିତି ସତ୍ତ୍ୱେ ସୁଯୋଗର ଭରପୂର ସଦୁପଯୋଗ କରି ସେ ହାସଲ କରିଥିଲେ କ୍ୟାରିୟରର ପ୍ରଥମ ଶତକ। ୧୭୪ଟି ବଲ୍‌ରୁ ୧୪ ଚୌକା ସହାୟତାରେ ସେ ଶତକ ପୂରଣ କରିଥିଲେ। ତେବେ ଏହାପରେ ଆଉ ମାତ୍ର ୩ଟି ବଲ୍ ଖେଳି ୧ ରନ ସଂଗ୍ରହ କରିବାପରେ ବାମହାତୀ ସ୍ପିନର ହର୍ଷିତ ସଇନୀଙ୍କ ବଲ୍‌ରେ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ତେବେ ହରିୟାଣାର ଅଭିଜ୍ଞ ବୋଲରଙ୍କ ବିପକ୍ଷରେ ସେ ଯେପରି ଦକ୍ଷତା ଦେଖାଇ କ୍ୟାରିୟରର ପ୍ରଥମ ଶତକ ହାସଲ କଲେ ଏଥିରୁ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ମିଳିଛି। ୧୯୯୮ ଜୁନ୍ ୩ରେ ଜନ୍ମିତ କାର୍ତ୍ତିକଙ୍କ ମା'ଙ୍କ ନାମ ମାଳତୀ ବିଶ୍ୱାଳ ଏବଂ ବାପା ରାଜକିଶୋର ବିଶ୍ୱାଳ। ସେ ନୟାପଲୀସ୍ଥିତ ଜାଗୃତି କ୍ରିକେଟ ଏକାଡେମୀ (ଏସ୍‌ଜିଓ)ରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ କ୍ଷୀରୋଦ ବେହେରାଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ। ସେ ୧୬, ୨୩ ଓ ୨୫ ବର୍ଷରୁ କମ୍ ବର୍ଗରେ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି, ସି.କେ. ନାଇଡୁ ଟ୍ରଫି ଆଦିରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବାପରେ ଏବେ ସିନିୟର ସ୍ତରରେ ରଣଜୀ ଟ୍ରଫି ଖେଳୁଛନ୍ତି।



ଅଭ୍ୟାସ କରୁଛନ୍ତି ଭାରତୀୟ ହକି ଦଳର ଖେଳାଳିମାନେ।

# ବିର୍ସା ମୁଣ୍ଡା ଷ୍ଟାଡିୟମରେ ଭାରତୀୟ ଦଳର ଅଭ୍ୟାସ

ରାଉରକେଲା ଅଫିସ, ୨୯।୧୨

ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଭାରତ ହକି ଦଳ ଗୁରୁବାର ଅଭ୍ୟାସ କରିଛି। ମଙ୍ଗଳବାର ସନ୍ଧ୍ୟାରେ ରାଉରକେଲାରେ ପହଞ୍ଚିବା ପରେ ଭାରତୀୟ ଦଳର ଖେଳାଳି ମାନଙ୍କୁ ସହରବାସୀ ଭବ୍ୟ ସ୍ୱାଗତ କରିଥିଲେ। ପରେ ଭାରତୀୟ ଦଳ ବିର୍ସାମୁଣ୍ଡା ଷ୍ଟାଡିମୟରେ ଥିବା ଅତ୍ୟାଧୁନିକ ହୋଟେଲର ଏ' ବ୍ଲକରେ ଅବସ୍ଥାନ କରିଥିଲା। ବୁଧବାର ସନ୍ଧ୍ୟାରେ ଭାରତୀୟ ଦଳର ସମସ୍ତ ଖେଳାଳି ବିର୍ସାମୁଣ୍ଡା ଷ୍ଟାଡିମୟରେ ଅଭ୍ୟାସ ପାଇଁ ପଡିଆକୁ ଓହ୍ଲାଇଥିଲେ। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫଆଇଏଚ) ପକ୍ଷରୁ ଷ୍ଟାଡିୟମରେ ପକା ଯାଇଥିବା ନୂତନ ଆଷ୍ଟ୍ରୋଟର୍ଫକୁ ଖେଳାଳିମାନେ ପ୍ରଶଂସା କରିଥିଲେ। ସେହିଭଳି ଗୁରୁବାର ଭାରତୟ ଦଳର ଉପଅଧିନାୟକ ଅମିତ ରୋହିଦାସ ଓ ନିଲମ ସଞ୍ଜୀପ ଖେସ ଅନ୍ୟ କିଛି ଖେଳାଳିଙ୍କ ସହ ପ୍ରଥମେ ବିର୍ସାମୁଣ୍ଡା ଷ୍ଟାଡିୟମରେ ୪ଟା ୪୫ରେ ପହଞ୍ଚି ୱାର୍ମଅପ୍ କରିଥିଲେ। ଉଭୟ ଖେଳାଳି ସୁନ୍ଦରଗଡ ମାଟିର ପୁଅ ହୋଇଥିବାରୁ ତାଙ୍କଠାରୁ ଜିଲା ଏବଂ ସହରବାସୀ ଭଲ ଖେଳ ଆଶା ରଖିଛନ୍ତି। ଭାରତୀୟ ଦଳର ଅନ୍ୟ ଖେଳାଳିମାନେ ସନ୍ଧ୍ୟା ୫ଟାରେ ଷ୍ଟାଡିୟମରେ ପହଞ୍ଚି ପେନାଲଟି ଶୁଟଆଉଟ, କର୍ନର, ଫରୱାର୍ଡ, ଡିଫେନ୍ସ ଭଳି ବିଭିନ୍ନ ଖେଳ କୌଶଳକୁ ଅଭ୍ୟାସ କରିବା ସହ ଫିଟନେସ୍ ଉପରେ ଧ୍ୟାନ ଦେଇଥିଲେ। ଗୋଲକିପର କ୍ରିଷନ ବାହାଦୂର ପେନାଲ୍ଟି ଶୁଟଆଉଟ ଗୋଲର ରକ୍ଷଣଶୈଳୀ ଅଭ୍ୟାସ କରିଥିଲେ। ଭାରତୀୟ ଦଳର ଖେଳାଳିଙ୍କ ଅଭ୍ୟାସକୁ କୋଚ ଗ୍ରାହାମ ରିଡ ନିରିକ୍ଷଣ କରିଥିଲେ। ସମସ୍ତ ଖେଳାଳି ଷ୍ଟାଡିୟମରେ ସାଢ଼େ ୬ଟା ପର୍ଯ୍ୟନ୍ତ ଅଭ୍ୟାସ କରିଥିଲେ।

# ପୁଲ୍ ର୍ୟାଙ୍କିଙ୍ଗ୍ ନିର୍ଦ୍ଧାରଣ ପାଇଁ ଟାଇବ୍ରେକର

ଭୁବନେଶ୍ୱର, ୨୯।୧୨
(ସ୍ପୋର୍ଟ୍ସ ବ୍ୟୁରୋ)

ଏଫ୍ଆଇଏଚ୍ ଓଡ଼ିଶା ପୁରୁଷ ହକି ବିଶ୍ୱକପ୍ ଭୁବନେଶ୍ୱର ଓ ରାଉରକେଲାରେ ଆସନ୍ତା ଜାନୁୟାରୀ ୧୩ରୁ ୨୯ ଯାଏ ଅନୁଷ୍ଠିତ ହେବ। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଓ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଖେଳାଯିବ ଏହି ଟୁର୍ନାମେଣ୍ଟ। ହକି ବିଶ୍ୱକପ୍ ଇତିହାସରେ ପ୍ରଥମ ଥର ପାଇଁ ଦୁଇଟି ଭେନ୍ୟୁରେ ବିଶ୍ୱକପ୍ ଅନୁଷ୍ଠିତ ହେଉଥିବା ବେଳେ ବିଶ୍ୱର ଶକ୍ତିଶାଳୀ ୧୬ଟି ଦଳ ଏଥିରେ ଅଂଶଗ୍ରହଣ କରୁଛନ୍ତି। ୧୬ ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପୁଲ୍ ଏ'ରେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ଫ୍ରାନ୍ସ, ଆର୍ଜେଣ୍ଟିନା, ପୁଲ୍ ବି'ରେ ବେଲଜିୟମ, ଜାପାନ, କୋରିଆ, ଜର୍ମାନୀ, ପୁଲ୍ ସି'ରେ ନେଦରଲାଣ୍ଡ୍ସ, ଚିଲି, ମାଲେସିଆ, ନ୍ୟୁଜିଲାଣ୍ଡ ଓ ପୁଲ୍ ଡି'ରେ ଆୟୋଜକ ଭାରତ ସହିତ ସ୍ପେନ୍,ଇଂଲଣ୍ଡ ଓ ୱେଲ୍ସ ସ୍ଥାନ ପାଇଛନ୍ତି। ୪ଟି ଯାକ ଗ୍ରୁପ୍‌ର ଟେବଲ ଟପ୍ପର ଦଳ ପ୍ରଥମ କ୍ୱାର୍ଟର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ତେବେ ଅନ୍ୟ ୪ ଦଳ କ୍ରସ୍ ଓଭର ମ୍ୟାଚ୍ ଓ ପରେ ଟାଇବ୍ରେକର ମାଧ୍ୟମରେ ନିର୍ଦ୍ଧାରଣ କରାଯିବ। କ୍ରସ୍ ଓଭର ମ୍ୟାଚ୍ ତଥା ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ଗୁଡିକରେ ବିଜୟ ପାଇଁ ୨ ପଏଣ୍ଟ ଓ ଡ୍ର ପାଇଁ ୧ ପଏଣ୍ଟ ପ୍ରଦାନ କରାଯିବ। ତେବେ କ୍ରସ୍ ଓଭର ମ୍ୟାଚ୍ ଶେଷ ହେବା ପରେ ଆଉ ୪ ଟିମ୍ କ୍ୱାର୍ଟର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ତେବେ ଏଥିରେ ଦୁଇରୁ ଅଧିକ ଟିମ୍‌ର ପଏଣ୍ଟ ସମାନ ରହିଲେ ଟାଇବ୍ରେକର ମାଧ୍ୟମରେ ର୍ୟାଙ୍କ ନିର୍ଦ୍ଧାରଣ କରାଯିବ। ପଏଣ୍ଟ ସମାନ ରହିଥିଲେ ଅଧିକ ବିଜୟ ହାସଲ କରିଥିବା ଦଳକୁ ଭଲ ର୍ୟାଙ୍କ ମିଳିବ। ତେବେ ଯଦି ପଏଣ୍ଟ ଓ ବିଜୟ ସଂଖ୍ୟା ସମାନ ରହିବ ତେବେ ଗୋଲ ତାରତମ୍ୟ ବିଚାରକୁ ନିଆଯିବ। ଗୋଟିଏ ଟିମ୍ ସ୍କୋର କରିଥିବା ଗୋଲ ଏବଂ ବିପକ୍ଷରେ ସ୍କୋର ହୋଇଥିବା ଗୋଲ୍‌ର ଅନ୍ତରକୁ ଗୋଲ୍ ତାରତମ୍ୟ କୁହାଯାଏ। ଗୋଲ ତାରତମ୍ୟ ଯଦି ସମାନ ରହିବ ତେବେ ଅଧିକ ଗୋଲ ସ୍କୋର କରିଥିବା ଦଳକୁ ହିଁ ପ୍ରାଧାନ୍ୟ ଦିଆଯିବ। ଯଦି ଉଭୟ ଦଳର ସ୍କୋର ସମାନ ରହିଥାଏ ତେବେ ଉଭୟ ଦଳ ମଧ୍ୟରେ ହୋଇଥିବା ମୁକାବିଲାର ବିଜେତାକୁ ବିଜୟୀ ଘୋଷଣା କରାଯିବ। କଷ୍ଟସାଧ୍ୟ ଗ୍ରୁପ ଡି'ରେ ସ୍ଥାନ ପାଇଥିବା ଭାରତ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ସ୍ପେନ ବିପକ୍ଷରେ ଜାନୁୟାରୀ ୧୩ ତାରିଖରେ ନିଜର ଅଭିଯାନ ଆରମ୍ଭ କରିବ। ୧୫ ତାରିଖରେ ସମାନ ଷ୍ଟାଡିୟମରେ ଇଂଲଣ୍ଡ ସହିତ ମ୍ୟାଚ୍ ଖେଳିବା ପରେ ୧୯ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ୱେଲ୍ସ ବିପକ୍ଷରେ ଭାରତ ମ୍ୟାଚ୍ ଖେଳିବ। ୧୯୭୫ରେ ଶେଷ ଥର ପାଇଁ ଭାରତ ବିଶ୍ୱକପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ୪୭ ବର୍ଷ ପରେ ପୋଡିୟମ ଫିନିଶ ସ୍ୱପ୍ନ ଦେଖୁଛି ହରମନ୍‌ପ୍ରୀତ ସିଂଙ୍କ ଭାରତୀୟ ଦଳ।

**ହକି ବିଶ୍ୱକପ୍**




**ଆଉ ୧୪ ଦିନ**

## ୱିଲିୟମସନଙ୍କ ଦ୍ୱିଶତକ: ସଙ୍କଟରେ ପାକିସ୍ତାନ

**କରାଚୀ, ୨୯।୧୨ (ଏପି):** କେନ୍ ୱିଲିୟମସନଙ୍କ ମାରାଥନ ଅପରାଜିତ ଦ୍ୱିଶତକ ବଳରେ ନ୍ୟୁଜିଲାଣ୍ଡ ପ୍ରଥମ କ୍ରିକେଟ ଟେଷ୍ଟରେ ପାକିସ୍ତାନକୁ ବ୍ୟାକ୍‌ଫୁଟ ଠେଲି ଦେଇଛି।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ: ୪୩୮। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୬୧୨/୯, ଘୋଷଣା (ୱିଲିୟମସନ-୨୦୦*, ଲଥାମ-୧୧୩, କନ୍‌ୱେ ୯୨, ଇଶ୍ ସୋଧି ୬୫, ଅବ୍ରାର ଅହମ୍ମଦ-୫/୨୦୫)। ପାକିସ୍ତାନ ଦ୍ୱିତୀୟ ଇନିଂସ୍: ୭୭/୨।

# ହିରୋ ଏଲିଟ୍ ଲିଗ୍: ହାଇଦ୍ରାବାଦକୁ ହରାଇଲା ଓଏଫ୍‌ସି



ଓଡ଼ିଶା ଏଫ୍‌ସି ଦଳ।

ଭୁବନେଶ୍ୱର, ୨୯।୧୨
(ସ୍ପୋର୍ଟ୍ସ ବ୍ୟୁରୋ)

ସର୍ବଭାରତୀୟ ଫୁଟବଲ ଫେଡେରେଶନ ପକ୍ଷରୁ ୧୭ ବର୍ଷରୁ କମ୍ ବୟସ ବର୍ଗରେ ହିରୋ ଏଲିଟ୍ ଲିଗ୍‌ରେ ଓଡିଶା ଏଫ୍‌ସି(ଓଏଫ୍‌ସି) ଗୁରୁବାର ହାଇଦ୍ରାବାଦକୁ ୧-୦ ଗୋଲରେ ପରାସ୍ତ କରିଛି। ପ୍ରଥମ ଥର ପାଇଁ ଏକ ଜାତୀୟ ଟୁର୍ନାମେଣ୍ଟରେ ଓଏଫ୍‌ସି ଦଳରେ ସମସ୍ତ ଓଡ଼ିଆ ଖେଳାଳି ଖେଳିଥିଲେ। ମ୍ୟାଚର ୩୨ ତମ ମିନିଟରେ ଭେଙ୍କଟେଶ୍ୱର ଓରାମଙ୍କ ଆସିଷ୍ଟରୁ ଏକମାତ୍ର ଗୋଲଟି ସ୍କୋର କରିଥିଲେ ମଞ୍ଜିତ୍ ଓରାମ।

# ଦଳଗତ ଇଭେଣ୍ଟରେ କିଟ୍ ମହିଳାଙ୍କୁ ସ୍ୱର୍ଣ୍ଣ

**ଯୋଗାସନ, ସନ୍ତରଣ ଚାମ୍ପିୟନଶିପ୍**

ଭୁବନେଶ୍ୱର, ୨୯।୧୨
(ସ୍ପୋର୍ଟ୍ସ ବ୍ୟୁରୋ)

କିଟ୍ ଓ କିସ୍‌ରେ ଉଦ୍‌ଯାପିତ ହୋଇ ଯାଇଛି ସର୍ବଭାରତୀୟ ଯୋଗାସନ ଚାମ୍ପିୟନଶିପ୍ ଓ ଆନ୍ତଃ ବିଶ୍ୱବିଦ୍ୟାଳୟ ସନ୍ତରଣ ଚାମ୍ପିୟନଶିପ୍। କିଟ୍‌ରେ ଯୋଗାସନ ଚାମ୍ପିୟନଶିପ୍ ଓ କିସରେ ସନ୍ତରଣ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ଯୋଗାସନର ଦଳଗତ ଇଭେଣ୍ଟରେ କିଟ୍ ମହିଳାଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ପୁରୁଷ ବର୍ଗରେ ଗୁରୁ ଜମ୍ଭେଶ୍ୱର ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ପଦକ ହାସଲ କରିଛି। ବ୍ୟକ୍ତିଗତ ମହିଳା ବର୍ଗରେ କିଟ୍‌ର ଜୁଲି ନାଏକ ଯୁଗ୍ମ ତୃତୀୟ ସ୍ଥାନରେ ରହିଥିଲେ। ସନ୍ତରଣରେ ଅଲିମ୍ପିଆନ୍ ଶ୍ରୀହରି ନଟରାଜ ୭ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଯୋଗାସନରେ ୪୦୦ରୁ ଅଧିକ ବିଶ୍ୱବିଦ୍ୟାଳୟର ୪୦୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ସନ୍ତରଣରେ ୩୫୦ ବିଶ୍ୱ ବିଦ୍ୟାଳୟର ୨୫୦୦ରୁ ଅଧିକ ଛାତ୍ରୀ ଛାତ୍ର ଅଂଶଗ୍ରହଣ କରିଛନ୍ତି। କିଟ୍‌ର କୁଳପତି ଇତି ସାମନ୍ତ ଯୋଗାସନ ଚାମ୍ପିୟନଶିପରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଶ୍ୱ ଯୋଗାସନ ସଂଘ ସମ୍ପାଦକ ଜୟଦୀପ ଆର୍ଯ୍ୟା, ମଣିପାଲ ବିଶ୍ୱବିଦ୍ୟାଳୟ କ୍ରୀଡା ନିର୍ଦ୍ଦେଶକ ରୀନା ପୁନିଆ, ଉଷା ତିୱାରୀ, ମହେନ୍ଦ୍ର ସିଂ, କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାସ, ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ତପନ କୁମାର ପାଣିଗ୍ରାହୀ, ପ୍ରଶାନ୍ତ କୁମାର ରାଉତରାୟ, ଯୁଭି ଶଙ୍କର ଓ କିସ୍‌ର କ୍ରୀଡା ନିର୍ଦ୍ଦେଶକ ଲଲାଟେନ୍ଦୁ ମିଶ୍ର ଅତିଥି ଭାବରେ ଯୋଗ ଦେଇଥିଲେ।



ଯୋଗାସନରେ ସ୍ୱର୍ଣ୍ଣ ପଦକ ବିଜେତା କିଟ୍ ମହିଳା ଦଳ।

## ଫାଇନାଲରେ ବାଙ୍କୁଆଳ, କଣ୍ଟାପଡ଼ା

**କଣ୍ଟାପଡା, ୨୯।୧୨ (ଡି.ଏନ୍.ଏ.):** ନିରଞ୍ଜନ-ବିଶ୍ୱନାଥ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ କଣ୍ଟାପଡା ଓ ବାଙ୍କୁଆଳ ଦଳ ମଧ୍ୟରେ ଶନିବାର ଅନୁଷ୍ଠିତ ହେବ। ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ମା' ଭଗବତୀ କ୍ରିକେଟ କ୍ଲବ, ବାଙ୍କୁଆଳ ୯୫ ରନରେ ଏସ୍. ଜି. ସ୍ପୋର୍ଟିଂ ସୁନ୍ଦରଗ୍ରାମକୁ ହରାଇଛି। ପ୍ରଥମେ ବ୍ୟାଟିଂକରି ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୨୮୫ ରନ କରିଥିଲା। ଦଳ ପକ୍ଷରୁ ଅଭିମନ୍ୟୁ ଦ୍ରୁତ ୯୦ ରନ କରିଥିଲେ। ଜବାବରେ ସୁନ୍ଦରଗ୍ରାମ ଦଳ ୧୬ ଓଭରରେ ହରାଇ ୧୯୦ ରନ କରିଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ଆଦିତ୍ୟ ଦାସ ସର୍ବାଧିକ ଦ୍ରୁତ ୬୮ ରନ କରିଥିଲେ। ବିଜୟୀ ଦଳର ଅଭିମନ୍ୟୁ ପ୍ଲେୟର ଅଫ୍ ଦ ମ୍ୟାଚ ହୋଇଥିଲେ। ପ୍ରଥମ ସେମିଫାଇନାଲରେ ମହାବୀର କ୍ରିକେଟ କ୍ଲବ ପଦ୍ମପୁରକୁ ୧୪୨ ରନରେ ହରାଇ ଘାତକ ସ୍କ୍ୱାର୍ଡ କଣ୍ଟାପଡା ଫାଇନାଲରେ ପ୍ରବେଶ କରିଥିଲା। ବିଜୟୀ ଦଳର ସୌରଭ ୧୫୭ ରନ ଓ ଅଜିତ ୭୬ରନ କରିଥିଲେ। ଶତକୀୟ ଇନିଂସ ପାଇଁ ସୌରଭଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା।

# ବକ୍ସିଂ ଡେ ଟେଷ୍ଟ ଜିତିଲା ଅଷ୍ଟ୍ରେଲିଆ

ମେଲବୋର୍ନ, ୨୯।୧୨ (ପି.ଟି.)

ଦକ୍ଷିଣ ଆଫ୍ରିକା ବିପକ୍ଷ ବକ୍ସିଂ ଡେ ଟେଷ୍ଟକୁ ଜିତି ନେଇଛି ଅଷ୍ଟ୍ରେଲିଆ। ସ୍ପିନର ନାଥନ ଲିୟନଙ୍କ ୩/୫୮ର ଘାତକ ବୋଲିଂ କାରଣରୁ ଅଷ୍ଟ୍ରେଲିଆ ଏହି ମ୍ୟାଚକୁ ଇନିଂସ ଓ ୧୮୨ ରନରେ ଜିତି ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜକୁ ୨-୧ରେ କବ୍‌ଜା କରିଛି। ଘରୋଇ ଦଳର ଏହି ବିଜୟ ସହିତ ଭାରତର ବିଶ୍ୱ

**ଭାରତର ଡବ୍ଲ୍ୟୁଟିସି ଆଶା ଦୃଢ଼**

ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଆଶା ଆହୁରି ଦୃଢ଼ୀଭୂତ ହୋଇଛି। ଭାରତ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଦକ୍ଷିଣ ଆଫ୍ରିକା ୪ର୍ଥ ସ୍ଥାନକୁ ଖସି ଆସିଛି। ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୧୫/୧ରୁ ଖେଳ ଆରମ୍ଭ କରିଥିଲା ଦକ୍ଷିଣ ଆଫ୍ରିକା। ଭଙ୍ଗା ଆଙ୍ଗୁଠିରେ ବୋଲିଂ କରିଥିବା ମିଚେଲ୍ ଷ୍ଟାର୍କ ଏକ ଚମତ୍କାର ୟର୍କର ଜରିଆରେ ସାରେଲ ଏରୱିଙ୍କୁ ଆଉଟ କରିଥିଲେ। ୬୫ ରନରେ ଦଳ ୪ ଉଇକେଟ ହରାଇଥିଲେ ହେଁ ଟପ୍ ସ୍କୋରର ଟେମ୍ବା ବାଭୁମା (୬୫) ଓ କାଇଲ୍ ଭେରିଇନ୍(୩୩)ଙ୍କ ମଧ୍ୟରେ ୬୩ ରନର ଭାଗୀଦାରି ହୋଇଥିଲା। ୧୪୪ ବଲ ଖେଳି ବାଭୁମା ୬ ଚୌକା ମାରିଥିଲେ। ଭେରିଇନ୍ ୩୩ ରନ କରି ବୋଲାଣ୍ଡଙ୍କ ବଲରେ ଆଉଟ ହେବା ବେଳକୁ ଦଳୀୟ ସ୍କୋର ୧୨୮ ରହିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ନାଥନ ଲିୟନ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ସ୍କଟ୍ ବୋଲାଣ୍ଡ ଦୁଇଟି ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଚେଲ୍ ଷ୍ଟାର୍କ, ପ୍ୟାଟ୍ କମିନ୍ସ ଓ ଷ୍ଟିଭେନ୍ ସ୍ମିଥ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଶତକୀୟ ମ୍ୟାଚରେ ଦ୍ୱିଶତକ ପାଇଁ ଡେଭିଡ୍ ୱାର୍ନରଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୮୯/୧୦। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୧୪୫ ଓଭରରେ ୫୭୫/୮ (ଘୋଷଣା) (ଡେଭିଡ୍ ୱାର୍ନର-୨୦୦ ରିଟାୟର୍ଡ, ଆଲେକ୍ସ କେରୀ-୧୧୧, ଷ୍ଟିଭେନ୍ ସ୍ମିଥ୍-୮୫, ଆନରିଚ୍ ନର୍ଜେ-୩/୯୨, କାଗିସୋ ରବାଡା-୨/୧୪୪, ମାର୍କୋ ଜାନସେନ୍-୧/୮୯)। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ-୬୮.୫ ଓଭରରେ ୨୦୪/୧୦(ଟେମ୍ବା ବାଭୁମା-୬୫, କାଇଲ ଭେରିଇନ୍-୩୩, ଥେଉନିସ୍ ଡି ବ୍ରୁଇନ୍-୨୮, ନାଥନ ଲିୟନ୍-୩/୫୮, ସ୍କଟ୍ ବୋଲାଣ୍ଡ-୨/୪୯, ଷ୍ଟିଭେନ୍ ସ୍ମିଥ୍-୧/୯)।



ବୋଲିଂ ଅବସରରେ ମିଚେଲ୍ ଷ୍ଟାର୍କ।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ